# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, November 22/2023 Page 18 | ₹ 7.00

୪୯ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 356 | ମୂଲ୍ୟ ₹୭/-



ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

DSPL - 404



## ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଆଉ ଏକ ବଳିଷ୍ଠ ପଦକ୍ଷେପ

### "ଷ୍ଟେଟ୍ ସପୋର୍ଟ ଟୁ ମହାତ୍ମା ଗାନ୍ଧୀ ନରେଗା" ଆଉ ୫ଟି ଜିଲ୍ଲାର ୧୦ଟି ବ୍ଲକ୍‌କୁ ସମ୍ପ୍ରସାରିତ

### ସାମିଲ ହୋଇଥିବା ଜିଲ୍ଲା ଓ ବ୍ଲକ୍:

| ଜିଲ୍ଲା | ବ୍ଲକ୍ |
|---|---|
| ଗଜପତି | ମୋହନା, ନୂଆଗଡ |
| କନ୍ଧମାଳ | ଫିରିଙ୍ଗିଆ, ବାଲିଗୁଡା |
| କୋରାପୁଟ | ବୋରିଗୁମ୍ମା, ଦଶମନ୍ତପୁର |
| ନବରଙ୍ଗପୁର | ଝରିଗାଁ, ପାପଡାହାଣ୍ଡି |
| ରାୟଗଡ | କାଶୀପୁର, କଲ୍ୟାଣସିଂହପୁର |

### ୨ଲକ୍ଷ ୩୩ ହଜାର ୩୮୮ ପରିବାର ଓ ୩ ଲକ୍ଷ ୮୩ ହଜାର ୮୨୨ ଶ୍ରମିକ ହେବେ ଉପକୃତ

**ମନରେଗା ଯୋଜନା ମାଧ୍ୟମରେ :**

- ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ
- ୩୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି
- ପ୍ରଥମ ୧୦୦ ଦିନ ପର୍ଯ୍ୟନ୍ତ, ଦୈନିକ ୧୧୫ ଟଙ୍କାର ଅତିରିକ୍ତ ମଜୁରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ
- ଦୈନିକ ୩୫୨ ଟଙ୍କା ହାରରେ ୨୦୦ ଦିନର ଅତିରିକ୍ତ ଶ୍ରମ ଦିବସ ଯୋଗାଣ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

OIPR-19001/13/0073/2324

**ଜି-୨୦ ନେତାଙ୍କ ଭର୍ଚୁଆଲ ସମିଟ୍‌ରେ ଯୋଗଦେବେ ପୁଟିନ୍**

ଭାରତ ବୁଧବାର ଆୟୋଜନ କରୁଥିବା ଜି-୨୦ ନେତାମାନଙ୍କ ଭର୍ଚୁଆଲ ସମିଟ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ଯୋଗଦେବେ ବୋଲି କ୍ରେମ୍‌ଲିନ୍ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ପୁଟିନ୍ ଯୋଗଦେଇ ପାରି ନ ଥିଲେ। ତାଙ୍କ ପ୍ରତିନିଧି ଭାବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ ସମିଟ୍‌ରେ ଯୋଗ ଦେଇଥିଲେ। ଭର୍ଚୁଆଲ ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ମଧ ଯୋଗଦେବେ।



## ସଂକ୍ଷେପରେ

### ବଳାତ୍କାରର ୩ ବର୍ଷ ପରେ ପୀଡ଼ିତାଙ୍କୁ ହତ୍ୟା କଲେ ଅଭିଯୁକ୍ତ

**ନୂଆଦିଲ୍ଲୀ,୨୧।୧୧:** ଉତ୍ତରପ୍ରଦେଶର କୌଶମ୍ବି ଜିଲାରେ ଜଣେ ୧୯ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କୁ ମଙ୍ଗଳବାର ସକାଳେ ବଳାତ୍କାରୀ ଓ ତାଙ୍କ ଭାଇ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ପଓ୍ୱନ ନିଶାଦ ୩ ବର୍ଷ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରି ଜେଲ ଯାଇଥିଲେ। କିଛିଦିନ ପୂର୍ବରୁ ପଓ୍ୱନ ଜାମିନରେ ଆସିଥିବାବେଳେ ତାଙ୍କ ଭାଇ ଅଶୋକ ଏକ ହତ୍ୟା ମାମଲାରେ ନିକଟରେ ଜେଲରୁ ଫେରିଥିଲେ। ସେମାନେ ପୀଡ଼ିତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର କରିନେବାକୁ ଚାପ ପକାଇ ବିଫଳ ହେବା ପରେ ପୀଡ଼ିତାଙ୍କୁ ବିଚ୍ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ହାଣି ହତ୍ୟା କରିଛନ୍ତି। ଫେରାର ହୋଇଯାଇଥିବା ୨ ଭାଇଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### ଜେଲରୁ ୨୧ ଦିନିଆ ଛୁଟିରେ ଗୁରମିତ

**ଚଣ୍ଡିଗଡ଼,୨୧।୧୧:** ବଳାତ୍କାର ମାମଲାରେ ହରିୟାଣାର ରୋହତକ ଜିଲା ସୁନାରିଆ ଜେଲରେ ଥିବା ଡେରା ସଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ ସିଂଙ୍କୁ ଅଦାଲତ ମଙ୍ଗଳବାର ୨୧ ଦିନିଆ ଛୁଟିରେ ଛାଡ଼ିଛନ୍ତି। ଚଳିତବର୍ଷ ଏହାକୁ ମିଶାଇ ଗୁରମିତ ୩ ଥର ଜେଲରୁ ସାମୟିକ ମୁକୁଳିଲେଣି। ଛୁଟି ଅବଧି ମଧ୍ୟରେ ୫୬ ବର୍ଷୀୟ ଗୁରମିତ ଉତ୍ତରପ୍ରଦେଶର ବଘପତ୍‌ରେ ଥିବା ଡେରା ସଚା ସୌଦା ଆଶ୍ରମ ଯିବା କାର୍ଯ୍ୟକ୍ରମ ରହିଛି। ୨ ଜଣ ଶିଷ୍ୟାଙ୍କୁ ବଳାତ୍କାର କରିବା ଅପରାଧରେ ଡେରା ମୁଖ୍ୟ ୨୦ ବର୍ଷ ଜେଲଦଣ୍ଡ ପାଇଛନ୍ତି। ସେ କିଛିଦିନ ପାଇଁ ଛୁଟିରେ ଯିବା ପାଇଁ ଆବେଦନ କରିଥିଲେ। ବଳାତ୍କାର, ହତ୍ୟା ଭଳି ଗମ୍ଭୀର ଅପରାଧରେ ଦୋଷୀସାବ୍ୟସ୍ତ ଜଣେ ବ୍ୟକ୍ତିଙ୍କୁ ଛୁଟିରେ ଛଡ଼ାଯିବାକୁ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଅଧ୍ୟକ୍ଷ ହରଜିନ୍ଦର ସିଂ ଧାମି ଦୃଢ଼ ବିରୋଧ କରିଛନ୍ତି।


ଗୁରମିତ ରାମ ରହିମ ସିଂ

### ବିଶ୍ୱକପ୍ ଫାଇନାଲ ବେଳେ ଟିଭି ବନ୍ଦ କରିଦେବାରୁ ପୁଅକୁ ହତ୍ୟା

**ନୂଆଦିଲ୍ଲୀ,୨୧।୧୧(ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗତ ରବିବାର ବିଶ୍ୱକପ୍ କ୍ରିକେଟ୍‌ର ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ ପୁଅ ଟିଭି ବନ୍ଦ କରିଦେବାରୁ ବାପା ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଉତ୍ତରପ୍ରଦେଶର କାନପୁରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ଗଣେଶ ପ୍ରସାଦଙ୍କୁ ଗିରଫ କରିଛି। ଗଣେଶ ଟିଭିରେ କ୍ରିକେଟ ମ୍ୟାଚ୍ ଦେଖୁଥିବାବେଳେ ପୁଅ ଦୀପକ ନିଶାଦ ତାଙ୍କୁ ପ୍ରଥମେ ରାତ୍ର ଭୋଜନ ରୋଷେଇ କରି ପରେ ଟିଭି ଦେଖିବାକୁ କହିଥିଲେ। ଗଣେଶ ତାହା ନ ଶୁଣି ଟିଭି ଦେଖିବା ଜାରି ରଖିବାରୁ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗିଯାଇ ଦୀପକ ଟିଭି ସୁଇଚ୍ ଅଫ୍ କରିଦେଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସାରୁ ମାରପିଟ୍ ଆରମ୍ଭ ହୋଇଥିଲା। ଗଣେଶ ଏକ ବିଦ୍ୟୁତ୍ କେବୁଲ୍ ଦୀପକଙ୍କ ବେକରେ ଗୁଡ଼ାଇ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୋଲିସ କହିଛି।


ଉତ୍ତର ଗାଜାସ୍ଥିତ ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲର ରକେଟ ମାଡ଼ ପରର ଦୃଶ୍ୟ। ଏହି ଆକ୍ରମଣରେ ଅନ୍ୟୂନ ୨୦ ପାଲେଷ୍ଟିନୀୟ ନିହତ ହୋଇଛନ୍ତି।

# ୭୫୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ନ୍ୟାଶନାଲ ହେରାଲ୍ଡ ଉପରେ ଇଡି କାର୍ଯ୍ୟାନୁଷ୍ଠାନ**

**ନୂଆଦିଲ୍ଲୀ,୨୧।୧୧**

'ନ୍ୟାଶନାଲ ହେରାଲ୍ଡ' ବିରୋଧରେ ମଙ୍ଗଳବାର ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ),୨୦୦୨ ବଳରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଂଗ୍ରେସ ମାଲିକାନାରେ ଥିବା ୟଙ୍ଗ୍ ଇଣ୍ଡିଆନ୍ ଅଧୀନ ଏହି ଖବରକାଗଜର ୭୫୧.୯ କୋଟି ଟଙ୍କାର ସମ୍ପତ୍ତିକୁ ସଂଘୀୟ ଏଜେନ୍ସି ବାଜ୍ୟାପ୍ତ କରିଛି।

ନ୍ୟାଶନାଲ ହେରାଲ୍ଡର ପ୍ରକାଶକ ଆସୋସିଏଟେଡ୍ ଜର୍ନାଲ୍ସ ଲିଃ (ଏଜେଏଲ୍) ଏବଂ ଏହାର ହୋଲ୍ଡିଂ କମ୍ପାନୀ ୟଙ୍ଗ୍ ଇଣ୍ଡିଆନ୍ ବିରୋଧରେ ପ୍ରୋଭିଜନାଲ ଅର୍ଡର ଜାରି କରାଯାଇଥିବା ନେଇ ଇଡି ପକ୍ଷରୁ ଏକ୍ସ'ରେ କୁହାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଜଡ଼ିତ ଥିବା ୟଙ୍ଗ୍ ଇଣ୍ଡିଆନ୍ କମ୍ପାନୀର ୯୦.୨୧ କୋଟି ଟଙ୍କା ମୂଲ୍ୟର ନିବେଶ ଅଂଶଧନକୁ ଜବତ କରାଯାଇଛି। ସେହିପରି ନ୍ୟାଶନାଲ ହେରାଲ୍ଡର ଦିଲ୍ଲୀ ଓ ମୁମ୍ବାଇ କାର୍ଯ୍ୟାଳୟ ଏବଂ ଲକ୍ଷ୍ନୌସ୍ଥିତ ନେହେରୁ ଭବନକୁ ଆଟାଚ୍ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୬୧.୬୯ କୋଟି ଟଙ୍କା ହେବ। ଇଡି ବାଜ୍ୟାପ୍ତ କରିଥିବା ସମ୍ପତ୍ତିର ମୋଟ ପରିମାଣ ୭୫୨ କୋଟି ଟଙ୍କା ହୋଇଥିବା ଜଣାପଡ଼ିଛି। ଏହି ମାମଲାରେ ଠକେଇ, ଷଡ଼ଯନ୍ତ୍ର ଏବଂ ଏଜେଏଲ୍‌ର ଅଧିଗ୍ରହଣ ସମୟରେ ଆପରାଧିକ ବିଶ୍ୱାସ ଭଙ୍ଗ କରାଯାଇଥିବା ଅଭିଯୋଗ ରହିଛି। ଏଜେନ୍ସି ଏନେଇ ଉଭୟ ସୋନିଆ, ତାଙ୍କ ପୁଅ ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଜେରା କରିସାରିଛି। ଅନ୍ୟପକ୍ଷେ ନିର୍ବାଚନ ଚାଲିଥିବା ପ୍ରତ୍ୟେକ ରାଜ୍ୟରେ ଭାଜପାର ପରାଜୟ ନିଶ୍ଚିତ ଥିବା ଜାଣି ସେମାନେ ସେଥିରୁ ଧ୍ୟାନ ହଟାଇବା ପାଇଁ ଇଡି ଦ୍ୱାରା ଏଜେଏଲ୍ ସମ୍ପତ୍ତି ବାଜ୍ୟାପ୍ତ କରାଇଛନ୍ତି ବୋଲି କଂଗ୍ରେସ ନେତା ଅଭିଷେକ ମନୁ ସିଂଘ୍‌ଭୀ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ପ୍ରତିଶୋଧମୂଳକ ମନୋଭାବ ନେଇ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରିଆସୁଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଏଥିସହ ଉକ୍ତ ମାମଲାରେ ମନିଲଣ୍ଡରିଂ କିମ୍ବା ଆର୍ଥିକ କାରବାର ହୋଇ ନ ଥିବା କହୁଛି।

# ମୁକ୍ତି ଆଶାରେ ପଣବନ୍ଦୀ

## ଚୂଡ଼ାନ୍ତ ପର୍ଯ୍ୟାୟରେ ୫ ଦିନିଆ ଅସ୍ତ୍ରବିରତି ସନ୍ଧି

**ଦୋହା/ଗାଜା ସିଟି/ ଜେରୁଜେଲମ୍,୨୧।୧୧**

**ଲଶ୍କରକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କଲା ଇସ୍ରାଏଲ୍**

ଅକ୍ଟୋବର ୭ରେ ଯୁଦ୍ଧ ଆରମ୍ଭ ପରଠୁ ହମାସ୍ ଆତଙ୍କବାଦୀମାନେ ପଣବନ୍ଦୀ କରି ରଖିଥିବା ଲୋକଙ୍କୁ ଖୁବ୍‌ଶୀଘ୍ର ମୁକ୍ତ କରିପାରନ୍ତି। ଏନେଇ ହମାସ୍ ଓ ଇସ୍ରାଏଲ ମଧ୍ୟରେ କାତାର ମଧ୍ୟସ୍ଥତା କରୁଛି। ସନ୍ଧି ନିକଟତର ହୋଇଥିବା ହମାସ୍ ନେତା ଇସ୍‌ମାଇଲ ହାନିୟେ ସୂଚନା ଦେବା ପରେ ପଣବନ୍ଦୀଙ୍କ ମୁକ୍ତି ଆଶା ଉଜ୍ଜ୍ୱଳ ହୋଇଛି।

ହମାସ୍ ଫାଇଟରମାନେ ସୀମାପାର ଆକ୍ରମଣରେ ୧,୨୦୦ ଇସ୍ରାଏଲୀଙ୍କୁ ହତ୍ୟା କରିଥିବାବେଳେ ଇସ୍ରାଏଲର ପ୍ରତିଆକ୍ରମଣରେ ପ୍ରାୟ ୧୩,୩୦୦ ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ମଧ୍ୟରେ ଅନେକ ହଜାର ଶିଶୁ ରହିଛନ୍ତି। ହମାସ୍ ଆତଙ୍କବାଦୀ ପ୍ରାୟ ୨୪୦ ଜଣଙ୍କୁ ପଣବନ୍ଦୀ କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଛାଡ଼ିଦେଇଛନ୍ତି। ସମସ୍ତ ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରି ଆଣିବା ପାଇଁ ଇସ୍ରାଏଲୀମାନେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଚାପ ପକାଉଛନ୍ତି। ସମସ୍ତଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ଅସ୍ତ୍ରବିରତି ଉପରେ ଇସ୍ରାଏଲ ଚିନ୍ତା କରିବ ନାହିଁ ବୋଲି ନେତାନ୍ୟାହୁ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଏଭଳି ସମୟରେ କାତାରର ମଧ୍ୟସ୍ଥତା ଆଶ୍ୱସ୍ତି ଆଣିଦେଇଛି। କାତାରରେ ହମାସ୍‌ର ଏକ ରାଜନୈତିକ ଅଫିସର ରହିଛି। ସେଠାରେ ଥିବା ହମାସ୍ ନେତା ହାନିୟେ ଏକ ଟେଲିଗ୍ରାମ ପୋଷ୍ଟରେ କହିଛନ୍ତି, ଆମେ ସନ୍ଧି ଉପରେ ଡିଲ୍‌ର ନିକଟତର ହୋଇଛୁ।

ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ ପଣବନ୍ଦୀଙ୍କ ମୁକ୍ତି ପାଇଁ ସହମତି ପ୍ରକାଶ ପାଇବାକୁ ଯାଉଛି ବୋଲି ସୋମବାର କହିଥିଲେ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ସ୍ଥଳଭାଗରେ ୫ ଦିନ ପାଇଁ ଅସ୍ତ୍ରବିରତି କରାଯିବ। ଏଥିସହ ଦକ୍ଷିଣ ଗାଜାରେ ମଧ ଇସ୍ରାଏଲ ଏୟାର ଅପରେଶନ୍ ବନ୍ଦ କରିବ। ଏହା ବଦଳରେ ହମାସ୍ ୫୦ରୁ ୧୦୦ ପଣବନ୍ଦୀଙ୍କୁ ମୁକ୍ତ କରିବ। ଆଉ ଏକ ପାଲେଷ୍ଟିନୀୟ ଗୋଷ୍ଠୀକୁ ଇସ୍ରାଏଲ ମୁକ୍ତ କରିବ। ଇସ୍ରାଏଲୀ ଜେଲଗୁଡ଼ିକରେ ଥିବା ମହିଳା ଓ ଶିଶୁଙ୍କ ସମେତ ମୋଟ ୩୦୦ ପାଲେଷ୍ଟିନୀୟ ମୁକ୍ତ ହେବେ ବୋଲି ଡିଲ୍‌ରେ ଆପାତତଃ ଚୂଡ଼ାନ୍ତ ହୋଇଛି। ସଂଘର୍ଷ ଚାଲିଥିବାବେଳେ ଉଭୟ ପକ୍ଷର ଏହି ମାନବୀୟ ଅସ୍ତ୍ରବିରତିକୁ ଭାରତ ସ୍ୱାଗତ କରିଛି। ଇତିମଧ୍ୟରେ ୨୬/୧୧ ମୁମ୍ବାଇ ଆକ୍ରମଣକାରୀ ପାକିସ୍ତାନର ଲଶ୍କର-ଇ-ତୋଇବା (ଏଲ୍ଇଟି)କୁ ଇସ୍ରାଏଲ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିଛି। ୬ ଇହୁଦୀଙ୍କ ସମେତ ୧୬୬ ଜଣଙ୍କ ଜୀବନ ଯାଇଥିବା ଏହି ଆକ୍ରମଣର ୧୫ ବର୍ଷ ପୂର୍ତ୍ତି ପୂର୍ବରୁ ଉକ୍ତ ପଦକ୍ଷେପକୁ ପ୍ରଶଂସା କରାଯାଉଛି।

### ପାଲେଷ୍ଟିନୀୟ ଶରଣାର୍ଥୀଙ୍କ ପାଇଁ ଭାରତର ୨.୫ ନିୟୁତ ସହାୟତା

ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଭାରତ ୨.୫ ନିୟୁତ ଡଲାର ମୂଲ୍ୟର ସହାୟତା ଦେଇଛି। ଗାଜାର କଠିନ ସମୟରେ ଭାରତ ପକ୍ଷରୁ ପ୍ରଦାନ କରାଯାଇଥିବା ବାର୍ଷିକ ସହାୟତାକୁ ଜାତିସଂଘ ରିଲିଫ୍ ଆଣ୍ଡ ଓ୍ୱାର୍କ୍ସ ଏଜେନ୍ସି ଫର୍ ପାଲେଷ୍ଟିନିଆନ୍ ରେଫ୍ୟୁଜିଜ୍ (ୟୁଏନ୍ଆର୍‌ଡବ୍ଲ୍ୟୁଏ) ପ୍ରଶଂସା କରିଛି। ଯୁଦ୍ଧ ପରଠୁ ୨.୩ ନିୟୁତ ପାଲେଷ୍ଟିନୀୟ ନିଜ ବାସସ୍ଥାନ ହରାଇ ବିସ୍ଥାପିତ ହେଲେଣି।

### ଯାତ୍ରୀଙ୍କୁ କୌଶଳରେ ଓହ୍ଲାଇଦେଲା ଇଣ୍ଡିଗୋ

**ବେଙ୍ଗାଲୁରୁ,୨୧।୧୧**

ଚେନ୍ନାଇ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ମାତ୍ର ୮ ଜଣ ଯାତ୍ରୀ ଥିବାରୁ ଏହା ବେଙ୍ଗାଲୁରୁ ଏୟାରପୋର୍ଟରୁ ଉଡ଼ାଣ ବନ୍ଦ କରି ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିବା ଅଭିଯୋଗ ହୋଇଛି। ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଚେନ୍ନାଇ ପଠାଇଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ସେଠାରେ କୌଣସି ବିମାନ ନ ଥିବାରୁ ଯାତ୍ରୀମାନେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗତ ରବିବାର ରାତି ୯ଟା ୩୦ ମିନିଟ ସମୟରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଭଳି ଘଟଣା ଘଟିଛି। ଯାତ୍ରୀଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଧ ଥିଲେ। ସେମାନଙ୍କ ରହିବା ପାଇଁ ମଧ ଏୟାରଲାଇନ୍ସ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା କରି ନ ଥିଲେ ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଇଣ୍ଡିଗୋ କ୍ଷମା ମାଗିଛି।

# ପ୍ରସ୍ତାବିତ ୩ ଆଇନର ହିନ୍ଦୀ ନାମ ରହିବ

**ସଂସଦୀୟ ସ୍ଥାୟୀ କମିଟିର ଅନୁମୋଦନ**

**ନୂଆଦିଲ୍ଲୀ,୨୧।୧୧**

ପ୍ରସ୍ତାବିତ ୩ ଆପରାଧିକ ଆଇନକୁ ଦିଆଯାଇଥିବା ହିନ୍ଦୀ ନାମ ଅସାମ୍ବିଧାନିକ ନୁହେଁ ବୋଲି ମଙ୍ଗଳବାର ଏକ ସଂସଦୀୟ କମିଟି କହିଛି। ଏଥିସହ ଏନେଇ କେତେକ ରାଜନୈତିକ ଦଳ ଓ ସେଗୁଡ଼ିକର ନେତାମାନଙ୍କ ସମାଲୋଚନାକୁ ପ୍ୟାନେଲ ଖଣ୍ଡନ କରିଛି।

ଭାଜପା ଏମ୍‌ପି ବ୍ରିଜ୍‌ଲାଲଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ଏହା ଉପରେ ସମ୍ବିଧାନ ଅନୁଚ୍ଛେଦ ୩୪୮ର ଅବତାରଣା କରିଛି। କମିଟି କହିଛି, ସୁପ୍ରିମକୋର୍ଟ ଓ ହାଇକୋର୍ଟଗୁଡ଼ିକ ଏବଂ ଆଇନ, ବିଲ୍ ଓ ଅନ୍ୟ ଆଇନଗତ ଦସ୍ତାବିଜରେ ଇଂଲିଶ୍ ଭାଷା ବ୍ୟବହାର କରାଯିବ। ସଂହିତାର ଅକ୍ଷରଗୁଡ଼ିକ ଇଂଲିଶରେ ରହିବ। ଏହା ୩୪୮କୁ ଉଲ୍ଲଂଘନ କରୁନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହା ଉପରେ ଦେଇଥିବା ଜବାବକୁ ନେଇ କମିଟି ସନ୍ତୁଷ୍ଟ। ଉକ୍ତ ରିପୋର୍ଟ ରାଜ୍ୟ ସଭାରେ ଦାଖଲ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍-୨୦୨୩), ଭାରତୀୟ ନାଗରି ସୁରକ୍ଷା ସଂହିତା (ବିଏନ୍ଏସ୍ଏସ-୨୦୨୩) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ-୨୦୨୩)କୁ ଗତ ଅଗଷ୍ଟ ୧୧ରେ ଲୋକସଭାରେ ଆଗତ କରାଯାଇଥିଲା। ଏହି ପ୍ରସ୍ତାବିତ ଆଇନଗୁଡ଼ିକ ଯଥାକ୍ରମେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି-୧୮୬୦), ଆପରାଧିକ ଦଣ୍ଡ ପ୍ରକ୍ରିୟା (ସିଆର୍‌ପିସି-୧୮୯୮) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ (ଆଇଇଏ-୧୮୭୨) ପରିବର୍ତ୍ତେ କାର୍ଯ୍ୟକାରୀ ହେବ। ପ୍ରକାଶ ଯେ, ଉପରୋକ୍ତ ୩ ଆଇନରେ ହିନ୍ଦୀ ନାମ ବ୍ୟବହାର ପଛରେ କେନ୍ଦ୍ର ସରକାରଙ୍କ କି ଯୁକ୍ତି ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ପ୍ରଶ୍ନ କରିଥିଲେ। ସେହିପରି ତାମିଲନାଡୁର ଶାସକ ଦ୍ରାବିଡ ମୁନେତ୍ରା ଗାଝାଗାମ୍ (ଡିଏମ୍‌କେ) ମଧ ଆପରାଧିକ ଆଇନଗୁଡ଼ିକରେ ହିନ୍ଦୀ ନାମ ବ୍ୟବହାରକୁ କଡ଼ା ବିରୋଧ କରିଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାକୁ କେନ୍ଦ୍ରର ଭାଷାଗତ ବିସ୍ତାରବାଦ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ଆଇନଗୁଡ଼ିକର ହିନ୍ଦୀ ନାମକରଣକୁ ମାଡ୍ରାସ୍ ବାର୍ ଆସୋସିଏଶନ୍ ସମ୍ବିଧାନ ବିରୋଧୀ ଆଖ୍ୟା ଦେଇ ଏହା ବିରୋଧରେ ଏକ ପ୍ରସ୍ତାବ ଗୃହୀତ କରିଥିଲା।

### ଜିଲାପାଳଙ୍କ ଗାଡ଼ି ମାଡ଼ିଯାଇ ୩ ମୃତ

**ପାଟନା,୨୧।୧୧**

ବିହାରର ମଧୁବଣୀ ଜିଲାରେ ମଙ୍ଗଳବାର ସକାଳେ ଜଣେ ଜିଲାପାଳଙ୍କ ସରକାରୀ ଗାଡ଼ି ମାଡ଼ିଯିବାରୁ ୨ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ମାଧେପୁରା ଜିଲାପାଳ ବିଜୟ ପ୍ରକାଶ ମୀନାଙ୍କ କାର୍ ୫୭ ନମ୍ବର ଜାତୀୟ ରାଜପଥର ପୁରୱାରି ଟୋଲା ଗ୍ରାମ ନିକଟରେ ପ୍ରଥମେ ଜଣେ ମହିଳା, ତାଙ୍କର ୭ ବର୍ଷୀୟା ଝିଅ ଏବଂ ପରେ ୨ ଜଣ ଶ୍ରମିକଙ୍କୁ ଧକ୍କା ଦେଇଥିଲା। ମହିଳା ଗୁରିଆ ଦେବୀ(୨୮) ଓ ତାଙ୍କ ଝିଅ ଦୁର୍ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଗୁରୁତର ଆହତ ଶ୍ରମିକଙ୍କ ମଧ୍ୟରୁ ଅଶୋକ ସିଂଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। କାର୍‌ରେ ଜିଲାପାଳ ଛଟ୍ ଉତ୍ସବରେ ଯୋଗଦେବା ପାଇଁ ପାଟନାରୁ ମାଧେପୁରା ଯାଉଥିଲେ। ଜିଲାପାଳଙ୍କୁ ତାଙ୍କ ଅଙ୍ଗରକ୍ଷୀ ଉଦ୍ଧାର କରି ଘଟଣାସ୍ଥଳରୁ ଏକ ବାଇକ୍‌ରେ ନେଇଯାଇଥିବାବେଳେ ଆହତମାନଙ୍କୁ ଛାଡ଼ି ପଳାଇଥିଲେ। ଉତ୍ତ୍ୟକ୍ତ ଲୋକେ ପହଞ୍ଚି ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ମୃତକ ଓ ଆହତଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଲାଗି ଲୋକେ ଦାବି କରିଛନ୍ତି। ଶ୍ରମିକ ଦୁଇଜଣ ରାଜପଥ ମରାମତି କାମରେ ନିୟୋଜିତ ଥିଲେ।

# ସ୍କୁଲ୍‌ରେ ପଢ଼ାଯିବ ରାମାୟଣ, ମହାଭାରତ

**ପାଠ୍ୟପୁସ୍ତକରେ ସାମିଲ ଲାଗି ଏନ୍‌ସିଇଆର୍‌ଟି କମିଟିର ସୁପାରିସ**

**ନୂଆଦିଲ୍ଲୀ,୨୧।୧୧**

ସ୍କୁଲ୍ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ସଂଶୋଧନ ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ରାମାୟଣ ଏବଂ ମହାଭାରତକୁ ପାଠ୍ୟପୁସ୍ତକରେ ସାମିଲ କରିବାକୁ ସୁପାରିସ କରିଛି। ଏଥିସହିତ ଶ୍ରେଣୀଗୃହ କାନ୍ଥରେ ସମ୍ବିଧାନର ପ୍ରସ୍ତାବନାକୁ ଲିପିବଦ୍ଧ କରିବା ପାଇଁ ମଧ ସୁପାରିସ କରାଯାଇଥିବା କମିଟି ଅଧ୍ୟକ୍ଷ ସି.ଆଇ. ଆଇଜାକ୍ ମଙ୍ଗଳବାର କହିଛନ୍ତି। ଗତବର୍ଷ ଗଢ଼ାଯାଇଥିବା ୭ ଜଣିଆ କମିଟି ସାମାଜିକ ବିଜ୍ଞାନ ଚୂଡ଼ାନ୍ତ ପେପର ପାଇଁ ଅନେକ ସୁପାରିସ କରିଥିବା ଜଣାପଡ଼ିଛି। ଉକ୍ତ ସୁପାରିସଗୁଡ଼ିକୁ ୧୯ ଜଣିଆ ନ୍ୟାଶନାଲ ସିଲାବସ୍ ଆଣ୍ଡ ଟ୍ରେନିଂ ଲର୍ନିଂ ମ୍ୟାଟେରିଆଲ କମିଟି (ଏନ୍ଏସ୍‌ଟିସି) ବିଚାରକୁ ନେଇପାରନ୍ତି। ଉକ୍ତ କମିଟି ସ୍କୁଲ୍ ପିଲାଙ୍କ ପାଇଁ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ଚୂଡ଼ାନ୍ତ କରିବା ପାଇଁ ଜୁଲାଇରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ରାମାୟଣ ଓ ମହାଭାରତ ଶିକ୍ଷାଦେବା ଉଲ୍ଲେଖନୀୟ ଘଟଣା ବୋଲି ଆଇଜାକ୍ କହିଛନ୍ତି। ପିଲାମାନେ ଛୋଟ ବୟସରେ ସେମାନଙ୍କ ଆତ୍ମସମ୍ମାନ ସାଙ୍ଗକୁ ରାଷ୍ଟ୍ର ପାଇଁ ଦେଶଭକ୍ତି, ଗୌରବ ଆଣିବା ଶିଖିପାରିବେ। ଦେଶଭକ୍ତି ଅଭାବରୁ ପ୍ରତିବର୍ଷ ହଜାର ହଜାର ଛାତ୍ରୀଛାତ୍ର ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛନ୍ତି। ସେଥିପାଇଁ ସେମାନେ ନିଜର ମୌଳିକତ୍ୱକୁ ଜାଣିବା ଓ ନିଜ ଦେଶ ତଥା ସଂସ୍କୃତି ପାଇଁ ସେମାନଙ୍କ ମଧ୍ୟରେ ଭଲପାଇବା ବିକଶିତ କରିବାକୁ ହେବ ବୋଲି ଆଇଜାକ୍ କହିଛନ୍ତି।

**ଦଶମ ଦିନରେ ଉଦ୍ଧାର କାର୍ଯ୍ୟ**

# ସୁଡ଼ଙ୍ଗରୁ ଆସିଲା ଶ୍ରମିକଙ୍କ ଭିଡିଓ



ସୁଡ଼ଙ୍ଗ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ଉଦ୍ଧାରକାରୀ କର୍ମଚାରୀ। ଟନେଲରେ ଫସିଥିବା ଜଣେ ଶ୍ରମିକଙ୍କ ଲାଇଭ୍ ଭିଜୁଆଲ (ଇନ୍‌ସେଟ୍)।

**ଉତ୍ତରକାଶୀ,୨୧।୧୧**

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ମଙ୍ଗଳବାର ଦଶମ ଦିନରେ ପହଞ୍ଚିଛି। ଶ୍ରମିକଙ୍କ ଉଦ୍ଧାର ଲାଗି ବାର୍‌କୋଟ୍ ଶେଷ ଭାଗରୁ ଏକ ବିକଳ୍ପ ସୁଡ଼ଙ୍ଗ ନିର୍ମାଣ ଆରମ୍ଭ ହୋଇଛି। ଉକ୍ତ ବ୍ୟାକ୍‌ଅପ୍ ଟନେଲର ବ୍ୟାସ ପାଖାପାଖି ୩ ମିଟର ରହିବ। ବର୍ତ୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ପାଇଁ ୮ ମିଟର ଟନେଲ ନିର୍ମାଣ ହୋଇଛି। ଟନେଲ ଅଞ୍ଚଳରେ ଡ୍ରୋନ୍ ସର୍ଭେ ଉଦ୍ୟମ ବିଫଳ ହୋଇଥିବାବେଳେ ଭଗ୍ନାବଶେଷ ଯୋଗୁ ଡିଆର୍‌ଡିଓ ନିୟୋଜିତ କରିଥିବା ରୋବୋ ସୁଡ଼ଙ୍ଗର ଗଡ଼ାଣି ସ୍ଥାନ ଚଢ଼ିପାରି ନ ଥିଲା। ଇତିମଧ୍ୟରେ ଭୂଲମ୍ବ ଦିଗରେ ଖନନ ପାଇଁ ଏକ ରାସ୍ତା ନିର୍ମାଣ ପ୍ରାୟତଃ ଶେଷ ହୋଇଛି।

ସୁଡ଼ଙ୍ଗରେ ଫସିଥିବା ଶ୍ରମିକମାନଙ୍କ ପ୍ରଥମ ଭିଡିଓ ମଙ୍ଗଳବାର ସକାଳେ ସାମନାକୁ ଆସିଛି। ଭଗ୍ନାବଶେଷ ଦେଇ ସୁଡ଼ଙ୍ଗ ଭିତରକୁ ଯାଇଥିବା ୬ ଇଞ୍ଚ ଓସାରର ପାଇପ୍ ଯୋଗେ ଅଧିକ ପରିମାଣର ରନ୍ଧା ଖାଦ୍ୟ ଶ୍ରମିକମାନଙ୍କ ପାଖକୁ ପଠାଯିବା ସହ ଏଣ୍ଡୋସ୍କୋପିକ୍ କ୍ୟାମେରା ସହାୟତାରେ ସେମାନଙ୍କ ଭିଡିଓ ଉତ୍ତୋଳନ କରାଯାଇଛି। ଉକ୍ତ କ୍ୟାମେରା ଦ୍ୱାରା ଫସିଥିବା ଶ୍ରମିକଙ୍କୁ ଗଣାଯିବା ସହ ଟନେଲର ଆଭ୍ୟନ୍ତରୀଣ ସ୍ଥିତି ସମ୍ପର୍କରେ ଜଣାପଡ଼ିବ। ଭିଡିଓରେ ହଳଦିଆ ଓ ଧଳା ହେଲମେଟଡ଼ ପିନ୍ଧିଥିବା ଶ୍ରମିକମାନେ ପାଇପ୍‌ଲାଇନ ଜରିଆରେ ଖାଦ୍ୟ ସାମଗ୍ରୀ ଗ୍ରହଣ କରିବା ସହ ପରସ୍ପର ମଧ୍ୟରେ କଥା ହେଉଥିବା ଦେଖାଯାଇଥିଲା। ସେମାନେ କ୍ୟାମେରା ଆଗରେ ଲାଇନରେ ଛିଡ଼ାହୋଇ ଭଲ ଥିବା ହାତ ଟେକି ଜଣାଇଥିଲେ। ଓ୍ୱାକି-ଟକିରେ ସେମାନେ ଉଦ୍ଧାରକାରୀ ଟିମ୍ ସହ କଥା ହୋଇଥିଲେ।

### ରାଉରକେଲାରୁ ଗଲା ପାଇପ୍

ଉତ୍ତରାଖଣ୍ଡର ସିଲ୍‌କ୍ୟାରା ସୁଡ଼ଙ୍ଗ ତଳେ ଫସିଥିବା ଶ୍ରମିକମାନଙ୍କ ଉଦ୍ଧାରକୁ ନେଇ ସାରା ଦେଶ ଉତ୍କଣ୍ଠାର ସହ ପ୍ରତୀକ୍ଷା କରିଥିବାବେଳେ ଓଡ଼ିଶାର ରାଉରକେଲାସ୍ଥିତ ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରୁ ସ୍ୱତନ୍ତ୍ର ଗ୍ରେଡ୍‌ର ପାଇପ୍ ବିମାନ ଯୋଗେ ସେଠାକୁ ପଠାଯାଇଛି। ଉଦ୍ଧାର କାର୍ଯ୍ୟରେ ଉକ୍ତ ପାଇପ୍‌କୁ ବ୍ୟବହାର କରାଯିବ। ସୋମବାର ଏକ ବୃହତ୍ ପରିବହନ ବିମାନରେ ଦୁଇ ଥରରେ ପାଇପ୍ ନିଆଯାଇଥିବାବେଳେ ମଙ୍ଗଳବାର ମଧ ପାଇପ୍ ପରିବହନ କରାଯାଇଛି। ସୁଡ଼ଙ୍ଗ ନିକଟରେ ନିୟୋଜିତ ଥିବା ଏନ୍‌ଡିଆର୍‌ଏଫ୍ ଏବଂ ଅନ୍ତର୍ଜାତୀୟ ଉଦ୍ଧାରକାରୀ ଟିମ୍ ଉକ୍ତ ପାଇପ୍‌କୁ ଉଦ୍ଧାର କାର୍ଯ୍ୟରେ ଲଗାଇବେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ | Bhubaneswar, Wednesday, November 22/2023 | ପୃଷ୍ଠା-୧


# ଚୋର ସନ୍ଦେହ: ୨ ଜଣଙ୍କୁ ପିଟି ହତ୍ୟା

## ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ଅଧୀନ ସାହୁଟିକ୍ରା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଚୋର ସନ୍ଦେହରେ ସ୍ଥାନୀୟ ଲୋକେ ଠେଙ୍ଗାରେ ପିଟି ପିଟି ୨ଜଣ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତକ ଦ୍ୱୟ ହେଲେ ବରଗଡ଼ ଥାନା ପଣ୍ଡରୀପଥର ନିବାସୀ ବିଜୟ ବାଗ(୨୦) ଏବଂ ବିକ୍କୁ ଜାଲ(୨୨)। ଉଭୟଙ୍କ ମୃତଦେହକୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ସୁରଜ କର୍ମୀ (୨୨) ଗୁରୁତର ହୋଇଛନ୍ତି। ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲାସ୍ଥିତ ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେହିପରି ମୃତାହତଙ୍କ ବାଇକ୍‌କୁ ମଧ୍ୟ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରିଛନ୍ତି। ଚୋରି ସନ୍ଦେହରେ ଲୋକେ ଉତ୍ତେଜିତ ହୋଇ ଏଭଳି କାଣ୍ଡ ଭିଆଇଛନ୍ତି। ଅନ୍ୟପକ୍ଷେ ଦିନ ଦ୍ୱିପ୍ରହରରେ ବିଚ୍‌ରାସ୍ତାରେ ଲୋକେ ଯେଭଳି ଆଇନକୁ ହାତକୁ ନେଇ ୨ଜଣଙ୍କୁ ପିଟି ପିଟି ହତ୍ୟା କଲେ, ସେଥିରୁ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ପଦାରେ ପଡ଼ିଯାଇଛି। ଏହି ଘଟଣା ଜିଲାବାସୀଙ୍କୁ ସ୍ତବ୍ଧ କରିଛି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ସାହୁଟିକ୍ରା-ଧାଙ୍ଗେର ରାସ୍ତାରେ ସ୍ଥାନୀୟ କେତେଜଣ ଲୋକ ଚୋର ସନ୍ଦେହ କରି ୩ଜଣ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣରେ ଉକ୍ତ ଯୁବକମାନେ ଲହୁଲୁହାଣ ହୋଇସାରିଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତରମାନେ ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବରଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବିକ୍କୁଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନା ଆଇଆଇସି ଇସମାଇଲ ଏକ୍କାଙ୍କୁ ପଚାରିବାରୁ ଏହାର ତଦନ୍ତ ଚାଲିଛି ବୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବରଗଡ଼ ସାହୁଟିକ୍ରା-ଧାଙ୍ଗେର ରାସ୍ତାରେ ଗତ କିଛିଦିନ ହେଲା ଲୁଟ୍‌ପାଟ୍ ବଢ଼ିଛି। ମଙ୍ଗଳବାର ଲୋକମାନେ ମୃତାହତଙ୍କ ସମେତ ୪ଜଣଙ୍କୁ ଚୋର ସନ୍ଦେହରେ ଧରିବାକୁ ଗୋଡ଼ାଇଥିଲେ। ତେବେ ଉକ୍ତ ମୃତାହତ ୩ଜଣ ଲୋକଙ୍କ ହାବୁଡ଼ରେ ପଡ଼ିଥିବା ବେଳେ ଅନ୍ୟ ଜଣେ ଖସିଯିବାରେ ସକ୍ଷମ ହୋଇଥିଲେ।

# ଫିଫା-ଏଆଇଏଫ୍‌ଏଫ୍ ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟିତ



ଏଆଇଏଫଏଫ-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)

## ଏଆଇଏଫ୍‌ଏଫ୍-ଓଡ଼ିଶା ସରକାରଙ୍କ ମଧ୍ୟରେ ଏମ୍‌ଓୟୁ

ଭାରତୀୟ ଫୁଟ୍‌ବଲ ଇତିହାସରେ ମଙ୍ଗଳବାର ଯୋଡ଼ିହୋଇଛି ଏକ ନୂଆ ଅଧ୍ୟାୟ। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫିଫା ବିଶ୍ୱକପ୍ ୨୦୨୬ ଓ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ରାଉଣ୍ଡ-୨ ମ୍ୟାଚ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିଫା-ଏଆଇଏଫ୍‌ଏଫ୍ ଟ୍ୟାଲେଣ୍ଟ ଏକାଡେମୀ ଉଦ୍‌ଘାଟନ କରିଛନ୍ତି। ମ୍ୟାଚ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଭୟ ଦଳର ଅଧିନାୟକଙ୍କ ସହ ପରିଚିତ ହେବା ପରେ ଏକାଡେମୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ, ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗର, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ନବୀନ ଓଡ଼ିଶା ଏବଂ ୫-ଟି ☞ପୃଷ୍ଠା-୨






# ୫ ବର୍ଷରେ ମଲେଣି ୨,୮୧୭ ବନ୍ୟପ୍ରାଣୀ

## ବନ ବିଭାଗରେ ଖାଲିପଡ଼ିଛି ୧୦ ହଜାର ପଦବୀ

ଭୁବନେଶ୍ୱର,୨୧।୧୧(ଅନିଲ ଦାସ)

ରାଜ୍ୟର ଜଙ୍ଗଲରେ ବନ୍ୟପ୍ରାଣୀ ସୁରକ୍ଷିତ ନାହାନ୍ତି। ରେଳ ଦୁର୍ଘଟଣା, ରାସ୍ତା ଦୁର୍ଘଟଣା, ବିଦ୍ୟୁତ୍ ଆଘାତ, ଶିକାରୀ ଏବଂ ବିଷ ପ୍ରୟୋଗ ଯୋଗୁ ଅଧିକାଂଶ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ବିଭିନ୍ନ କାରଣରୁ ଗତ ୫ ବର୍ଷରେ ରାଜ୍ୟରେ ୨,୮୧୭ ବନ୍ୟପ୍ରାଣୀଙ୍କ ଜୀବନ ଯାଇଛି। ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟରେ ୪୩୦ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ବାଘ, ୩୧ କଲରାପତରିଆ ବାଘ ଏବଂ ୨,୩୫୨ ଜଣ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଓ ଚିଲିକା ବନଖଣ୍ଡରେ ସର୍ବାଧିକ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ବନଖଣ୍ଡରେ ୨୩୧ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ଚିଲିକା ବନଖଣ୍ଡରେ ୨୨୦ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି। ଏହି ବନ୍ୟଜନ୍ତୁଙ୍କ ମୃତ୍ୟୁ ବିଭିନ୍ନ ରୋଗ, ରେଳ ଦୁର୍ଘଟଣା, ରାସ୍ତା ଦୁର୍ଘଟଣା, ବିଦ୍ୟୁତ୍ ଆଘାତ, ☞ପୃଷ୍ଠା-୨

# ଶ୍ରେଣୀଗୃହରେ ଉଠବସ୍: ଛାତ୍ରଙ୍କ ମୃତ୍ୟୁ

ରସୁଲପୁର,୨୧।୧୧(ରଞ୍ଜିତ ରାଉତ)

ଯାଜପୁର ଜିଲା କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ସାନଓରାଳି ସୂର୍ଯ୍ୟନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଉଠବସ୍‌ବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେ ହେଲେ ସାନଓରାଳି ଗ୍ରାମର ନିତ୍ୟାନନ୍ଦ ସେଠୀଙ୍କ ପୁଅ ତଥା ୪ର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀ(୧୧)। ମଙ୍ଗଳବାର ବିଦ୍ୟାଳୟରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ଉଠ୍‌ବସ୍ ହେବାକୁ କହିଥିଲେ। ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ର ଜଣକ ୩/୪ଥର ଉଠ୍‌ବସ ହେଉଥିବାବେଳେ ଅସୁସ୍ଥ ହୋଇ ଚଟାଣରେ ଟଳିପଡ଼ିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ଥାନୀୟ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର



ରୁଦ୍ରନାରାୟଣ ସେଠୀ

ଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଛାତ୍ରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ☞ପୃଷ୍ଠା-୨


ଆଜିର ସମ୍ପାଦକୀୟ | ଶରଣାର୍ଥୀ ବୃଦ୍ଧି

ଅହିଂସାର ରେଶମ 'କରୁଣା ସିଲ୍କ': ପୃଷ୍ଠା-୩



DSPL - 405

## ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

***

### ଭୋଟରଙ୍କ ବିଶେଷ ଅବଗତି ନିମନ୍ତେ ସୂଚନା

ଲୋକ ପ୍ରତିନିଧିତ୍ୱ ଅଧିନିୟମ ୧୯୫୦ ଅନୁଯାୟୀ –

- କୌଣସି ବ୍ୟକ୍ତି ଏକରୁ ଉର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ପଞ୍ଜିକୃତ ହୋଇପାରିବେ ନାହିଁ।
- କୌଣସି ବ୍ୟକ୍ତି ନିର୍ବାଚନମଣ୍ଡଳୀରେ ଏକାଧିକ ଥର ପଞ୍ଜିକୃତ ହେବେ ନାହିଁ।

ତେଣୁ ସମସ୍ତ ନାଗରିକଙ୍କୁ ଅନୁରୋଧ ଏକାଧିକ ସ୍ଥାନରେ ପଞ୍ଜିକରଣ ନ କରି କେବଳ ଗୋଟିଏ ସ୍ଥାନରେ ଭୋଟର ପଞ୍ଜିକରଣ କରନ୍ତୁ।

ଏଥି ନିମନ୍ତେ ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରନ୍ତୁ।

ଅନ୍‌ଲାଇନ୍ ରେ ଭୋଟର ହେଲ୍ପଲାଇନ ଆପ୍ (VHA) / voters.eci.gov.in ରେ ଏହି ସୁବିଧା ଉପଲବ୍ଧ।

ନଚେତ୍

ବିଶେଷ ଅଭିଯାନ ଦିନର ଶେଷ ଦିନ, ନଭେମ୍ବର ୨୫ ତାରିଖ ନିକଟତମ ବୁଥ୍ ପରିଦର୍ଶନ କରି ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ।

ଅନ୍‌ଲାଇନ୍ | Scan & Download ଭୋଟ୍‌ର ହେଲ୍ପଲାଇନ ଆପ୍ | or | voters.eci.gov.in

ଅଫ୍‌ଲାଇନ୍ | ବିଶେଷ ଅଭିଯାନ ଦିବସ | 2023 ନଭେମ୍ବର ଶନିବାର 25

OIPR-12113/13/0010/2324

Follow us on : CEO Odisha | Ceoodisha | odishaceo | Chief Electoral Officer Odisha | 1950

DSPL - 403

## ALLOTMENT OF LIG HOUSING UNIT AT NARANPUR, CUTTACK

CDA

- CDA invites application through offline mode for allotment of 320 affordable housing units at Naranpur for Low Income Group (LIG)
- 2BHK Flats each 904 Sq. ft. super built up area (SBA) with supporting amenities

The Project has been registered in ORERA vide Regd No - RP/07/2022/00736 & RP/07/2022/00737

For more information visit http://www.cdacuttack.nic.in

(Refer the detailed brochure)

Last Date for Submission: 21.12.2023

- Applicants must be a citizen of India and over 18 years of age with an income group Rs.1,80,000/- (rupees one lakh eighty thousand) to Rs. 6,00,000/- (rupees Six lakh) per annum.
- Proof of annual income like processed ITR / Income Certificate from Revenue Authority
- The applicant should not have benefitted earlier by CDA/CMC/Govt Agency with allotment of any plots/houses/ flats

The allotment shall be selected through lottery



HELP DESK
8984777987, 7735001067
(Note: Contact on working days from 10am to 5.30pm)

OIPR-13037/13/0166/2324

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ତରଭୁଜ;
ପୂରୁବ କଥାକୁ ମନେ ହେଜ;
ପାସୋର ଗଲାଣି କୁଣ୍ଡା ବୋଝ,
କୁଲା ବିକି ହେଲା ଚାତର;
ମାଆ ବିକୁଥିଲା କୁଲା ଟୋକେଇ,
ବାପ ବିକୁଥିଲା ପତର।

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ତୋହର ଦେଖି !
ମୋର ଡେଇଁଲା ଡାହାଣ ଆଖି।

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥା'ନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ବିଧାୟକ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଅସମ୍ପୂର୍ଣ୍ଣ

## ବାରବାଟୀ-କଟକ ନିର୍ବାଚନୀ ମାମଲା

କଟକ,୨୧।୧୧ (କାର୍ତ୍ତିକ ସାହୁ)

ବାରବାଟୀ-କଟକ ନିର୍ବାଚନୀ ମାମଲାରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଦିନ ଯୁକ୍ତି ଉପସ୍ଥାପନ କରାଯାଇଛି। ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ କରାଯାଇଥିବା ଅଭିଯୋଗଗୁଡ଼ିକ ବିପକ୍ଷରେ ମୋକିମଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଛନ୍ତି। ହେଲେ ଏହା ଅସମ୍ପୂର୍ଣ୍ଣ ରହିଛି। ତେଣୁ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ବୁଧବାରକୁ ଧାର୍ଯ୍ୟ କରିଛନ୍ତି। ଦେବାଶିଷଙ୍କ ପକ୍ଷରୁ ହୋଇଥିବା ପ୍ରାର୍ଥନାରେ ମୋକିମଙ୍କ ନୋମିନେସନ ଠିକ୍ ଭାବେ ହୋଇ ନାହିଁ, ତେଣୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ପୁନଃ ନିର୍ବାଚନ କରାଯାଉ ବୋଲି ଦର୍ଶାଯାଇଥିଲା। ବିଧାୟକ ମୋକିମଙ୍କ ପକ୍ଷରୁ ପ୍ରଥମେ ସୋମବାର ଯୁକ୍ତି ଉପସ୍ଥାପନ କରାଯାଇ ଏସବୁ ଠିକ୍ ନୁହେଁ ବୋଲି ଦର୍ଶାଯାଇଥିଲା। ବିଧାୟକଙ୍କ କାର୍ଯ୍ୟକାଳ ୧ ବର୍ଷରୁ କମ୍ ଥିବାରୁ ନିୟମ ଅନୁସାରେ ଉପନିର୍ବାଚନ ହୋଇପାରିବ ନାହିଁ ବୋଲି ଦର୍ଶାଯାଇଥିଲା। ବୁଧବାର ଯୁକ୍ତି ଉପସ୍ଥାପନ ପାଇଁ ରହିଥିବା ପ୍ରସଙ୍ଗ ଅନୁସାରେ ଦେବାଶିଷଙ୍କ ପକ୍ଷରୁ ଦର୍ଶାଯାଇଛି , ବିଧାୟକ ମୋକିମ ନୋମିନେସନ୍‌ବେଳେ ପ୍ରେସ୍‌କ୍ରାଇବ୍ଡ଼ ଫର୍ମାଟ୍‌ରେ ନୋମିନେସନ ଆବେଦନ କରିନାହାନ୍ତି। ନୋମିନେସନ ଆବେଦନ ପାଇଁ ଥିବା ଫର୍ମ-୨(ବି) ଆଧାରରେ ଯୁକ୍ତି ଉପସ୍ଥାପନ ହେବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନୀମଣ୍ଡଳୀର ବିଜୟୀ ପ୍ରାର୍ଥୀ କଂଗ୍ରେସ ବିଧାୟକ ମହମ୍ମଦ୍ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ସାମନ୍ତରାୟ ଅଭିଯୋଗ କରିଛନ୍ତି। ଆବେଦନକାରୀ ଦେବାଶିଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ବିଧାୟକ ମୋକିମ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶିକ୍ଷା, ସୁରକ୍ଷା, ରୋଜଗାର ଦାବିରେ ଛାତ୍ର ସମାବେଶ

ଭୁବନେଶ୍ୱର,୨୧।୧୧
(ଅନୁରାଧା ମହାରଣା)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶା ଶାଖା ତରଫରୁ ମଙ୍ଗଳବାର ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଛାତ୍ର ହୁଙ୍କାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ୱାଧୀନତା ସଂଗ୍ରାମୀ ପଡ଼ିଆଠାରୁ ବାହାରି ରାମ ମନ୍ଦିର ଓ ମାଷ୍ଟରକ୍ୟାଣ୍ଟିନ ରାସ୍ତା ଦେଇ ଲୋୟର୍ ପିଏମଜିଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ବିଭିନ୍ନ କ୍ୟାମ୍ପସରୁ ଛାତ୍ରୀଛାତ୍ରମାନେ ଏହି ସମାବେଶରେ ଯୋଗଦେଇ ବିଭିନ୍ନ ଦାବି କରିଥିଲେ। ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ କରିବା, ଅଧ୍ୟାପକ ପଦବୀ ପୂରଣ କରାଯିବା, ଓଡ଼ିଆ ଯୁବକଙ୍କୁ ଓଡ଼ିଶାରେ ରୋଜଗାର ଦେବା, ରୁଚିକା ଓ ମମିତା ମେହେର୍ ଭଳି ଘଟଣାରେ ନ୍ୟାୟ ପ୍ରଦାନ ଆଦି ୪୧ ଦାବି ନେଇ ହୁଙ୍କାର ସମାବେଶ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଯାଜ୍ଞବଲ୍କ ଶୁକ୍ଳା ଓ ରାଜ୍ୟ ସମ୍ପାଦକ ଅରଜିତ ପଟ୍ଟନାୟକ ତୁରନ୍ତ ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ରାଜ୍ୟ ସହସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ରୋଜଗାର, ସହସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ମହିଳା ସୁରକ୍ଷା, ସହସମ୍ପାଦକ ସଞ୍ଜନା କହଁର ଜନଜାତି ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗରେ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ଜିଲାରୁ ସଦସ୍ୟମାନେ ଯୋଗଦେଇ ଛାତ୍ର ସଂସଦ ନିର୍ବାଚନ କରିବା, ଅଧ୍ୟାପକ ପଦବୀ ପୂରଣ କରିବା, ହସ୍ତତନ୍ତ ଶିଳ୍ପକୁ ଗୁରୁତ୍ୱ ଦେବା, ମହିଳା ସୁରକ୍ଷା ପାଇଁ ବ୍ଲକସ୍ତରରେ କାର୍ଯ୍ୟକାରୀ କରିବା, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲଗାଇବା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷା ଶାସନ ସଚିବଙ୍କୁ ଦିଆଯାଇଛି। ଆଗାମୀ ଦିନରେ ରାଜ୍ୟ ସରକାର ଏହି ସ୍ଥିତିରେ ସୁଧାର ନ ଆଣିଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ରାଜ୍ୟ ସମ୍ପାଦକ ଅର୍ଜିତ ପଟ୍ଟନାୟକ କହିଛନ୍ତି।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏବିଭିପି ପକ୍ଷରୁ ଛାତ୍ର ହୁଙ୍କାର ସମାବେଶ।

# ସାର୍ଟିଫାଏଡ୍ କପି ଦେବାକୁ ସୋମାଲିକାଙ୍କୁ ନିର୍ଦ୍ଦେଶ

## ତିର୍ତ୍ତୋଲ ବିଧାୟକଙ୍କ ବିବାହ ଆବେଦନ ମାମଲା

କଟକ,୨୧।୧୧ (କାର୍ତ୍ତିକ ସାହୁ)

କଟକ ବିବାହ ପଞ୍ଜୀକରଣ ଅଧିକାରୀ ତଥା ସବ୍‌ରେଜିଷ୍ଟ୍ରାର ପ୍ରତ୍ୟୁଷା ନନ୍ଦଙ୍କ ବିବାହ ସମ୍ପର୍କିତ ସାର୍ଟିଫାଏଡ୍ କପି ଦାଖଲ କରିବାକୁ ମଙ୍ଗଳବାର ସୋମାଲିକା ଦାଶଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନ ରଦ୍ଦ କରିବା ନେଇ ଦାଏର ପିଟିଶନ ଅନୁଯାୟୀ, ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ସୋମାଲିକା ମଙ୍ଗଳବାର ହାଜର ହୋଇ ନିଜର ପକ୍ଷ ରଖିଥିଲେ। ପ୍ରତ୍ୟୁଷା ପୂର୍ବରୁ ବିବାହିତା ବୋଲି ସୋମାଲିକା ଯୁକ୍ତି ବାଢ଼ିଥିଲେ। ବିଧାୟକଙ୍କ ବାନ୍ଧବୀ ପ୍ରତ୍ୟୁଷା ପଞ୍ଜୀକରଣ ଅଧିକାରୀଙ୍କୁ ଅବିବାହିତ ବୋଲି ଦେଇଥିବା ତଥ୍ୟ ଭୁଲ୍ ବୋଲି ସୋମାଲିକା ପଞ୍ଜୀକରଣ ଅଧିକାରୀଙ୍କୁ ଦର୍ଶାଇଥିଲେ। ପ୍ରତ୍ୟୁଷାଙ୍କ ବିବାହ ସମ୍ପର୍କିତ ପ୍ରମାଣ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ମଧ ଦାଖଲ କରିଥିଲେ। ପୂର୍ବରୁ ପ୍ରତ୍ୟୁଷା ବିବାହ କରିଥିବା ଓ ପରେ ଛାଡ଼ପତ୍ର ହୋଇଥିବା ସଂକ୍ରାନ୍ତରେ ପ୍ରମାଣ ଅଧିକାରୀଙ୍କୁ ଦେଇଥିଲେ। ଆସନ୍ତା ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ବିଜୟ ଶଙ୍କର କଟକ ଅରୁଣୋଦୟ ମାର୍କେଟ ଅଞ୍ଚଳର ପ୍ରତ୍ୟୁଷାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ଏହା ଜଣାପଡ଼ିବା ପରେ ବିଜୟ ଶଙ୍କରଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟି ବିଜୟ ଶଙ୍କରଙ୍କ ବିବାହ ଆବେଦନକୁ ରଦ୍ଦ କରିବାକୁ ଦାବି କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଫିଫା-ଏଆଇଏଫ୍‌ଏଫ୍...

ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଏକାଡେମୀରେ ଦେଶର ୧୪ ବର୍ଷରୁ କମ୍ ୫୦ ପ୍ରତିଭାସମ୍ପନ୍ନ ଖେଳାଳି ତାଲିମ ନେବେ। ଏହା ମଧ୍ୟରେ ଓଡ଼ିଶାର ୧୫ ଖେଳାଳି ରହିବେ। ଫିଫା ପକ୍ଷରୁ ନିଯୁକ୍ତ କୋଚ୍ ଏବଂ ଏଆଇଏଫ୍‌ଏଫ୍ ଓ ଓଡ଼ିଶା କୋଚ୍ ଏବଂ କର୍ମକର୍ତ୍ତାଙ୍କ ଦ୍ୱାରା ଏହି ଏକାଡେମୀ ପରିଚାଳିତ ହେବ। ''ଭାରତରେ ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ ଫୁଟ୍‌ବଲ ଏକ ଲୋକପ୍ରିୟ କ୍ରୀଡ଼ା। ଭାରତରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଉପଯୁକ୍ତ ଟ୍ରେନିଂ ପାଇଲେ ଆମ ଦଳ ଭବିଷ୍ୟତରେ ଉନ୍ନତ ପ୍ରଦର୍ଶନ କରିପାରିବ। ଆମେ ଫିଫା ଓ ଏଆଇଏଫ୍‌ଏଫ୍ ସହିତ ପାର୍ଟନର ହୋଇ ଏପରି ଏକାଡେମୀ କରିଥିବାରୁ ମୁଁ ବହୁତ ଖୁସି। ଭାରତରେ ଫୁଟ୍‌ବଲର ବିକାଶ ପାଇଁ ଏଆଇଏଫ୍‌ଏଫ୍ ସହଯୋଗରେ ଆମେ ଫୁଟ୍‌ବଲ ପ୍ରକଳ୍ପ ଏବଂ ଏଥିସମ୍ପର୍କିତ କାର୍ଯ୍ୟକୁ ସମର୍ଥନ କରିବୁ'' ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହା ପୂର୍ବରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫୁଟ୍‌ବଲ ଏକାଡେମୀ ପରିସରରେ ଅପରାହ୍ନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏଆଇଏଫ୍‌ଏଫ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗରଙ୍କ ଉପସ୍ଥିତିରେ ଏଆଇଏଫ୍‌ଏଫ୍ ସଭାପତି ଚୌବେ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଚୌବେ ଓଡ଼ିଶା ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ''ଭାରତୀୟ ଫୁଟ୍‌ବଲକୁ ସବୁମତେ ସମର୍ଥନ କରିଥିବାରୁ ମୁଁ ଓଡ଼ିଶା ସରକାର ଓ ଫିଫା ସଭାପତିଙ୍କୁ ଧନ୍ୟବାଦ ଜଣାଉଛି। ଏହାର ଫଳସ୍ୱରୂପ କିମ୍ବଦନ୍ତୀ ଆର୍ସେନ ୱେଙ୍ଗର ଏବେ ଭାରତ ଆସିବା ସମ୍ଭବ ହୋଇପାରିଛି। ତାଙ୍କ ଦିଗ୍‌ଦର୍ଶନ, ନେତୃତ୍ୱ, ବୈଷୟିକ ଯୋଜନା ଏବଂ ରଣନୀତି ଆଦି ଭାରତକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହେବ। ଏହି ଏକାଡେମୀ ଦ୍ୱାରା ଆମେ ଆସନ୍ତା ୩ ବର୍ଷ ମଧ୍ୟରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଏବଂ ସିନିୟର ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛୁ'' ବୋଲି ଚୌବେ କହିଥିଲେ। ୱେଙ୍ଗର ମଧ ଏଠାକାର ବ୍ୟବସ୍ଥାରେ ଖୁସି ପ୍ରକାଶ କରିଥିଲେ। ''ମୁଁ ମୋ ଟିମ୍ ସହ ଭାରତ ଆସିଥିବାରୁ ବହୁତ ଖୁସି ଅଛି। ଓଡ଼ିଶାରେ ଭିତ୍ତିଭୂମିର ମାନ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ୨୧୧ ଦେଶ ମଧ୍ୟରେ ପ୍ରକୃତ ୟୁଥ୍ ଏଜୁକେଶନ ନ ଥିବା ମୁଁ ଅନୁଭବ କରୁଛି। ଯେଉଁଠାରେ ୟୁଥ୍‌ଙ୍କ ପାଇଁ ଭଲ ଏଜୁକେଶନ ସିଷ୍ଟମ୍ ରହିଛି ସେଠାରେ ଅନେକ ଖେଳିବାକୁ ସୁଯୋଗ ପାଉନାହାନ୍ତି। ବିଶ୍ୱର ସବୁ ପ୍ରତିଭାଙ୍କୁ ସୁଯୋଗ ଦେବା ଆମ ପ୍ରୋଗ୍ରାମର ମୁଖ୍ୟ ଲକ୍ଷ୍ୟ। ଉଚ୍ଚ ମାନର ପ୍ରତିଯୋଗିତା ସେମାନଙ୍କୁ ବଡ଼ ଖେଳାଳିରେ ପରିଣତ କରିବ। ଏଥିପାଇଁ କେତେଦିନ ଲାଗିବ ତାହା ଆମେ ଜାଣିନାହୁଁ। ମାତ୍ର ଏଜୁକେଶନ ବିନା ଆମେ ଯେଉଁଠି ଅଛୁ ସେଠାରେ ରହିଯିବୁ। ଭାରତକୁ ବୃହତ୍ତର ଦୃଷ୍ଟିରୁ ଫୁଟ୍‌ବଲ ମାନଚିତ୍ରକୁ ଆଣିବା ଆମର ଲକ୍ଷ୍ୟ। ଆମେ ୧୫ ବର୍ଷରୁ ଫୁଟ୍‌ବଲ ଖେଳିବା ଆରମ୍ଭ କରିବା ଉଚିତ ନୁହେଁ, ଏହା ୫ କିମ୍ବା ୬ ବର୍ଷରୁ ହେବା ଉଚିତ'' ବୋଲି ୱେଙ୍ଗର ପ୍ରକାଶ କରିଛନ୍ତି। ୱେଙ୍ଗର ଓଡ଼ିଶାକୁ ଆସିବା ଆମ ପାଇଁ ବଡ଼ ସମ୍ମାନ ସଦୃଶ ବୋଲି ଭିନିଲ ପ୍ରକାଶ କରିଥିଲେ। ୱେଙ୍ଗରଙ୍କ ଉଦ୍ଦେଶ୍ୟରେ ଭିନିଲ କହିଥିଲେ ଯେ ଆପଣଙ୍କ ଉପସ୍ଥିତିରେ ଏଠାରେ ଅନେକ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି। ସାରା ବିଶ୍ୱରେ ଫୁଟ୍‌ବଲ ପ୍ରେମୀଙ୍କ ପାଇଁ ଆପଣ ପ୍ରେରଣା ସଦୃଶ। ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଭୁବନେଶ୍ୱରକୁ ବାଛିଥିବାରୁ ଆପଣଙ୍କୁ ଏବଂ ଫିଫାକୁ ଆନ୍ତରିକ ଧନ୍ୟବାଦ। କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ ଭାରତରେ ପ୍ରଥମଥର ପାଇଁ ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ପ୍ରସ୍ତୁତ ହୋଇଛି। ଏହା ଓଡ଼ିଶାକୁ ଗ୍ଲୋବାଲ ସ୍ପୋର୍ଟ୍ସ ହବ୍‌ରେ ପରିଣତ କରିବାରେ ଦ୍ରୁତ ସହାୟକ ହେବ।

## ୫ ବର୍ଷରେ ମଲେଣି...

ଶିକାରୀ ଏବଂ ବିଷ ପ୍ରକ୍ରିୟାକରଣ ଯୋଗୁ ମୃତ୍ୟୁ ଘଟିଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ସମୟରେ ଜୀବଜନ୍ତୁଙ୍କ ଆବାସସ୍ଥଳୀ ବଣଜଙ୍ଗଲ ମଧ ଉଜୁଡ଼ି ଯାଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗତ ୫ ବର୍ଷରେ ୧୩,୫୧୧.୧୬୪ ହେକ୍ଟର ଜଙ୍ଗଲ ଜମିରୁ ଗଛ କଟାଯାଇ ଅଣଜଙ୍ଗଲ ଜମିରେ ପରିଣତ କରାଯାଇଛି। ତେବେ ୨୦୧୮ରୁ ୨୦୨୨ ମଧ୍ୟରେ ରାଜ୍ୟ ସରକାର ଜଙ୍ଗଲ କ୍ଷତିକୁ ଭରଣା କରିବା ପାଇଁ ୧୫,୭୪୯.୯୩୦ ହେକ୍ଟର ଜଙ୍ଗଲ ଜମିରେ ବନୀକରଣ କରିଛନ୍ତି। ଏଥିପାଇଁ ସରକାର ୧୧୩.୫୦ କୋଟି ଟଙ୍କା କ୍ଷତିପୂରକ ବନୀକରଣ ବାବଦରେ ଖର୍ଚ୍ଚ କରିଛନ୍ତି। କେବଳ ସେତିକି ନୁହେଁ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ମଧ ବହୁ ପଦବୀ ଦୀର୍ଘ ବର୍ଷ ଧରି ଖାଲିପଡ଼ିଛି। ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା ଜଙ୍ଗଲ ବିଭାଗରେ କେଉଁ ପାହ୍ୟାର କେତେ ପଦବୀ ଖାଲିଥିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି, ବିଭାଗର ଗ୍ରେଡ୍-ଏ'ର ୪୯୨ ଅନୁମୋଦନ ପଦବୀରୁ ୨୧୦ ପଦବୀ ଖାଲି ପଡ଼ିଥିବା ବେଳେ ଗ୍ରେଡ୍-ବି'ରେ ଅନୁମୋଦିତ ୭୫୯ରୁ ୪୧୦, ଗ୍ରେଡ୍-ସି'ରେ ୧୦,୩୭୮ରୁ ୪୦୧ ଏବଂ ଗ୍ରେଡ୍-ଡି'ରେ ୯୯୨ରୁ ୪୩୭ ପଦବୀ ଖାଲିପଡିଛି। ସେହିପରି ୨୪ ଜଣ ଆସିଷ୍ଟାଣ୍ଟ ଫରେଷ୍ଟ କଞ୍ଜରଭେଟର ଡେରାଡୁନ୍‌ରେ ଥିବା ସେଣ୍ଟ୍ରାଲ ଏକାଡେମୀରେ ତାଲିମ ନେଉଛନ୍ତି। ସେହି ଅଧିକାରୀମାନେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ। ତେବେ ଖାଲିଥିବା ୪୫ଟି ଆସିଷ୍ଟାଣ୍ଟ ଫରେଷ୍ଟ କଞ୍ଜରଭେଟର ପଦବୀ ଶୀଘ୍ର ପୂରଣ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ୨୯ ଜଣ ଫରେଷ୍ଟ ରେଞ୍ଜର ଅନୁଗୋଳଠାରେ ଥିବା ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜରେ ତାଲିମ ନେଉଛନ୍ତି। ଏଥିସହିତ ଆହୁରି ୧୩୧ ନୂଆ ଫରେଷ୍ଟ ରେଞ୍ଜର ପଦବୀ ପୂରଣ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ବନଖଣ୍ଡରେ ୮୦୬ ଫରେଷ୍ଟ ଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ବେଳେ ଖାଲିଥିବା ୧,୬୭୭ ଫରେଷ୍ଟ ଗାର୍ଡ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଶ୍ରେଣୀଗୃହରେ ଉଠବସ୍...

ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟ ଶିକ୍ଷକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ଶ୍ରେଣୀଗୃହରେ ପାଠପଢ଼ା ଯାଉଥିବା ସମୟରେ ରୁଦ୍ର ନାରାୟଣ ବାହାରେ ବୁଲାବୁଲି କରୁଥିଲେ। ଶିକ୍ଷକ ଏହା ଦେଖି ତାଙ୍କୁ ଶ୍ରେଣୀ କକ୍ଷକୁ ଡାକିବା ସହ କେତେକ ପାଠ ସମ୍ପର୍କରେ ପଚାରିଥିଲେ। ସେ ଉତ୍ତର ଦେଇ ନ ପାରିବାରୁ ଶିକ୍ଷକ ଉଠବସ୍ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ନିତ୍ୟାନନ୍ଦଙ୍କ ବଡ଼ପୁଅ ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୋଇ ଛୋଟବେଳୁ ମୃତ୍ୟୁବରଣ କରିଥିଲେ। ଏବେ ସାନପୁଅଙ୍କ ଅକାଳ ବିୟୋଗ ପରିବାର ଲୋକଙ୍କୁ ବହୁ ଦୁଃଖ ପହଞ୍ଚାଇଛି। ଛାତ୍ରଙ୍କ ମୃତଦେହ ସଂରକ୍ଷିତ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନ ହେଲା ପଦୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିବ। ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ବନ୍ଧୁଙ୍କ ସହ ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି। ଇଚ୍ଛା ନ ଥିଲେ ମଧ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହେବାକୁ ପଡ଼ିପାରେ। ସଭାସମିତି, ଆଲୋଚନା ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କିଛିଟା ଶ୍ରମ ସ୍ୱୀକାର କରିପାରିଲେ ଅବଶ୍ୟ ସଫଳତା ପାଇବେ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ** କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। କୌଣସି ଜିନିଷ ଦେବା ନେବାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବ। ସମ୍ପର୍କୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** ଆଜି କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ ଦୋଷୀ ସାବସ୍ତ ହୋଇପାରନ୍ତି। ପରିବାର, ଗୃହ, ଯାନ ବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସଂପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ ହେବେ।

**ସିଂହ** ଆଜି ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ଆଲୋଚନା ପରିସରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଆଜି ଭଲ ସମ୍ପର୍କ ଥିବା ମିତ୍ରମାନେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ପ୍ଲଟିଂ କାରବାରରେ ମାନମନାନ୍ତର ଦେଖାଦେଇପାରେ। ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା** କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଅଫିସରେ କାଗଜପତ୍ର କିମ୍ବା ଫାଇଲ୍ କାମକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** ଆଜି କର୍ମକ୍ଷେତ୍ରରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ହେବେ। ସାୟାହ୍ନେ ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** ନିଜର ସମ୍ପର୍କୀୟ ଲୋକମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସାମାନ୍ୟ ଯୁକ୍ତିତର୍କ ପରେ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆପଣ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି କାର୍ତ୍ତିକ ଶୁକ୍ଳ ଦଶମୀ ବୁଧବାର, ଶ୍ରୀଜୀଉଙ୍କ ରାଧାଦାମୋଦର ବେଶ ସମାପ୍ତି, ଶରତ ରାସ ଅଧିବାସ, ନଭେମ୍ବର ୨୨ ତାରିଖ, ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଘ.୧୨.୫୮ମି. ଗତେ ମୀନ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୨ମି. ଗତେ ଘ.୦୮.୧୪ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ. ୧୧.୩୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭.୦୭ମି. ଗତେ ଘ. ୦୮.୪୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୨ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।

## ‘କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍’

**ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏବେ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କର ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏ କ୍ଷେତ୍ରରେ ସହଭାଗୀ କରାଇବେ, ସେଥିପାଇଁ ‘ଧରିତ୍ରୀ’ ଆୟୋଜନ କରୁଛି ‘ଯୁବ ସମ୍ମିଳନୀ’ ବା ‘ୟୁଥ୍ କନ୍‌କ୍ଲେଭ୍’। ଚଳିତବର୍ଷର ପ୍ରସଙ୍ଗ ରହିଛି ‘କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍’। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୪ ତାରିଖରେ ‘ଯୁବ ସମ୍ମିଳନୀ’ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ‘ଧରିତ୍ରୀ’ର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଥିବା ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।**

# ନଦୀ ପୁନରୁଦ୍ଧାରର ଅଗ୍ରଦୂତ

‘ଧରିତ୍ରୀ’ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ବିହାରର ସ୍ନେହା ଶାହି। ପାଠ ପଢୁଥିବା ସମୟରୁ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ସେ ବୁଝିଯାଇଥିଲେ। ସେଥିପାଇଁ ସେ ସ୍ନାତକୋତ୍ତର ପଢ଼ିବା ସମୟରୁ ହିଁ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ନିମନ୍ତେ ଆଗେଇ ଆସିଥିଲେ। ‘ପ୍ଲାଷ୍ଟିକ ଫ୍ରି’ ଉପରେ କାମ କରୁଥିବା ସ୍ନେହା ଏବେ ନିଜ କାମ ପାଇଁ କେବଳ ଦେଶ ନୁହେଁ, ସାରା ବିଶ୍ୱରେ ଲୋକପ୍ରିୟ ହୋଇପାରିଛନ୍ତି। ଭାରତର ୧୭ଜଣ ୟୁଏନ୍ ୟଙ୍ଗ କ୍ଲାଇମେଟ୍ ଚାମ୍ପିୟନଙ୍କ ମଧ୍ୟରେ ସ୍ନେହା ଅନ୍ୟତମ। ବର୍ତ୍ତମାନ ନଦୀର ପୁନରୁଦ୍ଧାର କରିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି।

ଯୁବ ପରିବେଶବିତ୍ ସ୍ନେହାଙ୍କ ବାପା ଏୟାର ଫୋର୍ସରେ ଚାକିରି କରିଥିବାରୁ ସେ ଦେଶର ବିଭିନ୍ନ ସ୍ଥାନରେ ରହିଛନ୍ତି। ତେବେ ତାଙ୍କ ପରିବାର ଗୁଜରାଟର ଭଦୋଦରାରେ ରହିବା ବେଳେ ସ୍ନେହା ମହାରାଜା ସାୟାଜିରାଓ ବିଶ୍ୱବିଦ୍ୟାଳୟରେ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍‌ରେ ପାଠ ପଢୁଥିଲେ। ୨୦୧୯ରେ ସ୍ନେହା ପ୍ଲାଷ୍ଟିକ ଟାଇଡ୍ ଟର୍ନର କ୍ୟାମ୍ପେନ୍ ଆରମ୍ଭ କରିଥିଲେ, ଯେଉଁଥିରେ ତାଙ୍କୁ ବିଶ୍ୱବିଦ୍ୟାଳୟ ସହଯୋଗ କରିଥିଲା। ସେହି ଅଭିଯାନରେ ୨୦୦ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିଶ୍ୱମିତ୍ରି ନଦୀ ସହିତ ଯୋଡ଼ି ହୋଇଥିବା ଦୀର୍ଘ ୭.୫ କିମି ଲମ୍ବର ଏକ ନାଳ ‘ଭୁକି’ରୁ ଏହି କ୍ୟାମ୍ପେନ କରାଯାଇଥିଲା। ତେବେ ଏହି ନାଳକୁ ସଫା କରିବା ପାଇଁ ସେମାନଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା, କାରଣ ସେଠାରେ କୁମ୍ଭୀର ରହୁଥିଲେ। ତଥାପି ଏହି କ୍ୟାମ୍ପେନ ଜରିଆରେ ସେମାନେ ୭୦୦ କେଜି ପ୍ଲାଷ୍ଟିକ ବାହାର କରିଥିଲେ। ସେଥିମଧ୍ୟରୁ ବହୁ ପ୍ଲାଷ୍ଟିକକୁ ରିସାଇକଲ୍ କରିଥିଲେ। ସେହି ନାଳ ସଫା ହେବା ପରେ ଆଉ କୁମ୍ଭୀର ଦେଖାଦେଲେ ନାହିଁ। ନାଳରେ ଅଧିକ ପାଣି ହୋଇଯିବାରୁ କେବଳ ବର୍ଷାଦିନେ କୁମ୍ଭୀର ଦେଖାଯାଆନ୍ତି। ସେମାନେ ଜନସାଧାରଣ, ଅଫିସର, ଷ୍ଟେକ୍‌ହୋଲ୍ଡରଙ୍କୁ ନେଇ ଏକ ସର୍ଭେ କରିଥିଲେ। ପ୍ଲାଷ୍ଟିକର ବ୍ୟବହାର କଲେ କ’ଣ ହେବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅଭିଯାନରେ ସଫଳତା ପାଇବା ପରେ ସ୍ନେହା ଚାହିଁଥିଲେ ଅଧିକରୁ ଅଧିକ ଲୋକ କିପରି ଏଥିରେ ସଂଶ୍ଳିଷ୍ଟ ହୋଇପାରିବେ ଏବଂ ପ୍ଲାଷ୍ଟିକର ବ୍ୟବହାର କିପରି ପରିବେଶକୁ ଦୂଷିତ କରୁଛି ତାହା ବୁଝିପାରିବେ। ସେଥିପାଇଁ ସେ ଲୋକଙ୍କୁ ସଚେତନ କରିବା ପାଇଁ ଚାହିଁଲେ। ବିଭିନ୍ନ ସ୍କୁଲ ଓ କଲେଜକୁ ମଧ୍ୟ ଯାଇ ସେ ପ୍ଲାଷ୍ଟିକ ବ୍ୟବହାର ଉପରେ କର୍ମଶାଳା କରୁଛନ୍ତି। ସ୍ନେହାଙ୍କ କାର୍ଯ୍ୟକଳାପ ନେଇ ନ୍ୟାଶନାଲ ଜିଓଗ୍ରାଫିକ୍‌ର ‘ୱାନ ଫର୍ ଚେଞ୍ଜ’ କ୍ୟାମ୍ପେନରେ ଫିଚର ହୋଇଥିଲା।


ସ୍ନେହା ଶାହି

DHARITRI YOUTH CONCLAVE 2023
CLIMATE CHANGE: THE PATH AHEAD

# ଲେଖାରେ ପରିବେଶ ଚିନ୍ତା


ରିଚାର୍ଡ ମହାପାତ୍ର

‘ଧରିତ୍ରୀ’ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ‘ଡାଉନ୍ ଟୁ ଆର୍ଥ’ ମାଗାଜିନ୍‌ର ପରିଚାଳନା ନିର୍ଦ୍ଦେଶକ ରିଚାର୍ଡ ମହାପାତ୍ର। ପରିବେଶ ସମ୍ପର୍କିତ ଖବର ଲେଖିବାରେ ସେ ସିଦ୍ଧହସ୍ତ। ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଉପରେ ତାଙ୍କ ଲେଖା ଅଧିକ ଦେଖିବାକୁ ମିଳେ। ଏଥିସହ ରୁରାଲ୍ ଆଫେୟାର୍ସ ଓ ଡେଭଲପ୍‌ମେଣ୍ଟ ମ୍ୟାଟର୍ସ ଉପରେ ମଧ୍ୟ ସେ ଲେଖନ୍ତି। ୧୯୯୭ରୁ ସେ ଏ ସମ୍ପର୍କିତ ଖବର ଲେଖି ଆସୁଛନ୍ତି। ୧୯୭୧ ମସିହା ଜାନୁୟାରୀ ୨୮ ତାରିଖରେ ସମ୍ବଲପୁରରେ ତାଙ୍କର ଜନ୍ମ। ୧୯୮୩ରେ ମହାରାଜା ସ୍କୁଲରୁ ପାଠ ପଢା ସାରିବା ପରେ ଗଙ୍ଗାଧର ମେହେର କଲେଜରୁ ସେ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ୧୯୯୦ରେ ସମ୍ବଲପୁର ଜି.ଏମ୍. କଲେଜରେ ପାଠ ପଢ଼ିଥିଲେ। ‘ଡାଉନ୍ ଟୁ ଆର୍ଥ’ ପୂର୍ବରୁ ସେ ବିଜ୍ଞାନ ଓ ପରିବେଶ କେନ୍ଦ୍ରରେ କାମ କରୁଥିଲେ।

## ବାଛୁରୀକୁ ମାରିଲା ମହାବଳ ବାଘ


ବାଘର ପାଦଚିହ୍ନ

**ପାରଳାଖେମୁଣ୍ଡି, ୨୧।୧୧ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ରାୟଗଡ ବ୍ଲକରେ ଆନ୍ଧ୍ରରୁ ଓଡ଼ିଶାମୁହାଁ ହୋଇଥିବା ମହାବଳ ବାଘ ଆତଙ୍କ ଖେଳାଇଛି। ସୋମବାର ବାଘଟି ପାରଳାଖେମୁଣ୍ଡିଠାରୁ ଏକ କିଲୋମିଟର ଦୂର ଆନ୍ଧ୍ର ସୀମାନ୍ତବର୍ତ୍ତୀ ସରାଳୀ ଅଞ୍ଚଳରେ ଚଳପ୍ରଚଳ କରୁଥିବା ଆନ୍ଧ୍ର ବନ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ମଙ୍ଗଳବାର ରାୟଗଡ ବ୍ଲକର ଅଁଳାବାର ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ମହାବଳ ବାଘଟି ଏକ ବାଛୁରୀକୁ ଘୋଷାରି ନେଇ ମାରିଦେଇଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ପାଦ ଚିହ୍ନକୁ ଠାବ କରିବା ସହ ସେହି ସ୍ଥାନରେ ୫ଟି ଟ୍ରାପ କ୍ୟାମେରା ଲଗାଇ ତା’ର ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଥିବା ଏସିଏଫ ଆଶୋକ କୁମାର ବେହେରା ସୂଚନା ଦେଇଛନ୍ତି। ତେବେ କୁମୁଲିସିଂ, ଅଁଳାବାଡ଼ ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ସନ୍ଧ୍ୟା ୫ଟା ପରେ ଘରୁ ନ ବାହାରିବା ପାଇଁ ବନବିଭାଗ ସତର୍କ କରାଇଛି। ରାତିରେ କୌଣସି କାମରେ କେହି ଏକା ନ ବାହାରି ୩/୪ ଜଣ ସାଙ୍ଗ ହୋଇ ବାହାରିବା ସହିତ ଗୃହପାଳିତ ପଶୁଙ୍କୁ କୌଣସି ସୁରକ୍ଷିତ ସ୍ଥାନ କିମ୍ବା ନିଜ ଘରେ ବାନ୍ଧିବା ପାଇଁ ଅନୁରୋଧ କରାଯାଇଛି। ବାଘ ଗାଁ ଭିତରେ ପଶିବା ଯଦି କେହି ଦେଖନ୍ତି ତେବେ ତୁରନ୍ତ ବନବିଭାଗକୁ ସୂଚନା ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଅହିଂସାର ରେଶମ ‘କରୁଣା ସିଲ୍କ’

**■ ସିଲ୍କରୁ ତିଆରି ହେଉଛି ଶ୍ରୀମନ୍ଦିରର ଖଣ୍ଡୁଆ ପାଟ**
**■ ଓଡ଼ିଶା ପାଭିଲିୟନ୍‌ରେ ସାଜିଛି ପ୍ରମୁଖ ଆକର୍ଷଣ**

ଭୁବନେଶ୍ୱର, ୨୧।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)

ଏଣ୍ଡିକୀଟ ମାରି ରେଶନ ଉତ୍ପାଦନ କରିବା କଥା ପ୍ରାୟ ସମସ୍ତଙ୍କୁ ଜଣାଥିବ। ମାତ୍ର ଏବେ ଏଣ୍ଡିକୀଟକୁ ନ ମାରି ବି ରେଶନ ଉତ୍ପାଦନ କରାଯାଇପାରିବ। ରେଶମ ଉତ୍ପାଦନ ବେଳେ ପାରମ୍ପରିକ ପଦ୍ଧତିରୁ ବାହାରି ଏକ ନୂଆ ବାଟ ଆପଣାଇଛି ଓଡ଼ିଶା। ଅହିଂସା ଉପାୟରେ ଏଣ୍ଡିକୀଟ ଖୋସାରୁ ପ୍ରସ୍ତୁତ ‘କରୁଣା ସିଲ୍କ’ ଓଡ଼ିଶାର ରେଶମ ଚାଷ ପରମ୍ପରାକୁ ଏକ ନୂଆ ଦିଗ ଦେଇଛି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ‘ଓଡ଼ିଶା ପାଭିଲିୟନ’ରେ ଏହି ନିଆରା ସିଲ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ସାଧାରଣତଃ ରେଶମ ଖୋସାରୁ ସୂତା ବାହାର କରିବା ବେଳେ ଏହାକୁ ଗରମ ପାଣିରେ ଫୁଟାଇବାକୁ ପଡ଼ିଥାଏ, ଯେଉଁଥିରେ ଖୋସା ଭିତରେ ଥିବା ରେଶମ କୀଟର ମୃତ୍ୟୁ ଘଟିଥାଏ। ମାତ୍ର ରେଶମ କୀଟକୁ ନ ମାରି ଅହିଂସା ଉପାୟରେ ଓଡ଼ିଶା ଉତ୍ପାଦନ କରୁଛି ଏହି ନୂତନ ସିଲ୍କ। ଅହିଂସା ବା କରୁଣା ପଥ ଅବଲମ୍ବନ କରି ଏହି ରେଶମ ଉତ୍ପାଦନ କରାଯାଉଥିବାରୁ ଏହାର ନାଁ ଦିଆଯାଇଛି ‘କରୁଣା ସିଲ୍କ’। ଏହି କରୁଣା ସିଲ୍କରୁ ଏବେ କରୁଣାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ହେଉଛି ଖଣ୍ଡୁଆ ପାଟ।

**ଏଣ୍ଡିକୀଟ ନ ମାରି ପ୍ରସ୍ତୁତ ହେଉଛି**




ଓଡ଼ିଶା ସରକାରଙ୍କ ‘୫-ଟି’ ଅଭିଯାନ ଅଧୀନରେ ୨୦୨୨ରୁ ପାଇଲଟ୍ ପ୍ରକଳ୍ପ ଭାବେ ‘କରୁଣା ସିଲ୍କ’ର ଉତ୍ପାଦନ ଆରମ୍ଭ କରାଯାଇଛି। ପ୍ରଥମେ ୭୦୦ ଚାଷୀଙ୍କୁ ନେଇ ଏଥିପାଇଁ ଏଣ୍ଡିକୀଟ ଚାଷ କରାଯାଇଥିଲା। ସେଥିରୁ ୮୨ କୁଇଣ୍ଟାଲ ରେଶମ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଏହାର ସଂପ୍ରସାରଣ କରାଯାଇ ୧୪ଟି ଜିଲାର ୨୫୦୦ରୁ ଅଧିକ ଚାଷୀଙ୍କୁ ଏଥିରେ ଯୋଡ଼ାଯାଇଛି। ଏଥର ୨୦୦ କୁଇଣ୍ଟାଲରୁ ଅଧିକ ‘କରୁଣା ସିଲ୍କ’ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ଜଡ଼ା ଗଛର ପତ୍ର ଖାଇ ଏଣ୍ଡିକୀଟମାନେ ବଢୁଛନ୍ତି। ଗୋଟିଏ ମଲବରୀ ସିଲ୍କ ଶାଢ଼ି ବୁଣିବା ପାଇଁ ଯେତିକି ସୂତା ଆବଶ୍ୟକ ସେଥିରେ ୧୦ରୁ ୨୦ ହଜାର ପର୍ଯ୍ୟନ୍ତ ରେଶମ ପୋକ ମରିଥାନ୍ତି। ସେହିପରି ଗୋଟିଏ ଟସର ସିଲ୍କ ଶାଢ଼ି ପାଇଁ ୫ରୁ ୭ହଜାର ପୋକ ମରିଥାନ୍ତି। ଖଣ୍ଡୁଆ ପାଟର ଆଉ ଏକ ଆକର୍ଷଣ ହେଉଛି ଏଥିରେ ବୁଣାଯାଇଥିବା କବି ଜୟଦେବଙ୍କ ‘ଗୀତଗୋବିନ୍ଦ’ର ସୁଲଳିତ ପଂକ୍ତି। ଖୋର୍ଦ୍ଧା ଜିଲା ରାଉତପଡ଼ା ଗ୍ରାମର ପାରମ୍ପରିକ ରେଶମ କାରିଗରମାନେ ଏବେ ଏହି ‘କରୁଣା ସିଲ୍କ’ରୁ ସାତ୍ତ୍ୱିକ ଖଣ୍ଡୁଆ ପାଟ ପ୍ରସ୍ତୁତ କରୁଛନ୍ତି। ଏହି କାରିଗରମାନେ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଓଡ଼ିଶା ପାଭିଲିୟନରେ ଖୋର୍ଦ୍ଧା ରାଉତପଡ଼ାରୁ ଆସିଥିବା କାରିଗର ଗୋପିନାଥ ଦାସ ଖଣ୍ଡୁଆ ପାଟ ବୁଣୁଛନ୍ତି। ସେ କହିଛନ୍ତି, ‘ମହାପ୍ରଭୁ ଶ୍ରୀଜଗନ୍ନାଥ ତ କହି ନାହାନ୍ତି ଜୀବକୁ ମାରି ତାଙ୍କ ପାଇଁ ଆମେ ଆଭୂଷଣ ପ୍ରସ୍ତୁତ କରିବା। ତେଣୁ ପୋକକୁ ନ ମାରି ଉତ୍ତମ ଟେକ୍ନୋଲୋଜି ବ୍ୟବହାର କରି ସେଥିରୁ ବାହାରୁଥିବା ସୂତାରୁ ଆମେ ପାଟ ବସ୍ତ୍ର ତିଆରି କରୁଛୁ। ରାଜ୍ୟ ସରକାରଙ୍କ ନିଜସ୍ୱ ତତ୍ତ୍ୱାବଧାନରେ ଏହି କରୁଣା ସିଲ୍କ ବୁଣା କାମ କରାଯାଉଛି। ଓଡ଼ିଶାରେ ସିଲ୍କ ଉତ୍ପାଦନ ବେଳେ ରେଶମ କୀଟକୁ ନ ମାରି ନୂତନ ଓରଷ୍ଟେଡ୍ ପଦ୍ଧତି ମାଧ୍ୟମରେ ଆମେ ଖୋସାରୁ ସୂତା ବାହାର କରୁଛୁ। ଏଣ୍ଡି ଚାଷ କ୍ଷେତ୍ରରେ ଏହାକୁ ପରୀକ୍ଷାମୂଳକ ଭାବେ କରାଯାଉଛି। ରେଶମ କୀଟ ପ୍ରଜାପତି ହୋଇ ଉଡ଼ିଗଲା ପରେ ସେହି ଖୋସାକୁ ବ୍ୟବହାର କରି ସୂତା ପ୍ରସ୍ତୁତ କରାଯାଉଛି। ପ୍ରଜାପତି ଉଡ଼ିଗଲାବେଳେ ଖୋସାଟି ଫାଟିଯାଉଥିବାରୁ ସ୍ପିନିଙ୍ଗ ମିଲ୍ ମାଧ୍ୟମରେ ଆଧୁନିକ ଟେକ୍ନୋଲୋଜି ପ୍ରୟୋଗ କରି ଆବଶ୍ୟକ ରେଶମ ସୂତା ବାହାର କରାଯାଉଛି। ଓଡ଼ିଶାର ଏହି ନୂତନ ପ୍ରୟୋଗ କଥା ଜାଣି ସେଠାକୁ ଆସିଥିବା ପରିଦର୍ଶକମାନେ ବେଶ୍ ଖୁସି ହେଉଛନ୍ତି ବୋଲି ଓଡ଼ିଶା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶୋଭନକୃଷ୍ଣ ସାହୁ କହିଛନ୍ତି।






# ସାଲୁଗା ହେଲେ ଉପବାଚସ୍ପତି

**ଭୁବନେଶ୍ୱର, ୨୧।୧୧ (ଅନିଲ ଦାସ)**


ସାଲୁଗା ପ୍ରଧାନ

ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ବାଚସ୍ପତି ପ୍ରମିଳା ମଲ୍ଲିକ ବିଧିବଦ୍ଧ ଭାବେ ଏହି ଘୋଷଣା କରିଛନ୍ତି। ସାଲୁଗାଙ୍କୁ ସର୍ବସମ୍ମତିକ୍ରମେ ଉପବାଚସ୍ପତି ଭାବେ ନିର୍ବାଚିତ କରିଥିବାରୁ ଗୃହର ସମସ୍ତ ସଦସ୍ୟଙ୍କୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି। ଏଥିସହ ଗୃହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ଉପବାଚସ୍ପତିଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ସାଲୁଗା ବିଧାନସଭାର ଗରିମା ଓ ନିରପେକ୍ଷତା ବଜାୟ ରଖିବେ ବୋଲି ଆଶା କରୁଛୁ। ସେହିପରି ଆଦିବାସୀ ବର୍ଗର ଜଣେ ନେତାଙ୍କୁ ଉପବାଚସ୍ପତି ଭାବେ ଚୟନ କରିଥିବାରୁ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛି। ଉପବାଚସ୍ପତି ରୂପେ ନିର୍ବାଚିତ ହେବା ପରେ ସାଲୁଗା ଗୃହର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି। ଗୃହ କାର୍ଯ୍ୟ ପରିଚାଳନା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ସେ ସହଯୋଗ ଲୋଡ଼ିଛନ୍ତି। ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଉପବାଚସ୍ପତି ପଦରୁ ରଜନୀକାନ୍ତ ସିଂ ଇସ୍ତଫା ଦେବା ପରେ କିଏ ଏହି ଆସନ ଅଧିକାର କରିବେ ତାକୁ ନେଇ ଚର୍ଚ୍ଚା ହୋଇଥିଲା। ଶେଷରେ ବିଜେଡି ଜି.ଉଦୟଗିରିର ୨ ଥର ବିଧାୟକ ହୋଇଥିବା ସାଲୁଗା ପ୍ରଧାନଙ୍କ ନାଁ ଘୋଷଣା କରିଥିଲା। ସୋମବାର ସେ ଉପବାଚସ୍ପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ।

# ଟ୍ରାକ୍ଟର ଓଲଟି ୨ ଭାଜପା କର୍ମୀ ମୃତ, ୨୬ ଆହତ



**ପାତ୍ରପୁର, ୨୧।୧୧ (ଉମାଚରଣ ନେପାକ)**

ଗଞ୍ଜାମ ଜିଲା ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଚିକିଟି ବ୍ଲକ ଘେରାଉ ଡାକରା ଦିଆଯାଇଥିଲା। ସେଥିପାଇଁ ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ବୁରାତାଲ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଏକ ଟ୍ରାକ୍ଟର ଯୋଗେ ଚିକିଟି ଅଭିମୁଖେ ଆସୁଥିଲେ। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମଞ୍ଜୁସା ଥାନା ତାଳଗୁରାଣ୍ଡି ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ହେଲେ ଜରଡ଼ା ଥାନା ବୁରାତାଳ ପଞ୍ଚାୟତ ଗୁଡିପଦର ଗ୍ରାମର ଈଶ୍ୱର ଶବର ଏବଂ କୁସମଳା ଗ୍ରାମର ଜଗନ୍ନାଥ ଭୂୟାଁ। ଆହତମାନେ ହେଲେ ରାଜୁ ଶବର, ଶ୍ରୀପତି ସବର, ସନ୍ତୋଷ ଶବର, ପ୍ରହଲ୍ଲାଦ ଭୂୟାଁ, ଗଣେଶ ଶବର, ରାଇବାରୀ ବଡ଼ରଇତ, ଲକ୍ଷ୍ମୀ କାର୍ଜି, ମଙ୍ଗଳା ଶବର, ଜଗା ସବର ପ୍ରମୁଖଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପଲାସା ପୋଲିସ ଉଦ୍ଧାର କରି ମଞ୍ଜୁସା ମେଡ଼ିକାଲରେ ଭର୍ତ୍ତି କରିଛି। ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।


DADLS - 54



ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୨ ନଭେମ୍ବର, ୨୦୨୩

ସମୟ: ସକାଳ ୮ ଘଟିକା : ୟୁନିଟ-୧, ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ: ସକାଳ ୮.୩୦ ମିନିଟ : କଳିଙ୍ଗ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା
ସନ୍ଧ୍ୟା ୬ ଘଟିକା - ଜୟଦେବ ଭବନ, ଭୁବନେଶ୍ୱର

ସଭାପତି:
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ଜଗନ୍ନାଥ ସାରକା
ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ଆଇନ

ସମ୍ମାନନୀୟ ଅତିଥି:
ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ

ଆଦର୍ଶ ଆଦିବାସୀ ନୃତ୍ୟ କଳା ପରିଷଦ, ସୋରିଷପଦର, ବୈପାରୀଗୁଡ଼ା, କୋରାପୁଟର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଂଗୀତ ପରିବେଷଣ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR-15001/13/0200/2324

ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ଵାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ

# ଶରଣାର୍ଥୀ ବୃଦ୍ଧି

ଆଜିର ବିଶ୍ୱ ପରିସ୍ଥିତି ଜଟିଳ। ସମ୍ଭବତଃ ଇତିହାସରେ ଏତେ ପରିମାଣର ଶରଣାର୍ଥୀ ପୂର୍ବରୁ କେବେ ସୃଷ୍ଟି ହୋଇ ନ ଥିଲେ। ନିଜ ଘର ଓ ମାତୃଭୂମି ଛାଡ଼ି ଅନ୍ୟ ଦେଶ ବା ସ୍ଥାନକୁ ଜୀବନ ବଞ୍ଚାଇବାକୁ ପଳାଇଯାଇଥିବା ଲୋକଙ୍କ ସଂଖ୍ୟା ଏବେ ୧୧ କୋଟି ବା ୧୧୦ ମିଲିୟନରେ ପହଞ୍ଚିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଏହି ଶରଣାର୍ଥୀ ସମସ୍ୟା ଆରମ୍ଭ ହୋଇଥିଲା। ସେତେବେଳେ ମନେକରାଯାଉଥିଲା ଏହାର ଏକ ସ୍ଥାୟୀ ସମାଧାନ ହୋଇପାରିବ। ହେଲେ ତା'ପରେ ବିଶ୍ୱରେ ଘଟୁଥିବା ଯୁଦ୍ଧ, ଜାତିଗତ ହିଂସା ଏବଂ ଗତ ୨ ଦଶନ୍ଧିରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହା ଯେଉଁଭଳି ବୃଦ୍ଧି ପାଉଛି ତାହା ୨୦୫୦ ସୁଦ୍ଧା ଅଣାୟତ୍ତ ହେବ ବୋଲି ୟୁନାଇଟେଡ୍ ନେଶନ୍ସ ହାଇ କମିଶନର ଫର୍ ରିଫ୍ୟୁଜି ବା ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଆର୍ ) ପ୍ରକାଶ କରିଛି। ବର୍ତ୍ତମାନ ବିଭିନ୍ନ ଦେଶରେ ଥିବା ଶରଣାର୍ଥୀଙ୍କ ପାଇଁ ସ୍ଥାୟୀ ଥଇଥାନ ସହ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଖାଦ୍ୟ ଓ ଶିକ୍ଷା ଯୋଗାଇବା କଷ୍ଟକର ହୋଇପଡ଼ିଛି। ଉଲ୍ଲେଖନୀୟ ଯେ, ବିଶ୍ୱର ୨୪ଟି ଦେଶରେ ଶରଣାର୍ଥୀମାନେ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ସର୍ବାଧିକ ତୁର୍କୀ, ଜର୍ମାନୀ, ପାକିସ୍ତାନ, ଉଗାଣ୍ଡା, ରୁଷିଆ ଏବଂ ପୋଲାଣ୍ଡରେ ଅଛନ୍ତି। ଏମାନଙ୍କୁ ବୈଧ ଭାବେ ଥଇଥାନ କରିବାକୁ ଏଯାବତ ୟୁଏନ୍‌ଏଚ୍‌ସିଆର୍ କିମ୍ବା ଶରଣାର୍ଥୀଙ୍କୁ ସ୍ଥାନ ଦେଇଥିବା ଦେଶଗୁଡ଼ିକ ପର୍ଯ୍ୟାପ୍ତ ପଦକ୍ଷେପ ନେଇପାରିନାହାନ୍ତି। ଜର୍ମାନୀ, ରୁଷିଆ , ଆମେରିକା ଓ ଫ୍ରାନ୍ସକୁ ବାଦ୍‌ଦେଲେ ଇରାକ, ଇରାନ, ପାକିସ୍ତାନ, ଗ୍ରୀସ୍ ଆଦି ଅନ୍ୟ ନିମ୍ନ ଆୟବର୍ଗ କିମ୍ବା ବିକାଶଶୀଳ ଦେଶରେ ଅସ୍ଥିର ଅର୍ଥନୀତି ଏବଂ ଖାଦ୍ୟାଭାବ ଯୋଗୁ ସେମାନେ ଶରଣାର୍ଥୀଙ୍କୁ ମାନବୀୟ ସହଯୋଗ ଯୋଗାଇଦେବା ପାଇଁ ସକ୍ଷମ ହୋଇପାରୁନାହାନ୍ତି। ଏହାର ଏକ ସଦ୍ୟତମ ଉଦାହରଣ ହେଉଛି ପାକିସ୍ତାନ। ସୋଭିଏଟ୍ ରୁଷ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ସମୟରୁ ପାକିସ୍ତାନକୁ ଆଫଗାନିସ୍ତାନରୁ ଶରଣାର୍ଥୀମାନେ ଆସିବା ଆରମ୍ଭ ହୋଇଥିଲା। ୨୦୨୧ରେ ତାଲିବାନ୍ ଶାସନ ପ୍ରତିଷ୍ଠା ହେବା ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଏବକାର ପାକିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାର ଦେଶରେ ବିନା ଡକ୍ୟୁମେଣ୍ଟରେ ଥିବା ପାଖାପାଖି ୧୭ ଲକ୍ଷ ଆଫଗାନ ଶରଣାର୍ଥୀଙ୍କୁ ଦେଶ ଛାଡ଼ି ଆଫଗାନିସ୍ତାନ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। ଇତିମଧ୍ୟରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଶରଣାର୍ଥୀ ପାକିସ୍ତାନ ଛାଡ଼ି ଆଫଗାନିସ୍ତାନ ଚାଲିଗଲେଣି। ପାକିସ୍ତାନର ଯୁକ୍ତି ହେଉଛି ଆଫଗାନ ଶରଣାର୍ଥୀମାନେ ବିଭିନ୍ନ ଉଗ୍ରବାଦୀ ଆକ୍ରମଣରେ ଜଡ଼ିତ ରହୁଛନ୍ତି । କିନ୍ତୁ ଦେଖିବାକୁ ଗଲେ ପ୍ରମୁଖ ସମସ୍ୟା ହେଉଛି ଆର୍ଥିକ ଦୁରବସ୍ଥା ଓ ଖାଦ୍ୟ ସଙ୍କଟ। ଏହା କେବଳ ପାକିସ୍ତାନ ନୁହେଁ, ଶରଣାର୍ଥୀଙ୍କୁ ଜାଗା ଦେଇଥିବା ବିକାଶଶୀଳ ଦେଶଗୁଡ଼ିକରେ ବିଶ୍ୱରେ ସୃଷ୍ଟି ହୋଇଥିବା ଯୁଦ୍ଧ ସ୍ଥିତି ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ ପଡୁଛି। ଫଳରେ ସେଠାରେ ଖାଦ୍ୟ ଉତ୍ପାଦନ ହ୍ରାସ ହେବା ସହ ଏହାର ପ୍ରଭାବ ସିଧାସଳଖ ଅର୍ଥନୀତିକୁ କ୍ଷତି କରୁଛି, ଯାହାଦ୍ୱାରା ଶରଣାର୍ଥୀମାନେ ପ୍ରଭାବିତ ହେଉଛନ୍ତି।

ସାମ୍ପ୍ରତିକ ସ୍ଥିତିରେ ଧନୀ ଦେଶଗୁଡ଼ିକ ଯୁଦ୍ଧରେ ଲିପ୍ତ ରହିବା ବିଶ୍ୱ ପାଇଁ ଏକ ବିଡ଼ମ୍ବନା। ସେମାନେ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବାରେ ମଧ୍ୟ ଅବହେଳା କରୁଛନ୍ତି। ଫଳରେ ଜାତିସଂଘ ଓ ୟୁରୋପୀୟ ସଂଘ ସହଯୋଗରେ ଯେତିକି ଶରଣାର୍ଥୀଙ୍କୁ ଥଇଥାନ କରାଯାଉଛି ତା'ଠାରୁ ଅଧିକ ଗୁଣ ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟି ହେଉଛନ୍ତି। ସ୍ଥିତି ଏଭଳି ହୋଇଛି ଯେ, ଶରଣାର୍ଥୀମାନଙ୍କୁ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇପାରୁନାହିଁ। ଜାତିସଂଘ ରିପୋର୍ଟରୁ ପ୍ରକାଶ, ଶରଣାର୍ଥୀ ଶିବିରରେ ମହିଳାମାନେ ଅଧିକ ନିର୍ଯ୍ୟାତିତ ହେଉଛନ୍ତି। ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଠିକ୍ ସମୟରେ ସେମାନଙ୍କ ଟିକାକରଣ ହୋଇପାରୁନାହିଁ। ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି ସିରିଆ, ଆଫଗାନିସ୍ତାନ ଓ ରୋହିଙ୍ଗ୍ୟା ଶରଣାର୍ଥୀମାନେ । ଏହାସହ ମାତୃଭୂମି ଛାଡ଼ି ଶରଣାର୍ଥୀମାନେ ଅନ୍ୟ ଏକ ଦେଶରେ ରହିଲେ ସେଠାକାର ଭାଷା, ସଂସ୍କୃତି ଓ ଚାଲିଚଳନ ସହ ଖାପ ଖୁଆଇବା କଷ୍ଟକର ହେବା ଭଳି ଅନେକ ଉଦାହରଣରୁ ଦେଖାଯାଉଛି। ଏଭଳି ସ୍ଥିତିରେ ସେମାନେ ମାନସିକ ଭାରସାମ୍ୟ ହରାଇବା ପରେ ନିଜର ଓ ନିଜ ପରିବାରର ଦାୟିତ୍ୱ ନେବା ଭଳି ପରିସ୍ଥିତିରେ ରହୁନାହାନ୍ତି। ଏହା ଫଳରେ ଅନେକ ଦେଶରେ ଶରଣାର୍ଥୀ ବିରୋଧୀ ମନୋଭାବ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରକାଶ ପାଉଛି। ଆଫଗାନ ଶରଣାର୍ଥୀମାନେ ନିଜ ଦେଶକୁ ଫେରିଯିବା ସହଜ ହୋଇପାରେ, କିନ୍ତୁ ସେଠାରେ ତାଲିବାନ୍ ଶାସନରେ ସେମାନେ ନିର୍ଯ୍ୟାତିତ ହେବା ଆଶଙ୍କା ରହିଛି। କାରଣ ତାଲିବାନ୍ ଶାସନରେ ମହିଳାମାନଙ୍କ ଅଧିକାର ଅନ୍ଧକାରରେ ରହିଥାଏ। ଏହା ସହ ସେଠାକାର ଆର୍ଥିକ ଅବସ୍ଥା ମଧ୍ୟ ସଙ୍କଟଜନକ। ଏଣୁ ପାକିସ୍ତାନ ନେଇଥିବା ପଦକ୍ଷେପ ଓ ଆଫଗାନିସ୍ତାନର ସାମ୍ପ୍ରତିକ ଅଭ୍ୟନ୍ତରୀଣ ସ୍ଥିତିରେ ଏହି ଶରଣାର୍ଥୀମାନେ କିଭଳି ସୁରକ୍ଷିତ ରହିବେ ତାହା ସୁନିଶ୍ଚିତ କରିବା ବିଶ୍ୱ ସମୁଦାୟର ଦାୟିତ୍ୱ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | 5 |
| 4 | | | | | | | 1 | 6 |
| | 1 | | | | 9 | 4 | 7 | |
| | | | 3 | 2 | | | 6 | |
| | 3 | 6 | | 5 | | | | 9 |
| | | | 9 | | | | | 1 |
| | 9 | | 7 | | | 1 | | 8 |
| | 7 | 5 | | | | | | |
| | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 6 | 2 | 8 | 5 | 7 | 3 | 1 |
| 8 | 2 | 1 | 3 | 7 | 4 | 5 | 9 | 6 |
| 3 | 5 | 7 | 6 | 1 | 9 | 8 | 4 | 2 |
| 5 | 6 | 4 | 1 | 3 | 2 | 9 | 8 | 7 |
| 1 | 8 | 3 | 9 | 6 | 7 | 4 | 2 | 5 |
| 2 | 7 | 9 | 5 | 4 | 8 | 1 | 6 | 3 |
| 6 | 9 | 5 | 8 | 2 | 1 | 3 | 7 | 4 |
| 7 | 1 | 2 | 4 | 9 | 3 | 6 | 5 | 8 |
| 4 | 3 | 8 | 7 | 5 | 6 | 2 | 1 | 9 |

ଗତକାଲିର ଉତ୍ତର

# ରାଜନୈତିକ ସାମର୍ଥ୍ୟ



ହରେକୃଷ୍ଣ ପଣ୍ଡା

ବିହାରରେ ଜାତି ଆଧାରିତ ଜନଗଣନା ରିପୋର୍ଟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଂରକ୍ଷଣ ବ୍ୟବସ୍ଥାକୁ ବଢ଼ାଇ ୬୫ପ୍ରତିଶତ କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାକୁ ନେଇ ସମଗ୍ର ଭାରତବର୍ଷରେ ଚିନ୍ତା ପ୍ରକଟ କରାଯାଇଛି। ଏହା କିପରି ଲାଗୁ କରାଯାଇପାରିବ ତା'ର ରୂପରେଖ ମଧ୍ୟ ଆଗତୁରା ସେ ପ୍ରସ୍ତୁତ କରିଛନ୍ତି। ନୀତୀଶ ତାଙ୍କ ପ୍ରସ୍ତାବରେ ବିହାରରେ ସଂରକ୍ଷଣ ବ୍ୟବସ୍ଥାର ସୀମା ୫୦ରୁ ୬୫ କରିବା ପାଇଁ ପ୍ରସ୍ତାବ ରଖି ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛନ୍ତି।

ଭାରତୀୟ ସମ୍ବିଧାନ ପ୍ରଣୟନ ବେଳେ ଅନୁସୂଚିତ ଜନଜାତିର ଉତ୍‌ଥାନ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଯେଉଁ ସଂରକ୍ଷଣ କରାଯାଇଥିଲା, ତାହା ମାତ୍ର ୧୦ ବର୍ଷ ପାଇଁ ବ୍ୟବସ୍ଥା ରଖିବାକୁ କୁହାଯାଇଥିଲା। ଦେଖାଗଲା ଯେ ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ନିର୍ବାଚନ ପରେ ପ୍ରକୃତରେ ଏହି ଜାତିର ଉତ୍‌ଥାନ ଯେତିକି ସମ୍ଭବ ହେଉ ବା ନ ହେଉ ରାଜନୈତିକ ଦଳ ପାଇଁ ଏହା ଏକ ମହାର୍ଘ ସୁଯୋଗ ଆଣି ଦେଉଛି। ଯାହାକୁ ଏବେ ନିର୍ବାଚନୀ ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଯେଉଁ ଦଳ ସରକାରକୁ ଆସନ୍ତୁ ନା କାହିଁକି ଏହି ଭୋଟ ବ୍ୟାଙ୍କକୁ ୧୦ବର୍ଷ ପରେ ନ ଭାଙ୍ଗି ବରଂ ବୃଦ୍ଧି କରିବାକୁ ଚାହିଁଲେ। ଏତେବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରମାନଙ୍କୁ କରାୟତ୍ତ କରିବା ସହଜ ନ ଥିଲା ବେଳେ ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଭୋଟରମାନଙ୍କୁ କରାୟତ୍ତ କରିବା ସମ୍ଭବ ବୋଲି ରାଜନୀତିଜ୍ଞମାନେ ଭାବିନେଲେ। ଏହିଭଳି ଯଦି ୩୩% ଭୋଟରଙ୍କୁ କୌଣସି ଦଳ ସୁନିଶ୍ଚିତ କରିପାରିଲା ତେବେ ତା'ର ବିଜୟ ସୁନିଶ୍ଚିତ। ଏହିଭଳି ମାନସିକତା ଭାରତୀୟ ରାଜନୀତିରେ ଭି.ପି. ସିଂଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଏକ ଭୟାବହ ବିସ୍ଫୋରଣ ସୃଷ୍ଟି କରିଥିଲା। ଜନ ଆନ୍ଦୋଳନକୁ ଦମନକରି ସେ ଓବିସି ସଂରକ୍ଷଣ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ସାମିଲ କରିଦେଲେ। ୧୯୮୯ରେ ଭି.ପି. ସିଂ ଯେଉଁ ସଂରକ୍ଷଣ ନୀତିକୁ ଆପଣେଇନେଲେ, ତାହା କ'ଣ ଭାରତବାସୀ ସେତେବେଳେ ଚାହୁଁଥିଲେ ନା ଆନ୍ଦୋଳନ ଜରିଆରେ ଦାବି କରିଥିଲେ। କଥା ହେଉଛି ଭାରତୀୟ ଜନସାଧାରଣଙ୍କୁ ସ୍ୱଚ୍ଛ ଶାସନର ରାଜନୈତିକ ଗ୍ୟାରେଣ୍ଟି ଦେବାପାଇଁ ଏଭଳି ନେତୃବୃନ୍ଦଙ୍କର କୌଣସି ସାମର୍ଥ୍ୟ ନ ଥିଲା। ତେଣୁ ଗୋଟାଏ ବିରାଟ ଜାତିଗତ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ସଂରକ୍ଷଣ ନୀତିକୁ ଆପଣେଇଥିଲେ। କିନ୍ତୁ ଭାରତ ପାଇଁ ଆବଶ୍ୟକତାକୁ ଦୂରେଇ ଦେଇଥିବାରୁ ସେ ବେଶିଦିନ ଶାସନ କରି ପାରି ନ ଥିଲେ। ମାତ୍ର ଗୋଟିଏ ବର୍ଷ ପରେ ସରକାର ଭାଙ୍ଗିଯାଇଥିଲା। ଆମେ ଯଦି ନିରପେକ୍ଷ ଭାବେ




ଦେଖିବା ଆରମ୍ଭରୁ ଏଯାବତ୍ ସରକାର ଅନୁସୂଚିତ ଜନଜାତି, ବା ସଂରକ୍ଷିତ ଜାତି ପାଇଁ ଯେତେ ଯୋଜନା ପ୍ରଣୟନ କଲେଣି ରାଜକୋଷରୁ ଯେତେ ଅର୍ଥ ବ୍ୟୟ ହେଲାଣି, ତା'ର ସୁଫଳ କ'ଣ ସେହି ସଂରକ୍ଷିତ ବର୍ଗ ପାଇଛନ୍ତି? ଯଦି ପାଇଥାଆନ୍ତେ ତେବେ ରାଜୀବ ଗାନ୍ଧୀ ଏଥି ପୂର୍ବରୁ ପ୍ରଧାନମନ୍ତ୍ରୀ ହେବା ପରେ ଅନୁଭବ କରି କହି ନ ଥାଆନ୍ତେ ଯେ ଗରିବ ଜନସାଧାରଣଙ୍କ ପାଇଁ କେନ୍ଦ୍ରୀୟ ରାଜକୋଷରୁ ଯେତେ ଅର୍ଥ ଯାଉଛି ତାହା ପ୍ରକୃତରେ ଲୋକଙ୍କ ପାଖରେ ୧୦୦ ଭାଗରୁ ମାତ୍ର ୨୦ ଭାଗ ପହଞ୍ଚୁଛି। ସେଥିପାଇଁ ସେ କ୍ଷୋଭ ପ୍ରକାଶ କରିଥିଲେ। ପ୍ରତି ସରକାର ଶାସନ କଳକୁ ସଜାଡିବାର ସାମର୍ଥ୍ୟ ହରାଇ ବସିଥିଲେ ହେଁ, ଜାତିଗତ ସଂରକ୍ଷଣବାଦକୁ ଆଶ୍ରୟ କରି ସରକାରରେ ତିଷ୍ଠିବାକୁ ଉପାୟ ଅବଲମ୍ବନ କରିବା କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଦେଖିବାକୁ ଗଲେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିବା ପି.ଭି. ନରସିଂହରାଓ ସଂରକ୍ଷଣବାଦକୁ ଭୁଲି ଦେଶର ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ। ତା'ପରେ ଅଟଳବିହାରୀ ବାଜପେୟୀଙ୍କ ଅମଳରୁ ଅନ୍ୟ ଏକ ଯୁଗ ଆରମ୍ଭ ହୋଇଥିଲା। ଜନସାଧାରଣ ଯେତେବେଳେ ଦେଖିଲେ ସଂରକ୍ଷଣବାଦ ସୁଦୃଢ଼ ହେବାରେ ଲାଗିଛି ଏବଂ ଏଥିରୁ ଶାସକ ଦଳ ନିର୍ବାଚନୀ ଫାଇଦା ହାସଲ କରୁଛନ୍ତି ସେତେବେଳେ ବିଭିନ୍ନ ଜାତିର ବା ଗୋଷ୍ଠୀର ଚତୁର ନେତୃବୃନ୍ଦ ବାଦ୍ ପଡିଥିବା ଜାତିକୁ ସଂରକ୍ଷଣରେ ସାମିଲ କରିବା ନେଇ ଆନ୍ଦୋଳନ ସୃଷ୍ଟି କରି ଚାଲିଛନ୍ତି। ମାୟାବତୀ କିଛିଦିନ ଧରି ଯେଉଁ ଫାଇଦା ହାସଲ କଲେ ସେହିଭଳି ଏକ ନୀତିକୁ ଆପଣେଇବା ପାଇଁ ନୀତୀଶଙ୍କ ଭଳି କିଛି ନେତୃତ୍ୱକାରୀ ବ୍ୟକ୍ତି ଅଦ୍ଭୁତ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଏବେ ଯାହା ଜଣାପଡୁଛି ସଂରକ୍ଷଣବାଦକୁ ହଟାଇବା ପାଇଁ କୌଣସି ରାଜନୈତିକ ଦଳ ଆଉ ଇଚ୍ଛାପ୍ରକଟ କରିବେ ନାହିଁ। ଯେଉଁ ଦଳ ଚାହିଁବ ସେ ଦଳ ଶାସନକୁ ଆସିପାରିବ ନାହିଁ। ଭାରତୀୟ ଜନସାଧାରଣ ଗଣତନ୍ତ୍ରପ୍ରେମୀ ହୋଇଥିଲେ ହେଁ ସେମାନେ ଏବେ ସୁବିଧାବାଦୀ ହୋଇ ପଡିଛନ୍ତି। ଅଧିକାଂଶ ଜନତା ରାଜନୈତିକ ଅଜ୍ଞତାକୁ ଦୂରେଇ ଦେଇ ପାରି ନାହାନ୍ତି। ତେଣୁ ଚତୁର ରାଜନୀତିଜ୍ଞ ସଂରକ୍ଷଣବାଦ ଭଳି ସ୍ୱାର୍ଥାନ୍ୱେଷୀ ନୀତିକୁ ପ୍ରତିଷ୍ଠା କରିବା ପାଇଁ ଆଗଭର ହୋଇ ବାହାରି ପଡିଛନ୍ତି। ସମ୍ପ୍ରତି ଭାରତୀୟ ରାଜନୀତିରେ ସଂରକ୍ଷଣବାଦ ଏକମାତ୍ର ଭରସା , ଭାରତୀୟ ମାନଙ୍କୁ ସନ୍ତୁଷ୍ଟ କରିବାର ପାଇଁ। କାରଣ ଦେଶରେ ବା ଶାସନ କ୍ଷେତ୍ରରେ ଯେଉଁମାନେ ସ୍ୱଚ୍ଛତା, ନୀତିନିଷ୍ଠତା, ଜନକଲ୍ୟାଣକାରୀ ବ୍ୟବସ୍ଥା, କୁହାଯାଉଥିବା ଧର୍ମ ନିରପେକ୍ଷତା ସୃଷ୍ଟି କରିବାରେ ଅସମର୍ଥ ସେହିମାନେ ହିଁ ସଂରକ୍ଷଣକୁ ନେଇ ବଞ୍ଚିପାରିବେ ବୋଲି ମନେକରନ୍ତି। ତେଣୁ ବିହାରରେ ନୀତୀଶ କୁମାର ଏହିଭଳି ଏକ ଉପାୟ ଅବଲମ୍ବନ କରି ନିଜର ଶାସନଗାଦିକୁ ସ୍ଥିର କରିବାକୁ ଚାହିଁଛନ୍ତି।

ସମ୍ପ୍ରତି ଦେଖିବାକୁ ଗଲେ ଭାରତୀୟ ରାଜନୀତିରେ ଏବେ ଯେଉଁ ରାଜନୈତିକ ଅସ୍ଥିରତା, ଦେଶ ବିରୋଧୀ ସ୍ଲୋଗାନ, ଦେଶରେ ଶାସନ ବିରୋଧୀ, ସମ୍ବିଧାନ ବିରୋଧୀ ରାଜନୈତିକ ଯୁଦ୍ଧ ଦେଖିବାକୁ ମିଳୁଛି, ତା'ର ମୂଳ କାରଣ ହେଉଛି ଜାତିଗତ ସନ୍ତୁଷ୍ଟୀକରଣ ବା ସଂରକ୍ଷଣବାଦୀଙ୍କୁ ସୁରକ୍ଷା ଦେବା। ପରୋକ୍ଷରେ ଦେଶର କଲ୍ୟାଣ ପାଇଁ କାହାରି ଅନ୍ତର କାନ୍ଦୁ ନାହିଁ। ଏପରିକି ଶାସନ ଗାଦୀକୁ ଅକ୍ତିଆର କରିବା ପାଇଁ କିଛି ରାଜନୈତିକ ଦଳ ଦେଶ ବାହାରୁ ଶକ୍ତି ଆହରଣ କରୁଥିବା ଦେଖା ଯାଉଛି। ବିଭିନ୍ନ ରାଜ୍ୟର ଶାସକମାନେ ରାଜକୋଷକୁ ନିଜର ସମ୍ପତ୍ତି ମନେକରି ପକେଟସ୍ଥ କରୁଥିବା ବେଳେ, ଧରାପଡିଗଲେ ସେମାନେ କହୁଛନ୍ତି ଯେ ରାଜନୈତିକ ଆକ୍ରୋଶରୁ ତାଙ୍କୁ ହଇରାଣ କରାଯାଉଛି। ତାଙ୍କ କଥାକୁ ମଧ୍ୟ ଦଳେ ଲୋକ ସମର୍ଥନ କରୁଥିବା ଦେଖାଯାଉଛି। ଦାଗୀ, ଭ୍ରଷ୍ଟାଚାରୀମାନେ ନିର୍ବାଚନ ଲଢି ଶାସନକୁ ଅକ୍ତିଆର କରି ନେଉଥିବାର କାରଣ ଏହି ସଂରକ୍ଷଣବାଦ। ରାଜନୈତିକ ନେତୃବୃନ୍ଦ ଜାଣିଗଲେଣି ଯେ ବିନା ଟଙ୍କାରେ ବିନା ପ୍ରଲୋଭନରେ,ବିନା ସନ୍ତୁଷ୍ଟୀକରଣରେ ଭୋଟ ହାସଲ କରି ହେବ ନାହିଁ। ତେଣୁ ସେମାନେ ନିର୍ବାଚନୀ ବବସ୍ଥାକୁ ସେତେ ଗୁରୁତ୍ୱ ଦେଉନାହାନ୍ତି। ରାଜନୈତିକ ଦଳର ମୁଖିଆ ଜାଣିଗଲେଣି ଅର୍ଥବଳ, ବାହୁବଳ ନ ଥିବା ଲୋକ ନିର୍ବାଚନରେ ଜିତି ପାରିବ ନାହିଁ। ସେଥିପାଇଁ ଯାବତୀୟ ଭ୍ରଷ୍ଟାଚାର, ଅନୀତିକୁ ପ୍ରଶ୍ରୟ ଦିଆହେଉଛି। ଜନସାଧାରଣ ଯଦି ସଚେତନ ହୋଇ ନିରପେକ୍ଷତା ତଥା ଦେଶର କଲ୍ୟାଣ କଥା ଚିନ୍ତା କରନ୍ତେ ଏବଂ ରାଜନୈତିକ ଅଭିସନ୍ଧିକୁ ବୁଝିବାକୁ ଚେଷ୍ଟା କରନ୍ତେ ତେବେ ଚତୁର ରାଜନେତା, ରାକନୈତିକ ଦଳଗୁଡିକ ଧରାଶାୟୀ ହୋଇ ପଡ଼ନ୍ତା। ଭାରତର ପ୍ରକୃତ ବିକାଶ ହେବ ନେତାମାନଙ୍କର ଭୋଟବ୍ୟାଙ୍କକୁ ଭାଙ୍ଗିଦେଲେ। ଏହା ଏକ ବ୍ୟାଧିରେ ପରିଣତ ହୋଇଯାଇଛି।

ଯାଜପୁର, ମୋ:୯୪୩୭୩୧୫୬୨୩

# ଆମେରିକାର ଅସ୍ତ୍ର ବେପାର



ଲଳିତେନ୍ଦୁ ପଲାଉରୀ

ବିଶ୍ୱ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ଲାଗୁଛି ଦୁଇଟି ବିଶ୍ୱଯୁଦ୍ଧ ଦେଖି ସାରିଥିବା ପୃଥିବୀବାସୀ ଖୁବ୍‌ଶୀଘ୍ର ଆଉ ଏକ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବ। କାରଣ ୨୦୨୨ ଫେବୃୟାରୀରୁ ଚାଲିଛି ରୁଷିଆ-ୟୁକ୍ରେନ ଯୁଦ୍ଧ। ଆଉ ଗତ ଅକ୍ଟୋବର ୭ରୁ ମଧ୍ୟପ୍ରାଚ୍ୟ ଦେଶ ଇସ୍ରାଏଲ ଓ ପାଲେଷ୍ଟାଇନର ହମାସ୍ ଆତଙ୍କୀଙ୍କ ମଧ୍ୟରେ ନିଜର ଅସ୍ତିତ୍ୱକୁ ନେଇ ଜାରି ରହିଛି ଲଢ଼େଇ। ଏହି ଯୁଦ୍ଧ ବିଶ୍ୱକୁ ମଧ୍ୟ ଦୁଇଭାଗରେ ବିଭକ୍ତ କରି ଦେଇଛି। ଗୋଟିଏ ପଟେ ମୁସଲିମ୍ ଦେଶଙ୍କ ସଂଗଠନ (ଓଆଇସି) ସହ ଇରାନ, ଲେବାନନ, ସିରିୟା, ନର୍ଥ କୋରିଆ, ତୁର୍କୀ ଭଳି ଦେଶ ପାଲେଷ୍ଟାଇନ ସମର୍ଥନରେ ବାହାରିଥିବା ବେଳେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଜଣାଇଛନ୍ତି। ଯୁଦ୍ଧର ପ୍ରଖରତା ଭିତରେ ଇସ୍ରାଏଲକୁ ସମର୍ଥନ କରି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତେଲ୍ ଆବିଭ୍‌ରେ ଭେଟି ତାଙ୍କ ମନୋବଳ ବଢ଼ାଇ ଫେରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ. ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ରୁଷି ସୁନକ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭଳି ଅନେକ ରାଷ୍ଟ୍ରମୁଖ୍ୟମାନେ। କିନ୍ତୁ ଯୁଦ୍ଧକୁ ନେଇ ଚାଇନା ଓ ରୁଷିଆ ୱେଟ ଆଣ୍ଡ ୱାଚ କୂଟନୀତିରେ ଏକପ୍ରକାର ନୀରବତା ଅବଲମ୍ବନ କରୁଛନ୍ତି। ଭାରତ, ଚାଇନା, ରୁଷିଆ ଟୁ-ଷ୍ଟେଟ ସଲ୍ୟୁଶନ ଥିଓରିରେ ସ୍ୱତନ୍ତ୍ର ପାଲେଷ୍ଟାଇନ ରାଷ୍ଟ୍ର ସପକ୍ଷରେ ମତ ରଖିଛନ୍ତି। ଯୁଦ୍ଧକୁ ନେଇ ଆମେରିକା ଇସ୍ରାଏଲକୁ ଏକପାଖିଆ ସମର୍ଥନ ଜାରି ରଖିଥିବା ବେଳେ ଯୁଦ୍ଧର ୩୦ ଦିନ ଭିତରେ ୩ଥର ଇସ୍ରାଏଲ ଗସ୍ତ କରି ସାରିଲେଣି ଆମେରିକା ବୈଦେଶିକ ସଚିବ ଆଣ୍ଟୋନୀ ବ୍ଲିଙ୍କେନ। ତେବେ ଯୁଦ୍ଧକୁ ନେଇ ଗୋଟିଏ ପ୍ରମୁଖ ପ୍ରସଙ୍ଗ ବେଶି ଚର୍ଚ୍ଚାକୁ ଆସିଛି ତାହା ହେଲା ଯୁଦ୍ଧ ପଛରେ ଆମେରିକାର ଅସ୍ତ୍ର ବେପାର ସ୍ୱାର୍ଥ।

ବିଶ୍ୱ ଦେଖି ସାରିଥିବା ଅନେକ ଛୋଟ ବଡ଼ ଯୁଦ୍ଧ ଯେମିତି କି ଆଫଗାନିସ୍ତାନରେ ତାଲିବାନ ବିରୋଧରେ ଆମେରିକା ଯୁଦ୍ଧ ହେଉ କି ଇରାକରୁ ଏକଚ୍ଛତ୍ରବାଦୀ ସଦ୍ଦାମ ହୁସେନଙ୍କୁ ହଟାଇବା ହେଉ ସବୁ ଯୁଦ୍ଧ ପଛରେ ଆମେରିକାର ବୃହତ୍ ସ୍ୱାର୍ଥ ଯୁଦ୍ଧାସ୍ତ୍ର ବେପାର। ବିଶ୍ୱରେ ଯେତେ ଅସ୍ଥିରତା ଦେଖାଦେଇଛି ସେଥିରୁ ଆମେରିକା ଫାଇଦା ଉଠାଇବାକୁ ଚେଷ୍ଟା କରିଛି। ବିଶ୍ୱର ଅସ୍ତ୍ରଶସ୍ତ୍ର କିଣାବିକା ପ୍ରତିଯୋଗିତାର ସିଂହଭାଗ ବ୍ୟବସାୟକୁ ନିୟନ୍ତ୍ରଣ କରି ନିଜ ଅର୍ଥନୀତିକୁ ସୁଦୃଢ଼ କରୁଛି ଆମେରିକା। ୨୦୨୨ରେ ଆମେରିକାର ଯୁଦ୍ଧାସ୍ତ୍ର ବିକ୍ରି ୪୦ପ୍ରତିଶତ ବୃଦ୍ଧି ପାଇଛି। କେବଳ ବିଭିନ୍ନ ରାଷ୍ଟ୍ର ନୁହନ୍ତି, ଆମେରିକାର ଅସ୍ତ୍ର ପାଲେଷ୍ଟାଇନର ହମାସ୍ ଆତଙ୍କୀଙ୍କଠାରୁ ଆରମ୍ଭ କରି କଶ୍ମୀରକୁ ଦୀର୍ଘବର୍ଷ ଧରି ଅଶାନ୍ତ କରି ରଖିଥିବା ଆତଙ୍କବାଦୀଙ୍କ ହାତରେ ମଧ୍ୟ ଦେଖିବାକୁ ମିଳୁଛି। ଆମେରିକା ବିଭିନ୍ନ ଦେଶ ସହ ପ୍ରତିରକ୍ଷା ଚୁକ୍ତିକରି ସେମାନଙ୍କୁ ଅସ୍ତ୍ର ବିକ୍ରି କରି ଲାଭବାନ ହେଉଛି। କଶ୍ମୀରରୁ କାନ୍ଦାହାର, ବେଲୁଚିସ୍ତାନରୁ ପାଲେଷ୍ଟାଇନ ଆତଙ୍କୀମାନେ ମଧ୍ୟ ଆମେରିକାର ଏମ୍-୪ ଆସଲ୍ଟ ରାଇଫଲ ସବ୍ ଭଳି ବିଭିନ୍ନ ଯୁଦ୍ଧାସ୍ତ୍ର ବ୍ୟବହାର କରୁଥିବାର ପ୍ରମାଣ ମିଳିଛି। ତେବେ ପ୍ରଶ୍ନ ଉଠୁଛି ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆତଙ୍କବାଦ ଆକ୍ରମଣ ପରେ ବିଶ୍ୱରୁ ଆତଙ୍କବାଦ ମୂଳୋତ୍ପାଟନ ପାଇଁ ପ୍ରତିଜ୍ଞା କରି ଆତଙ୍କବାଦ ବିରୋଧରେ ଲଢ଼େଇ କରୁଥିବା ଆମେରିକା ପୁଣି ତା'ର ଅସ୍ତ୍ର ସେହି ଆତଙ୍କୀଙ୍କ ହାତରେ ପଡୁଛି କେମିତି? ଆମେରିକା



କ'ଣ ଆତଙ୍କୀମାନଙ୍କୁ ବି ଯୁଦ୍ଧାସ୍ତ୍ର ବିକ୍ରି କରୁଛି ? କାରଣ ଅକ୍ଟୋବର ୭ରେ ହମାସ୍ ଆତଙ୍କୀ ମାନେ ଇସ୍ରାଏଲ ଉପରେ ଯେଉଁ ଆକ୍ରମଣ କରିଥିଲେ ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧ୍ୟ ଆମେରିକା ନିର୍ମିତ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ପାକିସ୍ତାନର ଜୈସ- ଇ ମହମ୍ମଦ, ଲଶ୍କର-ଇ ତୋଇବା ଆତଙ୍କୀ ସଂଗଠନ ହାତରେ ଆମେରିକା ନିର୍ମିତ ବନ୍ଧୁକ ଓ ଯୁଦ୍ଧାସ୍ତ୍ର ରହିଥିବା ପ୍ରମାଣ ମିଳିସାରିଛି।

ଆମେରିକା ବିଶ୍ୱକୁ ନିରସ୍ତ୍ରୀକରଣର ନାରା ଦେଇ ନିଜେ ଅସ୍ତ୍ରଶସ୍ତ୍ର ତିଆରି ଓ ବିକ୍ରି କରି ନିଜ ଅର୍ଥନୀତିକୁ ସମୃଦ୍ଧ କରି ଚାଲିଛି। ଇସ୍ରାଏଲକୁ ସହଯୋଗ ସ୍ୱରୂପ ଆମେରିକା ୪୫ଟି ଟ୍ରକ ବୋଝେଇ ଅସ୍ତ୍ରଶସ୍ତ୍ର ପଠାଇଥିବା ବେଳେ ନଭେମ୍ବର ୪ରେ ରାଷ୍ଟ୍ରପତି ଜୋ. ବାଇଡେନ ଇସ୍ରାଏଲକୁ ୧୨.୩ ବିଲିୟନ ଡଲାରର ସାମରିକ ସହାୟତା ସମ୍ପର୍କରେ ଘୋଷଣା କରିଛନ୍ତି। ଷ୍ଟକହୋମ ପିସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଶନର ରିପୋର୍ଟର ତଥ୍ୟରେ ୨୦୧୩ରୁ ୨୦୧୭ ମଧ୍ୟରେ ୧୪ପ୍ରତିଶତ ଅସ୍ତ୍ରଶସ୍ତ୍ର ବିକ୍ରି କରୁଥିବା ଆମେରିକା ୨୦୨୨ରେ ଏହାକୁ ୪୦ପ୍ରତିଶତକୁ ବୃଦ୍ଧି କରିଛି। କେବଳ ୨୦୨୨ରେ ଆମେରିକା ବିଦେଶକୁ ୨୦୫.୬ ବିଲିୟନ ଡଲାର ଯୁଦ୍ଧାସ୍ତ୍ର ବିକ୍ରି କରିଛି। ଆମେରିକାର ବିଭିନ୍ନ ଯୁଦ୍ଧାସ୍ତ୍ର ନିର୍ମାଣ କରୁଥିବା କମ୍ପାନୀମାନେ ପ୍ରତ୍ୟକ୍ଷ ଭାବେ ୧୫୩ବିଲିୟନ ଡଲାର ଯୁଦ୍ଧାସ୍ତ୍ର ବିକ୍ରି କରିଥିବା ବେଳେ ଆମେରିକା ୫୧.୯ବିଲିୟନ ଡଲାରର ଯୁଦ୍ଧାସ୍ତ୍ର ବିଭିନ୍ନ ଦେଶକୁ ବିକ୍ରି କରିଛନ୍ତି।

ବିଶ୍ୱରେ ମୋଟ ସାମରିକ ଖର୍ଚ୍ଚ ଅଟକଳ ୨ ଟ୍ରିଲିୟନ ଡଲରାକୁ ଟପିଛି। ଯୁଦ୍ଧାସ୍ତ୍ର କିଣାବିକା ବ୍ୟବସାୟରେ ସବୁଠୁ ଆଗରେ ରହିଛି ଆମେରିକା, ତା'ପରେ ଚାଇନା ଓ ତୃତୀୟରେ ରହିଛି ଭାରତ। ବିଶେଷ କରି କୋଭିଡ୍ ମହାମାରୀ ସମୟରେ ଯୁଦ୍ଧାସ୍ତ୍ର କିଣାବିକା ପ୍ରତିଯୋଗିତା ଅଧିକ ବୃଦ୍ଧି ପାଇଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଆମେରିକାର ପ୍ରତିରକ୍ଷା ସାମଗ୍ରୀ ନିର୍ମାତା କମ୍ପାନୀ ଲକିଡ ମାର୍ଟିନ ୪.୮ ବିଲିୟନ ଡଲାରର କଣ୍ଟ୍ରାକ୍ଟ ପାଇଛି। ୨୦୨୨ରେ ଆମେରିକା ୧୩.୯ ବିଲିୟନ ଡଲାର ଏଫ ୧୫ ଆଇଡି ଫାଇଟର୍ ଜେଟ୍ ଇଣ୍ଡୋନେସିଆକୁ, ୬.୯ ବିଲିୟନ ଡଲାର ମଲ୍ଟି ମିଶନ ସର୍ଫେସ କମ୍ବାଟ ସିପ ଗ୍ରିସକୁ, ୬ ବିଲିୟନ ଡଲାର ଏମ୍‌୧ଏ୨ ଆବ୍ରମସ ଟ୍ୟାଙ୍କ ପୋଲାଣ୍ଡକୁ ବିକ୍ରି କରିଛି। ଆବ୍ରମସ ଟ୍ୟାଙ୍କ, ବୋଇଙ୍ଗ ବିମାନ,ଏଫ-୧୫ ଯୁଦ୍ଧ ଜାହାଜଗୁଡ଼ିକ ଆମେରିକାର ଜେନେରାଲ ଡାଇନାମିକ କମ୍ପାନୀ ତିଆରି କରୁଥିବା ବେଳେ, ନୌଜାହାଜଗୁଡିକ ନିର୍ମାଣ କରୁଛି ଲକ୍ ହିଡ୍ ମାର୍ଟିନ କର୍ପୋରେଶନ। ଆମେରିକାର ଯୁଦ୍ଧାସ୍ତ୍ର ନିର୍ମାତା କମ୍ପାନୀମାନେ ସରକାରଙ୍କ ଅନୁମତିରେ ବିଦେଶକୁ ବିକ୍ରି କରିଥାନ୍ତି। ଏହାସହ ଏମ୍ବାସୀ ମାଧ୍ୟମରେ ମଧ୍ୟ ନିଜେ ସରକାର ବିଦେଶକୁ ଯୁଦ୍ଧାସ୍ତ୍ର ବିକ୍ରି କରୁଛନ୍ତି। ଆମେରିକାଠାରୁ ସର୍ବାଧିକ ଅସ୍ତ୍ରଶସ୍ତ୍ର କିଣୁଥିବା ଦେଶ ତାଲିକାରେ ପ୍ରଥମରେ ସାଉଦି ଆରବ ପରେ କ୍ରମାନ୍ୱୟରେ ଜାପାନ, ଅଷ୍ଟ୍ରେଲିଆ ଓ ଭାରତ ରହିଛନ୍ତି। ୨୦୨୨ପରେ ଭାରତ ରୁଷିଆରୁ କିଣୁଥିବା ଯୁଦ୍ଧାସ୍ତ୍ର ୩୭ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଆମେରିକା ଉପରେ ଅଧିକ ନିର୍ଭରଶୀଳ ହୋଇଛି। ଆଇଏସ୍‌ଆଇ ଆତଙ୍କୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମେରିକାରୁ ପାଖାପାଖି ୪୦ପ୍ରତିଶତ ଅସ୍ତ୍ର କିଣିଛନ୍ତି। ୨୦୨୩ ଏପ୍ରିଲ ସୁଦ୍ଧା ଆମେରିକା ସହ ଭାରତ ୩ଶହ ମିଲିୟନ ଡଲାରର ଯୁଦ୍ଧାସ୍ତ୍ର ରାଜିନାମା କରିଛି। ଆମେରିକା ପ୍ରତ୍ୟକ୍ଷ ହେଉ କିମ୍ବା ପରୋକ୍ଷରେ ଯୁଦ୍ଧାସ୍ତ୍ର ବେପାର କୂଟନୀତିରେ ନିଜ ଅର୍ଥନୀତିକୁ ସମୃଦ୍ଧ କରିବା ମୂଳଲକ୍ଷ୍ୟ ରଖିଛି।

ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭ କରିବା ପରେ ଅନେକଙ୍କ ସ୍ୱପ୍ନ ଥାଏ ସିଭିଲ ସର୍ଭିସ । ଏଥିରେ କୃତକାର୍ଯ୍ୟ ହୋଇ ଚାକିରି କରିବା ସୌଭାଗ୍ୟ ଖୁବ୍ କମ୍ ପାଇଥାନ୍ତି। ସେହିଭଳି ଜଣେ ହେଉଛନ୍ତି ରବି କପୁର। ସେ ଆଇଆର୍‌ଏସ୍ ଅଧିକାରୀ ହେବା ପରେ ୧୦ ବର୍ଷ ଚାକିରି କରି ତାହାକୁ ଛାଡ଼ି ଏବେ ୟୁପିଏସ୍‌ସି ଆଶାୟୀମାଙ୍କୁ ମାଗଣାରେ କୋଚିଂ ଦେଉଛନ୍ତି। ରବି ମଧ୍ୟ ଜଣେ ବଡ଼ିବିଲ୍ଡର, ପାୱାରଲିଫ୍ଟର ଏବଂ ତାଙ୍କର ମାର୍ଗଦର୍ଶନରେ ବର୍ତ୍ତମାନ ବହୁ ଛାତ୍ରୀଛାତ୍ର ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇପାରିଛନ୍ତି। ରବିଙ୍କ ଜନ୍ମ ଦିଲ୍ଲୀର ଏକ ସାଧାରଣ ପରିବାରରେ। ସେ ପ୍ରଥମେ ଜଣେ ପାୱାରଲିଫ୍ଟର ଭାବେ ୨୦୦୮ ଏସିଆନ ପାୱାର ଲିଫ୍ଟିଂରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ହେଲେ ତାହା ତାଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇ ସଫଳ ହେବା ପରେ ଆଇଆର୍‌ଏସ୍ ଅଧିକାରୀ ଭାବେ ଯୋଗ ଦେଇଥିଲେ । କିନ୍ତୁ ତାହାକୁ ଛାଡ଼ି ସେ ଆଶାୟୀମାନଙ୍କୁ ମାଗଣା କୋଚିଂ ଦେବା ଆରମ୍ଭ କରିଥିଲେ, ଯାହା ଏବେ ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ନଭେମ୍ବର ୧୯୯୮

- ଠିକାଦୁର୍ନୀତି ରୋକିବାକୁ କେନ୍ଦ୍ରୀୟ ଗୁଇନ୍ଦା କମିଶନ (ସିଭିସି) ସମସ୍ତ ସରକାରୀ ବିଭାଗ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୟୁନିଟ୍‌ଗୁଡ଼ିକ ଦ୍ୱାରା ଟେଣ୍ଡର ପରବର୍ତ୍ତୀ ବୁଝାମଣା ଉପରେ ନିଷେଧାଦେଶ ଜାରି କରିଛନ୍ତି।
- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ସମ୍ଭାବ୍ୟ ମହାଭିଯୋଗ ପ୍ରସ୍ତାବ ନେଇ କେନେଥ ଷ୍ଟାରଙ୍କ ଉଦ୍ୟମକୁ ବିରୋଧ କରି ତାଙ୍କ ନୀତିଶାସ୍ତ୍ର ପରାମର୍ଶଦାତା ସାମ ଦାଶ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନୈତିକ ଶିକ୍ଷାର ଆବଶ୍ୟକତା

ମହାଶୟ,

ଆଜିର ଶିଶୁ କାଲିର ନାଗରିକ। ଶିଶୁଙ୍କୁ ଯେଉଁଭଳି ଶିକ୍ଷା ଦିଆଯିବ, ସେମାନେ ସେହିଭଳି ଆଗକୁ ଅଗ୍ରସର ହେବେ। ଆଜିର ଦିନରେ ସମାଜରେ ଘଟୁଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପିଗଲାଣି। ଆମେ ବର୍ତ୍ତମାନ ଛଳନା ଓ ଅବିଶ୍ୱାସର ବାତାବରଣ ମଧ୍ୟରେ ବଞ୍ଚିରହିଛୁ। ଆମର ଅନ୍ତର୍ନିହିତ ସଦ୍‌ଗୁଣାବଳୀକୁ ଭ୍ରଷ୍ଟାଚାର ମାଡ଼ିବସିଛି। ଯଦି ସ୍କୁଲଗୁଡ଼ିକରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଆନ୍ତା ତା'ହେଲେ ପିଲାମାନେ ସତ୍ୟାଲୋକର ସନ୍ଧାନ ପାଇପାରନ୍ତେ। କାରଣ ନୈତିକ ଶିକ୍ଷା ବିନା ବ୍ୟକ୍ତି ଶିକ୍ଷିତ ହୁଏ ସିନା, ହେଲେ ସଦ୍‌ଗୁଣସଂପନ୍ନ ହୋଇପାରେ ନାହିଁ। ନୈତିକ ଶିକ୍ଷା ଦ୍ୱାରା ବ୍ୟକ୍ତି ସତ୍ୟବାଦୀ, ସଂଯମୀ, ଦୟାଶୀଳ, ଧର୍ମପରାୟଣ, ନିର୍ଲୋଭୀ ଓ ବିବେକୀ ହୋଇଥାଏ। ଫଳରେ ନୀତିନିଷ୍ଠ ବ୍ୟକ୍ତିମାନେ ନିଜ ଜୀବନରେ ଅତୁଳନୀୟ ଶାନ୍ତିର ଅଧିକାରୀ ହୋଇପାରନ୍ତି। ଫଳରେ ସେମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇଯାଆନ୍ତି। ତେଣୁ ବିଦ୍ୟାଳୟରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଗଲେ କୋମଳମତି ଶିଶୁମାନେ ଭବିଷ୍ୟତରେ ନୀତିନିଷ୍ଠ ହୋଇପାରିବେ, ଏଥିରେ ସନ୍ଦେହ ନାହିଁ।

-ଅଶୋକ ରାଉଳ, ଅଡ଼ଙ୍ଗ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହ ଅବସରରେ ନାଗା ନୃତ୍ୟ, ପାଇକ ଆଖଡ଼ା ଏବଂ ପାରମ୍ପରିକ ନୃତ୍ୟ ଓ ବାଦ୍ୟ ପରିବେଷଣ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, କଳିଙ୍ଗ ଡାକ୍ତରଖାନା ଛକ, ସକାଳ ୯ଟା।
- ସାଲିଆସାହି ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ, ସାଲିଆସାହି ମଇଳା ଟାଙ୍କି ଛକଠାରୁ, ପୂର୍ବାହ୍ନ ୧୦ଟା।
- ୨୬ତମ କଳିଙ୍ଗ ପୁସ୍ତକ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ଡ. ବିଦ୍ୟୁତ୍ ମହାନ୍ତିଙ୍କ ଗଳ୍ପ ପୁସ୍ତକ 'ପଣିକିଆ' ପାଠକାର୍ପଣ ଉତ୍ସବ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।
- କାର୍ତ୍ତିକ ହବିଷ ଆସର, ମା' ଖଣ୍ଡୁଆଳୀ ମନ୍ଦିର ପରିସର, ଶହୀଦ ନଗର, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ଅନନ୍ତ ମହାବୀରଙ୍କ ୧୨ତମ ବାର୍ଷିକ ଜନ୍ମ ଉତ୍ସବ ଉପଲକ୍ଷେ ଆୟୋଜିତ ଯଜ୍ଞର ପୂର୍ଣ୍ଣାହୁତି, ଅଣ୍ଡିଲୋ ଗ୍ରାମର ମନ୍ଦିର ପରିସର, ଅପରାହ୍ନ ୫ଟା।
- ୨୬ତମ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନର ଉଦ୍‌ଯାପନୀ ଅବସରରେ ବ୍ୟାସ ପୂଜା ଓ ଯଜ୍ଞର ପୂର୍ଣ୍ଣାହୁତି, ପ୍ରବଚନର ପ୍ରସଙ୍ଗ 'ଅଭିଷେକ ଚରିତ', ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ଅପରାହ୍ନ ୫ଟା।

# 'ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା'

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ପାଇକ ଆଖଡ଼ା ପ୍ରଦର୍ଶନ

ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଅନୁଷ୍ଠିତ ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାବାସୀଙ୍କୁ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଡ. ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା ଓ ସ୍ଥପତି। ଗଡ଼ଜାତ ରାଜ୍ୟଗୁଡ଼ିକୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ ଓ ଅନ୍ୟତମ। ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟର ପଟାନ୍ତର ନ ଥିଲା। ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାର ରୂପରେଖ ବଦଳିଥିଲା ଓ ବହୁବିଧ ବିକାଶ ହୋଇଥିଲା। ସେ ଛାତ୍ର ସମୟରେ ଦେଶକୁ ସ୍ୱାଧୀନ ଦେଖିବା ପାଇଁ ସ୍ନାତକ ପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ସ୍ୱାଧୀନ ଚେତନାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମର ଲଢ଼େଇରେ ଅନେକବାର କାରାବରଣ ଭୋଗିଥିଲେ। ମହତାବ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଜନଜାଗରଣ ସୃଷ୍ଟି କରିବାକୁ ଦୈନିକ ସମ୍ବାଦପତ୍ର 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ। ସ୍ୱାଧୀନତା ପରେ ଏହା ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପଦାରେ ପକାଇବାରେ ଅସ୍ତ୍ର ସଦୃଶ କାର୍ଯ୍ୟ କରୁଥିଲା ବୋଲି ରାଜ୍ୟପାଳ କହିଥିଲେ। ମହତାବ ତାଙ୍କର ରାଜନୈତିକ ଜୀବନ ବ୍ୟତୀତ ସାହିତ୍ୟ, ସଂସ୍କୃତିର ବିକାଶ ଓ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିଛନ୍ତି, ଯାହାକି ତାଙ୍କୁ ଓଡ଼ିଶାବାସୀ ସବୁଦିନ ପାଇଁ ମନେରଖିବେ। ଓଡ଼ିଶା ସାହିତ୍ୟକୁ ସମୃଦ୍ଧ କରିବା ଏବଂ ଓଡ଼ିଶାରେ ନୂଆ ନୂଆ ଲେଖକଙ୍କୁ ତିଆରି କରିବା ପାଇଁ ସେ 'ଝଙ୍କାର' ପତ୍ରିକା ପ୍ରକାଶ କରୁଥିଲେ। ସେହିପରି ସାହିତ୍ୟିକମାନଙ୍କୁ ଏକାଠି କରିବା ଲାଗି ବାର୍ଷିକ ବିଷୁବ ମିଳନ ଉତ୍ସବ ଆୟୋଜନ କରୁଥିଲେ। ଶିଳ୍ପ, ବାଣିଜ୍ୟ, ସଂସ୍କୃତିର ବିକାଶ ପାଇଁ ସେ ଥିଲେ ଓଡ଼ିଆଙ୍କ ଯୁଗପୁରୁଷ ବୋଲି ଛତିଶଗଡ଼ ରାଜ୍ୟପାଳ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ସ୍ଥାନରୁ ଢ଼ାଲ, ତଲୱାର ଧରି ପାରମ୍ପରିକ ବେଶପୋଷାକରେ ଆସିଥିବା ଶହ ଶହ ପାଇକଙ୍କୁ ରାଜ୍ୟପାଳ ହରିଚନ୍ଦନ ସେମାନଙ୍କ ପୂର୍ବପୁରୁଷଙ୍କ ଗୌରବ, ବୀରତ୍ୱ ଓ ଦିଗ୍‌ବିଜୟର କାହାଣୀ ବିଷୟରେ ମନେପକାଇଥିଲେ ଏବଂ ତାଙ୍କୁ ସେମାନଙ୍କ ପରି ଅନ୍ୟାୟ ଓ ଅନୀତି ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ସମିତିର ସାଧାରଣ ସମ୍ପାଦକ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।



ସମାରୋହରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଜଟଣୀ ବିଧାୟକ ସୁରେଶ ରାଉତରାୟ ଏବଂ ଅନ୍ୟ ଅତିଥିବୃନ୍ଦ।

# ଭିକାରିମୁକ୍ତ ଅଭିଯାନ: ବିଏମ୍‌ସିକୁ କେନ୍ଦ୍ରର ପ୍ରଶଂସା

ଭୁବନେଶ୍ୱର, ୨୧।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ କେନ୍ଦ୍ର ସରକାର ପ୍ରଶଂସା କରିଛନ୍ତି। ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ସହରକୁ ଭିକାରିମୁକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପକୁ କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଟୁଇଟ୍ କରି ପ୍ରଶଂସା କରାଯାଇଛି। ନିକଟରେ ବଞ୍ଜାରା ସମ୍ପ୍ରଦାୟର ଭିକାରିମାନଙ୍କୁ ବୁଝାଶୁଝା କରି ସେମାନଙ୍କ ରାଜ୍ୟକୁ ପଠାଯାଇଛି। ତେବେ ଲୁଚିଛପି ରହିଥିବା ଅନ୍ୟ ବଞ୍ଜାରାମାନଙ୍କୁ ଠାବ କରି ସେମାନଙ୍କୁ ନିଜ ନିଜ ରାଜ୍ୟକୁ ପଠାଇବା ପାଇଁ ବିଏମ୍‌ସି ପକ୍ଷରୁ ଉଦ୍ୟମ ଜାରି ରହିଛି।

ସୂଚନାଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ବଞ୍ଜାରା ସମ୍ପ୍ରଦାୟର ବହୁ ଲୋକ ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିଲେ। ଏମାନେ ମୁଖ୍ୟତଃ ବିଭିନ୍ନ ଟ୍ରାଫିକ ଛକରେ ଛୋଟ ପିଲାଙ୍କୁ ଧରି ପେନ୍, ଫୁଲ, ବେଲୁନ୍ ଆଦି ବିକ୍ରି କରିବା ସହ ଭିକ୍ଷାବୃତ୍ତି କରିଥାନ୍ତି। ସେମାନଙ୍କ ପାଇଁ ଅନେକ ସମୟରେ ଲୋକେ ଅସୁବିଧାରେ ପଡୁଛନ୍ତି। ସୁସ୍ଥ ସବଳ ଥାଇ ମଧ୍ୟ ସେମାନେ କୌଣସି କାମ ନ କରି ଭିକ୍ଷା ଭଳି ଏକ ସହଜ ବୃତ୍ତିକୁ ଆପଣେଇ ନେଇଥିବାରୁ ସେମାନଙ୍କୁ ବୁଝାଶୁଝା କରି ଟିମ୍ ବିଏମ୍‌ସି ନିଜ ନିଜ ରାଜ୍ୟକୁ ପଠାଉଛି। ବିଏମ୍‌ସି ଏବେ ପ୍ରତିଦିନ ବିଭିନ୍ନ ମନ୍ଦିର ଓ ଜନଗହଳି ସ୍ଥାନରୁ ଭିକାରୀମାନଙ୍କୁ ଉଦ୍ଧାର କରି ଥଇଥାନ କେନ୍ଦ୍ରରେ ରଖୁଛି। ବିଏମ୍‌ସିର ଏବେ ୫ଟି ଭିକାରୀ ଥଇଥାନ କେନ୍ଦ୍ର ରହିଛି। ଅନ୍ଧାରୁଆରେ ୩ଟି, ନୀଳାଦ୍ରି ବିହାରରେ ଗୋଟିଏ ଏବଂ ରଙ୍ଗ ବଜାରରେ ଗୋଟିଏ କେନ୍ଦ୍ର ରହିଛି। ପ୍ରତି କେନ୍ଦ୍ରରେ ୧୦୦ ଜଣ ଲେଖାଏ ଭିକାରୀ ରହିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ବିଦ୍ୟୁତ୍ ଆଲୋକ, ପାଇଖାନା, ପାନୀୟଜଳ, ଖାଦ୍ୟପେୟ ଆଦି ବ୍ୟବସ୍ଥା ରହିଛି। ୪ଟି ସ୍ୱେଚ୍ଛାସେବୀ ସଙ୍ଗଠନ ଏହି କେନ୍ଦ୍ରଗୁଡ଼ିକର ପରିଚାଳନା ଭାର ନେଇଛନ୍ତି। ଅପରପକ୍ଷେ ପାରିବାରିକ କଳହ କିମ୍ବା ମାନସିକ ବିକୃତି କାରଣରୁ ଘରଛାଡ଼ି ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ପରିବାର ସହିତ ଯୋଗାଯୋଗ କରି ବିଏମ୍‌ସି ସମସ୍ୟାର ସମାଧାନ କରିବା ସହ ପରିବାର ଲୋକଙ୍କ ଜିମା ଦେଇଆସୁଛି। ତେବେ ଭୁବନେଶ୍ୱରକୁ ସମ୍ପୂର୍ଣ୍ଣ ଭିକାରିମୁକ୍ତ କରିବା ପାଇଁ ଗୋଷ୍ଠୀ ସହଯୋଗ ନିହାତି ଆବଶ୍ୟକ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

## ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ବୈଠକ

ପୁରୀ, ୨୧।୧୧ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଓ ପଞ୍ଚୁକ ନୀତିକୁ ନେଇ ମଙ୍ଗଳବାର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁକରେ ଭକ୍ତମାନେ ସୁରୁଖୁରୁରେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ପଞ୍ଚୁକ ନୀତି ଶୃଙ୍ଖଳିତ ହେବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ହବିଷିଆଳି ଏବଂ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଯାଇଥିବା ବେଳେ ବୟସ୍କ ତଥା ଶାରୀରିକ ସମସ୍ୟା ଥିବା ବ୍ୟକ୍ତିଙ୍କ ବିଶ୍ରାମ ପାଇଁ ଏକ ସ୍ୱତନ୍ତ୍ର ସେଡ୍ ନିର୍ମାଣ କରାଯାଉଛି। ବୁଧବାର ଠାରୁ ନୀତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସୁଗମ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଭକ୍ତମାନେନେ ଯେପରି ଭଲ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ଚେଷ୍ଟିତ ରହିଛି।




ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ତୃତୀୟ ନୃତ୍ୟସୁଧା ନୃତ୍ୟ ଉତ୍ସବରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ମୌସମ ନନ୍ଦ)

## ଅଫିସ୍‌ରେ ପଶି ସ୍ତ୍ରୀଙ୍କୁ ଛୁରାମାଡ଼ ଘଟଣା

# ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଭୁବନେଶ୍ୱର,୨୧।୧୧
(ସତ୍ୟଜିତ୍ ରାଉତ)



ସପନ କୁମାର କର

ଭରତପୁର ଥାନା ଅଧୀନ ବରମୁଣ୍ଡାସ୍ଥିତ ଏକ ରିୟଲ୍ ଇଷ୍ଟେଟ୍ ସଂସ୍ଥାର ଅଫିସରେ ପଶି ସ୍ତ୍ରୀଙ୍କୁ ଛୁରାମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ସପନ କୁମାର କର (୩୫)ଙ୍କୁ ଗିରଫ କରିଛି। ସପନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଆକ୍ରମଣରେ ଗୁରୁତର ହୋଇଥିବା ସ୍ତ୍ରୀ ମଧୁସ୍ମିତା ଦାସ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଉତ୍ତରେଶ୍ୱର ଗ୍ରାମର ସପନ ୨୦୧୭ ଜୁଲାଇରେ ଖଇରା ଥାନା ଅନ୍ତର୍ଗତ ଅସୁରିଆ ଗ୍ରାମର ମଧୁସ୍ମିତାଙ୍କୁ ବିବାହ କରିଥିଲେ। ଏବେ ସେମାନଙ୍କର ୫ବର୍ଷର ପୁଅଟିଏ ଅଛି। ସ୍ତ୍ରୀଙ୍କ ପରକୀୟା ପ୍ରୀତି ନେଇ ସପନ ସନ୍ଦେହ କରିଥିଲେ। ୨୦୨୧ରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା। ଏହି ବିବାଦ ଭିତରେ ସପନଙ୍କ ବିରୋଧରେ ମଧୁସ୍ମିତା ଯୌତୁକ ନିର୍ଯାତନା ଅଭିଯୋଗ ଆଣି ସୋର ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ଅଛି। ଏହାପରଠୁ ମଧୁସ୍ମିତା ନିଜ ପୁଅ ସହ ବାପଘରେ ରହୁଥିଲେ। ସେପଟେ ପୁଣେସ୍ଥିତ ଏକ ବାର୍‌ରେ ରୋଷେୟା ଥିବା ସପନ ବଡ଼ବାପାଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଗତ ୭ତାରିଖରେ ଘରକୁ ଆସିଥିଲେ। ହେଲେ ମଧୁସ୍ମିତା ଶାଶୁଘରକୁ ନ ଆସିବାରୁ ସ୍ତ୍ରୀଙ୍କ ଉପରେ ସପନ ଅଧିକ ରାଗିଯାଇଥିଲେ। ମଧୁସ୍ମିତା ବରମୁଣ୍ଡାରେ ଏକ ରିୟଲ୍ ଇଷ୍ଟେଟ୍ ସଂସ୍ଥାରେ କାମ କରୁଥିବା ଜାଣି ସୋମବାର ସପନ ସେଠାକୁ ଆସି ଯୁକ୍ତିତର୍କ କରିବା ସହ ଛୁରାମାଡ଼ କରିଥିଲେ। ଏନେଇ ଅଫିସ କର୍ମଚାରୀ ପଞ୍ଚାନନ ନାୟକଙ୍କ ଏତଲା ଭିତ୍ତିରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଭାଜପାର ଜନ ଆକ୍ରୋଶ ସମାବେଶ

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଭାଜପା ପକ୍ଷରୁ ଜନଆକ୍ରୋଶ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ବରିଷ୍ଠ ଭାଜପା ନେତା ସଜନ ଶର୍ମା, କଟକ ଲୋକ ସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ବାରଙ୍ଗ ମଣ୍ଡଳ ପ୍ରଭାରୀ ସୁବଳ ବେହେରା, ଜିଲା କୃଷକ ମୋର୍ଚ୍ଚା ସଭ୍ୟ ଉତ୍କଳ ମନ୍ତ୍ରୀ, ପ୍ରଭାତ ମହାପାତ୍ର, ଗୋବିନ୍ଦ ସ୍ୱାଇଁ, ବୁଲୁ ସ୍ୱାଇଁ, ଦିଲୀପ ସ୍ୱାଇଁ, ବାଙ୍କବିହାରୀ ମାଝୀ, ନୀଳକଣ୍ଠ ମାଝୀ, ଦ୍ରୌପଦୀ ଦଳାଇଙ୍କ ସମେତ ନେତା ଓ କର୍ମୀ ସାମିଲ ହୋଇଥିଲେ। ତ୍ରିଶୂଳିଆ ଛକଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବାରଙ୍ଗ ବ୍ଲକ ନିକଟରେ ପହଞ୍ଚିଥିଲା। ଫାଟକ ସମ୍ମୁଖରେ ବିକ୍ଷୋଭ ସଭା କରି ରାଜ୍ୟରେ ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟାଚାରୀ ଓ ଅତ୍ୟାଚାରୀ ବିଜେଡି ସରକାରକୁ ହଟାଇବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୨୧।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ବରମୁଣ୍ଡା ଏନ୍ଏଚ୍ ନିକଟ ବିଏସ୍ଏନଏଲ୍ ଅଫିସ ଲେନ ପର୍ଯ୍ୟନ୍ତ ୱାର୍ଡ ନଂ.୫୦ରେ ବିଜୁ ଜନତା ଦଳ(ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ମେୟର ସୁଲୋଚନା ଦାସ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଓଡ଼ିଶା ଅଗ୍ରୋ ଇଣ୍ଡିଷ୍ଟ୍ରୀ କର୍ପୋରେଶନ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, ସ୍ଥାନୀୟ ପୂର୍ବତନ କର୍ପୋରେଟର ସୁଜିତ୍ ସ୍ୱାଇଁ, ଅଶ୍ୱିନୀ ସୁନ୍ଦରାୟ, କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଦୀପକ ମିଶ୍ର, ଶିବପ୍ରସାଦ ବେହେରା, ଶିବ ନାରାୟଣ ରାୟ, ଛବି ଦାସ, ଅଜିତ୍ ବେହେରା, ବିଜୁ ଯୁବଜନତା ଦଳ ଭୁବନେଶ୍ୱର ସଭାପତି ସମରେଶ ବେଉରା, ଏକାମ୍ର ଛାତ୍ର ସଭାପତି ଶିବ ପ୍ରସାଦ ମହାପାତ୍ର, ଯୁବ ସଭାପତି ରାଜେଶ ପାତ୍ର ଯୋଗଦେଇଥିଲେ।




ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

# ନିଃସ୍ୱାର୍ଥପର ବ୍ୟକ୍ତିତ୍ୱ ଶହୀଦ ଜୟୀ ରାଜଗୁରୁ

ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନଠାରେ ଶହୀଦ ଜୟୀ ରାଜଗୁରୁଙ୍କ ୨୮୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ୧୮୦୪ ପାଇକ ବିଦ୍ରୋହ-ଜୟୀ ରାଜଗୁରୁ, ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୋଜନା ବୋର୍ଡର ପ୍ରାକ୍ତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜୟୀ ରାଜଗୁରୁଙ୍କ ପାଇଁ ଓଡ଼ିଆ ଜାତି ସର୍ବଦା ଗର୍ବିତ । ତାଙ୍କୁ ଇଂରେଜ ବିରୋଧୀ ସଂଗ୍ରାମରେ ସହଯୋଗ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସବିଶେଷ ତଥ୍ୟ ଐତିହାସିକ ଓ ଗବେଷକମାନେ ଉନ୍ମୋଚନ କରିବା ଦରକାର ବୋଲି ଦାସବର୍ମା ପ୍ରକାଶ କରିଥିଲେ। ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ବିହାରର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ, ଅବସରପ୍ରାପ୍ତ ପ୍ରଫେସର ଡ. ନାରାୟଣ ରାଓ, ଡ. ଶତ୍ରୁଘ୍ନ ମଲ୍ଲିକ, ଡ. କାଳୀଚରଣ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କ ନିଃସ୍ୱାର୍ଥପର ଓ ନିର୍ଭୀକ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ୧୮୦୪ ବିଦ୍ରୋହରେ ସାମିଲ ଥିବା ବ୍ୟକ୍ତିବିଶେଷ କରୁଣାକର ମଙ୍ଗରାଜ ମହାପାତ୍ର, ଗୋବର୍ଦ୍ଧନ ପାତ୍ର, ପିନେଇ ଜେନା, ଭୋବନି ପାତ୍ର, ଦିଗମ୍ବର ଭୂୟାଁ, ପିଣ୍ଡିକୀ ବାହୁବଳେନ୍ଦ୍ରଙ୍କ ଉତ୍ତରାଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, କାଇପଦରସ୍ଥିତ ଶ୍ରୀଜଗନ୍ନାଥ କଲେଜ, ବାଲୁଗାଁ କଲେଜ, ପଣସପଦା ଯୁକ୍ତ୨ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଜୟୀ ରାଜଗୁରୁ ଓ ପାଇକ ବିଦ୍ରୋହ ସମ୍ପର୍କିତ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।



କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ଯୁବକ ମୃତ

ବୋଲଗଡ଼,୨୧।୧୧(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବୋଲଗଡ଼ ଥାନା ରାଜସୁନାଖଳା ନିକଟ ହଡ଼ାନଦୀ ପୋଲର ଅନତି ଦୂରରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଇଟାମାଟି ଥାନା ଭୁତଡ଼ି ଗ୍ରାମର ଗୌର ମାଧବ ବଳିୟାରସିଂହ। ସୂଚନା ମୁତାବକ, ରାଜସୁନାଖଳା ପଟୁ ଗୌରମାଧବ ନୟାଗଡ଼ ଅଭିମୁଖେ ରାଜପଥରେ ଯାଉଥିବାବେଳେ ହଡ଼ାନଦୀ ପୋଲଠାରୁ ଅନତି ଦୂରରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହେବାରୁ ଗୁରୁତର ହୋଇଥିଲେ। ଖବର ପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଗୌରମାଧବଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗ୍ରାମ ସଭାପତିଙ୍କୁ ଧମକ ଅଭିଯୋଗରେ ଯୁବକ ଗିରଫ

ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ): ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଚନ୍ଦ୍ରାପୁଟ ଗ୍ରାମରେ ଜଣେ ଯୁବକ ମାରଣାସ୍ତ୍ର ଦେଖାଇ ବଟି ଦେବା ପାଇଁ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମରଟୁନା ଦାସ। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ଟୁନା ମାରଣାସ୍ତ୍ର ଧରି ଗ୍ରାମବାସୀଙ୍କୁ ବଟି ଆଦାୟ ପାଇଁ ଧମକ ଦେଇଥିଲା। ଖବରପାଇ ଗ୍ରାମ ସଭାପତି ଗୋବିନ୍ଦ ଜାଲି ପହଞ୍ଚି ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଟୁନା ଧମକ ଦେଇଥିଲା। ଏନେଇ ଗୋବିନ୍ଦ ନାଭାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ପହଞ୍ଚି ଟୁନାଙ୍କୁ ଧରି ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୩୬/୨୩) ରୁଜୁକରି ଟୁନାଙ୍କୁ ଗିରଫ କରିଥିଲା।

### ଆକ୍ରମଣରେ ମହିଳା ଗୁରୁତର, ଦମ୍ପତି ଗିରଫ

ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ): ବାଲୁଗାଁ ଥାନା ଅଧୀନ କୁମ୍ଭୀରପଡ଼ା ଗ୍ରାମରେ ଏକ ପାଳଗଦାରେ ଅଗ୍ନିକାଣ୍ଡକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବଚସା ଏବଂ ପରବର୍ତ୍ତୀ ସମୟରେ ଆକ୍ରମଣ ଫଳରେ ଜଣେ ମହିଳା ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ଦମ୍ପତି ଉକ୍ତ ଗ୍ରାମର ରବୀନ୍ଦ୍ର ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ମମତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ବାଲୁଗାଁ ଥାନାରେ ଏକ ମାମଲା (ନଂ.୩୩୮/୨୩)ରୁଜୁ ହୋଇଛି। ସୂଚନା ମୁତାବକ, କୁମ୍ଭୀରପଡ଼ା ଗ୍ରାମର ବୁଦ୍ଧପ୍ରିୟା ପ୍ରଧାନ ଏବଂ ରବୀନ୍ଦ୍ର ପ୍ରଧାନଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ରକରି ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା। ସୋମବାର ବିଳମ୍ବିତ ରାତିରେ ବୁଦ୍ଧପ୍ରିୟାଙ୍କ ବାରିରେ ଥିବା ପାଳଗଦାରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ତେବେ ପୂର୍ବ ରାଗ ରଖି ରବୀନ୍ଦ୍ରଙ୍କ ପରିବାର ଉଦ୍ଦେଶ୍ୟମୂଳକ ଭାବେ ପାଳଗଦାରେ ନିଆଁ ଲଗାଇଥିବା ସନ୍ଦେହ କରି ବୁଦ୍ଧପ୍ରିୟା ତାଙ୍କୁ ପଚାରିବାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରବୀନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ବୁଦ୍ଧପ୍ରିୟାଙ୍କୁ ମାଡ଼ ମାରିଥିଲେ। ଫଳରେ ବୁଦ୍ଧପ୍ରିୟା ଗୁରୁତର ଆହତ ହୋଇଥିଲେ ।

# ଆଧୁନିକ ପ୍ରଣାଳୀରେ ମତ୍ସ୍ୟ ଉତ୍ପାଦନକୁ ଗୁରୁତ୍ୱ

## ବିଶ୍ୱ ମତ୍ସ୍ୟ ଦିବସ

ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ 'ବିଶ୍ୱ ମତ୍ସ୍ୟ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ମତ୍ସ୍ୟଜୀବୀ, ମତ୍ସ୍ୟ ସମବାୟ ସମିତିର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆୟୋଜକ ଜିଲା ମତ୍ସ୍ୟ ଅଧିକାରୀ (ଜୀବ ଓ ପ୍ରଯୁକ୍ତି) ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ବାଲୁଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ମୁଖ୍ୟବକ୍ତା ମତ୍ସ୍ୟ ବିଭାଗ ସହକାରୀ ନିବନ୍ଧକ ଉଦୟକର ବେହେରା ପ୍ରମୁଖ ଯୋଗଦେଇ ସମ୍ପ୍ରତି ବିଭିନ୍ନ କାରଣ ଯୋଗୁ ମତ୍ସ୍ୟ ଉତ୍ପାଦନ ହ୍ରାସ ଘଟୁଥିବା ବେଳେ ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ କିପରି ମତ୍ସ୍ୟ ଉତ୍ପାଦନରେ ଅଭିବୃଦ୍ଧି



ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ମତ୍ସ୍ୟଜୀବୀ, ମତ୍ସ୍ୟ ସମବାୟ ସମିତିର ସଦସ୍ୟ ଏବଂ ଅନ୍ୟମାନେ।

ଘଟିବ ଏବଂ ମତ୍ସ୍ୟଜୀବୀ ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ଜୀବନଯାପନ କରିବେ ସେ ଦିଗରେ ଆଲୋକପାତ କରିଥିଲେ। ସମଗ୍ର ବିଶ୍ୱରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ୧ନଂ. କରିବା ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ତଥା ପ୍ରତ୍ୟେକ ମତ୍ସ୍ୟ ସମବାୟ ସମିତିକୁ ୨ଲକ୍ଷ ଟଙ୍କାର ଋଣ, ୫ଲକ୍ଷ ଟଙ୍କାର ବୀମାକରଣ, ବାତ୍ୟା ସମୟରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଓ ରିହାତି ଉପରେ ଅବଗତ କରାଯାଇଥିଲା। ଏଥିସହିତ ଚିଲିକାରେ ମତ୍ସ୍ୟ ବଂଶ ବୃଦ୍ଧିରେ ବାଧା ସୃଷ୍ଟି କରୁଥିବା ସରୁ ଆଲିମ ଜାଲ ତଥା ଜିରୋ ନେଟ୍ ବ୍ୟବହାରରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ମହିଳାମାନେ ମଧ୍ୟ ଆଧୁନିକ ପ୍ରଣାଳୀରେ କିପରି ମତ୍ସ୍ୟଚାଷ ଓ ଶୁଖୁଆ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ଜୀବନଯାପନ କରିବେ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସମଗ୍ର ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ ଜିଲାରେ ମୋଟ ୧୪୬ଟି ପ୍ରାଥମିକ ସମବାୟ ସମିତି କାର୍ଯ୍ୟ କରୁଥିବା ବେଳେ ସେଥିମଧ୍ୟରୁ ଉନ୍ନତମାନର ମତ୍ସ୍ୟ ଉତ୍ପାଦନ ଓ ବ୍ୟବସାୟ କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତ ୪ଟି ସମବାୟ ସମିତି ତଥା ମହିଷା, ଗୌରାଙ୍ଗ ପାଟଣା, ଜାଗୁଲାଇ ସମିତି (ବାଲିନାସୀ), ଉତ୍ତରାୟଣୀ ସମିତି(ହାଟବରଡ଼ି)ଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ଚିନ୍ମୟୀ ଶୁଭସ୍ମିତା ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୋର ଧନ୍ୟବାଦ ଦେଇଥିଲେ। ଉମେଶ ଚନ୍ଦ୍ର ବିଶ୍ୱାଳ ଏବଂ ତ୍ରିଲୋଚନ ସେଠୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲାରୁ ବିଭିନ୍ନ ମତ୍ସ୍ୟଜୀବୀ ସମବାୟ ସମିତିର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଆଧ୍ୟାତ୍ମିକ ସଚେତନତାର ମାର୍ଗଦର୍ଶନ କରେ ପ୍ରବଚନ

ବୋଲଗଡ଼,୨୧।୧୧(ଦେବବ୍ରତ ହୋତା)

ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖ ମଣ୍ଡପରେ ଭାଗବତ ପ୍ରବଚନ ସପ୍ତାହ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦୀର୍ଘ ୩୩ବର୍ଷ ଧରି ପବିତ୍ର ଅଁଳାନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଆସୁଥିବା ଏହି ଭାଗବତ କଥାମୃତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ବହୁ ପ୍ରବଚକ ଯୋଗଦେଇ ନିଜ କଥାମୃତ ମାଧ୍ୟମରେ ଭାଗବତ ପ୍ରେମୀ ଜନତାଙ୍କୁ ଆଧ୍ୟାତ୍ମିକ ସଚେତନତାର ମାର୍ଗ ଦର୍ଶନ କରାଇବେ। ବୋଲଗଡ଼ ଗ୍ରାମବାସୀ ଓ ପ୍ରବଚନ ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଭାଗବତ ମହାତ୍ମ୍ୟ ଓ କପିଳ ସମ୍ବାଦ, ଦକ୍ଷଯଜ୍ଞ ଓ ଧ୍ରୁବ ଚରିତ, ଅଜାମିଳ ଉପାଖ୍ୟାନ ଓ ପ୍ରହଲ୍ଲାଦ ଚରିତ, ଗଜ କୁମ୍ଭୀର ଉପାଖ୍ୟାନ ଓ ରାମକୃଷ୍ଣଙ୍କ ଧରାବତରଣ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଓ ରୁକ୍ମିଣୀ ବିବାହ, ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଲୀଳା ଓ ଭକ୍ତ ସୁଦାମା ପ୍ରସଙ୍ଗ, କଳିଯୁଗ ବର୍ଣ୍ଣନ ଓ ପରୀକ୍ଷିତ ମୋକ୍ଷ ଆଦି ପ୍ରସଙ୍ଗରେ ପଣ୍ଡିତ ସନ୍ତୋଷ କର, ଗୋପାଳ ଚନ୍ଦ୍ର ରାୟଗୁରୁ, ପ୍ରଶାନ୍ତ ଚାନ୍ଦ ଏବଂ ଡ.ଗୁରୁପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରବଚେନ ଦେବାର କାର୍ଯ୍ୟକ୍ରମ ରହିଛି।

# 'କବିଙ୍କ ଲେଖନୀ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୨୧।୧୧(ଦେବବ୍ରତ ହୋତା)

କବିଙ୍କ ଲେଖନୀ ସମାଜରେ ବିପ୍ଳବ ଆଣିବା ସହ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ମଙ୍ଗଳବାର ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ କୁମାର ପଟ୍ଟଶାଣୀ ଯୋଗଦେଇ ଏହା କହିଛନ୍ତି। ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନଙ୍ଗ ନରେନ୍ଦ୍ର ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଶିକ୍ଷାବିତ୍ କାଳୀଚରଣ ଜୟସିଂହଙ୍କ ୮୧ତମ ଜନ୍ମଜୟନ୍ତୀ ଅବସରରେ ଆୟୋଜିତ ହୋଇଥିଲା। ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ଜିଲାପାଳ ଡ. ନିରଞ୍ଜନ ସାହୁ ଓ ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ଡ. ଦାଶ ବେନହୁର, ସମ୍ମାନିତ ଅତିଥିଭାବେ ଗବେଷକ ପଣ୍ଡିତ ଡ. ଚନ୍ଦ୍ରଶେଖର ଦାଶ, ଶୈକ୍ଷିକ ଶିକ୍ଷା ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦିକା କୁମୁଦିନୀ ଜୟସିଂହ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟ ସଂସଦର ସମ୍ପାଦକ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ ସାହିତ୍ୟ ପତ୍ରିକା 'ଅନଙ୍ଗାୟନ' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସିତୁପ୍ରସାଦ ହୋତାଙ୍କ ସଂଯୋଜନାରେ ଶତାଧିକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସାମ୍ବାଦିକ ବନବିହାରୀ ବେହେରାଙ୍କ ସମେତ ୧୪ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର କୋଷାଧ୍ୟକ୍ଷ ଶିକ୍ଷକ ପଦ୍ମନାଭ ଖଟେଇ ଧନ୍ୟବାଦ ଦେଇଥିଲେ।ସଂସଦର କୋଷାଧ୍ୟକ୍ଷ ଶିକ୍ଷକ ପଦ୍ମନାଭ ଖଟେଇ ଧନ୍ୟବାଦ ଦେଇଥିଲେ।

## ୨୭ରେ ଜହ୍ନିକୁଦା ବୋଇତ ବନ୍ଦାଣ ଉତ୍ସବ

କୃଷ୍ଣପ୍ରସାଦ,୨୧।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଗ୍ରାମ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ୨୭ ତାରିଖରେ ଜହ୍ନିକୁଦା ଘାଟପେଣ୍ଠଠାରେ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ମୁଖ୍ୟ ପୀଠାଧୀଶ ମୋହନ ଗୋସ୍ୱାମୀଙ୍କ ପୀଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ବୋଇତ ବନ୍ଦାଣ ଉତ୍ସବ ହେବ। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଦିବଂଗତ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ବୋଇତ ବନ୍ଦାଣ ଉତ୍ସବ ୧୬ ବର୍ଷରେ ପଦାର୍ପଣ କରିବ। ଏହି ବନ୍ଦାଣ ଉତ୍ସବ ଅବସରରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ଭୁବନେଶ୍ୱର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଜହ୍ନିକୁଦା ଗ୍ରାମ କମିଟି ସଭାପତି ଶରତ ଚନ୍ଦ୍ର ପଲେଇ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ କମିଟି ସମ୍ପାଦକ ଅନନ୍ତ କୁମାର ମୁଦୁଲି, ଉତ୍ତମ କୁମାର ତରେଇ, ଗଣେଶ କୁମାର ତରେଇ, ଦୀପକ କୁମାର ପରିଡ଼ା, ରବୀନ୍ଦ୍ର ନାଥ ତରେଇ, ସୀମାଞ୍ଚଳ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ରାଧାପାଦ ଦର୍ଶନକଲେ ଶ୍ରଦ୍ଧାଳୁ

ଜଟଣୀ,୨୧।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ରଥିପୁରଗଡ଼ ସ୍ଥିତ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀରାଧାଙ୍କ ଓଡ଼ିଆଣୀ ବେଶ ଦେଖିବା ପାଇଁ ମଙ୍ଗଳବାର ସକାଳେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ରାଧା ପାଦ ଦର୍ଶନ କରି ଭକ୍ତ ଧନ୍ୟ ମନେ କରିଥିଲେ। ଅଁଳାନବମୀ ଦିନ ରାଧା ପାଦ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଅଁଳା ନବମୀ ଅବସରରେ ଗ୍ରାମ୍ୟ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ



ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରଦ୍ଧାଳୁଙ୍କୁ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ବାନ୍ଧି ରଖିବା ପାଇଁ ମନ୍ଦିର କମିଟି ପକ୍ଷରୁ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ଶ୍ରଦ୍ଧାଳୁଙ୍କ ପାଇଁ ସାମାଜିକ ନାଟକ ପରିବେଷଣ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜଟଣୀ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରୀରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଏବଂ ରାଧାକାନ୍ତ ଦେବ ମନ୍ଦିର ପରିଚାଳନା କମିଟି କଣ୍ଟିଆ ପକ୍ଷରୁ ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଭଜନ ଏବଂ ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ବିଜ୍ଞାନ ମେଳାରେ ୩୦ ପ୍ରକଳ୍ପ ପ୍ରଦର୍ଶିତ

ବେଗୁନିଆ,୨୧।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ୍ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାୟୁ ପ୍ରଦୂଷଣ, ସ୍ୱଚ୍ଛଜଳ, ପରିବେଶ, ଗଛ, ବିଦ୍ୟୁତ୍ ଉତ୍ପାଦନ ଆଦି ଅନେକ ପ୍ରକଳ୍ପ ଏବଂ ତାର ମୂଲ୍ୟବୋଧ ସମ୍ପର୍କରେ କୁନି ବୈଜ୍ଞାନିକମାନେ ବିଚାରକଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁ ମେଳାର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାରୁଅ-ଜୟମଙ୍ଗଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଷ୍ଟାର ସଭାପତି ଗଣେଶ୍ୱର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।



ବିଜ୍ଞାନ ମେଳାରେ ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର ।

କପିଳେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତଥା ଓଷ୍ଟା ଉପସଭାପତି ଶ୍ରୀନିବାସ ମିଶ୍ର ମୁଖ୍ୟବକ୍ତା ଏବଂ ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧାକର ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରତିଟି ମୁହୂର୍ତ୍ତରେ ବିଜ୍ଞାନର ଆବଶ୍ୟକ ପଡିଥାଏ। ଯାହା ବଳରେ ଭାରତ ବର୍ଷ ଆଜି ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ ହୋଇପାରିଛି ବୋଲି ଅତିଥି ମିଶ୍ର କହିଥିଲେ। ପରେ ବିଚାରକଙ୍କ ଦ୍ୱାରା ଚୟନ କରାଯାଇଥିଲା। ଏଥିସହ ତୃତୀୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଶିଶିର କୁମାର ଦାସ, ଅଭୟ କୁମାର ସୁବୁଦ୍ଧି, ଶିକ୍ଷୟିତ୍ରୀ ଲୋପା ମୁଦ୍ରା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚଉରାମୂଳେ ହବିଷିଆଳି ପାଳିଲେ ବ୍ରତ

ନିରାକାରପୁର,୨୧।୧୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ହବିଷିଆଳିମାନଙ୍କ ଦ୍ୱାରା ବ୍ରତ ପାଳନ କରାଯାଇଛି। ଏହି ଅବସରରେ ବ୍ରତଧାରୀମାନେ ସକାଳେ ଚଉରା ମୂଳେ ସଙ୍କଳ୍ପ କରି ଅଂଳାନବମୀ ଉପଲକ୍ଷେ ମନ୍ଦିରକୁ ଯାଇଁ ରାଧା ପାଦ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଚଉରା ମୂଳେ ହବିଷ ଅନ୍ନ କରି ଗ୍ରାମର ବୃଦ୍ଧା ଏବଂ ଛୋଟ ପିଲାମାନଙ୍କୁ ପରିସିବା ପରେ ନିଜେ ହବିଷ ଅନ୍ନ ସେବନ କରିଥିଲେ। କାହିଁ କେଉଁକାଳରୁ ଏଠାରେ ଏହି ପରମ୍ପରା ରହିଆସିଛି।

## ଯୌତୁକ ଦାବିରେ ମହିଳାଙ୍କୁ ମାରିଦେଲେ, ୩ ଗିରଫ

ଗମ୍ଭାରୀମୁଣ୍ଡା,୨୧।୧୧(ଦିଲୀପ ସ୍ୱାଇଁ)

ଯୌତୁକ ଦାବିରେ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ବିଷ ଦେଇ ମାରିଦେଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ବାଣପୁର ଥାନା ଅନ୍ତର୍ଗତ ତୋରସିଂହ ଗ୍ରାମର ପୂଜା ଜେନା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୨/୨୩) ରୁଜୁକରି ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମୃତାଙ୍କ ସ୍ୱାମୀ ରାଜା ଓରଫ ଶ୍ରୀଧର ଭୋଳ, ଶାଶୁ ରଞ୍ଜନା ଭୋଳ ଓ ଦେବରାଜ ଭୋଳ। ଅଭିଯୋଗ ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଚାଷଙ୍ଗରା ଗ୍ରାମର ପୂଜା ତୋରସିଂହ ଗ୍ରାମର ରାଜାଙ୍କୁ ଦେଢ଼ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୌତୁକ ଦାବିରେ ଶାଶୁଘର ଲୋକେ ପୂଜାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏନେଇ ଗତ ୧୮ ତାରିଖ ରାତି ୯ଟାରେ ପୂଜା ବାପଘର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହା ପରେ ରାତି ୧୦ଟାରେ ପୂଜାଙ୍କ ବାପଘରଲୋକେ ରାଜାଙ୍କ ଘରେ ପହଞ୍ଚିଥିଲେ ମଧ୍ୟ ଘର ଭିତରେ ପୂରାଇ ନ ଥିଲେ। ପୂଜାଙ୍କ ହାତରୁ ରକ୍ତ ବାହାରୁଥିବାରୁ ଶାଶୁଘରୁ ତାଙ୍କୁ ନେଇଯିବାକୁ ନିବେଦନ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ପୂଜାଙ୍କୁ ଗୁରୁତର ଅବସ୍ଥାରେ ଶ୍ୱଶୁରଘର ଲୋକେ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପୂଜାଙ୍କ ମୃତ୍ୟୁ ହୋଇଥିବା ବାପଘର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ପୂଜାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମାର୍ଥାପୁରକୁ ହରାଇ ଭାଲିଆବାଡ଼ି କ୍ଲବ ବିଜୟୀ

## ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)

କୁମାରବସ୍ତ ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ୩୭ତମ ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ମାର୍ଥାପୁର କ୍ଲବକୁ ହରାଇ ଭାଲିଆବାଡ଼ି କ୍ଲବ ଖୋର୍ଦ୍ଧା ବିଜୟୀ ହୋଇଛି। ଟସ୍ ଜିତି ମାର୍ଥାପୁର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲକ୍ଷ୍ମୀଧର ସାହୁ ୨୦ ବଲରେ ୪୫ ଓ ଦେବାନନ୍ଦ ବେହେରା ୩୩ ବଲରୁ ୨୯ ରନ୍ କରିଥିଲେ। ଭାଲିଆବାଡ଼ି ଦଳ ପକ୍ଷରୁ ଇମ୍ରାନ୍ ଖାଁ ୩ଟି ଉଇକେଟ, ଶାନ୍ତନୁ ଦାସ ଓ ନିର୍ବୀଶଙ୍କର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାଲିଆବାଡ଼ି ଟିମ୍ ୧୬.୪ ଓଭରରେ ୪ ଉଇକେଟ ହରାଇ ୧୬୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ନିର୍ବୀଶଙ୍କର ବାରିକ ୩୮ ବଲରୁ ୭୯ ଓ ସଂଗ୍ରାମ ସାମନ୍ତରାୟ ୩୦ ବଲରୁ ୨୨ ରନ୍ କରିଥିଲେ। ମାର୍ଥାପୁର ଟିମ୍‌ର ଆଶିଷ ସାହୁ ଓ ପରେଶ ବେହେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଅତିଥିଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରୋହିତ୍ ରଞ୍ଜନ ରାୟ ଯୋଗଦେଇ ବିଜୟୀ ଟିମ୍‌ର ନିର୍ବୀଶଙ୍କର ବାରିକଙ୍କୁ ପୁରସ୍କୃତ କରିଥିଲେ। ଦୁର୍ଯ୍ୟୋଧନ ପରିଡ଼ା, ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ଜନ୍ମେଜୟ ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ପଞ୍ଚାୟତ କ୍ଲବ ଅତ୍ରି ଓ ଭାଲିଆବାଡ଼ି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ପାଇକ ସଂଗ୍ରାମର ମୂଳଦୁଆ ପକାଇଥିଲେ ଜୟୀ ରାଜଗୁରୁ

ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)

ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ୨୮୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଜୟୀ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଙ୍ଗିଆପଡା ସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ଆବାହକ ଡ.ଧିରେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱ ଭାଷଣରେ ଜୟୀ ରାଜଗୁରୁଙ୍କ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜୟୀ ରାଜଗୁରୁଙ୍କ ଦେଶପ୍ରୀତି, ମାତୃଭୂମି ପ୍ରତି ନିଷ୍ଠା ଅତୁଳନୀୟ। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବା ସମୟ ଆସିଛି। ସମସ୍ତଙ୍କ ମଧ୍ୟରେ ସମନ୍ୱୟତା ଏବଂ ପରସ୍ପର ପ୍ରତି ସ୍ନେହ ଶ୍ରଦ୍ଧା ଭାବ ରହିଲେ ଦେଶରେ ବିକାଶ ହେବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ସମବାୟବିତ୍ ବିମଳ ଷଡ଼ଙ୍ଗୀ କହିଥିଲେ, ଜୟୀ



ରାଜଗୁରୁଙ୍କ ଫାଶି ଦଣ୍ଡାଦେଶକୁ ନେଇ ଆଜି ମଧ୍ୟ ଦ୍ୱନ୍ଦ୍ୱ ରହିଛି। ଜୟୀ ରାଜଗୁରୁ ନିଜ ରାଜ୍ୟ ଏବଂ ରାଜାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଥିଲେ। ତେଣୁ ନିଜ ମାଟି, ମାତୃଭୂମିର ବିକାଶ ଗୁରୁତ୍ୱ ଦିଅ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ ଡ.ବୃନ୍ଦାବନ ପଣ୍ଡା ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଓଡ଼ିଶା ସ୍ୱାଧୀନତା ସଂଗ୍ରାମରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ମୁଖ୍ୟ ବକ୍ତା ସାମାଜିକକର୍ମୀ ତଥା ଖବରଦାତା ପ୍ରଭାତ ପାଣିଗ୍ରାହୀ କହିଥିଲେ, ତିଥି ଅନୁସାରେ ଅଳାଁ ନବମୀରେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ପିଲାବେଳୁ ସ୍ୱାଧୀନଚେତା ଏବଂ ନିର୍ଭିକ ଥିଲେ। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜ ଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜାଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନ ସ୍ୱରୂପ ମରହଟା ମାନେ ଗଜପତିଙ୍କ ଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜ ପ୍ରତିଶ୍ରୁତି ରକ୍ଷା କରିଲେ ନାହିଁ। ୧୮୦୪ ମସିହାରେ ଜୟୀ ରାଜଗୁରୁ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଇଂରେଜ ବିରୋଧରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଭାରତ କିମ୍ବା ଓଡ଼ିଶା ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଇତିହାସରେ ମଧ୍ୟ ଜୟୀରାଜଗୁରୁଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। କଲେଜ ପ୍ରଶାସକ ଅରୁଣ ଦାସ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧୧।୨୦୨୩

| | |
|---|---|
| ୬,୯୩,୬୬୩ ଟଙ୍କା | |
| ସୁନା | ୬୦୦ ମିଲିଗ୍ରାମ୍ |
| ରୁପା | ୧୫.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ବୈଠକ

ପୁରୀ, ୨୧।୧୧ (ଅଜିତ୍ ମହାନ୍ତି):

ଶୃଙ୍ଖଳିତ ଦର୍ଶନ ଓ ପଞ୍ଜିକ ନୀତିକୁ ନେଇ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକରେ ଭକ୍ତମାନେ ସୁରୁଖୁରୁରେ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ପଞ୍ଜିକ ନୀତି ଶୃଙ୍ଖଳିତ ହେବ ତାହାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଲ ସିଂହ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥାପିତ କରାଯାଇଥିବା ପ୍ରସ୍ତାବଗୁଡିକ ଉପରେ ଆଲୋଚନା କରାଯାଇ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହବିଷିଆଳି ଏବଂ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ପାଇଁ ସାମୂହିକ ଶୌଚାଳୟର ବ୍ୟବସ୍ଥା କରାଯାଇଥିବା ବେଳେ ବୟସ୍କ ତଥା ଶାରୀରିକ ସମସ୍ୟା ଥିବା ବ୍ୟକ୍ତିଙ୍କ ବିଶ୍ରାମ ପାଇଁ ଏକ ସ୍ୱତନ୍ତ୍ର ସେଡ୍ ନିର୍ମାଣ କରାଯାଉଛି। ବୁଧବାର ଠାରୁ ନୀତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସୁଗମ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଭକ୍ତମାନେନେ ଯେପରି ଭଲ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ଚେଷ୍ଟିତ ରହିଛି। ସମସ୍ତେ ମହାପ୍ରଭୁଙ୍କ ଭଲରେ ଦର୍ଶନ କରି ପୂଣ୍ୟଲାଭ କରନ୍ତୁ ବୋଲି ମୁଖ୍ୟ ପ୍ରଶାସନ ଦାସ କହିଛନ୍ତି। ସୂଚନାଥାଉକି, ବିଗତ ବର୍ଷମାନଙ୍କ ତୁଳନାରେ ଚଳିତ ବର୍ଷ କାର୍ତ୍ତିକ ମାସରେ ଭକ୍ତଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ଅନ୍ୟମାନେ ।

## ବାଳିକା କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ପିପିଲି,୨୧।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି କଲେଜ ଖେଳପଡ଼ିଆରେ ରାଜ୍ୟ ଜୋନ୍‌ସ୍ତରୀୟ ବାଳିକା କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପିପିଲି କଲେଜର ପରିଚାଳନା କମିଟି ଅଧ୍ୟକ୍ଷା ଡ. ପ୍ରତିଭା ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଜେବି ଅଟୋନୋମସ୍, ବାଙ୍କୀ, ଅଡ଼ଶପୁର ୟୁଏନ୍, ବଳଙ୍ଗା, ନିମାପଡ଼ା ଅଟୋନୋମସ୍, ଦୟାବିହାର ସମେତ ୬ଟି କଲେଜର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶାରୀରିକ ମାନସିକ ବିକାଶ ପାଇଁ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ଜରୁରୀ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ପିପିଲି କଲେଜ ଅଧ୍ୟକ୍ଷ ତପନ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ କଲେଜ ଅଧ୍ୟକ୍ଷ ଶିବପ୍ରସାଦ ମିଶ୍ର, ପିପିଲି ବ୍ଲକ ଲୋକ ସଭା ପ୍ରତିନିଧି ନାରାୟଣ ସ୍ୱାଇଁ, ବରିଷ୍ଠ ପ୍ରାଧ୍ୟାପକ ଭବେଶ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାକୁ ଅଧ୍ୟାପକ ଡ. ସଂଗ୍ରାମ କେଶରୀ ପରିଡ଼ା ଓ ଖେଳ ଶିକ୍ଷୟିତ୍ରୀ ସରସ୍ୱତୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧ୍ୟାପକ ଶରତ ପ୍ରଧାନ, ଡ. ସଚିକାନ୍ତ ନାୟକ, ଭାରତୀ ଭୂଷଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ୬ଟି ଦଳ ମଧ୍ୟରେ ପ୍ରତିଯୋଗିତା ହୋଇ ଶେଷରେ ବାଙ୍କୀ କଲେଜ ଛାତ୍ରୀଙ୍କୁ ମାତ୍ ଦେଇ ଭୁବନେଶ୍ୱର ବିଜେବି ଅଟୋନୋମସ୍ କଲେଜ ଛାତ୍ରୀ ଚାମ୍ପିୟନ ହୋଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ଅନ୍ୟ କଲେଜର ଚାମ୍ପିୟନ ସହ ବିଜେବି ଅଟୋନୋମସ୍ କଲେଜ ଛାତ୍ରୀଙ୍କ ମୁକାବିଲା ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।




ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ଚଢ଼ାଉରେ ୧୦୦ ବୋତଲ ମଦ, ଭାଙ୍ଗ ଜବତ, ୩ ଗିରଫ

ନିମାପଡ଼ା,୨୧।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପୋଲିସ ନିମାପଡ଼ା ଓ ବଳଙ୍ଗା ଥାନା ଅଞ୍ଚଳରେ ଚଢ଼ାଉ କରି ୩ ମଦ ଓ ଭାଙ୍ଗ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ରେଘାଳୋଗ୍ରାମର କାଳନ୍ଦୀ ସେଠୀ, ବଳଙ୍ଗା ଥାନା ଅଧୀନ ବାଲିଆଶାସନ ଗ୍ରାମର ସଞ୍ଜୟ ମାଝି, ତେରହଳ ଗ୍ରାମର ବିହାରୀ ସେନାପତି। ପୋଲିସ ଏମାନଙ୍କଠାରୁ ୧୦୦ ମଦ ବୋତଲ, ୧୨ କେ.ଜି. ଭାଙ୍ଗ ଜବତ କରିଛି। ଜବତ ମଦ ଓ ଭାଙ୍ଗର ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ପୋଲିସ ୧୨୮/୨୩-୨୪, ୧୨୯/୨୩-୨୪, ୧୩୦/୨୩-୨୪ରେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

### ସାକ୍ଷରତା, ସଂଖ୍ୟା ଜ୍ଞାନ ସପ୍ତାହ ଉଦ୍‌ଯାପିତ

ପିପିଲି,୨୧।୧୧(ଦୁର୍ଗା ମାଧବ ମିଶ୍ର)

ସରକାରଙ୍କ ନିର୍ଦ୍ଦେଶାନୁସାରେ ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ସରକାରୀ ବିଦ୍ୟାଳୟ ଅଡଙ୍ଗପଡ଼ା, ଶିଉଳା, ତଲଉ, କୁଞ୍ଜର, କଣ୍ଟାପଡ଼ା ଆଦି ପ୍ରାଥମିକ ବିଦ୍ୟାଳୟ ଏବଂ ହରିଅନ୍ତା ପିୟୁପି, ଆରୁହା ୟୁଜିୟୁପି, ଗୋବିନ୍ଦପୁର ନୋଡାଲ ୟୁପି, ନୀଳକଣ୍ଠ ନୋଡାଲ ସ୍କୁଲରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସିଆରସିସି ଚିନ୍ତାମଣି ଓଝା ଏଥିରେ ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ଗପ କହିବା ଆଦିକୁ ଶିକ୍ଷୟିତ୍ରୀ ଶିକ୍ଷକ ଆକର୍ଷଣୀୟ ଏବଂ ଅଭିନବ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଖେଳ ପଦ୍ଧତିରେ ଶିକ୍ଷାଦାନ କରାଇଥିଲେ। ଏଫ୍‌ଏଲ୍‌ଏନ୍ ଶ୍ରେଣୀର ପିଲାଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ପର୍ଯ୍ୟାପ୍ତ ଟିଏଲ୍‌ଏମ୍ ଦେଇ ଖେଳ ଓ ଅଭିନୟ ମାଧ୍ୟମରେ ଶିକ୍ଷାଦାନ କରିବା ଦ୍ୱାରା ପାଠପଢ଼ା ଆନନ୍ଦଦାୟକ ହେବା ସହ ପିଲାଙ୍କ ପାଠ ପ୍ରତି ଆଗ୍ରହ ବଢ଼ୁଥିବା ଦେଖାଯାଇଥିଲା।

### ଭାରତ ବିକାଶ ପରିଷଦର ଅବଢ଼ା ଟଙ୍କତୋରାଣି ବଣ୍ଟନ

ସାକ୍ଷୀଗୋପାଳ,୨୧।୧୧(ଭରତ ରାଉତ)

ପବିତ୍ର ଅଁଳା ନବମୀ ଅବସରରେ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସାକ୍ଷୀଗୋପାଳରେ ମା' ଶ୍ରୀରାଧାଙ୍କ ପାଦ ଦର୍ଶନ ନିମନ୍ତେ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଦର୍ଶନରେ ସହଯୋଗ କରିଥିଲେ। ଏଥିସହ ଅବଢ଼ା ଟଙ୍କତୋରାଣି ବଣ୍ଟନ, ସର୍ବତ ଓ ପାନୀୟ ଜଳ ବଣ୍ଟନ ଆଦି ସେବା ଯୋଗାଇଥିଲେ। ଭାରତ ବିକାଶ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ, ଓଡ଼ିଶା ପୂର୍ବପ୍ରାନ୍ତ ମିଡିଆ ପ୍ରଭାରୀ ନୀହାର ରଞ୍ଜନ ସ୍ୱାଇଁ, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୃଷ୍ଠପୋଷକ ସୁନାକର ପତି, ଉପସଭାପତି ବିଷ୍ଣୁ ମହାରଣା, ସାଧାରଣ ସଚିବ ନବଘନ ଶତପଥୀ, ଅର୍ଥ ସଚିବ ବିଜୟ ପରିଡ଼ା, ବ୍ରଜକିଶୋର ପାଇକରାୟ, ଦେବରାଜ ନାୟକ, ପରେଶ ମହାନ୍ତି ପ୍ରମୁଖ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଇଁ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ।

# ରାଧାପାଦ ଦର୍ଶନ କରିବାକୁ ମନ୍ଦିରରେ ଭିଡ଼



ଅଁଳା ବୃକ୍ଷକୁ ବ୍ରତଧାରୀମାନେ ପୂଜାର୍ଚ୍ଚନା କରୁଛନ୍ତି ।

ଅସ୍ତରଙ୍ଗ,୨୧।୧୧(ପ୍ରଦୀପ୍ତ ଦୀକ୍ଷିତ)

ଓଡ଼ିଆଣୀ ବେଶରେ ରାଧାରାଣୀ। ନଟବର ବେଶରେ ଶ୍ରୀକୃଷ୍ଣ। ଏଭଳି ସୁନ୍ଦର ବେଶ ଦେଖିବାକୁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ରାଧାଙ୍କ ପାଦ ଦର୍ଶନ କରି ସୌଭାଗ୍ୟ ପ୍ରାପ୍ତି କରିବା ସହ ଭକ୍ତ ମନ୍ଦିର ନିକଟ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରିଥିଲେ। ଧାର୍ଯ୍ୟ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୪ରୁ ଦ୍ୱାରଫିଟା ନୀତି ପାଳନ ହୋଇଥିଲା। ପରେ ମଙ୍ଗଳଆଳତି, ମଇଲମ, ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ପରେ ସକାଳୁ ଭକ୍ତ ଧାଡ଼ିରେ ଯାଇ ରାଧାଙ୍କ ପାଦ ଦର୍ଶନ କରିଥିଲେ। ପବିତ୍ର ଅଁଳା ନବମୀ ପାଇଁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରଦ୍ଧାଳୁ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କରିଛନ୍ତି। ବ୍ରତଧାରୀ ବୃକ୍ଷରେ ଶଙ୍ଖା, ଚୁଡ଼ି ବାନ୍ଧି ନିଜର ମଙ୍ଗଳ ମନାସିଛନ୍ତି। ଅଁଳା ବୃକ୍ଷମୂଳରେ ପୂଜାର୍ଚ୍ଚନା ସହ ରାଧା ପାଦ ଦର୍ଶନ କଲେ ଅନେକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପଟେ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ସ୍ୱତନ୍ତ୍ର ସେବା ଶିବିର

ସାକ୍ଷୀଗୋପାଳ, ୨୧।୧୧(ଭରତ ରାଉତ)

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପବିତ୍ର ଅଁଳା ନବମୀ ତିଥିରେ ସାକ୍ଷୀଗୋପାଳର ଆରାଧ୍ୟ ଦେବତା ପ୍ରଭୁ ସାକ୍ଷୀଗୋପୀନାଥଙ୍କ ମନ୍ଦିର ସମ୍ମୁଖରେ ଏକଦିବସୀୟ ସ୍ୱତନ୍ତ୍ର ସେବା ଶିବିର ଆୟୋଜିତ ହୋଇଯାଇଛି। ଶିବିରଟିକୁ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ କୋ ଅର୍ଡିନେଟର ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧିକାରୀ ଡ. ବିଶ୍ୱମୋହନ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଡ. ଜେନା ଶିକ୍ଷା କ୍ଷେତ୍ରରେ ସେବାର ମହତ୍ତ୍ୱ ଓ ଉଦ୍ଦେଶ୍ୟ ବିଷୟରେ ଶିବିରରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ୟୁକ୍ତ ୨ ଓ ୟୁକ୍ତ ୩ ଜାତୀୟ ସେବା ଯୋଜନାର ଅଧିକାରୀ ପ୍ରଫେସର ରତ୍ନାକର ସାହୁ ଓ ଡ. ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଅଧିକାରୀ ପ୍ରଫେସର ସ୍ୱର୍ଣ୍ଣଲତା ମାହାରୀ ଓ ପ୍ରଫେସର ଜିତେନ ଦାସ ସହଯୋଗ କରିଥିଲେ। ନିକଟସ୍ଥ ବଳଙ୍ଗା କଲେଜ ଏବଂ ଗୋପୀନାଥ କଲେଜର ଯୁବ ରେଡ୍‌କ୍ରସ ଅଧିକାରୀ ପ୍ରଫେସର ବଳଭଦ୍ର ରଥ ଏବଂ ହେମନ୍ତ ପ୍ରଧାନଙ୍କ ସହ କଲେଜର ଛାତ୍ରୀଛାତ୍ର ଶିବିରରେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ୧୦ଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ପ୍ରକାର ସେବା ଯଥା ମନ୍ଦିର ସମ୍ମୁଖରୁ ଆବର୍ଜନା ପରିଷ୍କାର, ଅସହାୟ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଦର୍ଶନ କରାଇବାରେ ସହାୟତା ତଥା ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଯୋଗାଇବା ପରି ସେବା ଯୋଗାଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ପ୍ର. ଚନ୍ଦ୍ରଶେଖର ତ୍ରିପାଠୀ, ପ୍ର. ଦିଲୀପ ବେହେରା, ପ୍ର. ବିଶ୍ୱନାଥ ପୁହାଣ, ପ୍ର. ଅମରନାଥ ପାଲ୍, ପ୍ର. ସାର୍ଥକ ମିଶ୍ର, ପ୍ର. ରୋଜାଲିନ୍ ରଥ, ଆକାଉଣ୍ଟାଟ ମହେଶ୍ୱର ମିଶ୍ର ଏବଂ କର୍ମଚାରୀ ମିଲୁ, ଲାଲୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ସୂର୍ଯ୍ୟ ଘଡ଼ି ଉଦ୍‌ଘାଟିତ

ଚାରିଛକ,୨୧।୧୧(ଶିଶିର ସ୍ୱାଇଁ)

ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱ ଓ ସଭାପତିତ୍ୱରେ ସୂର୍ଯ୍ୟ ଘଡ଼ି ଉଦ୍‌ଘାଟନ ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଦର ସରପଞ୍ଚ ଚାରୁଲତା ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ କର, ବିଶିଷ୍ଟ ସାମାଜିକ କର୍ମୀ କୁଳମଣି ସାହୁ, ମେମୋରିୟାଲ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ସହକାରୀ ଶିକ୍ଷକ ପ୍ରଦୀପ୍ତଚନ୍ଦ୍ର ସାହୁ ଉପସ୍ଥିତ ରହି ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ଜାଳି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାପୀଠ କିଭଳି ଭାବେ ଉନ୍ନତି କରିବ, ଏଥିସହ ପୁରୀ ଜିଲାରେ ୧ ନମ୍ବର ହେବ ବୋଲି ମଞ୍ଚାସୀନ ଅତିଥି ସହକାରୀ ଶିକ୍ଷକ ପ୍ରଦୀପ୍ତ ସାହୁ ତାଙ୍କ ଭାଷଣରେ କହିଥିଲେ। ଏହି ସୂର୍ଯ୍ୟ ଘଡ଼ି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କୁ ଭାଷଣ ମାଧ୍ୟମରେ ମଞ୍ଚାସୀନ ଅତିଥି ବୁଝାଇ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସହକାରୀ ଶିକ୍ଷୟିତ୍ରୀ ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ଶିକ୍ଷକ ହରିହର ମୁଦୁଲି, ପ୍ରକାଶଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, ମାନସରଞ୍ଜନ ନାୟକ, ଶିବବ୍ରତ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।



ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠରେ ଉଦ୍‌ଘାଟିତ ହୋଇଥିବା ସୂର୍ଯ୍ୟଘଡ଼ି ।

# 'ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହେବା ଉଚିତ୍'



ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଆଚାର୍ଯ୍ୟ ଶିଶୁ ଭବନ ପିଲାଙ୍କୁ ମିଠା ବାଣ୍ଟୁଛନ୍ତି।

ସାକ୍ଷୀଗୋପାଳ,୨୧।୧୧(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ପବିତ୍ର ଅଁଳା ନବମୀ ଅବସରରେ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ପିଲାଙ୍କ ସହ ମିଶି ଭଲ ମନ୍ଦ ପଚାରିବା ସହ ତାଙ୍କ ସମ୍ପର୍କରେ ଶିଶୁ ଭବନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହେବା ଉଚିତ୍ ବୋଲି ସାହୁ କହିଥିଲେ। ପରେ ସାହୁ ଓ ତାଙ୍କ ସ୍ତ୍ରୀ ପିଲାଙ୍କୁ ଫଳ ଓ ମିଷ୍ଟାନ୍ନ ପ୍ୟାକେଟ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ଆଚାର୍ଯ୍ୟ ହରିହର ଶିଶୁ ଭବନ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ ମହାନ୍ତି, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରୁଧି ସୁନ୍ଦର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ଜିଲା ଯାଞ୍ଚ କମିଟି ସଦସ୍ୟା ସୁଚେତା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଶିଶୁ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ଶିଶୁ ଭବନର ଅଧୀକ୍ଷକ ସୁବୋଧ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଧାପାଦ ଦର୍ଶନରେ ପ୍ରୟାସର ସେବାକାର୍ଯ୍ୟ

ସାକ୍ଷୀଗୋପାଳ,୨୧।୧୧(ଭରତ ରାଉତ)

ଚଳିତବର୍ଷ ରାଧାପାଦ ଦର୍ଶନ ଅବସରରେ ପ୍ରୟାସ ପକ୍ଷରୁ ବ୍ୟାପକ ସେବାକାର୍ଯ୍ୟ ଆୟୋଜିତ ହୋଇଥିଲା। ପ୍ରୟାସ ସଭାପତି ଶ୍ରୀକୃଷ୍ଣ ଜଗଦ୍ଦେବ ଏବଂ ସମ୍ପାଦକ ଯୁବନେତା କାମାକ୍ଷା ପ୍ରଧାନ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରୟାସ ପରିବାରର ଶତାଧିକ କାର୍ଯ୍ୟକର୍ତ୍ତା ହଜାର ହଜାର ଭକ୍ତଙ୍କୁ ଚା, ବିସ୍କୁଟ ଏବଂ ପାଣି ବୋତଲ ବଣ୍ଟନ କରିଥିଲେ। ସଙ୍ଗଠନ ପକ୍ଷରୁ ଆୟୋଜିତ ସେବାକାର୍ଯ୍ୟକୁ ଭକ୍ତମାନେ ପ୍ରଶଂସା କରିଥିଲେ। ସେବାକାର୍ଯ୍ୟରେ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ୍ ବଡ଼ଜେନା, ମେନକା ପ୍ରଧାନ, ଜିଷ୍ଣୁଜୟ ମତଗଜସିଂ, ପ୍ରାଚୁର୍ଯ୍ୟ ହୋତା, ଲକ୍ଷ୍ମଣ ବେହେରା, ଚିତ୍ରସେନ ବରାଳ, ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ଅଭିମନ୍ୟୁ ସ୍ୱାଇଁ ଏବଂ ସଙ୍ଗଠନର ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

# ସଫଳତା ଆଣିଲେ ଶୁଭଶ୍ରୀ

ଗୋପ,୨୧।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ବ୍ଲକ ଅଧୀନ ଇଷାଣପୁର ପଞ୍ଚାୟତରେ ଥିବା ସିରେଇ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ପରେ ବିଦ୍ୟାଳୟକୁ ଏକ ସଫଳତା ମିଳିଛି। ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ରାଉତରାୟ ତୃତୀୟ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହି ସଫଳତା ଆଣିଛନ୍ତି। ଏପରି ସଫଳତା ପଛରେ ସ୍କୁଲର ସହକାରୀ ଶିକ୍ଷକ ଲଲାଟଚନ୍ଦ୍ର ବେହେରା, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ଛାତ୍ରୀ କହିଛନ୍ତି। ଶୁଭଶ୍ରୀ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ତୃତୀୟ ବୃତ୍ତି ପରୀକ୍ଷା ଦେଇଥିଲେ। ଦୀର୍ଘ ୬୦ ବର୍ଷ ପରେ ସ୍କୁଲ ଲାଗି ଗୌରବ ଆଣିଥିବା ଶୁଭଶ୍ରୀଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ଏହି ସିରେଇ ପ୍ରାଥମିକ ବିଦ୍ୟାଳୟରେ ଗତବର୍ଷ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୧୩ ଜଣ ଛାତ୍ରୀଛାତ୍ର ଥିଲେ। ଚଳିତବର୍ଷ ସହକାରୀ ଶିକ୍ଷକଙ୍କ ଉଦ୍ୟମ ଫଳରେ ୨୫ଜଣ ଛାତ୍ରୀଛାତ୍ର ପଢୁଥିବା ମଧ୍ୟ ଏକ ସଫଳତା ବୋଲି ଗ୍ରାମବାସୀ କହିଛନ୍ତି।

# ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା

ପୁରୀ, ୨୧।୧୧ (ଅଜିତ୍ ମହାନ୍ତି):

ଶରଧାବାଲିଠାରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦାନ କରି ଏହାକୁ ଉଦଘାଟନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ପ୍ରଥମ ଦିନ ବିଭିନ୍ନ ବର୍ଗରୁ ୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ପ୍ରଦର୍ଶନରେ ୨୮ ଗୋଟି ଷ୍ଟଲ୍ କରାଯାଇ ଉନ୍ନତମାନର ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଛି। ଏହି ପ୍ରଦର୍ଶନରେ ଉନ୍ନତମାନର ପ୍ରାଣୀସମ୍ପଦ ତଥା ଉନ୍ନତ ଗାଈ, ମେଣ୍ଢା, କୁକୁଡ଼ା, ଛେଳି ଏବଂ ଅନ୍ୟାନ୍ୟ ପକ୍ଷୀ ପ୍ରଦର୍ଶନ କରାଯାଇଛି। ସେହିପରି ମତ୍ସ୍ୟ ସମ୍ପଦ ବିଭାଗରେ ଉନ୍ନତମାନର ଜୈବପୁଞ୍ଜି ଓ ଯନ୍ତ୍ରାଂଶ ପ୍ରଦର୍ଶନ କରାଯାଇଛି। ଏହି ମେଳାରେ ବୈଜ୍ଞାନିକ-ଚାଷୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଓୟୁଏଟି ଓ କୃଷି ବିଜ୍ଞାନ କେନ୍ଦ୍ରରୁ ଆସିଥିବା ବିଶେଷଜ୍ଞମାନେ ଯୋଗଦେଇ ଚାଷୀମାନଙ୍କର ସମସ୍ୟା ସମାଧାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଭାଇ ଓ ଭଉଣୀମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ପୁରସ୍କାର ପ୍ରଦାନ କରଯାଇଥିଲା। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶରତ କୁମାର ବେହେରା ଓ ମୁଖ୍ୟ ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜଗବନ୍ଧୁ ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନୃସିଂହ ଚରଣ ସାହୁ ଓ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଗଙ୍ଗାଧର ଲେଙ୍କା ଯୋଗଦେଇଥିଲେ।




ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ ।

## ସଂକ୍ଷେପରେ

### ଏଟିଏମ୍‌ରୁ ଟଙ୍କା ଚୋରି ଉଦ୍ୟମ, ୨ ଗିରଫ

**ମଙ୍ଗୁଳି-ଜଗତପୁର, ୨୧।୧୧(ମାନସ ସାମଲ)**

ଏଟିଏମ୍‌ରୁ ଟଙ୍କା ଚୋରି ଉଦ୍ୟମ ଅଭିଯୋଗରେ ଜଗତ୍‌ପୁର ପୋଲିସ ୨ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ଗୁଜରପୁରର ସେକ୍ ଜାକିର(୨୭) ଓ ଭୈରପୁରର ସେକ୍ ଅବ୍ଦୁଲ୍ ଲୁକ୍‌ମନ୍(୩୨)। ପୋଲିସ ସେମାନଙ୍କ ନିକଟରୁ ଏକ ଅଟୋ ଏବଂ ସ୍କ୍ରୁଡ୍ରାଇଭର ଜବତ କରିଛି। ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରିବାବେଳେ ଜଗତପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏଟିଏମ୍ ନିକଟରେ ଏକ ଅଟୋ (ନଂ. ଓଡ଼ି୨୯ଏ-୨୭୧୯) ରଖି ଅଭିଯୁକ୍ତ ଦ୍ୱୟ ଭିତରେ ପଶିଥିବା ଦେଖିବାକୁ ପାଇଥିଲେ। ସେଠାରେ ପୋଲିସ ଯାଞ୍ଚ କରିବାରୁ ଏଟିଏମ୍ ଅଧା ଖୋଲାଥିବାବେଳେ ଜଣେ ଅଭିଯୁକ୍ତ ସ୍କ୍ରୁଡ୍ରାଇଭର ଧରିଥିଲେ। ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଏଟିଏମ୍‌ରୁ ଟଙ୍କା ଚୋରି ପାଇଁ ଉଦ୍ୟମ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ବ୍ୟାଙ୍କ୍‌ର କଟକ ଶାଖା ମ୍ୟାନେଜର ପ୍ରତାପ ଚନ୍ଦ୍ର ପଣ୍ଡା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୮୨/୨୩) ରୁଜୁ କରିଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କଟକ ସଦର, ୨୧।୧୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର କନ୍ଦରପୁର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫୨ ଜଣ ଦିବ୍ୟାଙ୍ଗ ଅଂଶଗ୍ରହଣ କରିବା ସହ ପ୍ରମାଣ ପତ୍ର ହାସଲ କରିଥିଲେ। ଏହାଛଡା ୪୭ ଜଣଙ୍କୁ ବସ୍ ପାସ୍, ୪୦ ଜଣଙ୍କୁ ଚଷମା, ୪ ଜଣଙ୍କୁ ରାଶନ କାର୍ଡ, ଜଣଙ୍କୁ ତିନି ଚକିଆ ଗାଡ଼ି, ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ୧୯ ଜଣ କ୍ୟାରିୟର କାଉନସିଲିଂରେ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରମୋଦ ମହାପାତ୍ର, ସମର ବେହେରା, ରଜନୀକାନ୍ତ ସାହୁ ଓ ବିଭୂତି ଭୂଷଣ ପରିଡ଼ା ଯୋଗଦେଇ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରିଥିଲେ। ବିଡିଓ ରୁମାନା ଜାଫ୍ରି, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭଦର୍ଶିନୀ ମହାପାତ୍ର, ବିତ୍ତୀୟ ଅଧିକାରୀ ସରିଚିକା ବିଶ୍ୱାଳ, ବିଶ୍ୱନାଥ ଦାଶ ଶିବିର ପରିଚାଳନା କରିଥିଲେ।

### ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**କଟକ, ୨୧।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ନୂଆବଜାରସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ଡେପୁଟି କମିଶନର ସୁକାନ୍ତ କୁମାର ବେହେରା ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଶିବିରର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ପ୍ରୋଜେକ୍ଟ ମ୍ୟାନେଜର ଏସ୍‌ଜି ଫାଉଣ୍ଡେଶନ ପକ୍ଷରୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅଗ୍ନିକାଣ୍ଡ ଘଟିଲେ ଦ୍ରୁତ ପଦକ୍ଷେପ ନେବା, ନିଜକୁ ଓ ଅନ୍ୟମାନଙ୍କୁ କିଭଳି ରକ୍ଷା କରିପାରିବା ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିବା ବିଡାନାସୀ ଅଗ୍ନିଶମ ବିଭାଗର ଅଧିକାରୀ ସରୋଜକାନ୍ତ ସାହୁ କହିଛନ୍ତି।

# ନୂଆ ରୂପରେ କଟକ ଇନ୍ କଟକ

**କଟକ, ୨୧।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**



ବାଲିଯାତ୍ରା ପଡିଆର କଟକ ଇନ୍ କଟକ ପରିସରରେ ଗ୍ରାମୀଣ ଢାଞ୍ଚାରେ ଘର ତିଆରି ହେଉଛି।

**କଟକ ବାଲିଯାତ୍ରା**

ଆସନ୍ତା ୨୭ରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଦିନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଛି। ବାଲିଯାତ୍ରାକୁ ସରସସୁନ୍ଦର ଓ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲା ପ୍ରଶାସନ ଏବଂ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଭର୍‌ପୂର ଉଦ୍ୟମ କରାଯାଉଛି। ବିଶେଷକରି ପ୍ରଚାର ପ୍ରସାର ଓ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ବାଲିଯାତ୍ରା ପଡିଆରେ ବ୍ୟବସାୟୀମାନେ ଦୋକି ନିର୍ମାଣରେ ଲାଗିପଡିଛନ୍ତି। ସେହିପରି ଷ୍ଟଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ବାଲିଯାତ୍ରାରେ ଅନେକ କିଛି ନୂତନ ଜିନିଷ ଦେଖିବାକୁ ମିଳିବ। ବିଶେଷକରି ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ପାଲଟିବ 'କଟକ ଇନ୍ କଟକ'। ଏଠାରେ ଆଲୋକୀକରଣ ବ୍ୟବସ୍ଥା ସହ ପୋଖରୀ ଏବଂ ଗ୍ରାମ ପରିବେଶର ଛାପ ଦେଖିବାକୁ ମିଳିବ। ବିଭିନ୍ନ ଘରକରଣା ଓ ଘରସଜା ସାମଗ୍ରୀ ସାଙ୍ଗକୁ ସୁସ୍ୱାଦୁ ଗ୍ରାମୀଣ ଖାଦ୍ୟ ଉପଲବ୍ଧ ହେବ। ଏଠାରେ ବନ୍ୟଜାତ ଦ୍ରବ୍ୟ ଲୋକମାନେ ପାଇପାରିବେ। ଏହାର ପ୍ରବେଶ ପଥରେ ଗାଁ ଢାଞ୍ଚାରେ ତିଆରି ହେଉଛି ବିଭିନ୍ନ ଘର, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର। ପ୍ରବେଶ ପଥର ଗୋଟିଏ ପାର୍ଶ୍ୱରେ ଘର ଓ ଅନ୍ୟ ପାର୍ଶ୍ୱରେ ସେଲ୍ଫି ପଏଣ୍ଟ ରହିବ। ଫଳରେ ଲୋକମାନେ ଏଠାରେ ଫଟୋ ଉଠାଇ ପାରିବେ। ସହରୀ ଜାକଜମକରେ ଦେଖିବାକୁ ମିଳିବ ଗାଁ ପରିବେଶ। ପ୍ରବେଶ ପଥରେ ଆକର୍ଷଣ ସାଜିବ ମତ୍ସ୍ୟକନ୍ୟା। ଏଠାରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯିବ।





## ଆକର୍ଷିତ କରିବ ରଙ୍ଗିନ ପିଣ୍ଡି, ଦୋଳି

ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ କଟକ ଇନ୍ କଟକରେ ଆକର୍ଷଣ ସାଜିବ ରଙ୍ଗିନ୍ ପିଣ୍ଡି। ଏଠାରେ ଥିବା ୫୦ରୁ ଊର୍ଦ୍ଧ୍ୱ ପିଣ୍ଡିରେ ଖଇରିଆ ରଙ୍ଗ ଦିଆଯିବା ପରେ ଝୋଟି ଓ ଚିତ୍ରକଳା ଅଙ୍କନ କରାଯାଉଛି। ଆଗାମୀ ଦିନରେ ପିଣ୍ଡି ନିକଟରେ ଥିବା ଗଛ ଶାଖାଗୁଡିକରେ ରଙ୍ଗିନ ରିବନ ବନ୍ଧା ଯିବ। ଏଥିସହ ଏହାର ପରିସରକୁ ଆଲୋକମାଳାରେ ସଜ୍ଜିତ କରାଯିବ। ଫଳରେ ଏହା ଲୋକମାନଙ୍କୁ ଆକର୍ଷିତ କରିପାରିବ। ଅପରପକ୍ଷରେ ଚଳିତବର୍ଷ ବାଲିଯାତ୍ରାରେ ପ୍ରଥମଥର ଦେଖିବାକୁ ମିଳିବ ଏକ ନୂଆପ୍ରକାରର ଦୋଳି। ବାଲିଯାତ୍ରାକୁ ଏହି ନୂଆ ଦୋଳି ଆଣୁଛି ଗୁଡ଼ିଆ ମାରୁତିସର୍କସ। ଏହି ଦୋଳି ଉପରକୁ ଯାଇ ପୂରା ୩୬୦ ଡିଗ୍ରୀ ଘୂରି ତଳକୁ ଆସିବ। ଏହା ଲୋକମାନଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ଦୋଳି ବ୍ୟବସାୟୀ ଆଶା ରଖିଛନ୍ତି।

# ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

**ମଙ୍ଗୁଳି-ଜଗତପୁର, ୨୧।୧୧(ମାନସ ସାମଲ)**

ବ୍ଲକରେ ଚାଲିଥିବା ଦୁର୍ନୀତି, ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ସାଲେପୁର ମଣ୍ଡଳ ପକ୍ଷରୁ ମଙ୍ଗଳବାର ବ୍ଲକ ଘେରାଉ କରାଯାଇଥିଲା। ପୂର୍ବତନ ବିଧାୟକ ତଥା ଭାଜପା ଜିଲା ସଭାପତି ପ୍ରକାଶ ବେହେରାଙ୍କ ନେତୃତ୍ୱରେ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ଟାଙ୍ଗୀ ହାଟ ବଜାରରେ ଏକତ୍ରିତ ହୋଇଥିଲେ। ପରେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରସ୍ତୁତ ହୋଇଥିବା ଏକ ମଞ୍ଚରେ ଭାଜପା ନେତା ଓ କର୍ମୀମାନେ ଶାସକ ଦଳର ଦୁର୍ନୀତି ସଂକ୍ରାନ୍ତରେ ଗର୍ଜିଥିଲେ। ବ୍ଲକ ଆଗରେ ପୋଲିସ ତରଫରୁ ହୋଇଥିବା ବ୍ୟାରିକେଡ୍‌କୁ କର୍ମୀମାନେ ଭାଙ୍ଗି କାର୍ଯ୍ୟାଳୟ ଭିତରକୁ ପଶିବା ପାଇଁ ଉଦ୍ୟମ କରିବାବେଳେ ପୋଲିସ ଓ କର୍ମୀମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା ପହଞ୍ଚି ପୂର୍ବତନ ବିଧାୟକଙ୍କ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧ ମାସ ମଧ୍ୟରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଏହି ଘେରାଉରେ ଟାଙ୍ଗୀ ଭାଜପା ମଣ୍ଡଳ ସଭାପତି ବିରଜା ପ୍ରସାଦ ରାଉତ, ଜିଲା ସମ୍ପାଦକ ରାମଚନ୍ଦ୍ର ମହାନ୍ତି, ଉପସଭାପତି ଧନେଶ୍ୱର ନାୟକ, ତାପସ କୁମାର ନାୟକ, ଜ୍ଞାନରଞ୍ଜନ ପଣ୍ଡା, ଆକାଶ ପାତ୍ର, ଅମୂଲ୍ୟ ବେହେରା, ପ୍ରଦୀପ୍ତ ଷଡଙ୍ଗୀ, ସରୋଜ କର, ଭାନୁ ଦାସ, ସଂଗ୍ରାମ କେଶରୀ ଲେଙ୍କା, କେଶବ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।


ଭାଜପା କର୍ମୀମାନେ ବ୍ୟାରିକେଡ୍ ଭାଙ୍ଗି ବ୍ଲକ କାର୍ଯ୍ୟାଳୟ ଭିତରେ ପଶିବାକୁ ଉଦ୍ୟମ କରୁଛନ୍ତି।

# ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

**କଟକ, ୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

**କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ**

କଂଗ୍ରେସ ପକ୍ଷରୁ ସ୍ଥାନୀୟ ରାଇସିଣା ମଣ୍ଡପ ଠାରେ ବୁଥସ୍ତରୀୟ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ଦଳୀୟ ସଙ୍ଗଠନକୁ ସୁଦୃଢ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କିପରି ଭାବେ ଅଧିକରୁ ଅଧିକ ମହିଳା ଓ ଯୁବକମାନେ ସଙ୍ଗଠନରେ ଯୋଡ଼ିହେବେ ସେ ନେଇ ତଳସ୍ତରକୁ ଯାଇ ଲୋକଙ୍କ ସହ ମିଶି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ୱାର୍ଡ ଅଞ୍ଚଳରେ ବିଧାୟକ ଉନ୍ନୟନ ପାଣ୍ଠିରୁ ହୋଇଥିବା ସମସ୍ତ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବଳକା କାର୍ଯ୍ୟକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟକ ମୋକିମ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ରାଉତରାୟ, ସତ୍ୟନାରାୟଣ ଦାସ, ପ୍ରଦୀପ୍ତ କୁମାର ଦାସ, ବାମଦେବ ଦାସ, ନିରୁପମା ମହାନ୍ତି, ପ୍ରଫୁଲ୍ଲ କୁମାର ଲେଙ୍କା, ଅଜୟ ସାମଲ, ଗୋପାଳ ପାତ୍ର, ଜୀବନାନନ୍ଦ ବିଶ୍ୱାଳ ଉପସ୍ଥିତ ରହିଥିଲେ।


କଟକ ସାରଳା ଭବନରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବରେ ଡ. ପାବକ କାନୁନ୍‌ଗୋଙ୍କୁ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ସମ୍ମାନରେ ସମ୍ମାନିତ କରୁଛନ୍ତି।

# ନବ ଉତ୍କଳର ଅନ୍ୟତମ ବିନ୍ଧାଣି ହରେକୃଷ୍ଣ ମହତାବ

**କଟକ/ କଟକ ସଦର, ୨୧।୧୧(କାର୍ତ୍ତିକ ସାହୁ/ ସୁଶାନ୍ତ କୁମାର ଜେନା)**

ନବଉତ୍କଳର ଅନ୍ୟତମ ବିନ୍ଧାଣି ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ। ଜଣେ ପ୍ରବୀଣ ସାମ୍ବାଦିକ, ସୁସାହିତ୍ୟିକ, ସୁନାମଧନ୍ୟ ଐତିହାସିକ ଓ ସମାଜ ସଂସ୍କାରକ ଭାବେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରଜାଜ୍ୱଲ୍ୟମାନ। ରାଷ୍ଟ୍ରୀୟ ମହତାବ ସେବାଦଳ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଡ. ମହତାବଙ୍କ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ସେବାଦଳର କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ନିରାକାର ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିଥିଲେ। ସେବାଦଳର ପ୍ରତିଷ୍ଠାତା ମହାସଚିବ ପ୍ରଫେସର ଡ. ଜ୍ଞାନଗୁରୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ତପନ ମିଶ୍ର, ଏସ୍. ପିନାକୀନ, ଅତିଥି ମହାପାତ୍ର, ଶଶୀକାନ୍ତ ସ୍ୱାଇଁ, ପଣ୍ଡିତ ହୃଷୀକେଶ ପଣ୍ଡା, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ନାରୀନେତ୍ରୀ ବିଶ୍ୱଜିତା ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ଓ ପ୍ରାପ୍ତିକର ମହାପାତ୍ର ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାସ୍ଥିତ ବରୁଣେଇ ପାଠାଗାର ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲକ୍ଷ୍ମୀ ବିଳାସିନୀ ସାହୁ ପ୍ରଥମ, ପ୍ରଜ୍ଞା ପାରମିତା ପ୍ରଧାନ ଦ୍ୱିତୀୟ ଓ ପୂର୍ଣ୍ଣିମା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାଠାଗାର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ମାନିତ ଅତିଥି ଭାବେ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ରାଉତ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ତ୍ରିପାଠୀ, ମାନସୀ ଦାଶ, ଅନୁପମା ମିଶ୍ର, ଅର୍ପିତା ମିଶ୍ର, ରମେଶ ଚନ୍ଦ୍ର ଦାସ ଓ ଶଙ୍କର୍ଷଣ କାଣ୍ଡି ପ୍ରମୁଖ ଯୋଗଦେଇ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ମନୋରଞ୍ଜନ ନନ୍ଦ, ନରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହେରୋଇନ୍ ଜବତ, ଜଣେ ଗିରଫ

**କଟକ, ୨୧।୧୧ (କାର୍ତ୍ତିକ ସାହୁ)**

ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଞ୍ଚଳରୁ ମଙ୍ଗଳବାର ୭୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ତେଲିସାହିର ସନ୍ତୋଷ କୁମାର ସେଠୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏଠାରେ ଚଢ଼ାଉ କରାଯାଇଥିଲା।

### ଖାନ୍‌ନଗର ହାଇସ୍କୁଲରେ ଚିତ୍ର କର୍ମଶାଳା

**କଟକ, ୨୧।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

ବିଶ୍ୱ ଐତିହ୍ୟ ଦିବସ ଉପଲକ୍ଷେ ଖାନ୍‌ନଗର ହାଇସ୍କୁଲ ପରିସରରେ ଭୁବନେଶ୍ୱରସ୍ଥିତ ଭାରତ ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟ ଆନୁକୂଲ୍ୟରେ ଓ ମୁମ୍ବାଇ ରୁଫ୍‌ଟପ୍ ସଂସ୍ଥା ସହଭାଗିତାରେ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ, ଭାରତ ପର୍ଯ୍ୟଟନ ବିଭାଗର ସୂଚନା ଅଧିକାରୀ ଜଗନ୍ନାଥ ବେହେରା, ଶିକ୍ଷାବିତ୍ ଡ. ସେକ୍ କଲିମୁଲ୍ଲା ଓ ସୁଘୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ବିଶ୍ୱ ଐତିହ୍ୟ ସମ୍ପର୍କରେ ବହୁ ଉପାଦେୟ ସୂଚନା ଦେଇଥିଲେ। ଦୀପିକା ବିନ୍ଧାଣି, ମିତାଲି ମହାନ୍ତି, ଜୟଧର୍ମା ସେନାପତି, କାଞ୍ଚନ ନାୟକ, ବିଜୟଲକ୍ଷ୍ମୀ ସାହୁ, ପ୍ରିୟମ୍ବଦା ବେହେରା, ରଞ୍ଜିତ ଦାସ ଓ ପ୍ରତାପ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶତାଧିକ ଛାତ୍ରୀଛାତ୍ର ବିଶ୍ୱ ଐତିହ୍ୟ ସମ୍ପର୍କିତ ବିଭିନ୍ନ ପ୍ରାନ୍ତର ଭିନ୍ନ ଚିତ୍ରକଳାକୁ ରଙ୍ଗାୟିତ କରି ପ୍ରଦର୍ଶନ କରିଥିଲେ।

# 'ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ'



କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

**କଟକ, ୨୧।୧୧ (କାର୍ତ୍ତିକ ସାହୁ)**

**ବିଶ୍ୱ ମତ୍ସ୍ୟ ଦିବସ**

କଟକ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ବକ୍ସିବଜାରସ୍ଥିତ ଜିଲା ମୁଖ୍ୟାଳୟ ସଭାଗୃହରେ ବିଶ୍ୱ ମତ୍ସ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ ବୋଲି କହିଥିଲେ। ବିଶିଷ୍ଟ ଅତିଥି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ଓଡ଼ିଶାର ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ, ଜୀବିକାର ବିକାଶ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ କୃଷି, ମତ୍ସ୍ୟ ଓ ଆନୁଷଙ୍ଗିକ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ମତ୍ସ୍ୟ ଯୁଗ୍ମ ନିର୍ଦ୍ଦେଶକ ସୁବଳ ମହାନ୍ତି, ଉପ ମତ୍ସ୍ୟ ନିର୍ଦ୍ଦେଶକ ବବିତା ମହାନ୍ତ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। ଗତ ଆର୍ଥିକ ବର୍ଷରେ କଟକ ଜିଲା ମତ୍ସ୍ୟ ବିଭାଗର ଉଲ୍ଲେଖନୀୟ ପଦକ୍ଷେପ ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅଧିକାରୀମାନଙ୍କୁ ପ୍ରଶଂସା କରାଯାଇଥିଲା। ମାଛଚାଷ କ୍ଷେତ୍ରରେ ଜିଲାରେ ସଫଳତା ହାସଲ କରିଥିବା ଗ୍ରାମାଞ୍ଚଳର ଯୁବ ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଭିନ୍ନ ଦାବି ନେଇ କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।


ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଖପୁରିଆ ଛକଠାରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।


କଟକ ବିଦ୍ୟାଧରପୁରଠାରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରାରେ ସାମିଲ ମେଢ଼।

# ଓଡ଼ିଆଣୀ ବେଶରେ ଦର୍ଶନଦେଲେ ଶ୍ରୀରାଧା

■ଲକ୍ଷାଧିକ ଭକ୍ତଙ୍କ ସମାଗମ
■ସାଧାରଣ ଧାଡ଼ି ଦର୍ଶନ ପ୍ରଭାବିତ

ସାକ୍ଷୀଗୋପାଳ,୨୧।୧୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର, ଭରତ ରାଉତ)


ଶ୍ରୀରାଧା ପାଦ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

ପବିତ୍ର ଅଁଳାନବମୀ ତଥା ଶ୍ରୀରାଧା ପାଦ ଦର୍ଶନ ନିମନ୍ତେ ମଙ୍ଗଳବାର ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦୁର୍ଲଭ ଦର୍ଶନ ଦେଇଥିବାବେଳେ ସାକ୍ଷୀଗୋପାଳ ଠାକୁର ନୃତ୍ୟରତ ଭଙ୍ଗୀ ନଟବର ବେଶରେ ଶୋଭାପାଇଥିଲେ। ରବିବାର ରାତି ୧୧ଟାରୁ ମନ୍ଦିର ଦେବନୀତି ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଥିଲା। ତେଣୁ ଦୀର୍ଘ ସମୟ ପୂର୍ବରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ସାକ୍ଷୀଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶ ଏବଂ ଶ୍ରୀରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଇଥିଲା। ଠାକୁର ଓ ଠାକୁରାଣୀଙ୍କ ବେଶ ପରେ ନିର୍ଦ୍ଧାରିତ ସମୟର ଅଧଘଣ୍ଟା ପୂର୍ବରୁ ରାଧାପାଦ ଦର୍ଶନ ଆରମ୍ଭ ହୋଇଥିଲା। ମନ୍ଦିର ସମ୍ମୁଖରେ ନିର୍ମିତ ଛାୟାପ୍ରଦ ବାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ପ୍ରବେଶ କରି ସାକ୍ଷୀଗୋପାଳଙ୍କ ନଟବର ବେଶ ଓ ଶ୍ରୀରାଧାଙ୍କ ଓଡିଆଣୀ ବେଶ ଦର୍ଶନ କରିଥିଲେ। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କୁ ବ୍ୟାଟେରିଚାଳିତ ଗାଡ଼ିରେ ମନ୍ଦିର ନିକଟକୁ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିବାବେଳେ ଦୀର୍ଘସମୟ ଧାଡ଼ିରେ ରହୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଅଗ୍ନିଶମ ଓ ସ୍ୱେଚ୍ଛାସେବୀମାନେ ଜଳ ସିଞ୍ଚନ, ପାନୀୟ ଜଳ ଯୋଗାଇ ଦେଇଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଚେୟାରମ୍ୟାନ ସୁନୀଲ ପଣ୍ଡା, ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ସତ୍ୟବାଦୀ ଭାଜପା ନେତା ଓମ ପ୍ରକାଶ ମିଶ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଠାକୁରଙ୍କ ଦର୍ଶନ କରିଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁରୀ ଜିଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଡ. କେ. ବିଶାଲ ସିଂ, ସହକାରୀ ଦେବୋତ୍ତର ଆୟୁକ୍ତ ଗଗନ ସାହୁ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ବିଜୟ କେତନ ବେହେରା, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲିପ୍ସା ରାୟ, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶିନୀ, ଟ୍ରଷ୍ଟ ବୋର୍ଡ ସଭାପତି ପ୍ରତାପ ମହାପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ପ୍ରମୁଖଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ ଓ କର୍ମକର୍ତ୍ତାବୃନ୍ଦ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡିଆଇପିଆର୍‌ଓ ସନ୍ତୋଷ କୁମାର ସେଠୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ତେବେ ବିଡ଼ମ୍ବନାର ବିଷୟ ଯେ, ମନ୍ଦିର ପ୍ରଶାସନ ପକ୍ଷରୁ ସମୁଦାୟ ୧୮ ଶହ ଭିଆଇପି ପାସ୍ ପ୍ରସ୍ତୁତ କରାଯାଇଥିବାର ସୂଚନା ଦେଇଥିବା ବେଳେ ସକାଳୁ ରାତ୍ର ୧୧ ପର୍ଯ୍ୟନ୍ତ ଉକ୍ତ ଗେଟ୍ ଦେଇ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରବେଶ କରିଥିଲେ। ଯଦ୍ୱାରା ସାଧାରଣ ଧାଡି ଦର୍ଶନରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇଥିବା ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ବାରି ହେଉଥିଲା। ପ୍ରତିବର୍ଷ ସମାନ ସମସ୍ୟା ଉପୁଜୁଥିଲେ ବି ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନଦେବା ଚିନ୍ତାଜନକ।

## ସଂକ୍ଷେପରେ

### ପଥର ଖଣିରୁ ମିଳିଲା ନିଖୋଜ ଶିଶୁଙ୍କ ମୃତଦେହ

ହତ୍ୟା ଅଭିଯୋଗ ଆଣିଲା ପରିବାର

ଟାଙ୍ଗୀ/ନିରାକାରପୁର,୨୧।୧୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ): ଟାଙ୍ଗୀ ଥାନା ଅନ୍ତର୍ଗତ ଉଜ୍ଜ୍ୱଳା ଗୋପୀନାଥପୁର ରସୁଲପୁର ସାହିର ସୁବାସ ପ୍ରଧାନଙ୍କ ପୁଅ ରାହୁଲ ପ୍ରଧାନ(୪) ଗତ ୧୭ ତାରିଖରେ ଦାଣ୍ଡରେ ଖେଳୁଥିବା ବେଳେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏନେଇ ସୁବାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା। ମଙ୍ଗଳବାର ଗ୍ରାମଠାରୁ ଅନତିଦୂରରେ ଥିବା ଉଦୟଗିରିସ୍ଥିତ ଏକ ପଥର ଖଣିରେ ଏକ ଲୁଙ୍ଗିରେ ରାହୁଲଙ୍କ ମୃତଦେହ ବନ୍ଧା ହୋଇ ପଡ଼ିଥିବା ବେଳେ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଲୁଙ୍ଗିରେ ବନ୍ଧା ଯାଇଥିବା ଅବସ୍ଥାରେ ମୃତଦେହ ଜବତ ହୋଇଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶିଶୁ ପୁତ୍ରକୁ ହତ୍ୟା କରାଯାଇଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

### ଗାଡ଼ି ଧକ୍କାରେ କନ୍‌ଷ୍ଟେବଲଙ୍କ ମୃତ୍ୟୁ

ଟାଙ୍ଗୀ/ନିରାକାରପୁର, ୨୧।୧୧ (ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ମଲାଗୁଣୀ ବ୍ରିଜ ନିକଟ ଜାତୀୟ ରାଜପଥରେ ମଙ୍ଗଳବାର ଗାଡ଼ି ଧକ୍କାରେ ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନାରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ବିନୋଦ କଅଁର। ଖବରପାଇ ନିରାକାରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଏସ୍‌ଆଇ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, କନ୍‌ଷ୍ଟେବଲ ବିନୋଦ ଥାନା କାମରେ ବାଇକ୍(ଓଡି–୦୨–ଡବ୍ଲୁ–୫୬୧୧)ରେ ଭୁବନେଶ୍ୱର ଏସଏଫଏସଏଲ କାର୍ଯ୍ୟାଳୟକୁ ଯାଇଥିଲେ। ଅପରାହ୍ଣ ୫ଟାରେ ଭୁବନେଶ୍ୱରରୁ କାର୍ଯ୍ୟ ସାରି ଟାଙ୍ଗୀ ଥାନାକୁ ଫେରୁଥିବା ବେଳେ ନିରାକାରପୁର ଥାନା ଅଧୀନ ମଲାଗୁଣୀ ବ୍ରିଜ ନିକଟ ଜାତୀୟ ରାଜପଥରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ବାଇକରୁ ଛିଟିକି ତଳେ ପଡ଼ିଥିଲେ। ମୁଣ୍ଡରେ ଓ ତାଙ୍କ ମୁହଁରେ ଆଘାତ ଲାଗି ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।


ଓଡ଼ିଶା ସରକାରଙ୍କ ପକ୍ଷରୁ ଦୁବାଇ ଗସ୍ତ କରିବା ପୂର୍ବରୁ ମିଶନ ଶକ୍ତି ବ୍ଲକ ଲେଭଲ ଫେଡେରେଶନ୍ ଗ୍ରୁପ୍‌ର ନେତୃବୃନ୍ଦ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

# ବନ୍ଦ ରହିଲା ବଡ଼ଦାଣ୍ଡ ଉଠାଦୋକାନ

■ପଞ୍ଚୁକ ପାଇଁ ବ୍ୟାପକ ପ୍ରସ୍ତୁତି
■ମୁତୟନ ହେବେ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ

ପୁରୀ, ୨୧।୧୧ (ଅଜିତ୍ ମହାନ୍ତି)

ପଞ୍ଚୁକ ଉପଲକ୍ଷେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କୁ ଦର୍ଶନ କରିବାରେ ଭକ୍ତମାନେ ଯେପରି କୌଣସି ଅସୁବିଧା ନ ଭୋଗନ୍ତି ଏବଂ ଯାତାୟାତ ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷପ ଗ୍ରହଣ କରାଯାଉଛି। ଏନେଇ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ କହିଛନ୍ତି, ପଞ୍ଚୁକକୁ ନେଇ ସମୀକ୍ଷା କରାଯାଇଛି। ଭକ୍ତଙ୍କ ପାଇଁ ଡିସ୍‌ପ୍ଲେ ବୋର୍ଡ ଏବଂ ଆନାଉନ୍ସମେଣ୍ଟ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରାଯିବା ସହ ଶୃଙ୍ଖଳିତ ଦର୍ଶନ ପାଇଁ ୫୦ ଭଲ୍ୟୁଣ୍ଟିୟର ନିୟୋଜିତ କରାଯାଇଛି। ସେହିପରି ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଅଧିକ ପୋଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ। ପଞ୍ଚୁକ ସମୟରେ ଅତିରିକ୍ତ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବା ସହ ଅଧିକରୁ ଅଧିକ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ତେବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ଅଧିକ ପୋଲିସ ନିୟୋଜନ ରହିବେ। ପୂର୍ଣ୍ଣିମାର ଦୁଇଦିନ ପୂର୍ବରୁ ଏନେଇ ସମୀକ୍ଷା କରାଯିବ। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ଦିଗକୁ ଧ୍ୟାନ ଦିଆଯାଇ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ସିଂହ କହିଛନ୍ତି। ସେହିପରି ପଞ୍ଚୁକରେ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି, ମାର୍କେଟ ଛକଠାରୁ ସ୍ୱତନ୍ତ୍ର ବ୍ୟାରିକେଡ ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ସେହିପରି ସେଡ୍ ନିର୍ମାଣ କାରଣରୁ ଟ୍ରାଫିକ ସମସ୍ୟା ଯେପରି ନ ଉପୁଜେ ସେଥିପାଇଁ ଶ୍ରୀମନ୍ଦିରଠାରୁ ମାର୍କେଟଛକ ପର୍ଯ୍ୟନ୍ତ ଉଠା ଦୋକାନଗୁଡିକୁ ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଏକ ଭ୍ରାମ୍ୟମାଣ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଉଛି। ଭକ୍ତଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବା ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।

## ୧୩୦ ଦିନ ହେଲା ଆନ୍ଦୋଳନରେ ଅଧ୍ୟାପିକା ଅଧ୍ୟାପକ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ସରକାରୀ ଅନୁଦାନ (ଜି.ଆଇ.ଏ) ଦାବି ନେଇ ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ (+୨ ଓ +୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ୨୦୧୩ମଧ୍ୟରେନିଯୁକ୍ତିପାଇଥିବା ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ୧୩୦ ଦିନ ଧରି ଆନ୍ଦୋଳନରେ ବସିଛନ୍ତି। ସଙ୍ଗଠନର ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ ଡାକରାରେ ଜୁଲାଇ ୧୮ରୁ ପ୍ରାୟ ୩୫୦୦ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ଦେବା ସହିତ ୪ଥର ମହାସମାବେଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ସଂଘ ତରଫରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ, ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକଙ୍କ ସହିତ ଓଡ଼ିଶାର ପ୍ରତ୍ୟେକ ବିଧାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅବସରପ୍ରାପ୍ତ ବ୍ୟକ୍ତିଗତ ସଚିବ ତଥା ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ନଭେମ୍ବର ୧୮ରେ ମନ୍ତ୍ରୀସ୍ତରୀୟ ଆଲୋଚନା ସରିଛି। ଏହାସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ସରକାର ତୁରନ୍ତ ଦାବି ପୂରଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ ସଭାପତି ଦେବ ବିଜୟ ମିଶ୍ର, ସମ୍ପାଦକ ଅଭୟ ପ୍ରଧାନ, ଭରତ ଚରଣ ସାହୁ, ରବି ନାରାୟଣ କରଣ, ଦିବ୍ୟକାନ୍ତ ତ୍ରିପାଠୀ, ମିହିର ଚୌଧୁରୀ, ବିଷ୍ଣୁପ୍ରସାଦ ମିଶ୍ର, ଶକୁନ୍ତଳା ଭୂୟାଁ, ତପନ ତରେଇ, ଚିତ୍ରସେନ ପଣ୍ଡା, ଦମୟନ୍ତୀ ଷଣ୍ଢ, କୁଶଦେବ ମଲ୍ଲିକ, ଅଭିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାରେ ଅବ୍ୟବସ୍ଥା

ଭିଡ଼ରେ ଅଚେତ ହେଲେ ମହିଳା ଭକ୍ତ


ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି।

ପୁରୀ, ୨୧।୧୧ (ଅଜିତ୍ ମହାନ୍ତି)

କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ମହାପ୍ରଭୁଙ୍କ ଦର୍ଶନ ପାଇବା ପାଇଁ ଆସୁଥିବା ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଛନ୍ତି। ଦର୍ଶନ ପାଇଁ ଆସୁଥିବା ଭକ୍ତ ଠେଲାପେଲାରେ ପଡ଼ି ଆହତ ହେବା ସହ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୋମବାର ପ୍ରବଳ ଗହଳି କାରଣରୁ କେତେକ ଭକ୍ତ ଅଚେତ ହୋଇଥିବାବେଳେ ମଙ୍ଗଳବାର ମଧ୍ୟ ଜଣେ ମହିଳା ଭକ୍ତ ଅଚେତ ହୋଇପଡ଼ିଥିବା ସୂଚନା ମିଳିଛି। ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଶ୍ରୀମନ୍ଦିର ନିକଟରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ଉକ୍ତ ମହିଳା ସୁସ୍ଥଥିବା ସୂଚନା ମିଳିଛି। ଅପରପକ୍ଷରେ ପ୍ରବଳ ଗହଳି କାରଣରୁ ଭକ୍ତମାନେ ଅନେକ ସମୟ ଧରି ବ୍ୟାରିକେଡ ମଧ୍ୟରେ ଠିଆହୋଇ ରହୁଛନ୍ତି। ଯାହାର ଫାଇଦା ଉଠାଉଛନ୍ତି କିଛି ବ୍ୟବସାୟୀ। ବାଧ୍ୟ ହୋଇ ଭକ୍ତମାନେ ଅଧିକ ଟଙ୍କା ଦେଇ ପାଣି ଓ ଥଣ୍ଡା କିଣି ପିଉଛନ୍ତି। ତେବେ ଏପରି ଘଟଣା ପ୍ରସାରଣ ହେବା ପରେ ପ୍ରଶାସନ ଏନେଇ ପଦକ୍ଷେପ ଆରମ୍ଭ କରିଛି। ବ୍ୟାରିକେଡରେ ଯେପରି ଭକ୍ତମାନେ ସମସ୍ୟା ନଭୋଗିବେ ସେଥିପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ସେହିଭଳି ବ୍ୟାରିକେଡକୁ ବୃଦ୍ଧି କରିବା ସହ ଭକ୍ତ ମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଚେଷ୍ଟା ଆରମ୍ଭ କରିଛି। ତେବେ ଆଗକୁ ପଞ୍ଚକ ଆସୁଥିବାରୁ ଅଧିକ ଭକ୍ତଙ୍କ ସମାଗମ ହେବାର ଆଶଙ୍କା ରହିଛି ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟବ୍ରତ


@ ରାକେଶ


@ ବର୍ଷା


@ ସୁରେଶ


@ ଲିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଓଡ଼ିଶା ପାଭିଲିୟନ'ରେ ଓର୍‌ମାସ୍‌ର ୪ ଷ୍ଟଲ

୭ ଦିନରେ ୧୦, ୫୩, ୯୬୦ ଟଙ୍କାର ବ୍ୟବସାୟ

ଭୁବନେଶ୍ୱର,୨୧।୧୧ (ଶର୍ମିଷ୍ଠା ପାଣିଗ୍ରାହୀ)



ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର 'ଓଡ଼ିଶା ପାଭିଲିୟନ'ରେ ଓର୍‌ମାସ ପକ୍ଷରୁ ବିଭିନ୍ନ ଷ୍ଟଲ ପଡ଼ିଛି। ୧ ନମ୍ବର ଷ୍ଟଲରେ ନୂଆପଡ଼ାର ମା' ବୈଭବଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମୟୂରଭଞ୍ଜର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ କାଷ୍ଠ କାରୁକାର୍ଯ୍ୟ ଓ ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ରହିଛି। ସେହିପରି ୨ ନମ୍ବର ଷ୍ଟଲରେ କୋରାପୁଟର ଲେମନ ଗ୍ରାସ୍ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଲେମନ ଗ୍ରାସ୍‌ରୁ ପ୍ରସ୍ତୁତ ବିଭିନ୍ନ ଉପକାରୀ ଦ୍ରବ୍ୟ ଏବଂ ନବରଙ୍ଗପୁରର ନବରଙ୍ଗୀ ଫାର୍ମ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କୃଷି ଉପକରଣ ମିଳୁଛି। ୩ ନମ୍ବର ଷ୍ଟଲରେ ବାଲେଶ୍ୱରର ବାବା ପଞ୍ଚଲିଙ୍ଗେଶ୍ୱର ଟେରାକୋଟା ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଓଡ଼ିଶାର ଟେରାକୋଟା ଗୃହସଜ୍ଜା ସାମଗ୍ରୀ ଏବଂ ଗଞ୍ଜାମର ଅନନ୍ତ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଆଚାର, ପାମ୍ପଡ ଆଦି ଖାଦ୍ୟ ସାମଗ୍ରୀ ରହିଛି। ୪ ନମ୍ବର ଷ୍ଟଲରେ ଯାଜପୁରର ଜୟ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଟସରରୁ ପ୍ରସ୍ତୁତ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର ଏବଂ କୋଟପାଡର ସନ୍ଥକବି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଜି.ଆଇ. ଟ୍ୟାଗ୍ କୋଟପାଡ଼ ଶାଢ଼ି ମିଳୁଛି। ଅନୁରୂପ ଭାବେ ପାଭିଲିୟନ ମଧ୍ୟଭାଗରେ ନିର୍ମିତ ବୋଇତର ଡେକ ଉପରେ କେନ୍ଦୁଝରରୁ ଆସିଥିବା ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ବ୍ୟବହୃତ କାଗଜରୁ ପ୍ରସ୍ତୁତ ବିଭିନ୍ନ ଗୃହସଜ୍ଜା ସାମଗ୍ରୀର ନିର୍ମାଣ ଶୈଳୀ ପ୍ରଦର୍ଶନ କରି ପ୍ରଶଂସିତ ହେଉଛନ୍ତି। ସୋମବାର ସୁଦ୍ଧା ଗତ ୭ଦିନ ମଧ୍ୟରେ ଓର୍‌ମାସ୍‌ର ୪ଟି ଷ୍ଟଲରେ ୧୦ ଲକ୍ଷ ୫୩ ହଜାର ୯୬୦ ଟଙ୍କାର ବ୍ୟବସାୟ ହୋଇଛି।

# ଅସ୍ତ୍ରୋପଚାରରେ ତ୍ରୁଟି ଅଭିଯୋଗ, ମହିଳା ମୃତ

## ରାସ୍ତା ଉପରେ ମୃତଦେହ ରଖି କ୍ଷତିପୂରଣ ଦାବି

ନରସିଂହପୁର,୨୧।୧୧ (ନିରଞ୍ଜନ ଦେବକୁମାର )

ଡାକ୍ତରଙ୍କ ବେପରୁଆ ଅସ୍ତ୍ରୋପଚାର ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ନରସିଂହପୁର ବ୍ଲକ ବନ୍ଧହୁଡା ଗ୍ରାମର ପ୍ରସନ୍ନ ବାରିକଙ୍କ ସ୍ତ୍ରୀ ମମତା ବାରିକ ( ୨୬)। ଏନେଇ କ୍ଷତିପୂରଣ ଦାବି କରି ନରସିଂହପୁର-କଟକ ୬୫ ନମ୍ବର ରାଜ୍ୟପଥର ନୁଖାପଡ଼ା ଛକରେ ମୃତଦେହ ରଖି ପରିବାର ସଦସ୍ୟ ଓ ଗ୍ରାମର ବହୁ ଲୋକ ଧାରଣା ଦେଇଥିଲେ। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେମାନେ ଦାବି କରିଥିଲେ।

ସେମାନଙ୍କ ମମତା ଗତ ୮ ତାରିଖରେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଇଥିଲେ। ଏହାପରେ ତାଙ୍କୁ ଡାକ୍ତର ଘରକୁ ପଠାଇ ଦେଇଥିଲେ। ସେ ଘରକୁ ଆସିବାପରେ ପେଟରେ ଅଧିକ ଯନ୍ତ୍ରଣା ଅନୁଭବ କରିଥିଲେ।



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ତାଙ୍କୁ ପ୍ରଥମେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଅଧିକ ଗୁରୁତର ହେବାରୁ କଟକସ୍ଥିତ ଏକ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ପରୀକ୍ଷା ପରେ ଅସ୍ତ୍ରୋପଚାର ସମୟରେ ମମତାଙ୍କ ମଳନଳୀ କଟିଯାଇଥିବା ଜଣାପଡ଼ିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରିବାରୁ ନରସିଂହପୁର-କଟକ ୬୫ ନମ୍ବର ରାଜ୍ୟପଥରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ନରସିଂହପୁର ଥାନା ଅଧିକାରୀ ବିକ୍ରମ କୁମାର ଜେନା, କାନପୁର ମେଡିକାଲ ଅଧିକାରୀ ଦେବାଶିଷ ଜେନା, ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମାଧାନ ବାଟ ବାହାରି ନ ଥିଲା।

ଏ ସମ୍ପର୍କରେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ଜେଠି ପ୍ରତିକ୍ରିୟାରେ କହିଛନ୍ତି, ମୃତକ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ କରାଯିବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରାଯିବ। ଏଥିରେ ସତ୍ୟତା ଥିଲେକ ସମ୍ପୃକ୍ତ ଡାକ୍ତର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### କନ୍ଦରପୁର କଲେଜ ପ୍ରଶାସକ ହେଲେ ଉପଜିଲାପାଳ

କଟକ ସଦର,୨୧।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ପରିଚାଳନା କମିଟିର ପ୍ରଶାସକ ଭାବେ କଟକ ସଦର ଉପଜିଲାପାଳ କମଳଜିତ୍ ଦାସଙ୍କୁ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୮୭୩୦/୧୪।୧୧।୨୩ରେ ପରିଚାଳନା କମିଟିର ସ୍ଥାୟୀ ସଭାପତି ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଉପଜିଲାପାଳ ଦାସ ଦାୟିତ୍ୱ ତୁଲାଇବେ। ପୂର୍ବରୁ ପରିଚାଳନା କମିଟିର ମନୋନୀତ ସଭାପତି ସମରେନ୍ଦ୍ର କୁମାର ଦେଓ ଇସ୍ତଫା ଦେଇଥିବାରୁ ଉକ୍ତ ପଦବୀ ଖାଲି ପଡ଼ିଥିଲା। ଅପରପକ୍ଷରେ ବରିଷ୍ଠତା ଦୃଷ୍ଟିରୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ଅର୍ଥନୀତି ବିଭାଗର ପ୍ରାଧ୍ୟାପିକା ପ୍ରଣତୀ ପଟ୍ଟନାୟକଙ୍କୁ ପୂର୍ଣ୍ଣକାଳୀନ କ୍ଷମତା ଦେବା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟୀକରଣ ମାଗିଛି। କେଉଁ ଦୃଷ୍ଟିରୁ ସେ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟ ତାହାର ଯଥାର୍ଥ ଉତ୍ତର ଦେବା ପାଇଁ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ୪୯୨୮୯/୧୩।୧୧।୨୩ରେ ସ୍ପଷ୍ଟୀକରଣ ମଗାଯାଇଛି।

### ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ଜିଲା ସମାଜ ମଙ୍ଗଳ ଅଧିକାରୀ

ନିଶ୍ଚିନ୍ତକୋଇଲି,୨୧।୧୧ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଉପମା ଗନ୍ତାୟତ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଏକାଧିକ ଅଙ୍ଗନୱାଡି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରିଯାଇଛନ୍ତି। ମଙ୍ଗଳବାର ଆକସ୍ମିକ ଭାବେ ଗନ୍ତାୟତ ନିଶ୍ଚିନ୍ତକୋଇଲି ବ୍ଲକ ପରିଦର୍ଶନରେ ଆସି ବୁହାଲୋ, ସାନ୍ତପୁର ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାର କୋମଳମତୀ ଶିଶୁ ଗର୍ଭବତୀ ,ପ୍ରସୁତୀ ମହିଳା ସର୍ବୋପରି କିଶୋରୀ ବାଳିକାମାନଙ୍କ ନିମନ୍ତେ ପ୍ରସ୍ତୁତ ହେଉଥିବା ଜନାର୍ଦ୍ଦନପୁର ଛତୁଆ କାରଖାନା ପରିଦର୍ଶନ କରିଥିଲେ। ଠିକ ସମୟରେ ଛତୁଆ ଯୋଗାଇ ଦେବା, କେନ୍ଦ୍ର ସୁପରିଚାଳନା, ନିୟମିତ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ କେନ୍ଦ୍ରରେ କରିବା,ଶିଶୁ ମାନଙ୍କ ମାନସିକ,ଶାରିରୀକ ବିକାଶ ସମ୍ବନ୍ଧରେ ତଥା ପୁଷ୍ଟିକର ଖାଦ୍ୟ ପରିବେଷଣ, ପରିଷ୍କାର ପରିଚ୍ଛନତା, ପିଲାମାନଙ୍କୁ ବାହ୍ୟ ଖେଳକୁଦ କରାଇବା ସହ ନୂଆ ଅରୁଣୀମା ବିଷୟ ବସ୍ତୁକୁ ଭିତ୍ତିକରି କେନ୍ଦ୍ରରେ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ଗନ୍ତାୟତ ପରାମର୍ଶ ଦେଇଥିଲେ। ତାଙ୍କ ସହ ସିଡିପିଓ ସତ୍ୟଭାମା ବିଶୋଇ, ପରିଦର୍ଶିକା ଅଞ୍ଜୁଳତା ପରିଜା ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

### ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

ବଡ଼ମ୍ବା,୨୧।୧୧(ମାୟାଧର ମଲ୍ଲିକ)- ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତ୍ତଗଜ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ବଡ଼ମ୍ବା ମଣ୍ଡଳ ଅନ୍ତର୍ଗତ ସମସ୍ତ ବର୍ଗର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ବ ବର୍ଷ ବିଜ୍ଞାନ ମେଳାର ବିବରଣୀ ପ୍ରଦାନ କରଥିଲେ। ପରେ ଚଳିତ ବର୍ଷ ବିଜ୍ଞାନ ମେଳା ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ କରିବାକୁ ସ୍ଥିର କରାଯାଇଥିଲା। ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଛତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରେ ଚର୍ଚ୍ଚା କରିଥିଲେ। ପ୍ରଧାନ ଶିକ୍ଷକ ସରୋଜ ରଥଶର୍ମା, ସରୋଜ ମିଶ୍ର, ଶିବପ୍ରସାଦ ବ୍ରହ୍ମା, ରଘୁନାଥ ସେଠୀ, ରମେଶ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ରାଉତ, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସହକାରୀ ଶିକ୍ଷା ଅଧିକାରୀ ନିର୍ମଳା ବେହେରା, ନରେନ୍ଦ୍ର କୁମାର ରଥ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ସାହୁ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକ୍ତିପଦ ନନ୍ଦଙ୍କ ସମେତ୧୬ କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଶ୍ୟାମବନ୍ଧୁ ବେଉରା ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ କର

ନରସିଂହପୁର,୨୧।୧୧ (ନିରଞ୍ଜନ ଦେକୁମାର )

**ନବନିର୍ମାଣ କୃଷକ ସଙ୍ଗଠନର ବୈଠକ**

ଓଡ଼ିଶା ନବନିର୍ମାଣ କୃଷକ ସଙ୍ଗଠନ ନରସିଂହପୁର ବ୍ଲକ ଶାଖା ତରଫରୁ ସ୍ଥାନୀୟ ଶରଧାପୁର ଗ୍ରାମଠାରେ ପ୍ରାଇଜ, ପ୍ରେଷ୍ଟିଜ ଓ ପେନସନ ଦାବିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଫଗୁ ଚରଣ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କୃଷକ ନେତା ଶେଷଦେ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ହକ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କୃଷକମାନେ ପ୍ରମୁଖ ଭୂମିକା ନେଇ ରାଜ୍ୟ ବିଧାନସଭାକୁ ଜଣେ କୃଷକ ନେତାଙ୍କୁ ନିର୍ବାଚିତ କରିପାରିଲେ କୃଷକମାନଙ୍କର ଅଧିକାର ମିଳିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ସରପଞ୍ଚ ତଥା କୃଷକ ନେତା ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇ ବଡ଼ମ୍ବା ଚିନିକଳକୁ ନିଲାମ କରି ବଡ଼ମ୍ବା ନରସିଂହପୁର ଅଞ୍ଚଳର ଅର୍ଥନୀତିକୁ ଧୂଳିସାତ କରି ଦିଆଯାଇଛି। ଏଥିଯୋଗୁ ବହୁ ହଜାର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସେ କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଏନେଇ ପ୍ରଶ୍ନ କରିବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରିୟ ରଞ୍ଜନ, ପ୍ରତାପ ସିଂହ, ମୋହନ ପ୍ରଧାନ ଓ ବସନ୍ତ ଦେହୁରୀ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ଓ ଏକତା ଉପରେ ବକ୍ତବ୍ୟ ଦେଇଥିଲେ । ଏଥିରେ ଶରଧାପୁର, ଚକାମୁଣ୍ଡା, ବସନ୍ତପୁର, ରେଜେଡା, କମଳାଡ଼ିହ. ଚକାମୁଣ୍ଡା, ବାଲିସାହି ଆଦି ପଞ୍ଚାୟତର ବହୁ ଚାଷୀ ଉପସ୍ଥିତ ଥିଲେ ।

# ନିଶ୍ଚିନ୍ତକୋଇଲି କୃଷି ବିଭାଗରେ ଆତ୍ମା ସଭାପତିଙ୍କୁ ଉପେକ୍ଷା

ନିଶ୍ଚିନ୍ତକୋଇଲି,୨୧।୧୧ (ଅଶୋକ କୁମାର ମହାପାତ୍ର)

କୃଷି ବିଭାଗରେ କ'ଣ ଚାଲିଛି ମୁଁ ଜାଣେନା। କାର୍ଯ୍ୟକ୍ରମରେ ମୋତେ ଉପେକ୍ଷା କରାଯାଉଛି। ଏପରିକି ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ତାଙ୍କୁ ଅବଗତ କରାଯାଉନାହିଁ ବୋଲି କହି ବ୍ଲକ ଆତ୍ମା ସଭାପତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୃଷି ବିଭାଗର ମନମୁଖି କାର୍ଯ୍ୟକଳାପ ସହ ବ୍ୟାପକ ଦୁର୍ନୀତି ହେଉଥିବାରୁ ଚାଷୀସମାହ ଅତିଷ୍ଠ ହୋଇପଡ଼ିଛନ୍ତି। ବିଭାଗୀୟ ଅଧିକାରୀ ସରକାରୀ ଯୋଜନାରେ ଆସୁଥିବା ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରୟରେ ବ୍ୟାପକ ଚଞ୍ଚକତା ଓ ବିହନ, କୀଟନାଶକ ଔଷଧ ଜାଲିଆତି କରି ବାଟମାରଣା କରୁଥିବାବେଳେ ଚାଷୀମାନଙ୍କ ନିମନ୍ତେ ଆସୁଥିବା ବିଭିନ୍ନ ସହାୟତାକୁ ମଧ୍ୟ ଆତ୍ମସାତ୍ କରୁଥିବା ବ୍ଲକ ବିଜେଡିର ବରିଷ୍ଠ ନେତା ତଥା ଆତ୍ମା ସଭାପତି ହିମାଂଶୁ ଶେଖର ମହାନ୍ତି ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏପରିକି ମଙ୍ଗଳବାର ବ୍ଲକ କୃଷି ବିଭାଗ ତରଫରୁ ଆରମ୍ଭ ହୋଇଥିବା କୃଷି ସଚେତନତା ରଥ ଉଦ୍‌ଘାଟନ ଉତ୍ସବକୁ ତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଧରିତ୍ରୀ ପ୍ରତିନିଧି ନିଶ୍ଚିନ୍ତକୋଇଲି ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ତାଙ୍କୁ କିଛି ଜଣାନାହିଁ ବୋଲି କହିଛନ୍ତି। ବ୍ଲକ କୃଷି ଅଧିକାରୀ ସୁରେନ୍ଦ୍ରନାଥ ଘୋଡ଼ା ଏହି ଦୁର୍ନୀତି ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ଏପରିକି ପ୍ରତି କାର୍ଯ୍ୟକ୍ରମରେ ଆତ୍ମା ସଭାପତିଙ୍କୁ ଅବଗତ କରାଯାଉଥିବା କହିଛନ୍ତି।

## ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

ବାଙ୍କୀ,୨୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ମଙ୍ଗଳବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏନେଇ ଆୟୋଜିତ ସଭାରେ ବାଙ୍କୀ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି କହିଥିଲେ, ୧୯୬୧ଡିସେମ୍ବର ୮ରେ ଡ.ମହତାବ ବାଙ୍କୀ କଲେଜ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ମହତାବଙ୍କ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଓ ଅଧ୍ୟାପକ ଆଶିଷ ପାଢୀ ଯୋଗଦେଇଥିଲେ। ଡ. ନିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ୨ କିଡ୍‌ନୀ ପ୍ରତିରୋପଣ ରୋଗୀ



କଟକ,୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ହୋଇଥିବା ୨ ଜଣ ରୋଗୀ ମଙ୍ଗଳବାର ଡିସ୍‌ଚାର୍ଜ ହୋଇଛନ୍ତି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ସମାପିକା ମହାନ୍ତି ଓ ଭୁବନେଶ୍ୱର ଜାଗମରା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି। ଏବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେମାନେ ଅନ୍ୟମାନଙ୍କ ଭଳି କାର୍ଯ୍ୟ କରିପାରିବେ ବୋଲି ୟୁରୋଲୋଜି ବିଭାଗର ସହଯୋଗୀ ପ୍ରଫେସର ଡା. ସବ୍ୟସାଚୀ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗଞ୍ଜାମ ଅଞ୍ଚଳର କ୍ରିଷ୍ଣା ପଣ୍ଡା(୫୬) ସଡ଼କ ଦୁର୍ଘଟଣାରେ ଶିକାର ହେବାରୁ ତାଙ୍କ ବ୍ରେନ୍ ହାମ୍‌ରେଜ୍ ହୋଇଥିଲା। ଗତ ୧ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବ୍ରେନ୍ ଡେଡ୍ (ମୃତ ମସ୍ତିଷ୍କ) ହୋଇଥିବା ଡାକ୍ତର କହିଥିଲେ। ତାଙ୍କ ମୃତ୍ୟୁ ପରେ ଗତ ୨ତାରିଖରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। କ୍ରିଷ୍ଣାଙ୍କ ପରିବାର ଲୋକଙ୍କ ସମ୍ମତିକ୍ରମେ ତାଙ୍କର କିଡ୍‌ନୀ, ହାର୍ଟ, ଲିଭର, ଲଙ୍ଗସ ଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ୪ ତାରିଖରେ ଆମ୍ରି ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କମିଶନରେଟ୍ ପୋଲିସ ପକ୍ଷରୁ ଆମ୍ରି ହସ୍ପିଟାଲରୁ ଗ୍ରୀନ୍ କରିଡରରେ ଦୁଇଟି କିଡ୍‌ନୀକୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ସେଠାରେ ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ଦୁଇଟି ଡାକ୍ତରୀ ଦଳ ଉପରୋକ୍ତ ୨ ଜଣ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରିଥିଲେ।

# ଉତ୍କଳ ଗୌରବଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ




ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

କଟକ,୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟବକ୍ତା ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ସଞ୍ଚିତା ମିଶ୍ର ଅତିଥି ପରିଚୟ, ଡ. ବିକାଶ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଅଧ୍ୟାପିକା ଡ. ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ କୃଷ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଯୁବ ପ୍ରତିଭା ବିକାଶ ଉପଲକ୍ଷେ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା ଓ ସାମାଜିକ କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ। ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧକ୍ଷା ବିଶ୍ୱାଳ ସୂଚନା ଦେଇଛନ୍ତି।

## ଚଣ୍ଡିଖୋଲକୁ ହରାଇ ସେମିରେ ଡିଫି କ୍ଲବ

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ନିଶ୍ଚିନ୍ତକୋଇଲି,୨୧।୧୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୯ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ କ୍ୱାର୍ଟର୍ସ ଫାଇନାଲ ଖେଳରେ ରାଧାଦେଇପୁର ଚଣ୍ଡିଖୋଲକୁ ୪-୨ ଟ୍ରାଇବ୍ରେକର ଗୋଲରେ ପରାସ୍ତ କରି ଡିଫା କ୍ଲବ ଯାଜପୁର ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଏହି ଚିତାକର୍ଷକ ମ୍ୟାଚରେ ପରିଚାଳନା କରିଥିଲେ। ବୁଧବାର ଚତୁର୍ଥ କ୍ୱାରଟଫାଇନାଲ ଖେଳ ୟଙ୍ଗ ଉତ୍କଳ କଟକ ଓ କ୍ରୀଷ୍ଣାନନ୍ଦପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ବିଜୟ କୁମାର ବଳ ପ୍ରକାଶ କରିଛନ୍ତି।

## ଶ୍ରେଣୀଗୃହ ଉଦ୍‌ଘାଟନ, ଖେଳ ଉପକରଣ ବଣ୍ଟନ

ଚୌଦ୍ୱାର,୨୧।୧୧(ଆଶୁତୋଷ ଦାସ)

ଚୌଦ୍ୱାର ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ, ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ନୂତନ ଶ୍ରେଣୀଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୌରପାଳିକାର ୮ନଂ. ୱାର୍ଡ କାଉନ୍‌ସିଲର ବିଜୟଲକ୍ଷ୍ମୀ ବେହେରା, ସାମାଜିକ କର୍ମୀ ଅର୍ଜୁନ ପଣ୍ଡା, ଇମ୍ଫାର ପ୍ରଶାସନିକ ଅଧିକାରୀ ସାରଦା ପ୍ରସାଦ ରାଓ, ଶକ୍ତି କାରଖାନାର ମୁଖ୍ୟ ପରିଚାଳକ ଲଲାଟ କେଶରୀ ମହାପାତ୍ର, ଫେରୋଆଲଏଜ୍ ମୁଖ୍ୟ ପରିଚାଳକ ସୁଜିତ୍ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଓଟିଏମ୍ କଲୋନିସ୍ଥିତ ଦୁର୍ଗାବଜାର ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଏବଂ ଓଟିଏମ୍ ହାଇସ୍କୁଲ ପରିସରରେ ଥିବା ବିଭିନ୍ନ ଖେଳ ଉପକରଣ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମ୍ପାନୀ ଷ୍ଟାଫ୍ କ୍ଲବ ପରିସରରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ସହରର ୧୨ଟି ହାଇସ୍କୁଲକୁ ଫୁଟବଲ, ଭଲିବଲ ଓ କ୍ରିକେଟ ଖେଳ ପାଇଁ ଆବଶ୍ୟକ ସରଞ୍ଜାମ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଲୋକସମ୍ପର୍କ ବିଭାଗର ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ ସହଯୋଗ କରିଥଲେ।

# ୪୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ବଡ଼ମ୍ବା,୨୧।୧୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ୩ଟି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ କରାଯାଇଥିବା ଜଣାଯାଇଛି। ବିଶେଷକରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଦାଶରଥିପୁର, ମାଳତି ଓ ଶଙ୍ଖାମେରୀ ପଞ୍ଚାୟତର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସୋମବାର ଏ ସମସ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ କମ୍ୟୁନିଟି ହଲ, ଖେଳପଡିଆ, ସାଂସ୍କୃତିକ ହଲ, ଶିକ୍ଷାନୁଷ୍ଠାନ, ଦେବାଦେବୀ ତଥା ମନ୍ଦିର ସମ୍ବନ୍ଧୀୟ, କୃଷକ କମ୍ୟୁନିଟି ହଲ ସମେତ ଅନ୍ୟ ସବୁ ପ୍ରକଳ୍ପ ରହିଛି । ଏଥିସହ ମାଳତି ପଞ୍ଚାୟତଠାରେ ଫସଲ ବିବିଧ କରଣ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ମନ୍ତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ବିଧାୟକ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, କଟକ ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ଦାଶରଥୀପୁର ସରପଞ୍ଚ ପ୍ରମୋଦିନୀ ବେହେରା, ମାଳତି ସରପଞ୍ଚ ରତ୍ନାକର ବେହେରା, ଶଙ୍ଖାମେରୀ ସରପଞ୍ଚ ଜ୍ୟୋସ୍ନାମୟୀ ବିଶ୍ୱାଳ, ବିଜେଡି ନେତା ସୁଶାନ୍ତ କୁମାର ଜେନା, ଶେଷଦେବ କହଁର, ଦେବାର୍ଚ୍ଚନ ବେହେରାଙ୍କ ସମେତ ଗୋବର୍ଦ୍ଧନ ସାମନ୍ତରାୟ, ବିଜୟ କୁମାର ମିଶ୍ର, ଭିକାରି ପାଣି, କୃପାସିନ୍ଧୁ ପଲେଇ, ଭାବଗ୍ରାହୀ ସାହୁ, ମାନସ ମୁଦୁଲି, ବଟକୃଷ୍ଣ ମହାନ୍ତି, ଗୋଲଖ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କନ୍ତପ ଲକ୍ଷ୍ମୀପୂଜା କମ୍ୟୁନିଟି ହଲ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କମିଟି ସଦସ୍ୟ ନାଥ ସାହୁ, ଝରୀ ସ୍ୱାଇଁ, କୃପାସିନ୍ଧୁ ମଲ୍ଲିକ, ନୀଳ ରାଉତ, ରାଜକିଶୋର ମଲ୍ଲିକ, ପ୍ରଭାକର ନାୟକ, ପଞ୍ଚୁ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୈଷ୍ଣବ ପାଣି ଗୀତିନାଟ୍ୟ ଜଗତର ମୁକୁଟବିହୀନ ସମ୍ରାଟ

**ଗଣକବିଙ୍କ ୧୪୧ ତମ ଜୟନ୍ତୀ**

ମାହାଙ୍ଗା,୨୧।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆଖଣ୍ଡଳମଣି ସାଂସ୍କୃତିକ ସଂସଦ ଗୌଡ଼ପଡା ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୧ ତମ ଜୟନ୍ତୀ,ପ୍ରତିଭା ପୂଜା ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଏଥିରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ନାଟ୍ୟକାର ମନୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ନକୁଳ ନାୟକ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଗୀତିନାଟ୍ୟ ଜଗତର




ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ମୁକୁଟବିହୀନ ସମ୍ରାଟ କହିଥିଲେ । ମୁଖ୍ୟ ବକ୍ତାଭାବେ ପାଣି ସାହିତ୍ୟ ଗବେଷକ ଅଜିତ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ମସୁଦ ଅଲି, ପିସିସି ସଭ୍ୟ ଯୁବ ସଙ୍ଗଠକ ପ୍ରଦୀପ୍ତ କୁମାର ଦାସ, ସମ୍ମାନିତ ବକ୍ତାଭାବେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ସୁସାହିତ୍ୟିକ ପ୍ରଫେସର ଡ. କାର୍ତ୍ତିକ ଚନ୍ଦ୍ର ବରାଳି, ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ପାଣି ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସୁକାନ୍ତ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଦୀପକ କୁମାର ମହାନ୍ତି, ପଣ୍ଡିତ ପ୍ରଭାତ କର, ଯୁବ ସଙ୍ଗଠକ ସୌକତ ଅଲି, ସଂଗ୍ରାମ ସାମଲ, ମନ୍ମଥ ଖଟୁଆ, ଦିଲୀପ ରାଉତ, ପଞ୍ଚାନନ ଜେନା, ବୁଲୁ ସାମଲ, ସୌମ୍ୟରଞ୍ଜନ ଜେନା, ନିରଞ୍ଜନ ଜେନା, ଚିତ୍ତରଞ୍ଜନ ଜେନା, ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଙ୍ଗୀତ ନିର୍ଦ୍ଦେଶକ ମିହିର ମହାନ୍ତି, କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ,ପାଣି ଗବେଷକ ଅଜିତ କୁମାର ମହାପାତ୍ରଙ୍କୁ 'ଗଣକବି ସମ୍ମାନ', ସମ୍ ହସ୍ପିଟାଲ ଡାକ୍ତର ପ୍ରଫେସର ସୂର୍ଯ୍ୟପ୍ରକାଶ ଚୌଧୁରୀ, କଣ୍ଠଶିଳ୍ପୀ ନମିତା ନାୟକଙ୍କୁ 'ମାହାଙ୍ଗା ଗୌରବ ସମ୍ମାନ ଓ ସ୍ୱର୍ଣ୍ଣ ପଦକ ବିଜେତା ଦମୟନ୍ତୀ ଜେନା ଓ ମହିଳା କ୍ରିକେଟର ଗାୟତ୍ରୀ ଖୁଣ୍ଟିଆଙ୍କୁ 'ମାହାଙ୍ଗା ପ୍ରତିଭା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ରାଧାପାଦ ଦର୍ଶନ କଲେ ଶ୍ରଦ୍ଧାଳୁ

**ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ):** ବାଲୁଗାଁ ଅଞ୍ଚଳର ରାଧାକୃଷ୍ଣ ଦେବ ମନ୍ଦିର ଓ କୁଲାକୁଣ୍ଡେଇ ନୂଆଗାଁ ସ୍ଥିତ ରାଧାଗୋବିନ୍ଦ ଦେବଙ୍କ ପୀଠରେ ମଙ୍ଗଳବାର ଅଁଳାନବମୀ ଅବସରରେ ଶ୍ରୀରାଧାପାଦ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। କାର୍ତ୍ତିକ ମାସରେ ଶ୍ରଦ୍ଧାଳୁମାନେ ରାଧା ପାଦ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏଥିସହିତ ବାଲୁଗାଁ ଆନନ୍ଦ ବଜାର ସ୍ଥିତ ରାଧାକୃଷ୍ଣ ଦେବ ମନ୍ଦିରରେ ମଧ୍ୟ ଶ୍ରୀରାଧାପାଦ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା।

### ମତ୍ସ୍ୟଜୀବୀ ମହାସଂଘ ଉପଦେଷ୍ଟାଙ୍କ ପରଲୋକ

**ଟାଙ୍ଗୀ,୨୧।୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀଙ୍କୁ ନେଇ ମତ୍ସ୍ୟଜୀବୀ ମହାସଂଘ ଗଠିତ। ଏହି ମହାସଂଘର



ଉପଦେଷ୍ଟା ତଥା ସାମ୍ୟବାଦୀ ନେତା ବୀରଞ୍ଚି ବେହେରାଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ଖବରପାଇ ମହାସଂଘ ସଭାପତି ଶ୍ୟାମ ସୁନ୍ଦର ବେହେରା, ଭୂଷଣ୍ଡପୁର ପୂର୍ବତନ ସରପଞ୍ଚ ତଥା ସମବାୟ ସମିତି ସଭାପତି ଦଣ୍ଡପାଣି ବେହେରା, ରଙ୍ଗନାଥ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ହୃଷିକେଶ ମୁଖାଗ୍ନି ଦେଇଥିଲେ।

### ପରିଷ୍କାର ପରିବେଶ ଦିଏ ସୁସ୍ଥ ଜୀବନଯାପନ

**ବେଗୁନିଆ,୨୧।୧୧(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପରିଷ୍କାର ପରିବେଶ ସମ୍ପର୍କରେ ଆଲୋଚନା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜଳବାୟୁ ପରିବର୍ତ୍ତନର ପ୍ରଳୟଙ୍କରୀ ପରିଣାମ, ପରିବେଶ ଅଧପତନ ଏବଂ ଜୈବ ବିବିଧତା କ୍ଷତି ମାନବ ସ୍ୱାସ୍ଥ୍ୟ କଲ୍ୟାଣ ଉପରେ ପ୍ରଭାବିତ କରୁଛି। ତେଣୁ ସୁସ୍ଥ ଜୀବନଯାପନ ପାଇଁ ଆମକୁ ପରିବେଶ ପରିଷ୍କାର ନିହାତି ଲୋଡା ପଡୁଛି ବୋଲି ପିଲାମାନଙ୍କୁ ଅଧ୍ୟକ୍ଷା ସଚେତନତା କରିଥିଲେ। ପରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ବିଜୟ ଲକ୍ଷ୍ମୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ଚତୁଃପାର୍ଶ୍ୱକୁ ଛାତ୍ରୀଛାତ୍ରମାନେ ପରିଷ୍କାର କରିଥିଲେ। ମଧୁସ୍ମିତା ଆଚାର୍ଯ୍ୟ, ପ୍ରମୋଦ କୁମାର ମହାନ୍ତି, ଯୋଗେଶର ବଳିୟାରସିଂହ, ପ୍ରିୟଦର୍ଶିନୀ ମହାପାତ୍ର,ଉତ୍କଳିକା ସାହୁ, ପ୍ରଶାନ୍ତ ଜେନା,ଦୀପକ କୁମାର ମାର୍ଥାଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ସାମିଲ ଥିଲେ। କାର୍ଯ୍ୟକ୍ରମରେ ଅଧାପକ ସଲିଳ କୁମାର ବଡ଼ଜେନା, ଅଧାପକ ନବ କିଶୋର ବିଶୋଇ ଓ ଅଧାପିକା ନମିତା ରାଣୀ ମହାରଣାଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା କରାଯାଉ

**ଟାଙ୍ଗୀ,୨୧।୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡାକ୍ତରମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱରରେ ପୀଡ଼ିତ ରୋଗୀଙ୍କୁ ଡେଙ୍ଗୁ ପରୀକ୍ଷା ପାଇଁ ପରାମର୍ଶ ଦେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ପରୀକ୍ଷା କରାଯାଉଥିଲା। ଏହି ଡେଙ୍ଗୁ ପରୀକ୍ଷା ଗତ ୩ ମାସଧରି ଚାଲିଥିଲା। ଏବେ ଏହି ପରୀକ୍ଷା କୌଣସି କାରଣରୁ ବନ୍ଦ କରିଦିଆଯାଇଛି। ଫଳରେ ରୋଗୀମାନେ ବାହାରେ ଡେଙ୍ଗୁ ପରୀକ୍ଷା କରୁଥିବା ଜଣାପଡ଼ିଛି। ପରୀକ୍ଷା ବାବଦକୁ ୭ଶହ ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେଣୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁନଃ ଡେଙ୍ଗୁ ପରୀକ୍ଷା କରିବାକୁ ସାଧାରଣରେ ଦାବି ହେଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି।







ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହ ଅବସରରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟ, ନାଗା ନୃତ୍ୟ ଓ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଛି।

# ‘ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା’

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ପାଇକ ଆଖଡ଼ା ପ୍ରଦର୍ଶନ



ସମାରୋହରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

**ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)**

ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଅନୁଷ୍ଠିତ ଡ. ହରେକୃଷ୍ଣ ମହତାବ ଜୟନ୍ତୀ ସମାରୋହରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦଘାଟକ ତଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାବାସୀଙ୍କୁ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଡ. ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା ଓ ସ୍ଥପତି। ଗଡ଼ଜାତ ରାଜ୍ୟଗୁଡ଼ିକୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ ଓ ଅନ୍ୟତମ। ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟର ପଟାନ୍ତର ନ ଥିଲା। ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାର ରୂପରେଖ ବଦଳିଥିଲା ଓ ବହୁବିଧ ବିକାଶ ହୋଇଥିଲା। ସେ ଛାତ୍ର ସମୟରେ ଦେଶକୁ ସ୍ୱାଧୀନ ଦେଖିବା ପାଇଁ ସ୍ନାତକ ପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ସ୍ୱାଧୀନଚେତନାର ବାର୍ତ୍ତା ଲୋକଙ୍କ ପାଖରେ ପାଖରେ ପହଞ୍ଚାଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମର ଲଢ଼େଇରେ ଅନେକବାର କାରାବରଣ ଭୋଗିଥିଲେ। ମହତାବ ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଜନଜାଗରଣ ସୃଷ୍ଟି କରିବାକୁ ଦୈନିକ ସମ୍ବାଦପତ୍ର ‘ପ୍ରଜାତନ୍ତ୍ର’ ପ୍ରକାଶ କରିଥିଲେ। ସ୍ୱାଧୀନତା ପରେ ଏହା ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପଦାରେ ପକାଇବାରେ ଅସ୍ତ୍ର ସଦୃଶ କାର୍ଯ୍ୟ କରୁଥିଲା ବୋଲି ରାଜ୍ୟପାଳ କହିଥିଲେ। ମହତାବ ତାଙ୍କର ରାଜନୈତିକ ଜୀବନ ବ୍ୟତୀତ ସାହିତ୍ୟ, ସଂସ୍କୃତିର ବିକାଶ ଓ ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିଛନ୍ତି, ଯାହାକି ତାଙ୍କୁ ଓଡ଼ିଶାବାସୀ ସବୁଦିନ ପାଇଁ ମନେରଖିବେ। ଓଡ଼ିଶା ସାହିତ୍ୟକୁ ସମୃଦ୍ଧ କରିବା ଏବଂ ଓଡ଼ିଶାରେ ନୂଆ ନୂଆ ଲେଖକଙ୍କୁ ତିଆରି କରିବା ପାଇଁ ସେ ‘ଝଙ୍କାର’ ପତ୍ରିକା ପ୍ରକାଶ କରୁଥିଲେ। ସେହିପରି ସାହିତ୍ୟିକମାନଙ୍କୁ ଏକାଠି କରିବା ଲାଗି ବାର୍ଷିକ ବିଷୁବ ମିଳନ ଉତ୍ସବ ଆୟୋଜନ କରୁଥିଲେ। ଶିଳ୍ପ, ବାଣିଜ୍ୟ, ସଂସ୍କୃତିର ବିକାଶ ପାଇଁ ସେ ଥିଲେ ଓଡ଼ିଆଙ୍କ ଯୁଗପୁରୁଷ ବୋଲି ଛତିଶଗଡ଼ ରାଜ୍ୟପାଳ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ସ୍ଥାନରୁ ଢ଼ାଲ, ତଲୱାର ଧରି ପାରମ୍ପରିକ ବେଶପୋଷାକରେ ଆସିଥିବା ଶହ ଶହ ପାଇକଙ୍କୁ ରାଜ୍ୟପାଳ ହରିଚନ୍ଦନ ସେମାନଙ୍କ ପୂର୍ବପୁରୁଷଙ୍କ ଗୌରବ, ବୀରତ୍ୱ ଓ ଦିଗ୍‌ବିଜୟର କାହାଣୀ ବିଷୟରେ ମନେ ପକାଇଥିଲେ ଏବଂ ତାଙ୍କୁ ସେମାନଙ୍କ ପରି ଅନ୍ୟାୟ ଓ ଅନୀତି ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ସମିତିର ସାଧାରଣ ସମ୍ପାଦକ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ



**ଟାଙ୍ଗୀ,୨୧।୧୧(ରଘୁନାଥ ସାହୁ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଟାଙ୍ଗୀ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ଓ ମାନସିକ ବାଧିତ ଭିନ୍ନକ୍ଷମ ପୁରୁଷ, ମହିଳା, ବାଳକ, ବାଳିକାମାନେ ନାମ ପଞ୍ଜୀକରଣ କରିବା ସହ ପରୀକ୍ଷା କରାଇଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ଆୟୁଷ୍ମାନ ଶତପଥୀ, ଶ୍ରବଣ ବାଧିତ ଡା.ସରୋଜ ରଞ୍ଜନ ନାୟକ, ଚକ୍ଷୁ ବିଶେଷଜ୍ଞ ଅଜୟ କୁମାର ସିଂ, ମାନସିକ ବାଧିତ ଡା. ଜୟଦେବ ଦେଓ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଭିନ୍ନକ୍ଷମ ସାର୍ଟିଫିକେଟ ଓ ଉପକରଣ ପାଇଁ ସୁପାରିଶ କରିଥିଲେ। ବିଡିଓ ରେସମା ଟେଟେ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ୧୬ ଜଣଙ୍କୁ ବସ୍‌ପାସ, ଭୂଷଣ୍ଡପୁରର ବ୍ରଜବନ୍ଧୁ ବେହେରାଙ୍କୁ ଟ୍ରାଇ ସାଇକେଲ ଓ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୧୦୫ ଜଣ, ଚକ୍ଷୁ ବିଭାଗରେ ୩୦ଜଣ, ମାନସିକ ବିଭାଗରେ ୪୪ ଜଣ, ଶ୍ରବଣ ବିଭାଗରେ ୪୮ଜଣ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ପରୀକ୍ଷା ପରେ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଜୟୀରାଜଗୁରୁଙ୍କ ପରି ନିର୍ଭୀକ, ସାହସୀ ହୁଅ’

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜୟୀ ରାଜଗୁରୁ ସ୍ମୃତି କମିଟି ଦ୍ୱାରା ଜୟୀରାଜଗୁରୁ ବିଦ୍ୟାଳୟ ସମୂହଠାରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୟୀରାଜଗୁରୁ ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଜେମାଦେଇ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଡ.ଗୌରହରି ମିଶ୍ର ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଏବିଇଓ ସତ୍ୟବାନ୍ ଶ୍ରୀଚନ୍ଦନ ଜୟୀରାଜଗୁରୁଙ୍କ ପରି ନିର୍ଭିକ ଓ ସାହାସୀ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଆର୍ତ୍ତତ୍ରାଣ ତରାଇ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତ ବଲ୍ଲଭ ଜେନା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜୟୀରାଜଗୁରୁ ଉଚ୍ଚ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜଗଦ୍ଦେବ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଓ ସ୍ମୃତି କମିଟିର ସଭାପତି ଜୟକୃଷ୍ଣ ସେନାପତି ତାଙ୍କୁ ସମ୍ମାନିତ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଶୁଭସ୍ମିତା ନାୟକ ପ୍ରଥମ, ସ୍ମୃତିରେଖା ସାହୁ ଦ୍ୱିତୀୟ ଓ ସୁପ୍ରିୟା ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ଅନୁପମା ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜୟୀରାଜଗୁରୁ ସ୍ମୃତି କମିଟିର ସମ୍ପାଦକ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

## କରାଟେରେ ଦିବ୍ୟାଙ୍ଗନାଙ୍କୁ କାଂସ୍ୟ ପଦକ

**ବାଲୁଗାଁ,୨୧।୧୧(ସଂଗ୍ରାମ ପାଇକରାୟ):** ଗତ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଦିଲ୍ଲୀସ୍ଥିତ ତାଲ୍‌କୋତରା ଇଣ୍ଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୭୦ଜଣ ବାଳିକାବାଳକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ମୋଟ୍ ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୩ଟି କାଂସ୍ୟ ପଦକ ପାଇଥିବା ବେଳେ ଖୋର୍ଦ୍ଧା ଜିଲା ବାଲୁଗାଁ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷାର୍ଥୀ ଦିବ୍ୟାଙ୍ଗନା ସାମନ୍ତରାୟ(୧୦) ସବ୍‌ଜୁନିୟର ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। କରାଟେ ପ୍ରଶିକ୍ଷକ ସେନସେଇ ଦୀପକ ସାମନ୍ତରାୟଙ୍କ ନିକଟରେ ଦିବ୍ୟାଙ୍ଗନା ପ୍ରଶିକ୍ଷଣ ପ୍ରାପ୍ତି କରିଛନ୍ତି। ଦିବ୍ୟାଙ୍ଗନାଙ୍କ ଏହି କୃତୀତ୍ୱ ପାଇଁ ରାଜ୍ୟ କରାଟେ ସଂଘର ସଭାପତି ହାନସି ଡ.ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ.ଗୌରୀ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ନାଟକ ‘ସକାଳ ହୋଇନି ଆସିଲା ସଞ୍ଜ’ ମଞ୍ଚସ୍ଥ



ନାଟକର ଏକ ଦୃଶ୍ୟ।

**ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଧବଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଗୁରୁଜଙ୍ଗ ଧବଳେଶ୍ୱର ଯୁବନାଟ୍ୟ ସଂସଦର ୧୬ ତମ ସାମାଜିକ ନାଟକ ‘ସକାଳ ହୋଇନି ଆସିଲା ସଞ୍ଜ’ ଅନୁଷ୍ଠିତ ହୋଇଯାଇଛି। ଯୁବ ନାଟ୍ୟ ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରକାଶ କୁମାର ସାହୁଙ୍କ ନିର୍ଦ୍ଦେଶନା, ସମୀର କୁମାର ବଡ଼ଜେନା ସହନିର୍ଦ୍ଦେଶନା, ମୁଖ୍ୟ ପରିଚାଳନା ତୁଷାରକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ଏହା ଆୟୋଜନ ହୋଇଥିଲା। ଶିଶୁ କଳାକାର ଡୁଗୁ ଓ ପିଣ୍ଟୁ, ମହିଳା କଳାକାର ରୀନା, ପୁଷ୍ପା, ଜୟନ୍ତୀଙ୍କ ଅଭିନୟ ବେଶ ନିଖୁଣ ହୋଇଥିବା ବେଳେ ଧବଳେଶ୍ୱର ଯୁବ ନାଟ୍ୟ ସଂସଦର ବରିଷ୍ଠ ଓ କନିଷ୍ଠ କଳାକାର ବିଜନ, ଗଣେଶ, ଅର୍ଜୁନ, ଟୁକୁନା, ଚରଣ, ପିଙ୍କୁ , କୁନୁ, ଟୁଟୁ, ରିତେଶ, ବାବୁଲି, ଜିତୁ, କାଳିଆ, ଅମର ପ୍ରମୁଖ ନିଜର କଳା ପରିବେଷଣ କରିଥିଲେ। ନାଟକ ଦେଖିବାକୁ ଆଖପାଖ ଅଞ୍ଚଳର ଦର୍ଶକଙ୍କ ଭିଡ଼ ଜମିଥିଲା।

## ରାଜସୁନାଖଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର ସଦସ୍ୟମାନେ।

**ବୋଲଗଡ଼,୨୧।୧୧(ଦେବବ୍ରତ ହୋତା)**

ରାଜସୁନାଖଳା ମହୋତ୍ସବ ‘କାଉଁରୀ-୨୦୨୩’ ଆୟୋଜନ ନେଇ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମା’କାଉଁରୀଙ୍କ ପୂଜାର୍ଚ୍ଚନା ପରେ ବୈଠକ ଆରମ୍ଭ ହୋଇଥିଲା। ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଉପଦେଷ୍ଟା ମଣ୍ଡଳି, ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ସଦସ୍ୟ, କାର୍ଯ୍ୟକାରୀ ସଦସ୍ୟ ଏବଂ ଆଜୀବନ ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜସୁନାଖଳା ଅଞ୍ଚଳର କଳା, ସାହିତ୍ୟ ଏବଂ ସଂସ୍କୃତିର ବିକାଶ ନିମନ୍ତେ ଆସନ୍ତା ଡିସେମ୍ବର ୮ରୁ ୧୨ତାରିଖ ପର୍ଯ୍ୟନ୍ତ ମହୋତ୍ସବ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟ ଏବଂ ଜାତୀୟ ସ୍ତରୀୟ କଳାକାରଙ୍କୁ ଆମନ୍ତ୍ରଣ କରାଯିବ। ଏଥର ଆସାମ ଏବଂ ମେଘାଳୟରୁ କଳାକାର ଦଳ ଆସି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପଦେଷ୍ଟା ପ୍ରଦୀପ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ ଓ ଶୃଙ୍ଖଳା କମିଟିସଦସ୍ୟଙ୍କ ପକ୍ଷରୁ ଦୃଢ଼ତାର ସହ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତ୍ତି ହୋଇଛି। କମିଟିର ମିଡ଼ିଆ ସେଲ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୨୧।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରକାଶ କୁମାର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଆଦି ଆସନ୍ତା ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲୁରହିବା ପାଇଁ ସ୍ଥିର ହୋଇଛି। ନୋଡାଲ ଅଫିସର ଦେବଦତ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ ବିଭାଗର କାର୍ଯ୍ୟକ୍ରମ ପାଇଁ ଅଧାପକ ପ୍ରସନ୍ନ କୁମାର ସାହୁ, ସାମାଜିକ କାର୍ଯ୍ୟ ପାଇଁ ଅଧାପକ ପ୍ରତାପ ଚନ୍ଦ୍ର ଦଳାଇ, କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଅଧାପକ ପବିତ୍ର ମୋହନ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ପରିମଳ କ୍ଷେତ୍ରରେ ଓଡ଼ିଶାକୁ ୨ ଜାତୀୟ ସ୍ତରର ପୁରସ୍କାର

**ଭୁବନେଶ୍ୱର, ୨୧।୧୧ (ବନ୍ଦନା ସେଠୀ)**

ବାର୍ଷିକ ଭାରତ ପରିମଳ ମେଣ୍ଟ (ଆଇଏସ୍‌ସି)-ଫିକି ପରିମଳ ପୁରସ୍କାର ସମାରୋହରେ ଓଡ଼ିଶାକୁ ଦୁଇଟି ଜାତୀୟ ସ୍ତରର ପୁରସ୍କାର ମିଳିଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଏବଂ କଲ୍ୟାଣ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ‘ଗରିମା’ କାର୍ଯ୍ୟକ୍ରମ ‘ସ୍ୱଚ୍ଛତାରେ ଶ୍ରେଷ୍ଠ ଦକ୍ଷତା ପଦକ୍ଷେପ’ ବର୍ଗରେ ଏବଂ ଭୁବନେଶ୍ୱରର ବାସୁଆଘାଇସ୍ଥିତ ଫିକାଲ ସ୍ଲଜ ସେପ୍ଟେଜ ପ୍ଲାଣ୍ଟର ପରିଚାଳନା କରୁଥିବା କିନ୍ନର ସ୍ୱୀକୃତି ଏସ୍‌ଏଚ୍‌ଜିର ଅଧ୍ୟକ୍ଷା ମେଘନା ସାହୁଙ୍କୁ ପରିମଳ ବିଭାଗର ମହିଳା ପରିବର୍ତ୍ତନକାରୀ ବର୍ଗରେ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରସ୍କାର ବିଜେତାଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ୨୦୧୯ରୁ ଆଇଏସ୍‌ସି-ଫିକି ପୁରସ୍କାରରେ ପରିମଳର ବିଭିନ୍ନ ଦିଗ ଉପରେ ଓଡ଼ିଶା କ୍ରମାଗତ ଭାବେ ଏକାଧିକ ପୁରସ୍କାର ଜିତି ଆସୁଛି। ଆଇଏସ୍‌ସି-ଫିକି ପରିମଳ ପୁରସ୍କାର ହେଉଛି ପରିମଳ କ୍ଷେତ୍ରର ପ୍ରମୁଖ ପୁରସ୍କାର। ବର୍ଷ ବର୍ଷ ଧରି ଏହି ପୁରସ୍କାର କର୍ପୋରେଟ, ଆର୍ଥିକ ଅନୁଷ୍ଠାନ, ଷ୍ଟାର୍ଟଅପ, ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ସଂସ୍ଥା ଏବଂ ଦେଶର ପରିମଳ କ୍ଷେତ୍ରରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁଥିବା ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରୟାସକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



ସମାରୋହରେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହେଲେ ଶାଶୁ

**ପୁରୀ, ୨୧।୧୧ (ଅଜିତ୍ ମହାନ୍ତି):**

ସମ୍ପତ୍ତି ପାଇଁ ବୋହୂ ନିର୍ଯାତନା ଦେଉଥିବା ଅଭିଯୋଗ କରି କୁମ୍ଭାରପଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି ଶାଶୁ। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାର୍କେଟ ଛକରେ ରହୁଥିବା ସ୍ନେହଲତା ଜେନା ଅଭିଯୋଗରେ ଦର୍ଶାଇଛନ୍ତି କି ତାଙ୍କ ବୋହୂ ତାଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତିକୁ ନିଜ ନାମରେ କରାଇବା ନେଇ ଚେଷ୍ଟା କରିବା ସହ ପାଟିତୁଣ୍ଡ ଓ ମାରପିଟ କରି ବିଭ୍ରାଟ ସୃଷ୍ଟି କରୁଛନ୍ତି। ସୋମବାର ଘରେ ତାଙ୍କ ବୋହୂ ଗଣ୍ଡଗୋଳ କରୁଥିବାବେଳେ ସେ ତାହାର ପ୍ରତିରୋଧ କରିଥିଲେ। ଜବାବରେ ବୋହୂ ଓ ତାଙ୍କ ଭାଇ ଏକ ବନ୍ଧୁକ ଦେଖାଇ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ତେଣୁ ଉଭୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ନେହଲତା ପୋଲିସକୁ ଅନୁରୋଧ କରିଛନ୍ତି।

### ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଅସ୍ତରଙ୍ଗ,୨୧।୧୧(ମମତା ଜେନା)**

ନିକଟସ୍ଥ ବାଜପୁର ଭଗବତୀ ବିଦ୍ୟାପୀଠର ୧୯୭୯ ମସିହା ମାଟ୍ରିକ ବ୍ୟାଚର ସର୍ବପୁରାତନ ଛାତ୍ରୀଛାତ୍ରଙ୍କ ପ୍ରଥମ ବନ୍ଧୁମିଳନ ଉତ୍ତରାସ୍ଥିତ ଧଉଳି ସ୍ତୁପ ଶଙ୍କଟେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରମେଶ ଚନ୍ଦ୍ର ସାହୁ ଏଥିରେ ତତ୍ତ୍ୱାବଧାନ କରିଥିଲେ। ପ୍ରଥମେ ସ୍ୱର୍ଗତ ବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଗାମୀବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯିବା ସହିତ ଆହୁରି ସରସ ସୁନ୍ଦର କରିବାକୁ ସମସ୍ତେ ସମ୍ମତି ଦେଇଥିଲେ। ବରିଷ୍ଠ ବନ୍ଧୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ରମେଶ, ପର୍ଶୁରାମ, ବିଚି, ସଂଗ୍ରାମ, ପାର୍ବତୀ, ନୀରୋଦ, ଅକ୍ଷୟ, ନଳିନୀ, ନର୍ମଦା, ଈଶ୍ୱର, ରମାମଣି, କାର୍ତ୍ତିକ, ବନଲକ୍ଷ୍ମୀ, ପଦ୍ମଚରଣ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ବନ୍ଧୁ ବାନ୍ଧବୀ ଓ ତାଙ୍କ ପରିବାର ଏକାଠି ହୋଇଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୨୧୦ ପ୍ରକଳ୍ପ ପ୍ରଦର୍ଶିତ

**ନିମାପଡ଼ା,୨୧।୧୧ (ବିଚିତ୍ରାନନ୍ଦ ସାହୁ /ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିମାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏବିଇଓ ସୌଦାମିନୀ ଦାଶ, ପ୍ରତିଭା ମହାନ୍ତି, ଶ୍ରୀମନ୍ତ ଶେଖର ରଥ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ବୃଦ୍ଧି ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠା ଓ ପ୍ରେରଣା ଏକାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ମେଳାରେ ମୋଟ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ଟି ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ମେଳାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସରକାରୀ କାଗଜପତ୍ରରେ ଚାଲିଛି ମଧ୍ୟାହ୍ନଭୋଜନ

**ଅସ୍ତରଙ୍ଗ, ୨୧।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

## ଅଚାନକ ଚଢ଼ାଉ କଲେ ଅତିରିକ୍ତ ଶିକ୍ଷାଧିକାରିଣୀ

ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ତଥା ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ରୋକିବା ପାଇଁ ସରକାରଙ୍କ ତରଫରୁ କୋମଳମତି ଶିଶୁମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଛି। କିନ୍ତୁ କେତେକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହୀନ ମାନସିକତା ଯୋଗୁ ଏହା ଫଳପ୍ରଦ ହୋଇପାରୁନାହିଁ। ଏପରି ଏକ ଘଟଣା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସାଏଙ୍ଗରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ମୁତାବକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ନାମରେ ଆଗରୁ ବିଦ୍ୟାଳୟକୁ ଡେରିରେ ପହଞ୍ଚୁଥିବା ଅଭିଯୋଗ ରହିଛି। ସେହିପରି ଗତ ଶୁକ୍ରବାର ଗାଁରେ ଜଣେ ବ୍ୟକ୍ତିଙ୍କ ଭୋଜି ଥିଲା ବୋଲି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧାଯାଇ ନ ଥିବାବେଳେ ସରକାରୀ ଖାତାରେ କିନ୍ତୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇଛି ବୋଲି ସୂଚନା ଦିଆଯାଇଛି। ସେହିଭଳି ମଙ୍ଗଳବାର ଗାଁର ଏକ ମନ୍ଦିରରେ ଭୋଜିଥିବାରୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇନଥିବା ଜଣାଯାଇଛି। ଅନ୍ୟପଟେ ବିଦ୍ୟାଳୟ ପାଚିକା ଉର୍ମିଳା ସାହୁ କହିଛନ୍ତି, ଗ୍ରାମ ଠାକୁରଙ୍କ ନିକଟରେ ଭୋଜି ହେଉଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ରୋଷେଇ ବନ୍ଦ କରିବାକୁ କହିଥିଲେ। କିନ୍ତୁ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଓଝା କହିଛନ୍ତି ବିଦ୍ୟାଳୟ ପାଖ ମନ୍ଦିରରେ ଜଣେ ବ୍ୟକ୍ତିଙ୍କ ଭୋଜିଥିଲା, ସେଥିପାଇଁ ରୋଷେଇ ହୋଇନାହିଁ। ଏ ସମ୍ପର୍କରେ ଖବର ପାଇ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ ତଦାରଖ ପାଇଁ ବିଦ୍ୟାଳୟରେ ପହଞ୍ଚିଥିଲେ। ରୋଷେଇ ହୋଇ ନ ଥିବାରୁ ପାଚିକାଙ୍କୁ ନିର୍ଦ୍ଦେଶ ଦେଇ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇଥିଲା। ଶିକ୍ଷାଧିକାରିଣୀ ଏଭଳି ଘଟଣାକୁ ଗୁରୁତର ସହ ନେଇଥିବା ବେଳେ ଏହାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

## ସୁରକ୍ଷା ଦାବି

**ଚାରିଛକ,୨୧।୧୧(ଶିଶିର ସ୍ୱାଇଁ)**



ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତର ଶ୍ରୀକୋଇଲି ମହୁରିଆ ସାହି ରାସ୍ତାରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଟ୍ରାନ୍ସଫର୍ମରରେ ଲତାମାଡି ୧୧ କେଭି ତାରକୁ ସ୍ପର୍ଶ କରି ଢଳି ରହିଛି। ପ୍ରକାଶ ଯେ, ଏହି ୧୧ କେଭି ଟ୍ରାନ୍ସଫର୍ମର ୧୯୯୯ ମହାବାତ୍ୟାଠାରୁ ଏପର୍ଯ୍ୟନ୍ତ ମୁକୁଳା ହୋଇ ପଡ଼ି ରହିଛି। ଏହି ଟ୍ରାନ୍ସଫର୍ମର ଦେଇ ଦଣ୍ଡିକିରା, ଶ୍ରୀକୋଇଲି, କଦଳୀବାରି, ତିନ୍ତୁଳିଗୁଆ, ସଇଦାବାଦ, ଜଳଛତ୍ର ଓ ଓଡ଼ଗୁଆଁ ଗ୍ରାମରୁ ଦୈନିକ ଶତାଧିକ ଲୋକ ଯିବାଆସିବା କରନ୍ତି। ଏଥିସହ ଟ୍ରାନ୍ସଫର୍ମର ତଳକୁ ଗାଈ, ଛେଳି, ମେଣ୍ଢା ଘାସ ଖାଇବାକୁ ଆସି ବିପଦରେ ପଡୁଛନ୍ତି। ଏସମ୍ପର୍କରେ ପୂର୍ବରୁ ଦଣ୍ଡିକିରା ଗ୍ରାମବାସୀ ବିଦ୍ୟୁତ୍ କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଲତା ସଫା କରି ତାରଜାଲି ବୁଲାଇବାକୁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି। ଶୀଘ୍ର ଏହା କରିବାକୁ ଗ୍ରାମର ଅର୍ଜୁନ ସ୍ୱାଇଁ, କୁଞ୍ଜବିହାରୀ ପରିଡ଼ା, କାହ୍ନୁଚରଣ ବେହେରା, ରବୀନ୍ଦ୍ର ଦାସ, ଦିଲୀପ ଦାସ, ଅଜୟ ପରିଡ଼ା, ସୁବାସ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

# ଅଁଳା ବୃକ୍ଷକୁ ପୂଜାକଲେ ବ୍ରତଧାରୀ



ଅଁଳା ବୃକ୍ଷକୁ ମାନସିକଧାରୀମାନେ ପୂଜାର୍ଚ୍ଚନା କରୁଛନ୍ତି ।

**ପୁରୀ, ୨୧।୧୧ (ଅଜିତ୍ ମହାନ୍ତି):**

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀକୁ ଅଁଳା ନବମୀ ଭାବେ ବିବେଚନା କରାଯାଏ। ଏହି ଦିନ ଅଁଳା ବୃକ୍ଷକୁ ପୂଜା କରିବାର ପରମ୍ପରା ରହିଛି। କାର୍ତ୍ତିକ ଶୁକ୍ଳ ନବମୀ ତିଥିରେ ପବିତ୍ର ମନେ କରାଯାଉଥିବା ଅଁଳା ବୃକ୍ଷକୁ ପୂଜା କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଓ ବିଶ୍ୱାସକୁ ନେଇ କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ କରୁଥିବା ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ସହରର ବିଭିନ୍ନ ସ୍ଥାନରେ ଥିବା ଅଁଳା ବୃକ୍ଷକୁ ପୂଜା କରିଥିବା ଦେଖିବାକୁ ମିଳିଛି। ସେହିପରି ପବିତ୍ର ଅଁଳା ନବମୀରେ ରାଧାପାଦ ଦର୍ଶନ କରିବାର ପରମ୍ପରା ରହିଛି। ଭକ୍ତମାନେ ସାକ୍ଷୀଗୋପାଳ ଯାଇ ସାକ୍ଷୀ ଗୋପୀନାଥ ମନ୍ଦିରରେ ମା'ଙ୍କ ପାଦ ଦର୍ଶନ କରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେହିପରି ଯେଉଁ ଭକ୍ତମାନେ ସାକ୍ଷୀଗୋପାଳ ଯାଇ ଶ୍ରୀରାଧାପାଦ ଦର୍ଶନ କରିପାରି ନ ଥିଲେ ସେମାନେ ପୁରୀ ଆସି ଶ୍ରୀମନ୍ଦିର ପରିସରରେ ଥିବା ସାକ୍ଷୀଗୋପୀନାଥ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଅଁଳା ନବମୀ ଅବସରରେ ଶ୍ରୀମନ୍ଦିରରେ ବ୍ୟାପକ ଗହଳି ପରିଲକ୍ଷିତ ହୋଇଥିଲା।

## ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ବୈଠକ

**ଅସ୍ତରଙ୍ଗ, ୨୧।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ରବିବାର ଆଳଙ୍ଗପୁର ଗ୍ରାମ ପଞ୍ଚାୟତର ଖଟୁଆ ଗାଦିଠାରେ ପଞ୍ଚାୟତସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଦେଶ କଂଗ୍ରେସର ଉପସଭାପତି ତଥା କାକଟପୁର ନିର୍ବାଚନମଣ୍ଡଳୀର ନେତା ବିଶ୍ୱଭୂଷଣ ଦାସ ଯୋଗଦେଇ କଂଗ୍ରେସ ଓ ହାତ ଚିହ୍ନକୁ ଘରେ ଘରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରରେ ଭାଜପା ଓ ଓଡ଼ିଶାରେ ବିଜେଡି ସରକାରଙ୍କ ଜନ ମାରଣ ନୀତି ଓ ବିଫଳତା ଉପରେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ବାଚନ ପ୍ରତିଶ୍ରୁତି ଆଧାରରେ ଆଗାମୀ ୨୦୨୪ ନିର୍ବାଚନରେ କଂଗ୍ରେସ ଦଳର ପ୍ରତିଶ୍ରୁତି ଓଡ଼ିଶାରେ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କର୍ମୀ ବୈଠକରେ ବ୍ଲକ ସଭାପତି ସୁକାନ୍ତ ମହାନ୍ତି, ସରପଞ୍ଚ ଭାନୁପ୍ରିୟ ଭୋଳ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ପ୍ରତାପ କୁମାର ଖୁଣ୍ଟିଆ ଓ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି ଉପସ୍ଥିତ କର୍ମୀମାନଙ୍କୁ ସାଧାରଣ ଜନତାଙ୍କ ସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜୋନ-୧ର ସଭାପତି ବିକାଶ କୁମାର ବାରିକ, ଜୋନ ୨ ସଭାପତି ପ୍ରଶାନ୍ତ କୁମାର ଭୋଳ, ନିର୍ବାଚନମଣ୍ଡଳୀ ସଂଯୋଜକ ଜିତେନ୍ଦ୍ର କୁମାର ନାୟକ, ପଞ୍ଚାୟତ ସଭାପତି ଭ୍ରମରବର ଦାସ, ଯୁବନେତା ରାଜା ସ୍ୱାଇଁ, କୃଷକ ନେତା ତୃଷାର କାନ୍ତ ନାୟକ, ପବିତ୍ର ଲେଙ୍କା, ସୁଦାମ ପ୍ରଧାନ, ଲିଟୁ ବିଶ୍ୱାଳ ଓ ସୁବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଭା ଦେଖାଇଲେ କୁନି କୁନି ବୈଜ୍ଞାନିକ

**ଅସ୍ତରଙ୍ଗ, ୨୧।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):**

## ୩୨ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

ଛାତ୍ରୀଛାତ୍ରଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଲକ୍ଷ୍ୟରେ ପୁରୀ ଜିଲା ଅନ୍ତର୍ଗତ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୨ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ବିଜ୍ଞାନ ପ୍ରତି ଆଗ୍ରହ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନ, ବିଜ୍ଞାନ ସମ୍ବନ୍ଧୀୟ କୁନି କୁନି ବୈଜ୍ଞାନିକଙ୍କ ଚିନ୍ତାକୁ ଅଭିବୃଦ୍ଧି କରି ଏହି ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା। ବିଜ୍ଞାନ ମେଳାରେ ଚନ୍ଦ୍ରଯାନ-୩ ଓ ଆଦିତ୍ୟ ଏଲ-୧ ସମ୍ପର୍କରେ କୁନି ବୈଜ୍ଞାନିକଙ୍କ ଦ୍ୱାରା ସୁନ୍ଦର ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟପଟେ ଚୁମ୍ବକୀୟ କ୍ଷେତ୍ରରୁ ବିଦ୍ୟୁତ ଶକ୍ତି ଉତ୍ପାଦନ, ଡାଇନାମିକ୍‌ରେ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯାଇ ବ୍ୟାଟେରିରେ ଶକ୍ତି ସଞ୍ଚୟ ଆଦି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ହସ୍ପିଟାଲରେ ଷ୍ଟାଫ୍ ଅଭାବ ବେଳେ ସାଲାଇନ୍‌ଜନିତ ଅସୁବିଧାରେ କିଭଳି ସିଗ୍ନାଲ ମିଳିପାରିବ ସେ ସମ୍ପର୍କିତ ପ୍ରକଳ୍ପକୁ ବେଶ୍ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ଛାତ୍ରୀଛାତ୍ର। ଏଥିସହ ଜଳବାୟୁ, ମୃତ୍ତିକା ସଂରକ୍ଷଣ, ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟ, ଗମନାଗମନ, ଟ୍ରାଫିକ କଣ୍ଟ୍ରୋଲ ଭଳି ବିଭିନ୍ନ ପ୍ରକଳ୍ପ ଉପରେ ଆଧାରିତ ବିଜ୍ଞାନର ଜ୍ଞାନକୌଶଳକୁ ଦର୍ଶାଯାଇଥିଲା। ଏହି ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ୧୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ରାଜଲକ୍ଷ୍ମୀ ପାତ୍ର, ସୁଧାଂଶୁ ବାଳା ଶତପଥୀ ଓ ବ୍ଲକ ବିଜ୍ଞାନ ସଂଯୋଜକ ମିଥୁନ କୁମାର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଅତିଥିମାନେ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋଲକ ଚନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ବିଜୟ ବିଶ୍ୱାଳ ଉପସ୍ଥିତ ରହି ଶ୍ରେଷ୍ଠ ପ୍ରକଳ୍ପଧାରୀଙ୍କୁ ପୁରସ୍କୃତ କରିଥିଲେ। ଜିଲାସ୍ତରକୁ ଶ୍ରେଷ୍ଠ ବିବେଚିତ ୫ଟି ପ୍ରକଳ୍ପ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକଙ୍କ ସହ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ନିଜ ନିଜର ପ୍ରୋଜେକ୍ଟକୁ ପ୍ରଦର୍ଶିତ କରୁଛନ୍ତି ଛାତ୍ରୀଛାତ୍ର ।

# ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ



ଜୟୀ ରାୟଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

**ପୁରୀ, ୨୧।୧୧ (ଅଜିତ୍ ମହାନ୍ତି):**

ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ମଙ୍ଗଳବାର ସକାଳେ ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣପୁର ଛକ ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ସଦର ପୋଲିସ ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ କରିବା ସହ ଶହୀଦ୍‌ଙ୍କ ସ୍ମୃତି ଚାରଣ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୫ ପ୍ରକଳ୍ପ ପ୍ରଦର୍ଶିତ

**କଣାସ,୨୧।୧୧(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨୯ତମ କଣାସ ବ୍ଲକସ୍ତରୀୟ ବିଜ୍ଞାନମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ଗତ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଲିଜା ବେହେରା ବିଜ୍ଞାନମେଳା ଉଦ୍‌ଘାଟନ କରିଥିଲେ। କଣାସ ବ୍ଲକର ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ କଣାସ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ, ବିନୋଦ ବିହାରୀ ସେଠୀ, କଣାସ ବ୍ଲକ ସ୍ତରୀୟ ବିଜ୍ଞାନମେଳା ସମିତିର ସଂଗଠନ ସମ୍ପାଦକ ତଥା ପ୍ରଧାନଶିକ୍ଷକ ବିଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ଭାରତର ବିକାଶ ପଥରେ ବିଜ୍ଞାନର ଭୂମିକା ସହ ଏଥିରେ କୁନିକୁନି ବୈଜ୍ଞାନିକଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ୫ଟି ବିଭାଗରେ କଣାସ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟରୁ ମୋଟ ୮୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ ବିଜ୍ଞାନ ପରିଦର୍ଶକ କାମଦେବ ପ୍ରଧାନ ଓ ଯୋଗେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଅପରାହ୍ନରେ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା ରୂପେ ସମ୍ପାଦକ ଓଡ଼ିଶା ପରିବେଶ ସମିତି, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡ. ବିଜୟ ପାତ୍ର ଯୋଗଦେଇଥିଲେ। କୁନିକୁନି ଜ୍ଞାନିଙ୍କୁ ବିଜ୍ଞାନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଏକାଗ୍ରତା ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କୃତୀ ପ୍ରକଳ୍ପଧାରୀ ଓ ଗାଇଡ୍ ଶିକ୍ଷକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ହାନା ଟାଏକୋଣ୍ଡୋ ଏକାଡେମୀର ବଡ଼ ସଫଳତା

**ସାକ୍ଷୀଗୋପାଳ, ୨୧।୧୧ (ଭରତ ରାଉତ) :**

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୨ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୬ଟି କାଂସ୍ୟ

ଓଡ଼ିଶା ଟାଏକୋଣ୍ଡୋ ସଂଘ ଏବଂ ପୁରୀ ଟାଏକୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୫ତମ ଓଡ଼ିଶା ଅଫିସିଆଲ ରାଜ୍ୟସ୍ତରୀୟ ସବ୍‌ଜୁନିଅର ଓ ସପ୍ତମ କ୍ୟାଡେଟ କିରୋଗୀ ଓ ସପ୍ତମ ପମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାୟ ସମସ୍ତ ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ସତ୍ୟବାଦୀସ୍ଥିତ ହାନା ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ କୋଚ୍ ଦୀପକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୧୯ ଜଣିଆ ଏକ ଟିମ୍ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସବ୍‌ଜୁନିଅର ବିଭାଗରେ ବେଦବ୍ୟାସ ରଥ, ଆୟୁଷ୍ମାନ ମିଶ୍ର, ଆରାଧ୍ୟ ସତକ୍ଷୀ ମିଶ୍ର ଓ ରାଜଦୀପ କାଂସ୍ୟ ପଦକ ପାଇଥିଲେ। ସେହିପରି କ୍ୟାଡେଟ କିରୋଗୀ ବିଭାଗରେ ସୋମନାଥ, ପ୍ରଜ୍ଞା, ଶୀତୁନ, କାଂସ୍ୟ ପଦକ ପାଇଥିଲେ। ସେହିପରି ପମ୍‌ସେ ବିଭାଗରେ ସ୍ନେହା, ତମୁ, ଆରାଧ୍ୟ, ଆୟୁଷ, ପ୍ରାଞ୍ଜଳ, ଓଁ ପ୍ରକାଶ, ପ୍ରିନ୍ସ, ରଶ୍ମି ଏବଂ ଅମୃତା କାଂସ୍ୟ ପଦକ ପାଇଥିବା ବେଳେ ଆୟୁଧ ନାରାୟଣ ଗୌଡ଼ ଏବଂ ସ୍ମୃତିରେଖା ନାୟକ ୫୯ କେଜି ବର୍ଗରେ ୧୬ଜଣକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତର ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୧ରୁ ୪ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ୍‌ରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଏମାନେ ଭାଗ ନେବେ।




ହାନା ଟାଏକୋଣ୍ଡୋ ଏକାଡେମୀରରେ ପଦକ ଜିତିଥିବା ପ୍ରତିଯୋଗୀ ।

# ବକ୍ସିଂ ପ୍ରତିଯୋଗିତାରେ ପାତରଅନ୍ତର ଅଭିଯୋଗ

**ପୁରୀ, ୨୧।୧୧(ଅଜିତ ମହାନ୍ତି)**

## ଜିଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖେଳାଳିଙ୍କ ଧାରଣା

ରାଉରକେଲାରେ ଗତ ୧୬ ଓ ୧୭ ତାରିଖରେ ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଏବଂ ମହିଳା ବକ୍ସିଂ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପାତରଅନ୍ତର ହୋଇଥିବା ଖେଳାଳି ମାନସ ଜେନା ଅଭିଯୋଗ ଆଣିଛନ୍ତି। ଏହି ପାତରଅନ୍ତର ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ମାନସ ସୋମବାର ଜିଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାନସ କହିଛନ୍ତି, ତାଙ୍କର ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ସହ ଥିଲା। ସେ ଏହି ମ୍ୟାଚରେ ଅଗ୍ରଣୀ ରହିଥିଲେ ମଧ୍ୟ ରେଫରି ଓ ଜଜ୍ ଜାଣିଶୁଣି ତାଙ୍କୁ ପରାଜିତ ଘୋଷଣା କରିଥିଲେ। ଏହାପରେ ସେ ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନୀଲ ବହିଦାରଙ୍କୁ ଭେଟି ମ୍ୟାଚ ସମୀକ୍ଷା କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନେଇ ସେ ରାଜ୍ୟ କ୍ରୀଡ଼ା ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ମ୍ୟାଚ ଭିଡିଓ ଯାଞ୍ଚ କରାଯାଇ ନ୍ୟାୟ ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜେନା ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧାରଣାସ୍ଥଳରେ ପହଞ୍ଚି ମାନସଙ୍କୁ ବୁଝାଶୁଝା କରିବା ସହ ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ଧାରଣାରୁ ଉଠିଥିଲେ। ତେବେ ଯଦି ତାଙ୍କୁ ନ୍ୟାୟ ନ ମିଳେ ସେ ବିଧାନସଭା ଆଗରେ ଧାରଣା ଦେବେ ବୋଲି ମାନସ ପ୍ରକାଶ କରିଛନ୍ତି।




ଧାରଣାରତ ମାନସ ଜେନା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ନଭେମ୍ବର ୨୦୨୩



## ସଂକ୍ଷେପରେ

### ଓଡ଼ିଆଣୀ ବେଶରେ ଦର୍ଶନ ଦେଲେ ଶ୍ରୀରାଧା



**ବାଲିଅନ୍ତା,୨୧।୧୧(ନୀଳମାଧବ ସାହୁ):** ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଁଳା ନବମୀ ଅବସରରେ ମଙ୍ଗଳବାର ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶରେ ଦର୍ଶନ କରିଛନ୍ତି। ମନ୍ଦିରର ଆରାଧ୍ୟ ଠାକୁର ଶ୍ରୀକୃଷ୍ଣଙ୍କ ବିଗ୍ରହ ବାମ ପାର୍ଶ୍ୱରେ ବିରାଜିତ ଶ୍ରୀରାଧାଙ୍କ ବର୍ଷକ ଥରେ ପଦ୍ମ ପାଦଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଭୋର ୪ଟାରୁ ଦ୍ୱାର ଫିଟାଯାଇ ନୀତି ଆରମ୍ଭ ହୋଇଥିଲା। ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମହାସ୍ନାନ କରାଯାଇଥିଲା। ମଙ୍ଗଳ ଆଳତି ପରେ ଶ୍ରୀରାଧାଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। ଭୋର ୫ଟାରୁ ଶ୍ରୀରାଧାଙ୍କ ପାଦଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ପାଖରୁ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଥିଲେ। ଶୃଙ୍ଖଳା ସହିତ ଦର୍ଶନ ପାଇଁ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ସହଯୋଗ କରିଥିଲେ। ପୂଜକ ଶ୍ରୀଧର ଦାଶ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୀରାଧାଙ୍କ ପାଦଦର୍ଶନ ଚାଲିଥିଲା।

### ଯୌତୁକ ଦାବିରେ ମହିଳାଙ୍କୁ ମାରିଦେଲେ, ୩ ଗିରଫ

**ଗମ୍ଭାରୀମୁଣ୍ଡା,୨୧।୧୧(ଦିଲୀପ ସ୍ୱାଇଁ):** ଯୌତୁକ ଦାବିରେ ଶାଶୁଘର ଲୋକେ ଜଣେ ମହିଳାଙ୍କୁ ବିଷ ଦେଇ ମାରିଦେଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ବାଣପୁର ଥାନା ଅନ୍ତର୍ଗତ ତୋରସିଂହ ଗ୍ରାମର ପୂଜା ଜେନା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୨/୨୩) ରୁଜୁକରି ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମୃତାଙ୍କ ସ୍ୱାମୀ ରାଜା ଓରଫ ଶ୍ରୀଧର ଭୋଳ, ଶାଶୁ ରଞ୍ଜନା ଭୋଳ ଓ ଦେବରାଜ ଭୋଳ। ଅଭିଯୋଗ ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଚାଷଙ୍ଗରା ଗ୍ରାମର ପୂଜା ତୋରସିଂହ ଗ୍ରାମର ରାଜାଙ୍କୁ ଦେଢ଼ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୌତୁକ ଦାବିରେ ଶାଶୁଘର ଲୋକେ ପୂଜାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏନେଇ ଗତ ୧୮ ତାରିଖ ରାତି ୯ଟାରେ ପୂଜା ବାପଘର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ପୂଜାଙ୍କ ବାପଘରଲୋକେ ରାଜାଙ୍କ ଘରେ ପହଞ୍ଚିଥିଲେ ମଧ୍ୟ ଘର ଭିତରେ ପୂରାଇ ନ ଥିଲେ।

# ପରିମଳ କ୍ଷେତ୍ରରେ ଓଡ଼ିଶାକୁ ୨ ଜାତୀୟ ସ୍ତରର ପୁରସ୍କାର

**ଭୁବନେଶ୍ୱର, ୨୧।୧୧ (ବନ୍ଦନା ସେଠୀ)**



ବାର୍ଷିକ ଭାରତ ପରିମଳ ମେଣ୍ଟ (ଆଇଏସ୍‌ସି)-ଫିକି ପରିମଳ ପୁରସ୍କାର ସମାରୋହରେ ଓଡ଼ିଶାକୁ ଦୁଇଟି ଜାତୀୟ ସ୍ତରର ପୁରସ୍କାର ମିଳିଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଏବଂ କଲ୍ୟାଣ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର 'ଗରିମା' କାର୍ଯ୍ୟକ୍ରମ 'ସ୍ୱଚ୍ଛତାରେ ଶ୍ରେଷ୍ଠ ଦକ୍ଷତା ପଦକ୍ଷେପ' ବର୍ଗରେ ଏବଂ ଭୁବନେଶ୍ୱରର ବାସୁଆଘାଇସ୍ଥିତ ଫିକାଲ ସ୍ଲଜ ସେପ୍ଟେଜ ପ୍ଲାଣ୍ଟର ପରିଚାଳନା କରୁଥିବା କିନ୍ନର ସ୍ୱୀକୃତି ଏସ୍‌ଏଚ୍‌ଜିର ଅଧ୍ୟକ୍ଷା ମେଘନା ସାହୁଙ୍କୁ ପରିମଳ ବିଭାଗର ମହିଳା ପରିବର୍ତ୍ତନକାରୀ ବର୍ଗରେ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରସ୍କାର ବିଜେତାଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ୨୦୧୯ରୁ ଆଇଏସ୍‌ସି-ଫିକି ପୁରସ୍କାରରେ ପରିମଳର ବିଭିନ୍ନ ଦିଗ ଉପରେ ଓଡ଼ିଶା କ୍ରମାଗତ ଭାବେ ଏକାଧିକ ପୁରସ୍କାର ଜିତି ଆସୁଛି। ଆଇଏସ୍‌ସି-ଫିକି ପରିମଳ ପୁରସ୍କାର ହେଉଛି ପରିମଳ କ୍ଷେତ୍ରର ପ୍ରମୁଖ ପୁରସ୍କାର। ବର୍ଷ ବର୍ଷ ଧରି ଏହି ପୁରସ୍କାର କର୍ପୋରେଟ, ଆର୍ଥିକ ଅନୁଷ୍ଠାନ, ଷ୍ଟାର୍ଟଅପ, ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ସଂସ୍ଥା ଏବଂ ଦେଶର ପରିମଳ କ୍ଷେତ୍ରରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁଥିବା ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରୟାସକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ୨ କିଡ୍‌ନୀ ପ୍ରତିରୋପଣ ରୋଗୀ

**କଟକ,୨୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ହୋଇଥିବା ୨ ଜଣ ରୋଗୀ ମଙ୍ଗଳବାର ଡିସ୍‌ଚାର୍ଜ ହୋଇଛନ୍ତି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ସମାପିକା ମହାନ୍ତି ଓ ଭୁବନେଶ୍ୱର ଜାଗମରା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି। ଏବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେମାନେ ଅନ୍ୟମାନଙ୍କ ଭଳି କାର୍ଯ୍ୟ କରିପାରିବେ ବୋଲି ୟୁରୋଲୋଜି ବିଭାଗର ସହଯୋଗୀ ପ୍ରଫେସର ଡା. ସବ୍ୟସାଚୀ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗଞ୍ଜାମ ଅଞ୍ଚଳର କ୍ରିଷ୍ଣା ପଣ୍ଡା(୫୬) ସଡ଼କ ଦୁର୍ଘଟଣାରେ ଶିକାର ହେବାରୁ ତାଙ୍କ ବ୍ରେନ୍ ହାମ୍‌ରେଜ୍ ହୋଇଥିଲା। ଗତ ୧ ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବ୍ରେନ୍ ଡେଡ୍ (ମୃତ ମସ୍ତିଷ୍କ) ହୋଇଥିବା ଡାକ୍ତର କହିଥିଲେ। ତାଙ୍କ ମୃତ୍ୟୁ ପରେ ଗତ ୨ତାରିଖରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। କ୍ରିଷ୍ଣାଙ୍କ ପରିବାର ଲୋକଙ୍କ ସମ୍ମତିକ୍ରମେ ତାଙ୍କର କିଡ୍‌ନୀ, ହାର୍ଟ, ଲିଭର, ଲଙ୍ଗ୍‌ସ ଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ୪ ତାରିଖରେ ଆମ୍ରି ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କମିଶନରେଟ୍ ପୋଲିସ ପକ୍ଷରୁ ଆମ୍ରି ହସ୍ପିଟାଲରୁ ଗ୍ରୀନ୍ କରିଡରରେ ଦୁଇଟି କିଡ୍‌ନୀକୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ସେଠାରେ ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ଦୁଇଟି ଡାକ୍ତରୀ ଦଳ ଉପରୋକ୍ତ ୨ ଜଣ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରିଥିଲେ।



ଡାକ୍ତରଙ୍କ ସହ କିଡ୍‌ନୀ ପ୍ରତିରୋପଣ ହୋଇଥିବା ୨ ରୋଗୀ।

# ବିକାଶ କାର୍ଯ୍ୟରେ ଯୋଡ଼ିହେବେ ଏସ୍‌ଡିଏ କର୍ମୀ

**ଭୁବନେଶ୍ୱର, ୨୧।୧୧(ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ବସ୍ତି ବାସିନ୍ଦା ସଂଘ (ଏସ୍‌ଡିଏ)ର କର୍ମକର୍ତ୍ତା ବିଭିନ୍ନ ବିକାଶ କାର୍ଯ୍ୟରେ ଯୋଡ଼ି ହେବେ। ଏନେଇ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ବିଏମ୍‌ସିର ୩ଟି ଜୋନ୍‌ରେ ୧ମାସ ଧରି ଚାଲିବ। ମଙ୍ଗଳବାରଠାରୁ ଦକ୍ଷିଣ-ପୂର୍ବ ଜୋନ୍‌ରେ ତାଲିମ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଉଦ୍‌ଘାଟନ କରିଥିଲେ। ବସ୍ତି ବାସିନ୍ଦା ସଂଘର

**ଦକ୍ଷତା ବୃଦ୍ଧି ଶିବିର ଆରମ୍ଭ**

କର୍ମକର୍ତ୍ତାଙ୍କୁ ମୁଖ୍ୟତଃ ରାସ୍ତା, ଡ୍ରେନ, ଟଏଲେଟ, ଘରୋଇ ବିଦ୍ୟୁତ୍ ଏବଂ ଷ୍ଟ୍ରିଟ ଲାଇଟ୍, ପାଇପ୍ ଯୋଗେ ପାନୀୟଜଳ, ପରିଚୟ ଗୃହ, ଖୋଲା ସ୍ଥାନର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ଆଦି ୯ଟି ଦିଗ ଉପରେ ତାଲିମ ପ୍ରଦାନ କରାଯିବ। ଏଥିସହ ତା'ର ରକ୍ଷଣାବେକ୍ଷଣ ନେଇ ମଧ୍ୟ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦେବେ। ବିଏମ୍‌ସି ପକ୍ଷରୁ ବିଭିନ୍ନ ଯୋଜନା ଯଥା ମୁକ୍ତା, ମୋ ପୋଖରୀ, ଜାଗା ମିଶନ ଆଦିରେ ଏସ୍‌ଏଚ୍‌ଜି ଏବଂ ବସ୍ତି ବାସିନ୍ଦା ସଂଘକୁ ବହୁ କାର୍ଯ୍ୟ ଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ କୌଣସି ଠିକାଦାରଙ୍କୁ ଦିଆ ନ ଯାଇ ଏସ୍‌ଏଚ୍‌ଜି ମହିଳାଙ୍କୁ ଦିଆଯିବ। ଏହାଦ୍ୱାରା ବିଏମ୍‌ସି ଅଞ୍ଚଳରେ ଗୋଷ୍ଠୀ ସହଭାଗିତା ଓ ସହଯୋଗିତା ବୃଦ୍ଧି ପାଇବ ଏବଂ ମହିଳାଙ୍କର ଆର୍ଥିକ ବିକାଶ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଡେପୁଟି କମିଶନର (ହାଉସିଂ) ରମେଶ ଚନ୍ଦ୍ର ଜେନା, ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସଙ୍କ ସମେତ ଜୋନ୍ ଅଫିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ୨ ବାଇକ୍ ଧକ୍କା, ଯୁବକ ମୃତ

**ବୋଲଗଡ଼,୨୧।୧୧(ଦେବବ୍ରତ ହୋତା)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବୋଲଗଡ଼ ଥାନା ରାଜସୁନାଖଳା ନିକଟ ହଡ଼ାନଦୀ ପୋଲର ଅନତି ଦୂରରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଟାମାଟି ଥାନା ଭୁତଡ଼ି ଗ୍ରାମର ଗୌର ମାଧବ ବଳିୟାରସିଂହ। ସୂଚନା ମୁତାବକ, ରାଜସୁନାଖଳା ପଟୁ ଗୌରମାଧବ ନୟାଗଡ଼ ଅଭିମୁଖେ ରାଜପଥରେ ଯାଉଥିବାବେଳେ ହଡ଼ାନଦୀ ପୋଲଠାରୁ ଅନତି ଦୂରରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହେବାରୁ ଗୁରୁତର ହୋଇଥିଲେ। ଖବର ପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଗୌରମାଧବଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାଲିଆ ସାହିରେ ପୋଲିସ ଚଢ଼ାଉ

**୧୩୦ ଲିଟର ଦେଶୀ ମଦ ଜବତ, ୨ ଗିରଫ**

**ଭୁବନେଶ୍ୱର,୨୧।୧୧(ସତ୍ୟଜିତ୍ ରାଉତ):** ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ଉ କରାଯାଇ ଦେଶୀ ମଦ ଜବତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହେଲେ ଏସବୁ ସତ୍ତ୍ୱେ ସେଠାରେ ଏହି ବେଆଇନ କାରବାରରେ ରୋକ ଲାଗିପାରୁ ନାହିଁ। ମଙ୍ଗଳବାର ଏହି ସାହିସ୍ଥିତ ଇଡ୍‌କୋ ବସ୍ତିରେ ଦୁଇ ଜଣଙ୍କ ଘରେ ପୋଲିସ ଟିମ୍ ଚଢ଼ାଉ କରି ମୋଟ ୧୩୦ ଲିଟର ଦେଶୀ ମଦ ଜବତ କରିଛି। ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ଦୁଇ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁହାଗିମଣି ମର୍ମୁ ଓ ଜବା ହାଂସଦା। ଏମାନେ ଦେଶୀ ମଦ ବେଆଇନ ଭାବେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି।

# ହେରୋଇନ୍ ଜବତ, ଜଣେ ଗିରଫ

**କଟକ,୨୧।୧୧ (କାର୍ତ୍ତିକ ସାହୁ)**

ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅଞ୍ଚଳରୁ ମଙ୍ଗଳବାର ୭୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ତେଲିସାହିର ସନ୍ତୋଷ କୁମାର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏଠାରେ ଚଢ଼ାଉ କରାଯାଇଥିଲା।





ରିୟାଦ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଂଗଠନ (ରୋଜା)ର ୧୫ତମ ବାର୍ଷିକ ଉତ୍ସବରେ ଅତିଥି ଏବଂ କୁନି ପିଲାମାନେ।

# ସାଉଦିଆରବରେ ରୋଜାର ୧୫ତମ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ସାଉଦି ଆରବର ରିୟାଦରେ ରହୁଥିବା ଓଡ଼ିଆମାନଙ୍କୁ ନେଇ ଗଢ଼ିଉଠିଥିବା ସଂଘ ରିୟାଦ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଂଗଠନ (ରୋଜା)ର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଦୂତାବାସର ମିଶନ ଉପମୁଖ୍ୟ ଆବୁ ମାଥେନ ଜର୍ଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୁସ୍ମୃତି, ମୋଇନ ଅଖତର, ଶରତ କୁମାର ନାୟକ, ଡ. ଦେବ ମହାନ୍ତି, ସୀମନ୍ତ ପଟ୍ଟନାୟକ ଏବଂ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଉପସ୍ଥିତ ଥିଲେ। ରୋଜାର ସଭାପତି ସରୋଜ କୁମାର ପାଣିଗ୍ରାହୀ ଓ ପରାମର୍ଶଦାତା ଦେବାଶିଷ ରାଉତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଙ୍ଗଠନର ମାର୍ଗଦର୍ଶକ ଡ. ଦେବ ମହାନ୍ତି ଓଡ଼ିଆ ଅସ୍ମିତା ଓ ଗୌରବ ଗାଥାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଫଜଲ ହକ ରୋଜାର ୧୫ ବର୍ଷର ନିରନ୍ତନ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପ୍ରଦର୍ଶିତ ସମସ୍ତ କାର୍ଯ୍ୟକ୍ରମ ମନ ମୁଗ୍ଧକର ଥିଲା। ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଓ ଅନ୍ୟାନ୍ୟ ପ୍ରଦର୍ଶନରେ ଶିଶୁ, ଯୁବା, ପ୍ରୌଢ଼ ସଭିଏ ଭାଗ ନେଇଥିଲେ। ଏହାକୁ ଉପସ୍ଥିତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ନୃତ୍ୟ ନିର୍ଦ୍ଦେଶନାର ଭାର ଡ. ଚନ୍ଦନା ପଟ୍ଟନାୟକ, ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର ଏବଂ ମେହେବିସ ଗିଲାନି ତୁଲାଇଥିଲେ। ନିମନ୍ତ୍ରିତ ଥିବା ସାଉଦି ଆରବର ଅନ୍ୟ ଦୁଇ ପ୍ରମୁଖ ସହର ଜୁବେଲ ଓଡ଼ିଆ ସଂଗଠନ ଉତ୍କଳିକା ଓ ଦମାମର ଓଡ଼ିଆ ସଂଗଠନ କଳିଙ୍ଗନ ମଧ୍ୟ ବନ୍ଧୁତ୍ୱ ସ୍ୱରୂପ ନୃତ୍ୟ ପରିବେଷଣ କରିଥିଲେ। ଅତିଥି ଗାୟିକା ଅନିନ୍ଦିତା ଦାସଙ୍କ ସୁଲଳିତ ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଅଭିଭୂତ କରିଥିଲା।

# କବିତା ମଲମଠୁ ମୁଲାୟମ, ବିଷଠୁ ବିଷାକ୍ତ

**ମିନତୀ ମିଶ୍ରଙ୍କ 'ମିନୁର ମିନି କବିତା' ଲୋକାର୍ପିତ**



ଅତିଥିମାନେ ମିନତୀ ମିଶ୍ରଙ୍କ 'ମିନୁର ମିନି କବିତା' ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

'କବିତା ମଲମଠୁ ମୁଲାୟମ, ବିଷଠୁ ବିଷାକ୍ତ। ସାହିତ୍ୟକୁ ଆସିବା ପରେ ଜୀବନର କୌଣସି କଥା ଆଉ ବିଲୁପ୍ତ ହୁଏନି । ତାହା ଚିରକାଳ ପାଇଁ ଏହି ପୃଥିବୀରେ ରହିଯାଏ।' ମଙ୍ଗଳବାର 'ଟାଇମ୍‌ପାସ୍' ପକ୍ଷରୁ ଆୟୋଜିତ ପୁସ୍ତକପର୍ବରେ କବି ମିନତୀ ମିଶ୍ରଙ୍କ ସପ୍ତମ କବିତା ସଂକଳନ 'ମିନୁର ମିନି କବିତା' ଲୋକାର୍ପଣ ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ଡ. ଫନୀ ମହାନ୍ତି ଯୋଗଦେଇ କହିଥିଲେ, କବିଟିଏ ତା' ସର୍ଜନାର କେନ୍ଦ୍ରବିନ୍ଦୁରେ ଥାଏ। କବିତା ଶବ୍ଦ ଭିତରେ ବାନ୍ଧି ହେବାକୁ ଚାହେଁନି ଓ କବି ତାକୁ ବାନ୍ଧିବାକୁ ନିରନ୍ତର ଚେଷ୍ଟା କରିଚାଲିଥାଏ। ସେହିପରି ମୁଖ୍ୟ ବକ୍ତା ଭାବେ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଖୁବ ସୀମିତ ଶବ୍ଦ ଭିତରେ ଉନ୍ନତ ଭାବକୁ ଚିରାୟତ କରିବା ଜଣେ ଭଲ କବିର ଲକ୍ଷଣ। ସମ୍ମାନିତ ଅତିଥି ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ, ଅନ୍ତରର ନିର୍ଯାସକୁ ନେଇ କବି ମିନତୀ ମିଶ୍ର ନିଷ୍କପଟ ଭାବେ କବିତା ଲେଖିଛନ୍ତି। ପ୍ରକାଶକ ତଥା ଲେଖକ ସରୋଜ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯୁବ ଭାଷାବିତ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କବି ମିନତୀ ମିଶ୍ର ନିଜ ଲେଖକୀୟ ଅନୁଭବ ରଖିଥିଲେ। କବି କଳ୍ପାନ୍ତ ଧନ୍ୟବାଦ ଦେଇଥିଲେ।

# ବିଜେବି ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଶିବିର

**ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଯୁବ ରେଡକ୍ରସ ଆଞ୍ଚଳିକ ଶାଖା ଭୁବନେଶ୍ୱର ପକ୍ଷରୁ ଏକ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବ ରେଡକ୍ରସ୍‌ର ସେକ୍ରେଟାରୀ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ଏବଂ ସମାଜସେବୀ ନମ୍ରତା ଚଢ଼ା ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜି.ଏମ୍.ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଭୁବନେଶ୍ୱରର ପ୍ରାୟ ୨୦ଟି ମହାବିଦ୍ୟାଳୟରୁ ୧୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ରେଡକ୍ରସ ଭୁବନେଶ୍ୱରର କନଭେନସନ୍ ସେକ୍ରେଟାରୀ ଅଧ୍ୟାପିକା ଲେଖା ଦାସ ଶିବିର ପରିଚାଳନା କରିଥିଲେ। ସଂଯୋଜକ ଡ. ରେବତୀକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।





ଯୁବ ରେଡ୍‌କ୍ରସ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଜୟୀ ରାଜଗୁରୁ, ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଦେଶମାତୃକାର ମୁକ୍ତି ପାଇଁ ସ୍ୱାଧୀନତା ସଂଗ୍ରାମରେ ଜୀବନକୁ ଉତ୍ସର୍ଗ କରିଥିବା ବୀରପୁତ୍ରମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଅଗ୍ରଗଣ୍ୟ । ସେ ମୁକ୍ତି ସଂଗ୍ରାମର ଅନ୍ୟତମ ମହାନାୟକ । ଶାସ୍ତ୍ର-ଶସ୍ତ୍ର, ରାଜନୀତି- ଅର୍ଥନୀତି ସବୁ କ୍ଷେତ୍ରରେ ତାଙ୍କର ପାଣ୍ଡିତ୍ୟ ଥିଲା। ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ପ୍ରଥମ ଶହୀଦ ହେଉଛନ୍ତି ଜୟୀ ରାଜଗୁରୁ। ତାଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ । ସେହିପରି ଓଡ଼ିଶାର ଆଉ ଜଣେ ବରପୁତ୍ର ହେଉଛନ୍ତି ଡ. ହରେକୃଷ୍ଣ ମହତାବ । ଭାରତୀୟ ସାମାଜିକ ଓ ରାଜନୈତିକ ପ୍ରେକ୍ଷାପଟରେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ତାଙ୍କର ଜ୍ଞାନ, ଦୂରଦୃଷ୍ଟି ଏବଂ ଓଡ଼ିଶାପ୍ରୀତି ତାଙ୍କୁ ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ଦେଇଛି ବୋଲି ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ସୂଚନା ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟୀ ରାଜଗୁରୁ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଏବଂ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସାମଲ ଏହା କହିଛନ୍ତି। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଏବଂ ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତିବିତ୍ ଦିଗମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମାଜସେବୀ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଂକଳନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଇଥିଲା।

**ଦ୍ରୁତ ରେଳ ପ୍ରକଳ୍ପକୁ ବିଜ୍ଞାପନ ପାଣ୍ଠି ଦେବା ପାଇ ଏଏପିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ଦିଲ୍ଲୀର ଏଏପି ସରକାର ରିଜିଅନାଲ ରାପିଡ୍ ରେଲ୍ ଟ୍ରାଞ୍ଜିଟ୍ ସିଷ୍ଟମ (ଆର୍‌ଆର୍‌ଟିଏସ୍) ପ୍ରୋଜେକ୍ଟକୁ ପାଣ୍ଠି ଯୋଗାଇଦେବାକୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରି ନାହାନ୍ତି। ସରକାର ତାଙ୍କ ଭାଗ ପ୍ରକଳ୍ପ ଅର୍ଥ ସପ୍ତାହେ ମଧ୍ୟରେ ପୈଠ କରନ୍ତୁ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ-ମିରଟ ରିଜିଅନାଲ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମକୁ ଦେୟ ପୈଠ ପାଇଁ ଗତ ଜୁଲାଇରେ ୨ ମାସ ସମୟ ଦିଆଯାଇଥିଲା। ସପ୍ତାହେ ମଧ୍ୟରେ ପୈଠ କରିବାରେ ସରକାର ବିଫଳ ହେଲେ ଚଳିତ ବର୍ଷ ପାଇଁ ବିଜ୍ଞାପନ ବାବଦ ବଜେଟରୁ ପୈଠ କରିବାକୁ କୁହାଯାଇଛି।

## ଆମେରିକାରେ ଭାରତୀୟ ତୃତୀୟ ସର୍ବାଧିକ ବେଆଇନ ପ୍ରବାସୀ

ୱାଶିଂଟନ୍,୨୧।୧୧

ଆମେରିକାରେ ଏବେ ଭାରତୀୟମାନେ ତୃତୀୟ ସର୍ବାଧିକ ବେଆଇନ ପ୍ରବାସୀ ବୋଲି ପିଉ ରିସର୍ଚ୍ଚ ସେଣ୍ଟରର ନୂଆ ଆକଳନରେ କୁହାଯାଇଛି। ଆମେରିକାରେ ସମ୍ପ୍ରତି ପ୍ରାୟ ୭,୨୫,୦୦୦ ଭାରତୀୟ ବେଆଇନ ଭାବେ ରହୁଛନ୍ତି। ତେବେ ପ୍ରକୃତ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ହେବ ବୋଲି ଉକ୍ତ ଅଧ୍ୟୟନରେ କୁହାଯାଇଛି। ଆମେରିକା କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନର ନୂଆ ତଥ୍ୟ ଅନୁଯାୟୀ ବିନା କାଗଜପତ୍ରରେ ବହୁସଂଖ୍ୟାରେ ଭାରତୀୟ ପ୍ରବାସୀ ପାଦରେ ଚାଲି ଆମେରିକାରେ ପ୍ରବେଶ କରୁଛନ୍ତି। ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ବିନା କାଗଜପତ୍ରରେ ଆମେରିକାରେ ପ୍ରବେଶ କରୁଥିବାବେଳେ ୯୬,୯୧୭ ଜଣ ଭାରତୀୟ ଧରାପଡ଼ିଛନ୍ତି। ୨୦୧୯-୨୦ ତୁଳନାରେ ଏହି ସଂଖ୍ୟା ୫ ଗୁଣ ବଢ଼ିଛି। ୨୦୧୯-୨୦ରେ ୧୯,୮୮୩ ଭାରତୀୟ ବେଆଇନ ଭାବେ ଆମେରିକାରେ ପ୍ରବେଶ କରି ଧରାପଡ଼ିଥିଲେ। ଚଳିତବର୍ଷ ବେଆଇନ ପ୍ରବେଶ କରିଥିବା ୯୬,୯୧୭ ଜଣଙ୍କ ମଧ୍ୟରୁ ୩୦,୦୧୦ ଜଣ କାନାଡ଼ା ସୀମା ଏବଂ ୪୧,୭୭୦ ଜଣ ଦକ୍ଷିଣ ସୀମା ଦେଇ ପ୍ରବେଶ ବେଳେ ଗିରଫ ହୋଇଥିଲେ।

# ବୀର୍ ଦାସଙ୍କୁ ଏମି ପୁରସ୍କାର

ନୂଆଦିଲ୍ଲୀ,୨୧।୧୧

ହାସ୍ୟାଭିନେତା ବୀର୍ ଦାସଙ୍କୁ ଚଳିତ ବର୍ଷର ଅନ୍ତର୍ଜାତୀୟ ଏମି ପୁରସ୍କାର ମିଳିଛି। ଭାରତୀୟ କମେଡିଆନ୍ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ। ତାଙ୍କ ସିରିଜ୍ 'ବୀର୍ ଦାସ: ଲ୍ୟାଣ୍ଡିଂ ଓମ୍ ଆଲମ୍ ୱିଥ୍ ଡେରି ଗର୍ଲସ୍'ର ସିଜନ-

### ଡାଇରେକ୍ଟୋରେଟ୍ ଆୱାର୍ଡ ପାଇଲେ ଏକତା କପୁର

୩କୁ ବେଷ୍ଟ କମେଡି ବର୍ଗରେ ପୁରସ୍କୃତ କରାଯାଇଛି। ବୀର୍ ଏହି ସମ୍ମାନକୁ ଭାରତୀୟମାନଙ୍କୁ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ବୀର୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ନ୍ୟୁୟର୍କ ସିଟିର ହିଲ୍‌ଟନ ମିଡ୍‌ଟାଉନରେ ସୋମବାର ବିଳମ୍ବିତ ରାତିରେ ୫୧ତମ ଅନ୍ତର୍ଜାତୀୟ ଏମି ପୁରସ୍କାର ସମାରୋହ ଆୟୋଜିତ ହୋଇଥିଲା। ଏହି ପୁରସ୍କାର ପାଇଁ ଭାରତୀୟ କଳାକାର ଜିମି ସର୍ଭ ଏବଂ ସେଫାଲୀ ଶାହଙ୍କ ନାମ ମନୋନୀତ ହୋଇଥିଲେ ମଧ୍ୟ ଉଭୟଙ୍କ ମଧ୍ୟରୁ କାହାକୁ ସଫଳତା ମିଳିନାହିଁ। ଅନ୍ୟପକ୍ଷେ ନେଟ୍‌ଫ୍ଲିକ୍ସରେ ପ୍ରସାରିତ ସିରିଏଲ୍ 'ବୀର୍ ଦାସ: ଲ୍ୟାଣ୍ଡିଂ ଓମ୍ ଆଲମ୍ ୱିଥ୍ ଡେରି ଗର୍ଲସ୍' ହେଉଛି ବୀର୍‌ଙ୍କ ଅଭିନୀତ ଦ୍ୱିତୀୟ ନୋମିନେଶନ। ଜଣାଶୁଣା ପ୍ରଯୋଜିକା ଏକତା କପୁରଙ୍କୁ କଳା ଓ ମନୋରଞ୍ଜନ ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷର ଅନ୍ତର୍ଜାତୀୟ ଏମି ଡାଇରେକ୍ଟୋରେଟ୍ ଆୱାର୍ଡ ପ୍ରଦାନ କରାଯାଇଛି।



ବୀର୍ ଦାସ



ଏକତା କପୁର

## ୯,୦୦୦ କୋଟି ପୈଠ କରିବାକୁ ବାଇଜୁସ୍‌କୁ ଇଡି ନୋଟିସ

ନୂଆଦିଲ୍ଲୀ,୨୧।୧୧

ବିଦେଶୀ ନିବେଶ ଆଇନର ଉଲ୍ଲଂଘନ ଅଭିଯୋଗରେ ବୃହତ୍ ଏଡ୍‌ଟେକ୍ କମ୍ପାନୀ ବାଇଜୁସ୍ ୯.୦୦୦ କୋଟି ଟଙ୍କା ପୈଠ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ ଜାରି କରିଛି। ତେବେ ସେଭଳି କୌଣସି ନୋଟିସ ପାଇ ନ ଥିବା କମ୍ପାନୀ କହିଛି। ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଇଜୁସ୍ ୨୦୧୧ରୁ ୨୦୨୩ ମଧ୍ୟରେ ପ୍ରାୟ ୨୮,୦୦୦ କୋଟି ଟଙ୍କାର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଗ୍ରହଣ କରିଛି। ଏଡ୍‌ଟେକ୍ କମ୍ପାନୀ ଉପରୋକ୍ତ ସମୟ ମଧ୍ୟରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ ନାମରେ ୯,୭୫୪ କୋଟି ଟଙ୍କା ବିଦେଶକୁ ପଠାଇଥିବା ଉକ୍ତ ସୂତ୍ରରୁ ଜଣାପଡ଼ିଛି। ବାଇଜୁସ୍‌ର ମୂଳ କମ୍ପାନୀ ଥିଙ୍କ୍ ଆଣ୍ଡ୍ ଲର୍ନ ପ୍ରା.ଲିଃକୁ ବାଇଜୁ ରବୀନ୍ଦ୍ରନ ଓ ତାଙ୍କ ସ୍ତ୍ରୀ ଦିବ୍ୟା ଗୋକୁଳନାଥ ୨୦୧୧ରେ ସ୍ଥାପନ କରିଥିଲେ। ପ୍ରଥମେ ସେମାନେ କମ୍ପିଟେଟିଭ୍ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ ଶିକ୍ଷା ଦେଉଥିଲେ। ୨୦୧୫ରେ ଉକ୍ତ କମ୍ପାନୀ ବାଇଜୁସ୍ ଲର୍ନିଂ ଆପ୍ ଆରମ୍ଭ କରିଥିଲା। ସେମାନେ ମ୍ୟାଥ୍ ଆପ୍ ଏବଂ ପିଲାମାନଙ୍କ ଅଗ୍ରଗତି ଚିହ୍ନଟରେ ସହାୟତା ନିମନ୍ତେ ଅଭିଭାବକଙ୍କ ପାଇଁ ଅନ୍ୟ ଏକ ଆପ୍ ଲଞ୍ଚ୍ କରିଥିଲେ। ୨୦୧୮ ବେଳକୁ ବାଇଜୁସ୍‌ର ୧.୫ କୋଟି ୟୁଜର ହୋଇଥିଲେ।

## ଯୁଦ୍ଧରେ ୧୦,୦୦୦ ୟୁକ୍ରେନୀୟ ମୃତ

ଜାତିସଂଘ,୨୧।୧୧

୨୦୨୨ ଫେବୃୟାରୀ ୨୪ରେ ରୁଷୀୟ ସୈନ୍ୟ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠୁ ଯୁଦ୍ଧରେ ୧୦,୦୦୦ରୁ ଅଧିକ ସାଧାରଣ ନାଗରିକ ନିହତ ହେଲେଣି। ଏହାର ପ୍ରାୟ ଅଧା ଗତ ୩ ମାସ ଭିତରେ ପ୍ରାଣ ହରାଇଛନ୍ତି। ରୁଷିଆ ପକ୍ଷରୁ ଦୂରଗାମୀ କ୍ଷେପଣାସ୍ତ୍ର ଛଡ଼ାଯିବା ଓ ପରିତ୍ୟକ୍ତ ପ୍ରତିରକ୍ଷା ସାମଗ୍ରୀରେ ବିସ୍ଫୋରଣ ଯୋଗୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ତେବେ ସରକାରୀ ହିସାବଠାରୁ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ୟୁଏନ୍ ହ୍ୟୁମାନ୍ ରାଇଟ୍ସ ମନିଟର କହିଛି।

## ଜ୍ଞାନବାପି ସର୍ଭେ: ଏଏସ୍‌ଆଇକୁ ୨୮ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଲକ୍ଷ୍ନୌ,୨୧।୧୧:** ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନସମ୍ମତ ସର୍ଭେ କରୁଥିବା ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ରିପୋର୍ଟ ଦାଖଲ କରିବା ପାଇଁ ବାରାଣସୀ ଜିଲା କୋର୍ଟ ଆଉ ୧୦ ଦିନ ସମୟ ଦେଇଛନ୍ତି। ପୂର୍ବରୁ ନଭେମ୍ବର ୧୭ରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରିପୋର୍ଟ ଦାଖଲ ଲାଗି ଏବେ ଏଏସ୍‌ଆଇକୁ ବାରାଣସୀ ଜିଲା ଜଜ୍ ଡ. ଏ.କେ. ବିଶ୍ୱେଷ ୨୮ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ସମୟସୀମା ବଢ଼ାଇବା ପାଇଁ ଏଏସ୍‌ଆଇ ଆବେଦନ କରିଥିଲା।

## ଏମ୍‌ଏସ୍‌ପିରେ ଚାଷୀଙ୍କଠାରୁ ନଡ଼ା କିଣିବାକୁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ,୨୧।୧୧(ପି.ଟି.)

### ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ଗମ୍ଭୀର

ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଘଟଣା ଯୋଗୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଗମ୍ଭୀର ରୂପ ଧାରଣ କରିଛି। ତେବେ କୃଷକମାନଙ୍କ କଥା ନ ଶୁଣି ସେମାନଙ୍କ ଉପରେ ସବୁ ଦୋଷ ଲଦାଯାଉଥିବା ମଙ୍ଗଳବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ନଡ଼ା ପୋଡୁଥିବା ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଏହାକୁ କିଣାଯାଉ ନାହିଁ କାହିଁକି ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ସୁଧାଂଶୁ ଧୂଲିଆଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ପଞ୍ଜାବ ସରକାର ନଡ଼ା ପୋଡ଼ି ରୋକିବା ଦିଗରେ ନେଉଥିବା ପଦକ୍ଷେପ ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇଥିବାବେଳେ ରବିବାର ମଧ୍ୟ ୭୦୦ରୁ ଊର୍ଦ୍ଧ୍ୱ ନଡ଼ାପୋଡ଼ି ଘଟଣା ପଞ୍ଜାବରେ ଘଟିଥିବାରୁ କର୍ତ୍ତୃପକ୍ଷ କ'ଣ କରୁଛନ୍ତି ବୋଲି ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ କରୁଥିବା ଆଇନଜୀବୀ ଅପରାଜିତା ସିଂ ପ୍ରଶ୍ନ କରିଥିଲେ। କେବଳ ଚାଷୀମାନେ ହିଁ ଏହାର ଉତ୍ତର ଦେଇପାରିବେ। ଏଠାରେ ଉପସ୍ଥିତ ନ ଥିବା ଚାଷୀଙ୍କୁ ନଡ଼ାପୋଡ଼ି ଘଟଣାରେ ଖଳନାୟକ ସଜାଯାଉଛି ବୋଲି ଜଷ୍ଟିସ୍ ଧୂଲିଆ କହିଥିଲେ।

## ରନ୍‌ୱେ ଡେଇଁ ସମୁଦ୍ରରେ ପଡ଼ିଲା ନୌସେନା ବିମାନ

ହନୋଲୁଲୁ,୨୧।୧୧

ବର୍ଷା ପାଗ ଯୋଗୁ ସୋମବାର ଆମେରିକା ନୌସେନାର ଏକ ବିମାନ ହାୱାଇ ସେନା ଘାଟିର ରନ୍‌ୱେକୁ ଅତିକ୍ରମ କରିଯାଇ କାନେଓହେ ବେ'ରେ ପଡ଼ିଥିଲା। ତେବେ ସେଥିରେ ଥିବା ୯ ଜଣ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। ତଟସୁରକ୍ଷା ଯବାନମାନେ ତୁରନ୍ତ ସେମାନଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ। ପି-୮ଏ ବିମାନଟି କେଉଁ କାରଣରୁ ରନ୍‌ୱେକୁ ଅତିକ୍ରମ କରିଗଲା ତାହା ଜାଣି ନ ଥିବା ମେରାଇନ୍ କର୍ ମୁଖପାତ୍ର ଗନେରୀ ଓର୍ଲାଣ୍ଡୋ ପେରେଜ୍ କହିଛନ୍ତି। ଏହା ୨୦୦୯ର ଅନୁରୂପ ଏକ ଦୁର୍ଘଟଣାକୁ ମନେ ପକାଇ ଦେଇଛି। ସେହି ସମୟରେ ଏକ ଯାତ୍ରୀବାହୀ ବିମାନ ନ୍ୟୁୟର୍କର ଏକ ନଦୀରେ ଜରୁରୀ ଅବତରଣ କରିଥିଲା। ସେଥିରେ ଥିବା ସମସ୍ତ ୧୫୫ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା।



# ଜନହିତକର ଯୋଜନା ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରିସରରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳର ବୈଠକ।

ଭୁବନେଶ୍ୱର,୨୧।୧୧(ଅନିଲ ଦାସ)

### ବିଜେଡି ବିଧାୟକ ଦଳ ବୈଠକ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଆମ ଓଡ଼ିଶା, ନବୀନ ଓଡ଼ିଶା ଭଳି ଅନ୍ୟାନ୍ୟ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ କିପରି ପହଞ୍ଚିବ ସେ ନେଇ କାର୍ଯ୍ୟ କରିବାକୁ ଦଳୀୟ ବିଧାୟକଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ନିର୍ବାଚନକୁ ଆଉ ଅଳ୍ପ କେଇମାସ ଥିବାରୁ ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

## ରାଜସ୍ଥାନରେ ଜାତି ଜନଗଣନା ପାଇଁ କଂଗ୍ରେସର ପ୍ରତିଶ୍ରୁତି

ଜୟପୁର,୨୧।୧୧(ପି.ଟି.)



ଜୟପୁରଠାରେ କଂଗ୍ରେର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରାଯାଉଛି।

ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ମଙ୍ଗଳବାର ଇସ୍ତାହାର ପ୍ରକାଶ କରିଛି। ଏଥିରେ ଜାତି ଜନଗଣନା ସମେତ ଚାଷୀ ଓ ଯୁବବର୍ଗଙ୍କ ପାଇଁ ଅନେକ ଯୋଜନାର ପ୍ରତିଶ୍ରୁତି ଦିଆଯାଇଛି। ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ପଞ୍ଚାୟତ ସ୍ତରରେ ନିଯୁକ୍ତି ଲାଗି ନୂଆ ଯୋଜନା କାର୍ଯ୍ୟକାରୀ ହେବ ବୋଲି କଂଗ୍ରେସ କହିଛି। ସେହିପରି ଚିରଞ୍ଜୀବୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୨୫ ଲକ୍ଷ ପରିବର୍ତ୍ତେ ୫୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ସୁବିଧା ମିଳିବ। କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ଜାତି ଜନଗଣନା ପରେ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ସଂଖ୍ୟା ଆଧାରରେ ସଂରକ୍ଷଣ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ପ୍ରଦେଶ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ସିଂ ଦୋତାସ୍ରା, ଇସ୍ତାହାର କମିଟି ଅଧ୍ୟକ୍ଷ ସି.ପି. ଜୋଷୀ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ମିଳିତ ଭାବେ ଦଳୀୟ ଇସ୍ତାହାରକୁ ଉନ୍ମୋଚନ କରିଥିଲେ। ଚାଷୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ସମବାୟ ବ୍ୟାଙ୍କରୁ ଯୋଗାଇ ଦିଆଯିବା ସହ ସ୍ୱାମୀନାଥନ କମିଶନଙ୍କ ସୁପାରିସ ଅନୁଯାୟୀ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦିଆଯିବ ବୋଲି ଇସ୍ତାହାରରେ କୁହାଯାଇଛି।

## ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ନେଇ ଶାସକ ଦଳକୁ ଘେରିବ କଂଗ୍ରେସ

### କଂଗ୍ରେସ ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୨୧।୧୧(ସୁନିତ ମିଶ୍ର)



କଂଗ୍ରେସ ବିଧାୟକ ଦଳର ବୈଠକରେ ଉପସ୍ଥିତ ବିଧାୟକ ଓ ପିସିସି ସଭାପତି।

କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ବିଧାନସଭାର ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସ କେଉଁସବୁ ପ୍ରସଙ୍ଗରେ ଗୃହରେ ଶାସକ ଦଳକୁ ଘେରିବ ସେନେଇ ନିଜର ରଣନୀତି ପ୍ରସ୍ତୁତ କରିଛି। ଆଦିବାସୀ ଜମି ସମ୍ବନ୍ଧରେ ରାଜ୍ୟ ସରକାର ନିକଟରେ ଆଣିଥିବା କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କଂଗ୍ରେସ ବିଧାୟକ ଦଳ ବୈଠକରେ ଗୁରୁତ୍ୱ ଦେଇଛି। ସେହିପରି ବୁଧବାର ଗୃହରେ କଂଗ୍ରେସ ବିଧାୟକମାନେ ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଉ କଥାକୁ ମୁଖ୍ୟ ପ୍ରସଙ୍ଗ କରିବା ନେଇ ସ୍ଥିର କରାଯାଇଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି।

ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟ ସରକାର ଆଦିବାସୀମାନଙ୍କ ସହ ବିଶ୍ୱାସଘାତକତା କରିବାକୁ ଚେଷ୍ଟା କରିଛନ୍ତି। ସେମାନଙ୍କ ଜମିକୁ ଅଣଆଦିବାସୀମାନଙ୍କୁ ବିକ୍ରି କରାଯାଇପାରିବ ବୋଲି ନିଷ୍ପତ୍ତି ନେଇଥିଲେ। ଚାପରେ ପଡି ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ନିଷ୍ପତ୍ତିକୁ ବାତିଲ କରିବାକୁ ଦଳ ଦାବି ରଖିବ। ଯଦି ସରକାର ଚାହୁଁଛନ୍ତି ତେବେ ପେସା ଆଇନ ଲାଗୁ କରନ୍ତୁ। ଗ୍ରାମସଭା, ପଲ୍ଲିସଭା ନ କରି ଯେପରି ଆଦିବାସୀମାନଙ୍କ ଜମି ଶିଳ୍ପ କାରଖାନାକୁ ହସ୍ତାନ୍ତର କରିଦେଉଛନ୍ତି ସେପରି କାର୍ଯ୍ୟକୁ ବିରୋଧ କରାଯିବ ବୋଲି ସେ କହିଛନ୍ତି। ସେହିପରି ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଗଣତି, ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହି ଜମି ଏବଂ ଚାଷୀଙ୍କ ଜମିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫେରସ୍ତ କରିବା କଥା ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅନ୍ୟପଟେ ମଣ୍ଡି ନ ଖୋଲିବା କାରଣରୁ ଧାନ ବିକ୍ରି ନ ହୋଇପାରିବା, ଅଭାବି ବିକ୍ରି, ବେକାରି ସମସ୍ୟା, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଦି ପ୍ରସଙ୍ଗ ନେଇ କଂଗ୍ରେସ ଗୃହରେ ଶାସକ ଦଳକୁ ଘେରିବା ନେଇ ବୈଠକରେ ଚୂଡ଼ାନ୍ତ ହୋଇଥିବା ସାଲୁଜା କହିଛନ୍ତି। ବୈଠକରେ ୭ ଜଣ ବିଧାୟକ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଦୁର୍ନୀତିମୁକ୍ତ, ବିକଶିତ ଜଳେଶ୍ୱର ଗଢ଼ିବାକୁ ଆହ୍ୱାନ

### ପୁରୁଷୋତ୍ତମପୁରରେ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ

ରୂପସା, ୨୧।୧୧(ବାଞ୍ଛାନିଧି ଦେ)




କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବାଘଲଡ଼ିହା, ନୂଆଗାଁ, ସରିଶା, ଦଳେଇ ସାହି ଆଦି ଗାଁରେ ପଦଯାତ୍ରା ଅନୁଷ୍ଠିତ ହେବା ସହିତ ଘରକୁ ଘର ଯାଇ କଂଗ୍ରେସର କର୍ମୀମାନେ ଭାଜପା ଓ ବିଜେଡି ଦଳକୁ ପରାସ୍ତ କରି କଂଗ୍ରେସକୁ ବିକଳ୍ପ ଭାବେ ଜଳେଶ୍ୱରରେ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ପରେ ଏକ କର୍ମୀ ବୈଠକ ପଞ୍ଚାୟତ ସଭାପତି ଗଙ୍ଗାଧର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳେଶ୍ୱରର କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗଦେଇ ରାଜ୍ୟର ବିଜେଡି ଓ କେନ୍ଦ୍ରର ଭାଜପା ସରକାରଙ୍କ ଜନ ବିରୋଧୀ ନୀତି ଓ କାର୍ଯ୍ୟକ୍ରମକୁ ବିରୋଧ କରିବା ସହିତ ଜଳେଶ୍ୱରରେ କଂଗ୍ରେସକୁ ବିକଳ୍ପ ଶକ୍ତି ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହାସହିତ ଏକ ଦୁର୍ନୀତିମୁକ୍ତ ଓ ବିକଶିତ ଜଳେଶ୍ୱର ଗଢ଼ିବା ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ଜିଲା ମହିଳା କଂଗ୍ରେସ ଉପସଭାପତି ଅଞ୍ଜଳି ପ୍ରଧାନ, ଜିଲା କଂଗ୍ରେସର ସହସମ୍ପାଦକ ରବୀନ୍ଦ୍ର ଭଞ୍ଜ, ଜଳେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ପ୍ରଦୀପ ପ୍ରଧାନ, କାର୍ତ୍ତିକ ପାତ୍ର, ସଦାଶିବ ଜେନା, ମାଧବ ବେହେରା, ଅଶୋକ ବେହେରା, ବୈକୁଣ୍ଠ ଦଳେଇ, ରମେଶ ଜେନା, ସୁଜୟ ନାୟକ, ରାଧାଗୋବିନ୍ଦ ଘୋଷ ମହାପାତ୍ର, ଅଜିତ ଘୋଷ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
Bhubaneswar, Wednesday, November 22/2023



# ପଶ୍ଚିମବଙ୍ଗରେ ୨୦,୦୦୦ କୋଟି ନିବେଶ କରିବ ଆର୍‌ଆଇଏଲ୍

ଭୁବନେଶ୍ୱର,୨୧।୧୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପଶ୍ଚିମବଙ୍ଗ ରାଜଧାନୀ କୋଲକାତାଠାରେ ଆୟୋଜିତ ୭ମ ବେଙ୍ଗଲ ଗ୍ଲୋବାଲ ସମ୍ମିଟ୍‌ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଶ୍ଚିମବଙ୍ଗରେ ୨୦,୦୦୦କୋଟି ଟଙ୍କା ବିନିଯୋଗ କରିବା ନେଇ ଘୋଷଣା କରିଛନ୍ତି। ଉକ୍ତ ବିନିଯୋଗ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କରାଯିବ। ବିଶେଷକରି ରିଲାଏନ୍ସ ବଙ୍ଗ ବିକାଶରେ କୌଣସି ପଦ୍ଧତିକୁ ଛଡାଯିବ ନାହିଁ ବୋଲି ମୁକେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏପରିକି ଏପର୍ଯ୍ୟନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପଶ୍ଚିମବଙ୍ଗରେ ପ୍ରାୟ ୪୫,୦୦୦ କୋଟି ଟଙ୍କା ବିନିଯୋଗ କରିସାରିଛି। ଆସନ୍ତା ୩ ବର୍ଷରେ ଆର୍‌ଆଇଏଲ୍ ଅତିରିକ୍ତ ୨୦,୦୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ମୁକେଶ ମତପ୍ରକାଶ କରିଛନ୍ତି।



ଦୁଇଦିନିଆ ୭ମ ବେଙ୍ଗଲ ଗ୍ଲୋବାଲ ସମ୍ମିଟ୍‌ର ଉଦ୍‌ଘାଟନୀ ଅବସରରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଉପସ୍ଥିତ ଅଛନ୍ତି।

ଅପରପକ୍ଷରେ ୨୦,୦୦୦ କୋଟି ଟଙ୍କାର ଉକ୍ତ ବିନିଯୋଗ ରାଜ୍ୟର ଟେଲିକମ୍, ଖୁଚୁରା ଏବଂ ବାୟୋ ଶକ୍ତି କ୍ଷେତ୍ରରେ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଆମେ ରାଜ୍ୟର ପ୍ରତ୍ୟେକ କୋଣକୁ ୫ଜି ସେବା ପହଞ୍ଚାଇବା ସହ ଗ୍ରାମୀଣ ଅଞ୍ଚଳରେ ଜିଓ ଟୁ ୫ଜି ନେଟ୍‌ୱର୍କକୁ ସଶକ୍ତ କରାଉଛୁ। ଏପରିକି ପଶ୍ଚିମବଙ୍ଗର ଅଧିକାଂଶ ଭାଗରେ ଜିଓର ନେଟ୍‌ୱର୍କ ପହଞ୍ଚିଛି। ରାଜ୍ୟର ୯୮.୮% ଏବଂ କୋଲକାତା ଟେଲିକମ୍ ସର୍କଲରେ ୧୦୦% ଜନସଂଖ୍ୟାକୁ ଜିଓର ନେଟ୍‌ୱର୍କ ଯୋଡ଼ିପାରିଛି। ଜିଓର ଶକ୍ତିଶାଳୀ ନେଟ୍‌ୱର୍କ ପଶ୍ଚିମବଙ୍ଗରେ ରୋଜଗାର ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କୃଷିକୁ ବହୁ ପରିମାଣରେ ପ୍ରୋତ୍ସାହିତ କରିବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଏହି ୨ ଦିନିଆ ସମ୍ମିଟକୁ ଉଦ୍‌ବୋଧନ ଦେବା ସହିତ ପଶ୍ଚିମବଙ୍ଗରେ ଜୈବ ଇନ୍ଧନକୁ ତ୍ୱରାନ୍ୱିତ କରିବା ସହ୍ ଗ୍ରୀନ୍ ହାଇଡ୍ରୋଜେନ୍ ଯୋଜନା ଆଦି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିସ୍ତୃତ ଆଲୋକପାତ କରିଛନ୍ତି। ସେହିପରି ଉକ୍ତ ସର୍ବଭାରତୀୟ ବ୍ୟବସାୟ ସମ୍ମିଳନୀରେ ଭାରତବର୍ଷର ପ୍ରମୁଖ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ,ଆଦାନୀ, ପିଡବ୍ଲୁସି, ଫିକି, ଡେଲଏଟ ଭଳି ଅନେକ ଜଣାଶୁଣା ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ କମ୍ପାନୀଗୁଡିକ ଉକ୍ତ ସମ୍ମିଟରେ ସାମିଲ ହୋଇ ନିବେଶ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ହ୍ୟୁଣ୍ଡାଇର ସ୍ପେଶିଆଲ ସର୍ଭିସ୍ କ୍ୟାମ୍ପ

ଭୁବନେଶ୍ୱର,୨୧।୧୧

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ସ୍ପେଶିଆଲ ସର୍ଭିସ୍ କ୍ୟାମ୍ପ 'ହ୍ୟୁଣ୍ଡାଇ ସ୍ମାର୍ଟ କେୟାର କ୍ଲିନିକ୍'ର ସର୍ବଭାରତୀୟ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର 'ଉତ୍କଳ ହ୍ୟୁଣ୍ଡାଇ' ପାହାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଉତ୍କଳ ହ୍ୟୁଣ୍ଡାଇର ପାହାଲ ସେବା କେନ୍ଦ୍ରଠାରେ ହ୍ୟୁଣ୍ଡାଇ ସ୍ମାର୍ଟ କେୟାର କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଉତ୍କଳ ହ୍ୟୁଣ୍ଡାଇର ସେବା ମହାପ୍ରବନ୍ଧକ ଜ୍ଞାନରଞ୍ଜନ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ କ୍ୟାମ୍ପର ଉଦ୍‌ଘାଟନ କରିବା ସହ ହ୍ୟୁଣ୍ଡାଇର ଶୀତକାଳୀନ ଶିବିରର ସ୍ୱତନ୍ତ୍ର ଅଫର ଆଦି ସମ୍ପର୍କରେ ଘୋଷଣା କରିଥିଲେ। ବିଶେଷକରି ମାଗଣା



**ହ୍ୟୁଣ୍ଡାଇର ସ୍ମାର୍ଟ କେୟାର କ୍ଲିନିକ୍**

୫୦ ପଏଣ୍ଟର ଚେକ୍‌ଅପ୍ ସୁବିଧା ସହ ଅନ୍ୟାନ୍ୟ ପେଡ୍ ଫ୍ୟାସିଲିଟି ସହ ସର୍ଭିସ୍ ଉପରେ ଆକର୍ଷଣୀୟ ରିହାତି ହ୍ୟୁଣ୍ଡାଇ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ଗ୍ରାହକମାନଙ୍କୁ ନୂତନ ଜ୍ଞାନକୌଶଳ ସହ ପରିଚିତ କରାଇବା ଉକ୍ତ କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉତ୍କଳ ହ୍ୟୁଣ୍ଡାଇର ଗ୍ରାହକ ସେବା ଅଧିକାରୀ ପ୍ରଫୁଲ୍ଲ ସାହୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ହ୍ୟୁଣ୍ଡାଇର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଶୋ'ରୁମ୍ କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଜିଓ ଏୟାରଫାଇବର

ଭୁବନେଶ୍ୱର,୨୧।୧୧

ବିଶ୍ୱର ସର୍ବବୃହତ୍ ଘରୋଇ ମୋବାଇଲ ଡାଟା ନେଟ୍‌ୱର୍କ ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ସର୍ବାଧୁନିକ ହୋମ୍ ଏଣ୍ଟରଟେଣ୍ଟମେଣ୍ଟ ସ୍ମାର୍ଟହୋମ୍ ସେବା ଏବଂ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ସମନ୍ୱିତ ଏଣ୍ଡ୍-ଟୁ-ଏଣ୍ଡ୍ ସମାଧାନ ଜିଓ ଏୟାରଫାଇବର ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଜିଓ ଏୟାରଫାଇବର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂରକରିବ ଏବଂ ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ୍ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ବିଭିନ୍ନ ଜଟିଳତା ତଥା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ବିଳମ୍ବ ଘଟିବା କାରଣରୁ ଉପଲବ୍ଧ ହେଉ ନ ଥିଲା ସେଭଳି ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ଏହା ସଂଯୋଗ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଜିଓ ଏୟାରଫାଇବର ଓଡ଼ିଶାର ଭୁବନେଶ୍ୱର ଏବଂ କଟକ ଭଳି ପ୍ରମୁଖ ସହରରେ




ଆନୁଷ୍ଠାନିକ ଭାବେ ଲାଇଭ୍ ହେବା ସହିତ ଉଭୟ ସହରର ସମସ୍ତ ବାସଗୃହ ଏବଂ ବ୍ୟବସାୟ ସ୍ଥଳ ବର୍ତ୍ତମାନ ଗୋଟିଏ ସମନ୍ୱିତ ସେବା ଜରିଆରେ ଉପଲବ୍ଧ। ସେହିଭଳି ଓଡ଼ିଶାରେ ଉକ୍ତ ସେବା ଆରମ୍ଭ ସହିତ ଜିଓ ଏୟାରଫାଇବର ସଂଯୋଗ ଉଭୟ ସହରର ଅନେକ ଗ୍ରାହକଙ୍କ ପରିସରରେ ସ୍ଥାପନ କରାଯାଇଥିବାବେଳେ ରାଜ୍ୟର ପ୍ରଥମ ଜିଓ ଏୟାରଫାଇବର ସଂଯୋଗ ଜିଓର ଓଡ଼ିଶା ବ୍ୟବସାୟ ମୁଖ୍ୟ ପ୍ରଦୀପ ରାଉତଙ୍କ ଠାରୁ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ବୈଜ୍ଞାନିକ ଗ୍ରହଣ କରିଛନ୍ତି। ବିଶେଷକରି ଏହି ମାଇଲଖୁଣ୍ଟ ଓଡ଼ିଶାର ଡିଜିଟାଲ ଦୃଶ୍ୟପଟରେ ଉଲ୍ଲେଖନୀୟ ପରିବର୍ଦ୍ଧନର ଏକ ନିଦର୍ଶନ ହୋଇଛି, ଯାହାଦ୍ୱାରା ପ୍ରତ୍ୟେକଟି ଘର ଓ ବ୍ୟବସାୟକୁ ଜିଓର ଏୟାରଫାଇବର ପ୍ରଯୁକ୍ତି ସାଙ୍ଗକୁ ଶ୍ରେଷ୍ଠ ସ୍ତରର ଫାଇବର ଏବଂ ମୋବିଲିଟି ସେବାର ଅନନ୍ୟ ଅନୁଭୂତି ହାସଲ କରିବାରେ ସମର୍ଥ କରାଇବ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୧।୧୧

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ଚାମ୍ପ ଇନ୍‌ସ୍ୟୁରାନ୍ସ ପ୍ଲାନ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ଶିଶୁ ବୀମା ଯୋଜନା ବଜାରରେ ଉପଲବ୍ଧ ରହିଥିବା ବେଳେ ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ଚାମ୍ପ ଇନ୍‌ସ୍ୟୁରାନ୍ସ ପ୍ଲାନ୍ ହେଉଛି ଏଭଳି ଏକ ଇଣ୍ଡିଭିଜୁଆଲ, ନନ୍-ଲିଙ୍କ୍‌ଡ,ପାର୍ଟିସିପେଟିଂ ଲାଇଫ୍ ଇନ୍ସୁରାନ୍ସ ସେଭିଙ୍ଗ୍‌ସ ପ୍ରଡକ୍ଟ, ଯାହା ପିଲାର ବୟସ ୧୮ ବର୍ଷ ହେବା ପରେ ତା'ର ଭବିଷ୍ୟତର ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରୁଛି। ଏପରିକି ଏହାକୁ ଜଣେ ଅଭିଭାବକଙ୍କ ଉଦ୍ଦେଶ୍ୟ ଓ ଚିନ୍ତାକୁ ପୂରଣ କରିବା ପାଇଁ ଯତ୍ନର ସହ ପ୍ରସ୍ତୁତ କରାଯାଇଛି। ଏହା ହେଉଛି ଏକ ଜୀବନ ବୀମା ସହ ସେଭିଙ୍ଗ୍‌ସ ପ୍ଲାନ୍, ଯାହା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଜୀବନର ଅନିଶ୍ଚିତତା ବିରୋଧରେ ସୁରକ୍ଷିତ ରଖୁଛି। ଅପରପକ୍ଷରେ ଆପଣଙ୍କ ପିଲାଙ୍କୁ ସ୍ୱାଧୀନ ହେବା ଓ ଆର୍ଥିକ ରୂପେ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସବୁଠାରୁ ସରଳ ଓ ସ୍ମାର୍ଟ ଉପାୟ ହେଉଛି ଏକ ବୀମା ଯୋଜନା ରଖିବା, ଯାହା ସ୍ୱତନ୍ତ୍ର ଭାବେ ଆପଣଙ୍କ ପିଲାଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛି। ଏକ ଚାଇଲ୍ଡ ଇନ୍ସୁରାନ୍ସ ପ୍ଲାନ୍ ବା ଶିଶୁ ବୀମା ଯୋଜନା ଏକ ସୁରକ୍ଷା ଜାଲ ଭାବେ କାର୍ଯ୍ୟ କରିଥାଏ। କାରଣ ଏହା ଆପଣଙ୍କୁ ଏକ ପାଣ୍ଠି ସୃଷ୍ଟି କରିବାକୁ ଅନୁମତି ଦେଇଥାଏ। ଏହା ବୀମାକାରୀ (ଅଭିଭାବକ)ଙ୍କ ସହ କିଛି ଅପ୍ରୀତିକର ଘଟଣା ଘଟିବା ସ୍ଥିତିରେ ଆପଣଙ୍କ ପିଲାଙ୍କୁ ଏକ ସୁରକ୍ଷିତ ଭବିଷ୍ୟତ ଦେବାରେ ସାହାଯ୍ୟ କରିବ। ଏହା ଆପଣଙ୍କ ପିଲାଙ୍କ ଜୀବନର ପ୍ରତ୍ୟେକ ସଫଳତାରେ ଏକ ସୁରକ୍ଷା ଉପକରଣ ଭାବେ କାର୍ଯ୍ୟ କରିବ। ଜୀବନ ଅନିଶ୍ଚିତତା ଓ ଭବିଷ୍ୟତକୁ ନେଇ ଚିନ୍ତାଗୁଡିକରେ ଭରି ରହିଛି। ଅନେକ କିଛି ଆମ ନିୟନ୍ତ୍ରଣରେ ନ ଥିବା ବେଳେ ଜଣେ ଅଭିଭାବକ ଭାବେ ଆପଣଙ୍କ ପିଲାଙ୍କର ଭାବନାତ୍ମକ, ଶାରୀରିକ, ମାନସିକ ଓ ଆର୍ଥିକ ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୧।୧୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୬ (୨୭୫.୬୨) ପଏଣ୍ଟ ବଢି ୬୫,୯୩୧ (୬୫,୯୩୦.୭୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୯ (୮୯.୪୦) ପଏଣ୍ଟ ବୃଦ୍ଧି ଘଟି ୧୯,୭୮୩ (୧୯,୭୮୩.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୨୧।୧୧

ଟାଟା ପାୱାରର ନୂତନ ଅଭିଯାନ ଓଃ ମାଇଁ ବିଉଟିଫୁଲ ଓଡ଼ିଶା ଫଟୋଗ୍ରାଫି ପ୍ରତିଯୋଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷ ନଭେମ୍ବର ୩୦ ପର୍ଯ୍ୟନ୍ତ ଉକ୍ତ ପ୍ରତିଯୋଗିତାର ଆବେଦନ ଗ୍ରହଣ କରାଯିବ। ଉଲ୍ଲେଖଯୋଗ୍ୟ, ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ଓଃ ମାଇଁ ବିଉଟିଫୁଲ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଏପରିକି ଓଡ଼ିଶାର ସମୃଦ୍ଧ ଓ ବିବିଧ ସୌନ୍ଦର୍ଯ୍ୟକୁ ପାଳନ ଓ ପ୍ରୋତ୍ସାହିତ କରିବା ପାଇଁ ଉକ୍ତ ପ୍ରତିଯୋଗିତା ଏକ ନିଆରା ପଦକ୍ଷେପ ହେବ। ଏଥିରେ ସବୁବର୍ଗର ଫଟୋଗ୍ରାଫର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିପାରିବେ। ସେହିଭଳି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ରାଜ୍ୟର ଦୃଶ୍ୟପଟ, ଐତିହ୍ୟ, ଲୋକ ଓ ପରମ୍ପରାର ଅଗଣିତ ଆକର୍ଷଣୀୟ ଦିଗକୁ ଅନୁସନ୍ଧାନ ଏବଂ କଏଦ କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ। ଅପରପକ୍ଷରେ ପ୍ରତିଯୋଗିତାର ଶ୍ରେଷ୍ଠ ୧୨ଜଣ ବିଜେତା ୧,୮୦,୦୦୦ ଟଙ୍କା ପର୍ଯ୍ୟନ୍ତ (୧୫ ହଜାର ଟଙ୍କା ଲେଖାଏ) ପୁରସ୍କାର ଜିତିବେ ଏବଂ ସେମାନଙ୍କ ଫଟୋ ଟିପି ଓଡ଼ିଶା କ୍ୟାଲେଣ୍ଡର ୨୦୨୪ରେ ସ୍ଥାନ ପାଇବ।

ସେହିପରି ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଆବେଦନଗୁଡ଼ିକର ମୂଲ୍ୟାଙ୍କନ କରିବେ ଏବଂ ବିଜେତା ଫଟୋଗ୍ରାଫରମାନଙ୍କ ନାମ ଏକ ଭବ୍ୟ ସମାରୋହରେ ଘୋଷଣା କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି ସେମାନଙ୍କ କଳାତ୍ମକ ଅବଦାନ ପାଇଁ ସେମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ସହିତ ବିଜେତାମାନଙ୍କୁ ନଗଦ ରାଶି ଓ ସାର୍ଟିଫିକେଟ ସମେତ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ।

ଏ ସମ୍ପର୍କରେ ଟିପି ଓଡ଼ିଶା ଡିସ୍‌କମ୍‌ର ପ୍ରବକ୍ତା କହିଛନ୍ତି, ଓଃ ମାଇଁ ବିଉଟିଫୁଲ ଓଡ଼ିଶା ପ୍ରତିଯୋଗିତା ଜରିଆରେ ଆମେ ଏକ ଛବି ଯାତ୍ରା ଆରମ୍ଭ କରୁଛୁ, ଯେଉଁଥିରେ ଫଟୋଗ୍ରାଫରମାନଙ୍କୁ ସେମାନଙ୍କର ଲେନ୍ସ ମାଧ୍ୟମରେ ରାଜ୍ୟର ଚମତ୍କାର କାହାଣୀ ପ୍ରଦର୍ଶନ କରିବାକୁ ଆମନ୍ତ୍ରଣ କରୁଛୁ। ଓଡ଼ିଶାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଲୋକଙ୍କ ହୃଦୟ ଓ ମନରେ ଏକ ଗଭୀର ସମ୍ପର୍କ ସୃଷ୍ଟି କରିବା ଭଳି ଦୃଶ୍ୟଚିତ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆମର ବିଶ୍ୱାସ ରହିଛି, ଏହି ଚିତ୍ର ମାଧ୍ୟମରେ ଆମେ ଭାବନା ଓ କୌତୂହଳ ଜାଗ୍ରତ କରିପାରିବା ଏବଂ ସାମୂହିକ ଭାବରେ ଓଡ଼ିଶାର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବା।

NOTIFIED AREA COUNCIL
BELLAGUNTHA-761119 (GANJAM)
Phone No.06821-258244
Sri S. Rakesh Kumar Patra (ORS)
Executive Officer

ବିଜ୍ଞାପିତ ଅଞ୍ଚଳ ପରିଷଦ
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ: ୦୬୮୨୧-୨୫୮୨୪୪
ଶ୍ରୀ ଏସ୍. ରାକେଶ କୁମାର ପାତ୍ର (ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

E-Mail ID: eonacbellaguntha@gmail.com

L. No. 1712 // Date: 18.11.2023

QUOTATION CALL NOTICE

No.C-1881:- Sealed quotation is invited from the intending registered bidders/agencies/companies etc. having eligibility for: **Preparation of Comprehensive Storm Water Drainage Master Plan and Detailed Project Report of Bellaguntha NAC area.**

The bidder shall receive the detailed quotation paper from the NAC office Helpdesk and Office website www.nacbellaguntha.in/downloads from 20.11.2023 at 11.00 AM to 06.12.2023 up to 11.00 AM. The sealed quotations with necessary documents should reach the office of the Executive Officer, NAC, Bellaguntha on or before 06.12.2023 by 01.00 PM and the same will be opened at 4.00 PM on the same day in presence of the quotationers or their authorized representatives. The quotation details regarding pre bid meeting, bid query etc. is available in the EOI Document.

The authority reserves the rights to accept or reject any or all the quotations without assigning any reason thereof.

OIPR-13113/11/0040/2324 Sd./- Executive Officer, NAC, Bellaguntha

GOVERNMENT OF ODISHA No. O-1566

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

E-Mail: sencrwangul@yahoo.co.in, Ph.: 06764-236404

e-Procurement NOTICE for Bridge Works in Odisha

Bid Identification No. Bridge Online AGL - 28/2023-24

No. 2894 Dt.20.11.2023

1. Name of the work : Bridge Works
2. Total No. of Work : 03 Nos.
3. Estimated Cost : Rs.187.97 Lakhs to Rs.242.39 Lakhs
4. Class of Contractor : 'B" & 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-28/2023-24 | 30.11.2023 at 10.00 A.M. | 14.12.2023 upto 5.00 P.M. | 12.12.2023 upto 1.00 P.M. | 15.12.2023 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

OIPR-25180/11/0037/2324 Sd./- Chief Construction Engineer, Rural Works Circle, Angul

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

NATIONAL COMPETITIVE BIDDING THROUGH e-Procurement

No. O-1561 Bid Identification No. Online Tender / 79-2023-24/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 79-2023-24/BPR | Bridge Works (BSY) for 2023-24 | 02 Nos. | From Rs.566.58 lakhs to Rs.677.15 lakhs | "A" Class and "Special" Class as applicable | 18 (Eighteen) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 79-2023-24/BPR | 29.11.2023 at 10.00 A.M. | 12.12.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0084/2324 Sd./- Chief Construction Engineer, R.W. Circle, Berhampur

CORRIGENDUM NOTICE FOR EXTENSION OF TENDER DATE

OFFICE OF THE CSO-cum-DISTRICT MANAGER

ODISHA STATE CIVIL SUPPLIES CORPORATION LTD., BALANGIR

Corrigendum Notice No. 7824 Dt.20.11.2023

**Ref.:** Tender Call Notice No. 7233 Dt.02.11.2023 for hiring of vehicle for monitoring paddy procurement operation during KMS 2023-24.

No. CAD-2944: The date for submission and opening of tender documents has been extended for hiring of vehicle for monitoring paddy procurement operation during KMS 2023-24.

The revised Scheduled is:-

| | |
|---|---|
| Sale of Tender Papers | 23.11.2023 to 29.11.2023 upto 05.00 P.M. |
| Last date for submission of tender documents | By 30.11.2023 upto 05.00 P.M. by Registered Post/Speed Post/Courier |
| Opening of Technical Bid & Price Bid | On 01.12.2023 at 05.00 P.M. (Chamber of the ADM, Balangir) |
| Help Desk Contact No. | **OSCSC Ltd., Balangir** District Manager - 9438200035 Office - 06652-232672 |

1. All other terms and conditions shall however remain unaltered as thereof in the original tender call notice.
2. If the office happens to be closed on the date of opening of tenders, tenders will be opened on the next working day in the same time.
3. District tender committe reserves the right to cancel any/all of the tenders at any time without assigning any reason thereof.

OIPR-07031/11/0010/2324

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

ADVERTISEMENT FOR RECRUITMENT OF NON-EXECUTIVES IN OMC LTD.

No. 84/OMC Date:20.11.2023

WALK-IN-INTERVIEW

**No.CAD-2963:**OMC, a Gold category State PSU and being one of the largest State PSUs in Mining Sector in the Country, undertakes exploration, mining and trading of Iron, Chrome, Bauxite & Lime stone ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries. The Corporation has registered annual turnover of **Rs.14449.57 Crore** in FY 2022-23 and is on a high growth trajectory. The Corporation intends to fill up the following Non-Executive posts in regular mode through direct recruitment by the Walk-in-Interview process.

| Sl. No | Name of the Post | Total | UR | SEBC | SC | ST | Scale of Pay | Qualification | Age as on 01.11.2023 |
|---|---|---|---|---|---|---|---|---|---|
| 1 | Foreman (Min.) | 34 | 20 | 4 | 5 | 5 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS as per MMR (Metalliferous Mines Regulations), 1961. | Not below 18 years and above 38 years |
| 2 | Surveyor | 15 | 5 | 2 | 3 | 5 | | Diploma in Mines Survey/Mining Engineering from a AICTE recognized Institute with Survey Certificate of Competency in Mining Survey from DGMS as per MMR (Metalliferous Mines Regulations), 1961. | |
| 3 | Blaster-III | 3 | 2 | 0 | 0 | 1 | Pay Level- 5 (Rs.21700- 69100/-) (one extra increment at the time of entry) | HSC with Blaster's Certificate of Competency issued by DGMS as per MMR (Metalliferous Mines Regulations), 1961 | |
| 4 | Mining Mate-III | 55 | 22 | 3 | 9 | 21 | Pay Level- 5 (Rs.21700- 69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR (Metalliferous Mines Regulations), 1961 | |

DATE, TIME & PLACE OF WALK-IN-INTERVIEW

| DATE | TIME | POST | VENUE OF INTERVIEW |
|---|---|---|---|
| 06.12.2023 | 08:00 AM | Surveyor | Community Centre, OMC Colony of Regional Office, Barbil, Dist- Keonjhar |
| | 11:00 AM | Blaster | |
| | 03:00 PM | Mining Mate | |
| 07.12.2023 | 08:00 AM | Mining Mate | |
| | 03:00 PM | Foreman (Min.) | |
| 08.12.2023 | 08:00 AM | Foreman (Min.) | |

• Candidates belonging to domicile of Odisha only can appear. • Interested candidates fulfilling the eligibility criteria for respective posts may attend the walk-in-interview as per the above schedule. • For details please visit OMC website:**https://omcltd.in/en/people/career/employment-opportunities.**

OIPR-30005/11/0186/2324 Sd/-GENERAL MANAGER (P&A)

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘର ବିକି ଜଙ୍ଗଲରେ ଜୀବନ

ୱାଶିଂଟନ

ଟଙ୍କାର ଅଭାବ କାରଣରୁ ଲୋକେ ଭଲ ଘର ଖଣ୍ଡେ ନ କରିପାରି ଖାଟିମାଟି ଘରେ ଜୀବନ ବିତାନ୍ତି। ହେଲେ ବିଦେଶରେ ପରିସ୍ଥିତି ଅଲଗା। ଏଠାରେ ଲୋକେ ସବୁକିଛି ଛାଡ଼ିକି ପ୍ରାକୃତିକ ସ୍ଥାନରେ ଜୀବନ ବିତାଇବାକୁ ଚାହାନ୍ତି। ଆମେରିକାର ଏକ ଦମ୍ପତି ଏପରି କରିଥିବା ଖବର ମିଳିଛି। ସେ ତାଙ୍କର ସମସ୍ତ ସମ୍ପତି ବିକ୍ରି କରି ଜଙ୍ଗଲରେ ଜୀବନ ଅତିବାହିତ କରୁଛନ୍ତି। ପ୍ରକୃତରେ ଲୋକେ ଆରାମଦାୟକ ଘର କରିବାକୁ ତାଙ୍କ ସାରା ଜୀବନ ପରିଶ୍ରମ କରିଥାନ୍ତି। କିନ୍ତୁ ୬୧ ବର୍ଷୀୟ ଜନ୍ କେରନୋହାନ୍ ଏବଂ ତାଙ୍କ ସ୍ତ୍ରୀ ୪୪ ବର୍ଷୀୟା ଫିନ୍ ଜଙ୍ଗଲରେ ଏକ କେବିନ ତିଆରି କରି ରହୁଛନ୍ତି। ସେମାନଙ୍କ କହିବା କଥା ଏପରି ଜୀବନ ବଞ୍ଚିବା ସବୁଠୁ ଭଲ ନିଷ୍ପତି। ସେମାନେ ଗତ ୧୨ ବର୍ଷ ଧରି ଜଙ୍ଗଲରେ ରହୁଛନ୍ତି। ଏବଂ ଏପରି ଜୀବନଶୈଳୀକୁ ସେମାନେ



ବେଶ ଖୁସିରେ କାଟୁଛନ୍ତି। ଜନ୍ ଏବଂ ଫିନ୍‌ଙ୍କ ୨୦୧୦ରେ ପ୍ରଥମ ଥର ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଦେଖା ହୋଇଥିଲା। ପରେ ଦୁହେଁ ଦୁହିଁଙ୍କୁ ଭଲପାଇ ବସିଲେ। ଜନ୍ ଆମେରିକାର ମିୟାମିର ବାସିନ୍ଦା ହୋଇଥିବାବେଳେ ଫିନ୍ ଥାଇଲାଣ୍ଡର ବାସିନ୍ଦା। ହେଲେ ଉଭୟ ଲଣ୍ଡନ ରୁହନ୍ତି। ୨ ବର୍ଷର ଡେଟିଂ ପରେ ଦୁହେଁ ୨୦୧୨ରେ ବିବାହ କରିଥିଲେ। ଡେଟିଂ ସମୟରେ ସେମାନେ କିଛି ଦିନ ଏକ ଛୋଟ ଡଙ୍ଗାରେ ରହିଥିଲେ। ତାହା ସେମାନଙ୍କୁ ବହୁତ ଭଲ ଲାଗିଥିଲା। ପରେ ଜନ୍ ମିୟାମିର ଘର ବିକି ଜଙ୍ଗଲରେ ଏକ କେବିନରେ ରହିବାକୁ ନିଷ୍ପତି ନେଲେ। ଉଭୟ ନିଜ ଘର ଛାଡ଼ି ଏବେ ୩୦୪ ବର୍ଗଫୁଟ ଅଞ୍ଚଳର ଏକ କେବିନ୍‌ରେ ତାଙ୍କ ଜୀବନ ଅତିବାହିତ କରୁଛନ୍ତି। ସାଢେ ୫ ଲକ୍ଷ ଟଙ୍କା ଦେଇ ସେହି ଜାଗାକୁ କିଣିଥିଲେ। ସେମାନେ ଏହାର ଆଖପାଖ ଅଞ୍ଚଳ ମଧ୍ୟ କିଣି ନେଇଛନ୍ତି। ସେଠାରେ ଅନେକ କେବିନ ମଧ୍ୟ ପ୍ରସ୍ତୁତ କରିଛନ୍ତି। ସେମାନେ ଥର୍ମାଲ ଏବଂ ସୋଲାର ଶକ୍ତି ବଳରେ ବିଦ୍ୟୁତ୍‌ର ଉପଯୋଗ କରୁଛନ୍ତି। ତାଙ୍କ ଛୋଟ କେବିନକୁ ଅନ୍ୟମାନଙ୍କୁ ଭଡ଼ା ଦେବା ଆରମ୍ଭ କରିଦେଇଛନ୍ତି। ଏଥିରୁ ତାଙ୍କ କିଛି ରୋଜଗାର ମଧ୍ୟ ହେଉଛି।



# ସାପକୁ ଭଲ ପାଆନ୍ତି ଅନନ୍ୟା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ କିଛି ଦିନ ହେବ ପ୍ରେମିକ ଆଦିତ୍ୟ ରୟ କପୁରଙ୍କ ସହ ଡେଟିଂକୁ ନେଇ ଚର୍ଚ୍ଚାରେ ଥିଲେ। ହେଲେ ଏବେ ସେ ଆଉ କିଛି କାରଣ ପାଇଁ ସମସ୍ତଙ୍କ ନଜରକୁ ଆସିଛନ୍ତି। ନିକଟରେ ଅନନ୍ୟାଙ୍କ କିଛି ପୋଷ୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଫଟୋଗୁଡ଼ିକରେ ଅନନ୍ୟା ତାଙ୍କ ହାତରେ ଏକ ଅଜଗର ପରି ଦେଖାଯାଇଥିବା ଏକ ବିଷଧର ସାପ ସହିତ ଖେଳୁଥିବା ନଜରକୁ ଆସିଛନ୍ତି। ଏପରିକି ସାପଙ୍କ ସହିତ ଫଟୋ ପୋଷ୍ଟ କରି ସେ କ୍ୟାପ୍ସନରେ ଲେଖିଛନ୍ତି, ସେ ସାପକୁ ବହୁତ ପସନ୍ଦ କରନ୍ତି, ସାପ ତାଙ୍କର ପ୍ରିୟ ପ୍ରାଣୀ। ଏଥିସହ କୁକୁରକୁ ମଧ୍ୟ ସେ ଅତ୍ୟନ୍ତ ଭଲ ପାଆନ୍ତି। ଏହା ଅନନ୍ୟାଙ୍କ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। କିଛି ଦିନ ତଳେ ଅନନ୍ୟା ମୁକେଶ ଅମ୍ବାନିଙ୍କ ନାତିଙ୍କ ଜନ୍ମଦିନ ପାର୍ଟିରେ ଉପସ୍ଥିତ ଥିବାବେଳେ ଏପରି ଫଟୋ ଉଠାଇଥିବା ଜଣାପଡ଼ିଛି। ତାଙ୍କର ଏହି ଫଟୋରେ ଅନେକେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ତେବେ ଅନନ୍ୟା ୨୦୧୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ତାଙ୍କୁ ସିନେମା 'ଡ୍ରିମ ଗର୍ଲ ୨'ରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି।

# ଦୌଡ଼ ପ୍ରତିଯୋଗିତାରେ ଦମ୍ପତିଙ୍କ କମାଲ

ଡେରାଡୁନ

ଛୋଟବେଳୁ ସମସ୍ତେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଅନେକ ପୁରସ୍କାର ଜିତିଥାନ୍ତି। ବୟସ ବଢ଼ିବା ସହିତ ସେଥିରେ କମି ଦେଖିବାକୁ ମିଳିଥାଏ। ହେଲେ ନିକଟରେ ଦମ୍ପତିଙ୍କୁ ୬୦ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଛୋଟ ପିଲାଙ୍କ ପରି ପ୍ରତିଯୋଗିତାରେ ଭାଗ ନେଇଥିବା ଦେଖିବାକୁ ମିଳିଛି। ଉତ୍ତରାଖଣ୍ଡର ଅମଲୋରାରେ ରହୁଥିବା ଦମ୍ପତି ପୁରନ ଚନ୍ଦ୍ର ଭଟ୍ଟ ଓ ତାଙ୍କ ସ୍ତ୍ରୀ କମଳା ଭଟ୍ଟ ଉତ୍ତରାଖଣ୍ଡ ମାଷ୍ଟର ଆଥ୍‌ଲେଟ୍‌ସ ଆଣ୍ଡ ସ୍ପୋର୍ଟ୍ସ ଡେଭଲପମେଣ୍ଟ କମ୍ପିଟିଶନରେ ମେଡାଲ ଜିତିଛନ୍ତି। ପୁରନଙ୍କୁ ୭୨ ବର୍ଷ ହୋଇଥିବାବେଳେ କମଳାଙ୍କୁ ୬୨ବର୍ଷ। ସେମାନେ ରୁଦ୍ରପୁରରେ ହୋଇଥିବା



ଏହି ପ୍ରତିଯୋଗିତାରେ ପ୍ରତିଭାର ପ୍ରଦର୍ଶନ କରିଥିଲେ। ପୁରନ ୫ କି.ମି. ଦୌଡ଼ ଏବଂ ୫କି.ମି. ଚାଲିବାରେ ସ୍ୱର୍ଣ୍ଣ ପଦକ ଏବଂ ୮୦୦ ମିଟର ଦୌଡ଼ରେ ଗୋଟେ କାଂସ୍ୟ ପଦକ ଜିତିଛନ୍ତି। କମଳା ୪୦୦ ମିଟର, ୨୦୦ ମିଟର ଏବଂ ୧୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉକ୍ତ ଦମ୍ପତିଙ୍କ ଏପରି କାମକୁ ସମସ୍ତେ ସଲାମ କରିଛନ୍ତି। ତେବେ ପୁରନ କହିଛନ୍ତି, ସେ ସବୁଦିନ ସକାଳେ ୬ କି.ମି. ଦୌଡ଼ନ୍ତି। କମଳା କହିଛନ୍ତି, ତାଙ୍କୁ ଯେତେବେଳେ ସମୟ ମିଳେ ସେ ମଧ୍ୟ ଏକ୍ସରସାଇଜ କରନ୍ତି। ମାସରେ ଦୁଇଥର ସେ ମଧ୍ୟ ଦୌଡ଼ିଥାନ୍ତି। ଦମ୍ପତିଙ୍କ କହିବା କଥା ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ରୁଦ୍ରପୁରର ପ୍ରତିଯୋଗିତା ପରେ ହାଇଦ୍ରାବାଦରେ ଏହାର ଜାତୀୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯେଉଁଥିରେ ଦମ୍ପତି ଭାଗ ନେବେ। ଏଥିପାଇଁ ସେମାନେ ପ୍ରସ୍ତୁତି ଚଳାଇଛନ୍ତି।

# ଆତ୍ମରକ୍ଷା ପାଇଁ ଶିକାରୀକୁ ରକ୍ତ ଛାଡ଼େ



ୱାଶିଂଟନ୍

ମେକ୍ସିକୋ ଏବଂ ଆମେରିକାରେ ଏକ ଅଜବ ପ୍ରକାରର ଝିଟିପିଟି ଦେଖିବାକୁ ମିଳିଥାଏ। ଯାହାର ନାମ ରିଗଲ ହର୍ନ ଲିଜାର୍ଡ। ଏହି ଜୀବଟି ଶିକାରୀଙ୍କଠାରୁ ବଞ୍ଚିବାକୁ ଏକ ଭିନ୍ନ ପ୍ରକାରର ଉପାୟ ଆପଣାଇଥାଏ। ଝିଟିପିଟି ତା' ଆଖିରୁ ଶିକାରୀ ଉପରକୁ ରକ୍ତ ଧାର ଛାଡ଼ି ନିଜକୁ ରକ୍ଷା କରେ। ଏହା ଫଳରେ ଶିକାରୀ ତା' ଆଖପାଖକୁ ବି ଆସେନି। ନିକଟରେ ଏହି ଝିଟିପିଟିର ଏକ ଭିଡିଓ ଦେଖିବାକୁ ମିଳିଛି। ପ୍ରକୃତି ଦ୍ୱାରା ମିଳିଥିବା ଏପରି ଅଦ୍ଭୁତ କ୍ଷମତା ପାଇଁ ରିଗଲ ହର୍ନ ଲିଜାର୍ଡ ତା' ଆଖି ପଛରେ ରକ୍ତ ଜମା କରିପାରେ। ଯେତେବେଳେ ଅସୁବିଧା ଆସେ, ସେତେବେଳେ ସେ ଆଖିରେ ଜମା ରଖିଥିବା ରକ୍ତକୁ ଶିକାରୀ ଉପରକୁ ଛାଡ଼ିଥାଏ। ରିପୋର୍ଟ ମୁତାବକ, ଏହି ଝିଟିପିଟି ପିମ୍ପୁଡ଼ିକୁ ଖାଇଥାଏ। ଏମାନଙ୍କ ରକ୍ତର ସ୍ୱାଦ କଡ଼ା ହୋଇପାରେ। ସେ ରକ୍ତର ଧାର ଶିକାରୀ ଉପରକୁ ଛାଡ଼ିବା ଫଳରେ ଶିକାରୀ ତା' ପାଖରୁ ଦୂରେଇ ଯାଏ। ଏହି ଝିଟିପିଟିର ବୈଜ୍ଞାନିକ ନାମ ହେଉଛି ରାଇନୋସୋମା ସୋଲାରେ। ଏହାର ଶରୀର ବେଙ୍ଗ ସଦୃଶ ହେବା ସହ କଣ୍ଟା କଣ୍ଟା ଭଳି ଆବରଣ ରହିଥାଏ। ହେଲେ ଏମାନେ ବେଙ୍ଗ ପରି ଉଭୟଚର ନୁହନ୍ତି। ଏମାନଙ୍କ ଲାଞ୍ଜ ଛୋଟ ଏବଂ ଚଉଡ଼ା ହୋଇଥାଏ। ମୁଣ୍ଡରେ ଥିବା ମକୁଟ ପାଇଁ ତା'ର ନାମ ରିଗଲ ହର୍ନ ଲିଜାର୍ଡ ହୋଇଛି।

**Classified Everyday**
**0674-2580101, 2549949**



MATRIMONIAL

## BRIDE WANTED

Highly educated, Beautiful, fair with good permanent Govt./ Private Job, humble Christ-believer bride is required for a Bhubaneswar settled, highly qualified permanent job software engineer, handsome, fair ht. 5'11'' 30, parent well established in BBSR. Contact: 9437281290, 7077549777. D-1473

Karan boy 45, Class-1 officer PM- 2.5 Lakh. 'SUHAG' 9938199964, 9090486408. D- 1849

## GROOM WANTED

ବୟସ 30 Private School ଚାକିରି, କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ, 8984072499. D-75307

42 ବର୍ଷ, Central water housing commission ଅଛନ୍ତି। 60,000/-, Divorcee ଝିଅପାଇଁ ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8455853154. D-1848



REAL ESTATE

## SALE

**Land for sale at Balasore. Plot 340, Khata 198, Village Sahupada, Sardarpal, Sanamalaka, 82 Decimals near Balasore Baripada National- Highway Five and Residential Plot 655, Khata 353 near Harihat Village Sindhia, Balasore Town, 19 Decimals. Please contact - 7656861995, 8984692488.** D-71695

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

**Nakhara Trinath Bazar ପାଖ sqft.-950 to 2000/- ଘରବାରି, Electricity ଥାଇ ତୁରନ୍ତ ଘରକରି ପାରିବେ, 9178704897.** D-75271

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରି ହେବ – **9437205314, 9937513595.** D-75265

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Jagannath Nagar (Jharapada), Mahadev Nagar, Lane 1 Gharabari total Boundary, plot 2200sqft, out house, boring, @ 3500 per sqft. 8249502453, 9348299825.** D-1825



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly healthcare benefited SPA experience therapist in Bhubaneswar. Contact: 9938843929. D-75170

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

## AFFIDAVIT

By virtue of an affidavit sworn before the Notary Public, Bhubaneswar on 16th November 2023, I Prakash Gurung, aged about 37 years, S/o- Kiran Gurung and Ravi Ijack, presently residing at Plot No- 1731, Lingipur, PO- Sisupalgarh, PS- Dhauli, Bhubaneswar- 751002, Dist.- Khordha, Odisah have changed my name from Prakash Ijack to Prakash Gurung. Henceforth, I shall be known as Prakash Gurung for all the future purposes.
(Prakash Gurung) D-1854

I, Abhilipsa Subhadarsini, W/o Biswajit Panda, resident of plot No- 215, Subhadravihar, Nuagaon, PS- Dhauli, Dist.- Khordha, BBSR, PIN- 751002 Odisha, declare by this affidavit No. 38 dtd 08.07.2019, that now onwards I shall be known as Abhilipsha Subhadarsini for all future purposes. D-75063

I, Ippili Sushma, W/o- I. Nageswar Rao, Qtr. No-. 9/6 JKPM Colony, Jaykaypur, P.O- Chandili, 765017, Rayagada, Odisha declare by this affidavit Notary Public, Rayagada No. 10691/2023 dated 18/10/2023 that I have changed my name from Ippili Sushma to Ippili Prabhavathi for all purposes. D-1855

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଗୋପୀନାଥ ପଣ୍ଡା**

ଟେଲି କମ୍ୟୁନିକେଶନ ଇଞ୍ଜିନିୟର,
N6-505, ଜୟଦେବ ବିହାର, ଭୁବନେଶ୍ୱର

ତିରୋଧାନ: କାର୍ତ୍ତିକ ବଡ଼ ଦଶମୀ

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପଣ୍ଡା ପରିବାର।

ଧ-୧୮୪୭

# ଗହମ ଚାଷ



**ସା**ଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। ଅଧିକ ଅମଳକ୍ଷମ ଗହମ ବିହନଗୁଡିକ ମଧ୍ୟରେ ରହିଛି – ସୋନାଲିକା, ପି.ବି.ଡବ୍ଲ୍ୟୁ–୩୪୩, ପି.ବି.ଡବ୍ଲ୍ୟୁ–୪୪୩, ୟୁ.ପି.–୨୬୨, ଏଚ୍.ଡି.–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଏହି ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଫୁଲଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ। ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# ଗାଈଙ୍କର ପ୍ରଜନନ ସମସ୍ୟା ଓ ପ୍ରତିକାର



ଡା. ହିମାଂଶୁ ବେହେରା

**ଚା**ଷୀମାନେ ପ୍ରତ୍ୟେକ ବର୍ଷ ଗୋଟିଏ ଗାଈରୁ ଗୋଟିଏ ବାଛୁରି ପାଇ ପାରିଲେ ଲାଭବାନ ହୋଇଥାଆନ୍ତି। ଏଥିପାଇଁ ଠିକ୍ ପରିଚାଳନା ଏକାନ୍ତ ଦରକାର। ଗୋଠରେ ପ୍ରତିଦିନ ଗାଈମାନଙ୍କର ଗରମ ଲକ୍ଷଣକୁ ଚିହ୍ନଟ କରିବା ଏବଂ ଗାଈମାନଙ୍କୁ ଗର୍ଭଧାରଣ କରାଇବା ଦ୍ୱାରା ପ୍ରଜନନ କ୍ଷମତା ବୃଦ୍ଧି ପାଇଥାଏ। ଏହାଦ୍ୱାରା ସଦାବେଳେ ଗୋଠରେ ସବୁ ସମୟରେ ଦୁଗ୍ଧ ଉତ୍ପାଦନ ମଧ୍ୟ କରାଯାଇଥାଏ। କେବଳ ସେତିକି ନୁହେଁ, ଚାଷୀ ମଧ୍ୟ ବର୍ଷ ସାରା ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ନ ଥାଏ। ପ୍ରାଣୀ ଚିକିତ୍ସକମାନଙ୍କର ପରାମର୍ଶ ନେଇ ଗାଈମାନଙ୍କର ଟିକାକରଣ ଏବଂ ଚିକିତ୍ସା କରାଇବା ଚାଷୀମାନଙ୍କ ପାଇଁ ଏକ ଜରୁରୀ ପଦକ୍ଷେପ ଅଟେ।

ଏକ ସୁନ୍ଦର ଭାବରେ ପରିଚାଳନା ହେଉଥିବା ଗାଈ ଗୋଠରେ ଗାଈମାନେ ପ୍ରଜନନ ସହ ଜଡିତ ସମସ୍ୟାର ସମ୍ମୁଖୀନ ହୋଇ ନ ଥାନ୍ତି। ଏହି ପ୍ରକାର ଗୋଠରେ ସର୍ବଦା ୬୫–୭୦ ଶତକଡା ଗାଈ ଏକାଥରେ ସଙ୍ଗମ କରିବା ଦ୍ୱାରା ଗର୍ଭଧାରଣ କରିବାରେ ସକ୍ଷମ ହୋଇଥାଆନ୍ତି। ଏକ ଆଦର୍ଶ ଗୋଠ ସର୍ବଦା ୧୦ ଶତକଡାରୁ କମ୍ ଗାଈମାନଙ୍କର ପ୍ରଜନନ ସମସ୍ୟା ରହିଥାଏ। ସେଥିପାଇଁ ଦୁଇଥର ବାଛୁରି ଜନ୍ମ କରିବାର ବ୍ୟବଧାନ ୯୦–୧୦୦ ଦିନ ମଧ୍ୟରେ ଗାଈ ଗର୍ଭଧାରଣ ନ କରିଲେ ୫୦–୭୫ ଶତକଡା ଆର୍ଥିକ କ୍ଷତି ହେବାର ଆକଳନ କରାଯାଇଛି। ଗୋଠରେ ୯୫ ଶତକଡାରୁ ଅଧିକ ଗାଈମାନଙ୍କର ପ୍ରଜନନଜନିତ ସମସ୍ୟା ପାଇଁ ଭୁଲ୍ ପରିଚାଳନା ହିଁ ଏକମାତ୍ର ମୁଖ୍ୟ କାରଣ। ଏହାକୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ହିଁ ଠିକ୍ କରାଯାଇପାରିବ। ପ୍ରଜନନ କ୍ଷମତା ହ୍ରାସ କରୁଥିବା ରୋଗଗୁଡ଼ିକୁ ମୁଖ୍ୟତଃ



ଦୁଇ ଭାଗରେ ବିଭକ୍ତ କରାଯାଇଛି। ୧.ଶରୀରର ସମସ୍ତ ପ୍ରକ୍ରିୟାକୁ ଆକ୍ରାନ୍ତ କରିବା ରୋଗ : ଏହି ପ୍ରକାର ରୋଗ ମୁଖ୍ୟତଃ ଶରୀରର ସମସ୍ତ ପ୍ରକ୍ରିୟା ଏବଂ ଅଙ୍ଗ ଉପରେ ପ୍ରଭାବ ପକାଇଥାଆନ୍ତି। କେତେକ ସମୟରେ ପ୍ରଜନନ ସହ ଜଡିତ ଥିବା ଅଙ୍ଗ ଉପରେ ପ୍ରଭାବ ପକାଇଥାଆନ୍ତି। ଉଦାହରଣ– ଟ୍ୟୁବରକ୍ୟୁଲୋସିସ ବା ରାଜଯକ୍ଷ୍ମା ଇତ୍ୟାଦି।

୨. ଶରୀରରେ ମୁଖ୍ୟତଃ ପ୍ରଜନନ ସହ ଜଡିତ ଥିବା ଅଙ୍ଗମାନଙ୍କୁ ଆକ୍ରାନ୍ତ କରିବା ରୋଗ : ଏହି ପ୍ରକାର ରୋଗ ସିଧାସଳଖ ପ୍ରଜନନ ଉପରେ ପ୍ରଭାବ ପକାଇଥାଆନ୍ତି। ଉଦାହରଣ– ଟ୍ରାଇକୋମୋନିଆସିସ୍, ବ୍ରୁସେଲୋସିସ୍, ଭିବ୍ରିୟୋସିସ୍ ଇତ୍ୟାଦି। ଏହି ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ପ୍ରଜନନଜନିତ ଅଙ୍ଗରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହେବା ସହ ଆଣ୍ଟିବଡି ମଧ୍ୟ ସୃଷ୍ଟି ହୋଇଥାଏ।

**ଟ୍ରାଇକୋମୋନିଆସିସ୍**

ଗାଈମାନଙ୍କଠାରେ ଏହି ରୋଗ ଟ୍ରାଇକୋମୋନାସ ଫିଟସପ ପରଜୀବୀ ଦ୍ୱାରା ହୋଇଥାଏ। ପ୍ରାକୃତିକ ପ୍ରଣାଳୀରେ ବୁଲା ଶଣ୍ଢମାନଙ୍କ ଦ୍ୱାରା ସଙ୍ଗମ ହେବା ଦ୍ୱାରା ଏହି ପରଜୀବୀ କେବଳ ଆକ୍ରାନ୍ତ ହୋଇଥିବା ଗାଈମାନଙ୍କର ଯୋନି, ଗ୍ରୀବା, ଗର୍ଭାଶୟ ଏବଂ ଅନ୍ୟ ପ୍ରଜନନଜନିତ ଅଙ୍ଗରେ ବସବାସ କରିଥାଆନ୍ତି। ଆକ୍ରାନ୍ତ ହୋଇଥିବା ଶଣ୍ଢମାନଙ୍କର ଲିଙ୍ଗ, ଏହା ଉପରେ ଥିବା ଚର୍ମ ଏବଂ ଅଳ୍ପ ସମୟରେ ମୂତ୍ରନଳୀ ମଧ୍ୟରେ ବସବାସ କରନ୍ତି। ଗାଈମାନଙ୍କ ପରି ବୁଲା ଶଣ୍ଢମାନଙ୍କର କୌଣସି ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇ ନ ଥାଏ ଏବଂ ଏହି ରୋଗ ଚିରସ୍ଥାୟୀ ହୋଇ ରହିଯାଏ।

**ଲକ୍ଷଣ :** ଏହି ରୋଗର ଲକ୍ଷଣଗୁଡିକ ହେଲା–ଗର୍ଭାଶୟରେ ପୂଜ ହେବା ଏବଂ ହଳଦିଆ ରଙ୍ଗର ପୂଜା ବାହାରକୁ ନିର୍ଗତ ହେବା, ଗର୍ଭଧାରଣ କରିବାରେ ଅସମର୍ଥ ହେବା ଏବଂ ୧–୧୬ ସପ୍ତାହ ଭିତରେ ଗର୍ଭପାତ ହେବା। ପ୍ରାକୃତିକ ପ୍ରଣାଳୀରେ ସଙ୍ଗମ କରିବା ପରେ ଗର୍ଭାଶୟରେ ପୂଜ ହୋଇଥାଏ। ଏହାର ମାତ୍ରା ୧୫୦୦ ମିଲି ପର୍ଯ୍ୟନ୍ତ ହୋଇଥାଏ।

**ଚିକିତ୍ସା :** ଉପରୋକ୍ତ ଲକ୍ଷଣଗୁଡିକୁ ଠିକ ଭାବରେ ଚିହ୍ନଟ କରିଲେ ଗାଈମାନେ ଏହି ରୋଗରେ ଆକ୍ରାନ୍ତ ବୋଲି ଜାଣିପାରିବା। ଛଡାଗୁଡିକୁ ସନ୍ଦେହ କରାଯାଉଥିବା ଶଣ୍ଢ ସହ ସଙ୍ଗମ କରିବା ଦ୍ୱାରା ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଯୋନି ଦ୍ୱାରରୁ ନିର୍ଗତ ହେଉଥିବା ଲାଳକୁ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ପରୀକ୍ଷା କରିଲେ, ଏହି ରୋଗ ବିଷୟରେ ସୂଚନା ମିଳିଥାଏ। ଏହି ରୋଗର ଚିକିତ୍ସା ପାଇଁ ଗୋଠରେ ପ୍ରାକୃତିକ ପ୍ରଜନନ ବନ୍ଦ କରିବା ନିତାନ୍ତ ଆବଶ୍ୟକ। କୃତ୍ରିମ ପ୍ରଜନନ କରିବା ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିଥାଏ। ପ୍ରାଣୀ ଚିକିତ୍ସକମାନେ ଗର୍ଭାଶୟ ଭିତରକୁ ଲୁଗୋଲସ୍, ଆୟୋଡିନ୍/ସୋଡିୟମ ପରବୋରେଟ୍/କ୍ଲୋରିନ୍/ଆକ୍ରିଫ୍ଲାଭିନ୍ ପୂରାଇ ଚିକିତ୍ସା କରିଥାଆନ୍ତି।

**ଭିବ୍ରିୟୋସିସ୍ :** ଗାଈମାନଙ୍କଠାରେ ଏହି ରୋଗ ଯୌନ କ୍ରିୟା ଦ୍ୱାରା ହୋଇଥାଏ। ଏହି ରୋଗର ମୁଖ୍ୟ କାରଣ ଭିବ୍ରିଓ ଫିଟ୍‌ସ ଭେନେରିଆଲିସ୍ ଅଟେ। ପ୍ରଥମ ଥର ଏହି ରୋଗକୁ ମ୍ୟାକ୍‌ଫାଡିୟାନ ଏବଂ ସ୍ମୁଟମାନ୍ ୧୯୧୦ ଏବଂ ୧୯୧୩ରେ ମେଣ୍ଢା ଏବଂ ଗାଈଠାରେ ଚିହ୍ନଟ କରିଥିଲେ। ଏହି ଅଣୁଜୀବ ମଧ୍ୟ ଗାଈମାନଙ୍କ ପ୍ରଜନନ ସହ ଜଡିତ ଅଙ୍ଗ, ଭ୍ରୂଣ, ଲାହି ନାଡ ଇତ୍ୟାଦିରେ ବସବାସ କରିଥାଏ। ପ୍ରାକୃତିକ ପ୍ରଜନନର ଦୁଇ ଦିନ ମଧ୍ୟରେ ଏହି ଅଣୁଜୀବ ଗର୍ଭାଶୟ ଭିତରକୁ ପ୍ରବେଶ କରିଥାଏ।

**ଲକ୍ଷଣ**

- ଯୋନି ଦ୍ୱାରରୁ ଗରମ ସମୟରେ ଅଧିକ ଏବଂ ଅଲଗା ପ୍ରକାରର ଲାଳ ନିର୍ଗତ ହେବା।
- ଗର୍ଭ ନ ରଖିବା ଏବଂ ଛଅ ମାସରୁ ଏକ ବର୍ଷ ପର୍ଯ୍ୟନ୍ତ ବନ୍ଧ୍ୟାଗୁଣ ପରିଲକ୍ଷିତ ହେବା।
- ଗର୍ଭଧାରଣ କରିବା ପାଇଁ ଅନେକ ଥର ସଙ୍ଗମ କରିବା।
- ଦୁଇଟି ଋତୁଚକ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧି ହେବା।
- ବିଳମ୍ବିତ ଗର୍ଭପାତ ହେଲେ ନାହିନାଡ ବାହାରକୁ ନ ଆସିବା ଏବଂ ନାହିନାଡ ଧୂସର ପଡିଯିବା। (କ୍ରମଶଃ..)

–ଓୟୁଏଟି, ଭୁବନେଶ୍ୱର
ମୋ : ୮୨୪୯୫୭୬୬୪୯

# ମାଛ ପୋଖରୀ ହୁଡ଼ା ମରାମତି



**ମା**ଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଜାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛ ମାନଙ୍କୁ ରୋଗ ହୋଇ ନ ଥାଏ। ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ। ଏପରି ଦୁଇରୁ ତିନିଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# ମୂଳିଆଖୁର ଯତ୍ନ

**ଜ**ମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ



ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି



**ତ**ଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମିପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ମାସ ୨୦ ତାରିଖରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

# କପାରେ ପୋକ ଦମନ

**ଚି**ତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

# ଚାଷୀଙ୍କ ପାଇଁ...

- ଫଳ ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ ।
- ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ ।
- ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।
- ପୁରୁଣା ଗଛକୁ କାଣ୍ଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ।
- ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଗଛ ମୂଳକୁ ଛାଦିକରଣ କରନ୍ତୁ ।
- ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।

# ଧାନ ଚାଷରେ ପୋକ ନିୟନ୍ତ୍ରଣ

**ଧା**ନ ଗଛରେ ମାଟିଆ ଗୁଣ୍ଡିପୋକ ଫ୍ଲୋନିକାମିଡ ୧୫୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ୧ ମି.ଲି.ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ପାଇମେଟ୍ରୋଜାଇନ୍ ୩୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ଟ୍ରାଇଫ୍ଲୁମେଜୋପାଇରିନ୍ ୨୫୦ ମି.ଲି. ହେକ୍ଟର ପ୍ରତି ସ୍ପ୍ରେ କରନ୍ତୁ । ଗନ୍ଧିପୋକ ଲାଗିଥିଲେ ମାଲାଥିଅନ୍ ଗୁଣ୍ଡ ୨୦–୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ଦମନ ପାଇଁ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରିବା ସହିତ କ୍ଲୋରପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍‌ବ୍ଲାଷ୍ଟ ପୋକ ଦମନ ପାଇଁ ହେକ୍ସାକୋନାଜୋଲ୍ ୧.୫ ମି.ଲି. ପ୍ରତି ଲିଟର ପାଣି/ ଟ୍ରାଇସାଇକ୍ଲାଜୋଲ୍ ୧.୫ ଗ୍ରାମ୍ ଦୁଇ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ଲାଗିଲେ ତାହାକୁ ଦମନ କରିବା ପାଇଁ ଭାଲିଡ଼ାମାଇସିନ୍ ୩% ଏଲ୍ ୨ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୧.୫ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



# ଗୋଆକୁ ହରାଇ ଓଡ଼ିଶା ଗ୍ରୁପ୍ ଚାମ୍ପିୟନ

ସୁନ୍ଦରଗଡ,୨୧।୧୧
(ଜୟ ନାରାୟଣ ମେଶ୍ଚୁଲି)

ଜିଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଆୟୋଜିତ ୨୮ତମ ଜାତୀୟ ମହିଳା ଫୁଟବଲ ଚମ୍ପିୟାନ ସିପ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ.ନାରାୟଣ ପଟେଲ ମୁଖ୍ୟ ଅତିଥି,ସେଣ୍ଟ ଟେରେସା ଇଂଗଲିଶ ସ୍କୁଲ ର ପ୍ରିସିନ୍ସପାଲ ପି.ସେଲଭି ଓ ସୁନ୍ଦରଗଡ ସରକାରୀ କଲେଜ ପ୍ରିନ୍ସପାଲ ଡ.ଲଳିତ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ମଧ୍ୟରେ ହୋଇଥିବା ପ୍ରଥମ ମ୍ୟାଚରେ ଅରୁଣାଚଳ ପ୍ରଦେଶ ୩-୧ଗୋଲରେ ବିଜୟୀ ହୋଇଥିଲା। ଅରୁଣାଚଳ ପ୍ରଦେଶ ଦଳ ତରଫରୁ ୟୁମଲାମ ଲାମି ୨ଗୋଲ(୫୧ ଓ ୯୦ମିନିଟ) ,ରଶ୍ମି ମନ୍ୟୁ (୭୫ମିନିଟ) ଗୋଟିଏ ଗୋଲ ଦେଇଥିଲେ। ସେହିପରି ଗୁଜରାଟ ତରଫରୁ ଭୂମିସା ଡ୍ରାଭିଡ୍ ଏକ ମାତ୍ର ଗୋଲ କରିବାରେ ସକ୍ଷମ ହୋଇଥିଲେ। ସେହିପରି ଅପରାହ୍ନରେ ଓଡିଶା ଓ ଗୋଆ ମଧ୍ୟରେ ମ୍ୟାଚ ହୋଇଥିଲା। ସଙ୍ଘର୍ଷପୂର୍ଣ୍ଣ ମ୍ୟାଚରେ



ଓଡ଼ିଶା ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ଓଡିଶା ୨-୦ ଗୋଲରେ ବିଜୟୀ ହୋଇ ଗ୍ରୁପ ଚାମ୍ପିୟନ ହୋଇଥିଲା। ଓଡିଶା ତରଫରୁ ଯଶୋଦା ମୁଣ୍ଡା(୨)ଓ ମାଳତୀ ମୁଣ୍ଡା(୧୨)ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁନ୍ଦରଗଡ ଜିଲା କ୍ରୀଡା ସସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ବିମପ ବୋଷ, ଜୟଦେବ ପାତ୍ର,ରାଜେନ୍ଦ୍ର ପାଣ୍ଡେ,ନିତ୍ୟ କୁମାର ବଳ,ରୋମାଞ୍ଚ ଭୈଷାଲ,ବିଶ୍ୱ ରଞ୍ଜନ ହୋତା,ସୁଶୀଲ ପଟେଲ, ରବି ମହାପାତ୍ର,ଆଶିଷ ଦେ, ବୀରମିତ୍ର କାଲୋ,ଶିଶିର ପଟେଲ, ଶ୍ୟାମନନ୍ଦନ ସହାୟ,ପ୍ରସାଦ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସୁନ୍ଦରଗଡ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଜାତୀୟ ଫୁଟବଲ ପ୍ରତିଯୋଗିତା ହୋଇଥିବାରୁ ଫାଓ ସମ୍ପାଦକ ଆର୍ଶୀବାଦ ବେହେରା ଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କୁ ସୁନ୍ଦର ଗଡ ଜିଲା କ୍ରୀଡା ସସଦ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ଟ୍ରଫି ସହ ସୌରଭ କୋଠାରୀ ଓ ପଙ୍କଜ ଆଡ଼ଭାନୀ।

# ପଙ୍କଜ ଆଡଭାନୀଙ୍କୁ ୨୬ତମ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ

ଦୋହା, ୨୧।୧୧ (ପି.ଟି.)

ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏଠାରେ ଚାଲିଥିବା ଆଇବିଏସ୍ଏଫ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ସୌରଭ କୋଠାରୀଙ୍କୁ ୧୦୦୦-୪୧୬ ବ୍ୟବଧାନରେ ହରାଇ ଦେଇଛନ୍ତି। ଗତବର୍ଷ କୁଆଲାଲମ୍ପୁର ଟାଇଟଲ ମୁକାବିଲାର ଏହା ରିମ୍ୟାଚ ବୋଲି କୁହାଯାଉଛି। ଉଭୟ ବିଲିୟାର୍ଡ୍ସ ଓ ସ୍ନୁକରର ସମସ୍ତ ଫର୍ମାଟ ଆଧିପତ୍ୟ ବଜାୟ ରଖିବା ସହ ବିଶ୍ୱ ଟାଇଟଲ ଜିତିବାରେ ଆଡଭାନୀ ହେଉଛନ୍ତି ବିଶ୍ୱର ଏକମାତ୍ର ଖେଳାଳି। ୩-ବଲ୍ ଗେମ୍‌ରେ ଚମତ୍କାର ପ୍ରଦର୍ଶନ କରି ସେ ଭାରତକୁ ଶୀର୍ଷରେ ରଖିପାରିଛନ୍ତି। ଏଠାରେ ସେ ତାଙ୍କ ୨୬ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଆଡଭାନୀ ଏହି ପ୍ରତିଯୋଗିତାରେ ସେ ତାଙ୍କ ପ୍ରଥମ ବିଶ୍ୱ ଟାଇଟଲ ୨୦୦୫ରେ ହାସଲ କରିଥିଲେ। ଆଡଭାନୀ ୯ଥର 'ଲଙ୍ଗ୍ ଫର୍ମାଟ' ଜିତିଥିବା ବେଳେ ସେ ୮ଥର ପଏଣ୍ଟ ଫର୍ମାଟ ଚାମ୍ପିୟନ ହୋଇଛନ୍ତି। ଏହାଛଡ଼ା ସେ ଥରେ ୱାର୍ଲ୍ଡ ଟିମ୍ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ବିଜେତା ହୋଇପାରିଛନ୍ତି। ଏହି ଟୁର୍ନାମେଣ୍ଟରେ ଆଡଭାନୀ ସେମିଫାଇନାଲରେ ନିଜ ଦେଶର କ୍ୟୁଇଷ୍ଟ ରୁପେଶ ଶାହାଙ୍କୁ ୯୦୦-୨୭୩ରେ ହରାଇ ଦେଇଥିଲେ।

## ପ୍ରଣୟ, ସାତ୍ତ୍ୱିକ-ଚିରାଗ ଦ୍ୱିତୀୟ ରାଉଣ୍ଡରେ

**ଶେନ୍‌ଝେନ, ୨୧।୧୧ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚଏସ୍ ପ୍ରଣୟ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓପନିଂ ରାଉଣ୍ଡରେ ସେ ବିଶ୍ୱର ୧୨ ନମ୍ବର ଚାଇନିଜ ତାଇପେର ଚୋଉ ତିନ୍ ଚିନ୍‌କୁ ୨୧-୧୮, ୨୨-୨୦ରେ ହରାଇ ଦେଇଛନ୍ତି। ପିଠିରେ ଇଞ୍ଜୁରୀ ଯୋଗୁ ଭାରତର ଏହି ୩୧ ବର୍ଷୀୟ ଖେଳାଳି ପଛକୁ ପଛ ଦୁଇଟି ଟୁର୍ନାମେଣ୍ଟ ଖେଳି ପାରି ନ ଥିଲେ। ଏହି ବିଜୟ ଦ୍ୱାରା ସେ ଗତ ସପ୍ତାହରେ ଜାପାନ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ବର୍ତ୍ତମାନ ହଂକଂର ଲି' ଚେଉକ୍ ୟୁ କିମ୍ବା ଡେନମାର୍କର ମାଗ୍ନସ ଜୋହାନସେନଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଟପ୍ ସିଡ ସାତ୍ତ୍ୱିକସାଇରାଜଙ୍କି ରେଙ୍କି ଓ ଚିରାଗ ଶେଟ୍ଟି ଇଂଲଣ୍ଡର ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କ ବିପକ୍ଷ ମ୍ୟାଚ ୨୧-୧୩, ୨୧-୧୦ରେ ସହଜ ବିଜୟ ହାସଲ କରି ପ୍ରତିଯୋଗିତାରେ ଭଲ ଆରମ୍ଭ କରିଛନ୍ତି। ରାଜ୍ୟଗୋଷ୍ଠୀ ଚାମ୍ପିୟନ ଦଳ ପରବର୍ତ୍ତୀ ରାଉଣ୍ଡରେ ଜାପାନର ଆକିରା କୋଗା ଓ ତାଇଚି ସାଇତୋକୁ ଭେଟିବେ। ମହିଳା ସିଙ୍ଗଲ୍ସରେ ଭାରତର ଏକମାତ୍ର ପ୍ରତିଯୋଗୀ ଆକର୍ଷୀ କାଶ୍ୟପ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଚାଇନାର ଝାଙ୍ଗ୍ ୟୁ ମ୍ୟାନ୍‌ଙ୍କଠାରୁ ୧୨-୨୧, ୧୪-୨୧ରେ ହାରିଯାଇଛନ୍ତି।

# ଶ୍ରୀଲଙ୍କାରୁ ଦକ୍ଷିଣ ଆଫ୍ରିକା ସ୍ଥାନାନ୍ତର

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଅହମ୍ମଦାବାଦ, ୨୧।୧୧ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡ ମଙ୍ଗଳବାର ଆସନ୍ତାବର୍ଷ ଶ୍ରୀଲଙ୍କାରେ ହେବାକୁଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଶ୍ରୀଲଙ୍କାରୁ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଛି। ସରକାରୀ ହସ୍ତକ୍ଷେପକୁ ବିଶ୍ୱ ପରିଚାଳନା ପରିଷଦ ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ସସ୍‌ପେଣ୍ଡ କରିବାର ୧୧ ଦିନ ପରେ ଏହି ଏହି ପଦକ୍ଷେପ ନେଇଛି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲସି) ଓ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟରେ କିଛି ଦିନି ହେଲା ଛକାପଞ୍ଝା ଚାଲିଥିଲା। ଏସଏଲ୍‌ସି ଅଫିସିଆଲମାନେ ଦୁର୍ନୀତିରେ ଲିପ୍ତ ବୋଲି ସରକାରଙ୍କ ତରଫରୁ ଅଭିଯୋଗ ହୋଇଥିଲା। ଦକ୍ଷିଣ ଆଫ୍ରିକା ଏହା ପୂର୍ବରୁ ୨୦୨୦ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ କରିଥିଲା। ଅହମଦାବାଦରେ ଆଇସିସି ବୋର୍ଡ ବୈଠକ ବସିଥିଲା। ଏଥିରେ ଟୁର୍ନାମେଣ୍ଟକୁ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନିଆଯାଇଥିଲା ବୋଲି ଆଇସିସି ବୋର୍ଡର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି। ତେବେ ଏହା ଦ୍ୱାରା ଶ୍ରୀଲଙ୍କାର ଦ୍ୱିପାକ୍ଷିକ ଓ ଘରୋଇ କ୍ରିକେଟ ପ୍ରଭାବିତ କରିବ ନାହିଁ। ସରକାର ଯଦି ହସ୍ତକ୍ଷେପ କରନ୍ତି ତେବେ ଦେଶ ଆସନ୍ତା ଜାନୁୟାରୀ ୧୩ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ହେବାକୁଥିବା ୧୯ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ ଅଧିକାର ହରାଇ ପାରେ ବୋଲି ଏସ୍‌ଏଲ୍‌ସି ସଭାପତି ଶାମି ସିଲ୍‌ଭା ନିକଟରେ ଚେତାଇ ଦେଇଥିଲେ।

## ହକି ଇଣ୍ଡିଆ ଘୋଷଣାକଲା ସମ୍ଭାବ୍ୟ ଦଳ

ବେଙ୍ଗାଲୁରୁ,୨୧।୧୧(ପି.ଟି.)

ବୁଧବାରଠାରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏଠାରେ ଜାତୀୟ ସିନିୟର ମହିଳା ହକି କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ଏଥିଲାଗି ୩୪ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଭାରତ ଡିସେମ୍ବର ୧୫ରୁ ଡିସେମ୍ବର ୨୨ ମଧ୍ୟରେ ଭାଲେନ୍‌ସିଆରେ ପଞ୍ଚ ରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଭାରତ ବ୍ୟତୀତ ଏଥିରେ ଆୟର୍ଲାଣ୍ଡ, ଜର୍ମାନୀ, ବେଲଜିୟମ ଓ ଆୟୋଜକ ସ୍ପେନ୍ ଅଂଶଗ୍ରହଣ କରିବେ। ରାଞ୍ଚିରେ ଜାନୁୟାରୀ ୧୩ରୁ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ପ୍ରସ୍ତୁତି ଲାଗି ଏହି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକି ସ୍କୋପମାନ କହିଛନ୍ତି, ଆମର ଲକ୍ଷ୍ୟ ବର୍ତ୍ତମାନ ପ୍ୟାରିସ ଅଲିମ୍ପିକ୍ସ ଉପରେ ରହିଛି। ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ଆମକୁ ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଚଳିତ ମାସ ପ୍ରାରମ୍ଭରେ ରାଞ୍ଚିଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ଖେଳାଳିମାନେ କ୍ୟାମ୍ପକୁ ଫେରିଛନ୍ତି। ଏହି ପ୍ରତିଯୋଗିତାର ଫାଇନାଲରେ ଜାପାନକୁ ୪-୦ ଗୋଲ୍‌ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିବା ଭାରତୀୟ ଦଳ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲା। ପ୍ରତିଯୋଗିତାରେ ଚାଇନା, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଭଳି ଦଳ ଭାଗ ନେଇଥିଲେ।

# ଜାତୀୟ ଜଳକ୍ରୀଡ଼ାରେ ଓଡ଼ିଶାକୁ ୫ ପଦକ

ପାରାଦୀପ,୨୧।୧୧
(ଶରତ ରାଉତ)

ଆସାମର ଗୁଆହାଟିରେ ଅନୁଷ୍ଠିତ ସନ୍‌ରାଇଜ ୱାଟର ଫେଷ୍ଟିଭାଲ ୨୦୨୩ ଗତ ସୋମବାର ଶେଷ ହୋଇଛି। ଅନ୍ତିମ ଦିନରେ ଓଡ଼ିଶାର ୩ ଜଣ ଖେଳାଳି ପଦକ ଜିତିଛନ୍ତି। ଓଡିଶା ୟାଟିଂ ଆସୋସିଏଶନର ଡି ଶେଖରରାଓ (ସ୍ୱର୍ଣ୍ଣ), ନାରାୟଣ ମୁଣ୍ଡା (ରୌପ୍ୟ) ଓ ରାଜା ଅହମ୍ମଦ ଖାନ (ବ୍ରୋଞ୍ଜ) ଶେଷ ଦିନରେ ପଦକ ଜିତିଛନ୍ତି। ଏହା ସହିତ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ସମୁଦାୟ ୫ ପଦକ ହାସଲ କରିଛି।୧୭ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଥିଲା। ଏଥିରେ ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ଭୋପାଳ, ଓ ଆସାମରୁ ୮୦ ଜଣ ଅଂଶ ଗ୍ରହଣ କରିଥିଲେ। ରେସ ବୋର୍ଡ ଓ ୱିଣ୍ଡ ସର୍ଫିଂ ପରି ଦୁଇ ପ୍ରକାର ଜଳକ୍ରୀଡା ହୋଇଥିଲା। ଓଡିଶା ୟାଟିଂ ଆସୋସିଏଶନ ସମ୍ପାଦକ ସବିର ବକ୍ସଙ୍କ ତତ୍ତ୍ୱାବଧାନରେ ଖେଳାଳି ମାନେ ଯାଇଥିଲେ। ଆସନ୍ତା ୨୦୨୪ ଜାନୁୟାରୀରେ ଲାକ୍ଷାଦ୍ୱୀପ ଠାରେ ହେବାକୁ ଥିବା ସେଲ ଇଣ୍ଡିଆ ଲାକ୍ଷାଦ୍ୱୀପ ଫେଷ୍ଟିଭାଲ ପାଇଁ ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି।



ୟାଟିଂ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ପଦକବିଜେତା।

# ଦର୍ଶକ ସଂଖ୍ୟାରେ ରେକର୍ଡ ଭାଙ୍ଗିଲା ଚଳିତ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୧୧(ପି.ଟି.)

ସଦ୍ୟ ସମାପିତ ୨୦୨୩ କ୍ରିକେଟ ବିଶ୍ୱକପ୍ ଦର୍ଶକ ସଂଖ୍ୟାରେ ରେକର୍ଡ ଭାଙ୍ଗିଛି। ସାଢେ ୬ ସପ୍ତାହ ଧରି ଏହି ବିଶ୍ୱକପ୍ ଦର୍ଶକଙ୍କ ମନୋରଞ୍ଜନ କରିଥିବା ବେଳେ ରବିବାର ଅନୁଷ୍ଠିତ ଫାଇନାଲରେ ଆୟୋଜକ ଭାରତକୁ ପରାସ୍ତ କରି ଷଷ୍ଠ ଥର ପାଇଁ ଟାଇଟଲ ହାସଲ କରିଥିଲା ଅଷ୍ଟ୍ରେଲିଆ। ଆଇସିସି ପକ୍ଷରୁ ମଙ୍ଗଳବାର ପ୍ରକାଶିତ ତଥ୍ୟ ଅନୁସାରେ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ୍ ବାକି ରହିଥିବା ବେଳେ ଏହା ଦର୍ଶକ ସଂଖ୍ୟାରେ ୨୦୧୫ ସଂସ୍କରଣର ଦର୍ଶକ ସଂଖ୍ୟାକୁ ଅତିକ୍ରମ କରିଥିଲା। ବିଶ୍ୱକପ ଶେଷ ହେବା ବେଳକୁ ଏହା ସର୍ବାଧିକ ଦର୍ଶକ ଉପସ୍ଥିତ ଥିବା କ୍ରିକେଟ ବିଶ୍ୱକପ୍ ପାଲଟି ଯାଇଥିଲା। ଟୁର୍ନାମେଣ୍ଟ ଶେଷ ହେବା ବେଳକୁ ଷ୍ଟାଡିୟମରେ ମ୍ୟାଚ୍ ଦେଖିଥିବା ଦର୍ଶକଙ୍କ ସଂଖ୍ୟା ୧୨,୫୦,୩୦୭ ଅତିକ୍ରମ କରିଥିଲା। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୧୫ ବିଶ୍ୱକପ୍‌ରେ ୧୦,୧୬,୪୨୦ ରହିଥିଲା। ସେହିପରି ଇଂଲଣ୍ଡରେ ଖେଳା ଯାଇଥିବା ୨୦୧୯ ସଂସ୍କରଣରେ ଦର୍ଶକଙ୍କ ସଂଖ୍ୟା ୭,୫୨,୦୦୦ ରହିଥିଲା।

୧୦ ଟିମ୍ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସମୁଦାୟ ୪୮ ମ୍ୟାଚ୍ ଖେଳାଯାଇଥିଲା। ସେହିପରି ପ୍ରତି ମ୍ୟାଚ୍‌ରେ ହାରାହାରି ଦର୍ଶକ ସଂଖ୍ୟା ୨୬ ହଜାର ରହିଥିଲା। ୧୯୭୫ରୁ ଦିନିକିଆ ବିଶ୍ୱକପ୍ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଏହାର ୧୩ତମ ସଂସ୍କରଣ ସମାପ୍ତ ହୋଇଛି।


ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

# ଟ୍ରାନ୍ସଜେଣ୍ଡର ଖେଳାଳିଙ୍କୁ ବ୍ୟାନ୍ କଲା ଆଇସିସି

**ପୁରୁଷ ଭାବେ ଯୌବନ ହାସଲ କରିଥିଲେ ଖେଳି ପାରିବେନି**

ଅହମଦାବାଦ,୨୧।୧୧(ପି.ଟି.)

ଟ୍ରାନ୍ସଜେଣ୍ଡର ଖେଳାଳି ମାନଙ୍କୁ ମହିଳା କ୍ରିକେଟରୁ ବ୍ୟାନ୍ କରିଛି ଆଇସିସି। ମଙ୍ଗଳବାର ଆଇସିସିର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁ ଖେଳାଳି ମାନେ ପୁରୁଷ ଭାବେ ଯୌବନ ହାସଲ କରି ସାରିଥିବେ ସେମାନେ ମହିଳା ବର୍ଗରେ କ୍ରିକେଟ ଖେଳି ପାରିବେ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ଲିଙ୍ଗ ନିରୂପଣ ପାଇଁ ମଙ୍ଗଳବାର ଆଇସିସି ପକ୍ଷରୁ ନୂତନ ନିୟମ ଲାଗୁ କରାଯାଇଛି। ୯ ମାସ ଧରି ଏହି ନିୟମର ସମୀକ୍ଷା କରାଯିବା ପରେ ଆଇସିସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଲିଙ୍ଗ ନିରୂପଣକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। କ୍ରିକେଟରେ ଏହାକୁ ନେଇ କୌଣସି ସ୍ପଷ୍ଟ ନିୟମ ରହି ନ ଥିବା ବେଳେ ୨୦୨୮ରେ କ୍ରିକେଟ ଅଲିମ୍ପିକ୍ସରେ ସାମିଲ ହେଉଥିବାରୁ ଏଭଳି ନଷ୍ପତ୍ତି ନିଆଯାଇଛି। ଏହା ସହିତ ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର ଖେଳାଳି ଡାନିଏଲ ମ୍ୟାକଗାହେଙ୍କୁ ବ୍ୟାନ୍ କରାଯାଇଛି। ପୂର୍ବରୁ ଆଇସିସିର ରହିଥିବା ଆଇସିସିର ନିୟମ ମେଲ୍ ଟୁ ଫିମେଲ ନିୟମ ଅନୁସାରେ ଡାନିଏଲଙ୍କୁ ଖେଳିବାକୁ ସୁଯୋଗ ମିଳିଥିଲା। ଜନ୍ମରୁ ପୁରୁଷ ରହିଥିବା ଡାନିଏଲ ଅସ୍ତ୍ରୋପଚାର ପରେ ମହିଳା ହୋଇଥିଲେ। ଅଷ୍ଟ୍ରେଲିଆର ମୂଳ ନିବାସୀ ଡାନିଏଲ ୨୦୨୦ରେ କାନାଡାକୁ ଯାଇ ପୁରୁଷରୁ ମହିଳା ହେବାର ଚିକିତ୍ସା କରାଇଥିଲେ।

କାନାଡା ପକ୍ଷରୁ ଆସନ୍ତା ୨୦୨୪ ମହିଳା ଟି୨୦ ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟ ଖେଳି ଡାନିଏଲ ମ୍ୟାକଗାହେ ଇତିହାସ ରଚିଥିଲେ। ୨୯ ବର୍ଷୀୟ ଡାନିଏଲ ଜଣେ ଓପନିଙ୍ଗ ବ୍ୟାଟର। ଲସଏଞ୍ଜେଲସରେ ସେପ୍ଟେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯାଇଥିଲା। ଟି୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବା ପାଇଁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଗୋଟିଏ ଗ୍ରୁପ୍‌ରେ ଖେଳିଥିଲା କାନାଡା। ବିଶ୍ୱରେ ଆଥଲେଟିକ୍ସ ଓ ସନ୍ତରଣ ପରି ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କୁ ମିକ୍ସଡ ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥାଏ। ତେବେ ମହିଳା ଆଥଲେଟଙ୍କ ଟେଷ୍ଟୋଷ୍ଟେରନ ସ୍ତର ୨.୫ ନାନୋ ମୋଲ ପ୍ରତି ଲିଟର ରହିବା ଆବଶ୍ୟକ।



ବିଶ୍ୱର ପ୍ରଥମ ଟ୍ରାନ୍ସଜେଣ୍ଡର କ୍ରିକେଟର ଡାନିଏଲ ମ୍ୟାକଗାହେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୨/୨୦୨୩ Bhubaneswar, Wednesday, November 22/ 2023

# କାତାରଠାରୁ ହାରିଲା ଭାରତ

ଭୁବନେଶ୍ୱର, ୨୧।୧୧

(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ମ୍ୟାଚରେ ଭାରତ ୦-୩ ଗୋଲରେ କାତାରଠାରୁ ହାରି ଯାଇଛି। ଗ୍ରୁପ୍ ''ଏ'ରେ ସ୍ଥାନ ପାଇଥିବା ଭାରତର ଦ୍ୱିତୀୟ ମ୍ୟାଚରେ ଏହା ପ୍ରଥମ ପରାଜୟ। ୧୬ ତାରିଖରେ

**ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି କ୍ୱାଲିଫାୟର୍ସ**


ଭାରତ-କାତାର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

ଅନୁଷ୍ଠିତ ମ୍ୟାଚରେ ଭାରତ ୧-୦ ଗୋଲରେ କୁଏତ୍‌କୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ୨୦୨୪ ମାର୍ଚ୍ଚରେ ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଆଫଗାନିସ୍ତାନକୁ ଭେଟିବ।

ଉଚ୍ଚ ର‍୍ୟାଙ୍କପ୍ରାପ୍ତ କାତାର ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଏହାର ଫଳ ମଧ୍ୟ ଦଳକୁ ମିଳିଥିଲା। ୪ର୍ଥ ମିନିଟରେ କର୍ନର କିକ୍‌ରୁ ଦଳପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ ମୁସ୍ତାଫା ତାରେକ ମାଶାଲ। ଭାରତୀୟ ଡିଫେଣ୍ଡରମାନେ ବଲକୁ କ୍ଲିୟର କରିବାରେ ଅସମର୍ଥ ରହିଥିଲେ। ୧୪ତମ ମିନିଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଘଟଣା ବଶତଃ ସନ୍ଦେଶ ଝିଙ୍ଗାନଙ୍କ କହୁଣି କାତାରର ବୌଲେମ ଖୌଖିଙ୍କ ଦେହରେ ଜୋରରେ ବାଜିଥିଲା। ଫଳରେ ଝିଙ୍ଗାନଙ୍କୁ ୟେଲୋ କାର୍ଡ ଦେଖାଇଥିଲେ ଥାଇଲାଣ୍ଡ ରେଫରି ଶିଭାକୋର୍ନ ପୁ-ଉଦୋମ। ୨୦ତମ ମିନିଟରେ କାତାର ଆଉଏକ ଗୋଲ ସ୍କୋରିଂର ନିକଟତର ହୋଇଥିଲା। ଭାରତୀୟ ଗୋଲପୋଷ୍ଟ ଏକପ୍ରକାର ଫାଙ୍କା ରହିଥିଲା। ମାତ୍ର ମୁସ୍ତାଫା ମାରିଥିବା ତୀବ୍ର ଶଟ୍‌କୁ ବ୍ଲକ୍ କରିବାରେ ସକ୍ଷମ ହୋଇଥିଲେ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ। ମ୍ୟାଚ ଆଗେଇବା ସହ ଭାରତ ମଧ୍ୟ ଆକ୍ରମଣ ଧାରାକୁ ଆସିଥିଲା। ୩୫ତମ ମିନିଟରେ ଗୋଲ ସ୍କୋରିଂ ପାଇଁ ଅପୂର୍ବ ସୁଯୋଗ ଆସିଥିଲା। କାତାର ଗୋଲ ପୋଷ୍ଟ ନିକଟରେ ଭାରତୀୟ ଖେଳାଳିମାନେ ପରସ୍ପର ମଧ୍ୟରେ ପାସ୍ ଦେଇ ବଲ୍‌କୁ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଡି' ଏରିଆ ନିକଟରୁ ଲାଲେଙ୍ଗମାୱିଆ ମାରିଥିବା ଶଟ୍ ଗୋଲପୋଷ୍ଟ ଉପରେ ଚାଲି ଯାଇଥିଲା। ୪୨ତମ ମିନିଟରେ ଅନିରୁଦ୍ଧ ଥାପା ଗୋଲ ସ୍କୋରିଂର ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ବଲ୍ ଗୋଲପୋଷ୍ଟ ବାର୍ ନିକଟରେ ବାହାରେ ଚାଲି ଯାଇଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା କାତାର ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ପ୍ରଥମାର୍ଦ୍ଧ ଆରମ୍ଭ ପରି ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମଧ୍ୟ କାତାର ଏକ ଗୋଲ ଦେବାରେ ସକ୍ଷମ ହୋଇଥିଲା। ୪୬ତମ ମିନିଟରେ ଖୌଖିଙ୍କ ଶଟ୍‌କୁ ଭାରତୀୟ ଗୋଲକିପର ଅମରିନ୍ଦର ସିଂ ଠିକଭାବେ ସେଭ୍ କରିପାରି ନ ଥିଲେ। ରିବାଉଣ୍ଡ ହୋଇ ଫେରି ଆସୁଥିବା ବଲ୍‌କୁ ଅଲମୋଜ ଅଲୀ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ କାତାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ମ୍ୟାଚର ଶେଷ ଭାଗରେ ଅର୍ଥାତ୍ ୮୫ତମ ମିନିଟରେ ଆବଡୁରିସାଗ୍ ୟୁସୁଫ ହେଡ୍ ଜରିଆରେ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିଲେ।

କଳିଙ୍ଗ କର୍ନର

## ମ୍ୟାଚ୍ ଦେଖିଲେ ୧୧,୦୦୦ ଦର୍ଶକ




ଭୁବନେଶ୍ୱର, ୨୧।୧୧

(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫିଫା ବିଶ୍ୱକପ ୨୦୨୬ ଓ ଏଏଫ୍‌ସି କ୍ୱାଲିଫାୟର୍ସ ମ୍ୟାଚକୁ ୧୧,୦୦୦ ଦର୍ଶକ ଉପଭୋଗ କରିଥିଲେ। ପୂରା ଷ୍ଟାଡିୟମ ଦର୍ଶକରେ ଭରି ଯାଇଥିଲା। ଉଭୟାର୍ଦ୍ଧରେ ଗୋଲ ଦେଇ କାତାର ଯଦିଓ ଆଗୁଆ ରହିଥିଲା ତେବେ ଭାରତୀୟ ଖେଳାଳି ଯେତେବେଳେ ଗୋଲ ସୁଯୋଗ ସୃଷ୍ଟି କରୁଥିଲେ ଷ୍ଟାହିୟମ କୋଳାହଳରେ କମ୍ପି ଉଠୁଥିଲା। ମାତ୍ର ଭାରତୀୟ ଦଳ ଅନେକ ସୁଯୋଗ ହାତଛଡ଼ା କରି ପରାଜୟ ସ୍ୱାଦ ପାଇଥିଲା।

### 'ବିଲିଭ୍ ରୋର୍'

ମ୍ୟାଚ ଆରମ୍ଭରେ ଷ୍ଟାଡିୟମର ଇଷ୍ଟଷ୍ଟାଣ୍ଡରେ ଦର୍ଶକମାନେ ବିଲିଭ୍ ରୋର୍ ଅର୍ଥାତ୍ ''ଚିତ୍କାରରେ ବିଶ୍ୱାସ' ଲେଖାଥିବା ବୃହତ୍ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ଷ୍ଟାଣ୍ଡ ପ୍ରଥମେ ଭରି ଯାଇଥିବାବେଳେ ଦର୍ଶକମାନେ ଭାରତୀୟ ଦଳକୁ ଭରପୂର ସମର୍ଥନ କରିଥିଲେ। ମାତ୍ର ଦର୍ଶକ ସମର୍ଥନରୁ ଭାରତ ଫାଇଦା ନେଇପାରି ନ ଥିଲା।

# ୱେଡ୍ ଅଧିନାୟକ, ୱାର୍ନରଙ୍କୁ ବିଶ୍ରାମ

ମେଲବୋର୍ନ,୨୧।୧୧(ପି.ଟି.)

ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ମଙ୍ଗଳବାର ଦଳ ଘୋଷଣା କରାଯାଇଥିବା ବେଳେ ମାଥ୍ୟୁ ୱେଡଙ୍କୁ ଦଳରେ ଅଧିନାୟକ ରଖାଯାଇଛି। ଅନ୍ୟ ପକ୍ଷରେ ବିଶ୍ୱକପରେ ଦଳର ଟପ୍ ସ୍କୋରର ରହିଥିବା ଡେଭିଡ୍ ୱାର୍ନରଙ୍କୁ ଏହି ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯାଇଛି। ଆସନ୍ତା ନଭେମ୍ବର ୨୩ ତାରିଖରେ ବିଶାଖାପଟ୍ଟନମରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ



ଡେଭିଡ ୱାର୍ନର

ସହିତ ୫୩୫ ରନ୍ ସ୍କୋର କରିଥିବା ୱାର୍ନରଙ୍କ ବଦଳ ଖେଳାଳି ଭାବରେ ଆରୋନ ହାର୍ଡିଙ୍କୁ ସାମିଲ କରାଯାଇଛି। ସାଢେ ୬ ସପ୍ତାହ ଧରି କ୍ରିକେଟ ଖେଳିବା ପରେ ୱାର୍ନରଙ୍କୁ ବିଶ୍ରାମ ଦେବାକୁ କ୍ରିକେଟ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଛି। ଏହା ସହିତ ବିଶ୍ୱକପ ଖେଳିଥିବା ଖେଳାଳିଙ୍କ ମଧ୍ୟରୁ ମାତ୍ର ୭ ଜଣ ଟି ୨୦ ଦଳ ସହ ରହିବେ। ସନ୍ ଆବୋଟ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଗ୍ଲେନ୍ ମ୍ୟାକ୍ସୱେଲ, ଷ୍ଟିଭ୍ ସ୍ମିଥ୍,

**ଟି୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଦଳ**

ମାର୍କସ୍ ଷ୍ଟୋଇନିସ୍ ଓ ଆଡାମ ଜାମ୍ପା ଦଳ ସହିତ ରହିଛନ୍ତି।

**ଅଷ୍ଟ୍ରେଲିଆ ଦଳ:** ମାଥ୍ୟୁ ୱେଡ୍(ଅଧିନାୟକ), ଆରୋନ୍ ହାର୍ଡି, ଜାସନ୍ ବେହେରେନ୍ଡ୍ରଫ୍, ଶନ୍ ଆବୋଟ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ଗ୍ଲେନ୍ ମ୍ୟାକ୍ସୱେଲ, ଷ୍ଟିଭ୍ ସ୍ମିଥ୍, ମାର୍କସ୍ ଷ୍ଟୋଇନିସ୍, ଆଡାମ ଜାମ୍ପା, ଟିମ୍ ଡେଭିଡ୍, ନାଥାନ ଏଲିସ୍, ତନଭୀର ସାଂଘା, ମ୍ୟାଟ୍ଟ ଶର୍ଟ, କେନ୍ ରିଚାର୍ଡସନ୍।


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ-କାତାର ଫୁଟବଲ ମ୍ୟାଚକୁ ସ୍କୁଲ ପିଲାମାନେ ଉପଭୋଗ କରୁଛନ୍ତି।



ଓଡ଼ିଶା ଫୁଟବଲ ଏକାଡେମୀ ପରିସରରେ ମଙ୍ଗଳବାର ଏଆଇଏଫଏଫ-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ଅବସରରେ (ବାମରୁ) ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିଫାର ଗ୍ଲୋବାଲ ଫୁଟବଲ ଡେଭ୍‌ଲପମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗର ଓ ଏଆଇଏଫଏଫ ସଭାପତି କଲ୍ୟାଣ ଚୌବେ।

## ପାକିସ୍ତାନ ବୋଲିଂ କୋଚ୍ ହେଲେ ଗୁଲ୍, ଅଜମଲ

**ଲାହୋର,୨୧।୧୧(ପି.ଟି.):** ଦୁଇ ପୂର୍ବତନ ପାକିସ୍ତାନୀ ବୋଲର ଉମର ଗୁଲ୍ ଓ ସଇଦ୍ ଅଜମଲଙ୍କୁ ପାକିସ୍ତାନ ଦଳର ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ଉଭୟଙ୍କୁ ଯଥାକ୍ରମେ ପାକିସ୍ତାନ କ୍ରିକେଟ ଦଳର ଦ୍ରୁତ ବୋଲିଂ ଓ ସ୍ପିନ୍ ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପାକିସ୍ତାନ ଦଳ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଉଭୟ ଖେଳାଳିଙ୍କୁ ନିଯୁକ୍ତି ମିଳିଛି। ଉମର ଗୁଲ୍ ପୂର୍ବରୁ ପାକିସ୍ତାନ ଦଳର ବୋଲିଂ କୋଚ୍ ଭୂମିକାରେ ନଜର ଆସିଥିଲେ।




# ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବଲାଙ୍ଗୀର,୨୧।୧୧

(ବୀରେନ୍ଦ୍ର କୁମାର ଝାଙ୍କର)

୩୫ତମ ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ, ବରିଷ୍ଠ ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରୁଲୀଧରନ୍, କେରଳ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ରାକେଶ ଶେଖର, ଫିଆନ୍‌ସି ଦଥାନ, ସୁଧୀର ଭାର୍ବେ ମଞ୍ଚାସୀନ ଥିଲେ। ଏହି ଜାତୀୟ ଚାମ୍ପିୟନଶିପ୍‌ରେ ସମଗ ଦେଶର ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୫୦ରୁ ଉର୍ଦ୍ଧ୍ୱ ଖେଳାଳି, କୋଚ୍, ଅଫିସିଆଲ ଏବଂ ସହଯୋଗୀ ଅଂଶଗ୍ରହଣ କରିଛନ୍ତି। ସମାରୋହ ପ୍ରାରମ୍ଭରେ ଆୟୋଜକ କମିଟି ଅଧକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଭିଡିଓ ବାର୍ତ୍ତା ଯୋଗେ ସମସ୍ତ ପ୍ରତିଯୋଗୀ, କୋଚ୍ ଓ ଅଫିସିଆଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିଲାପାଳ ରାଣା ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ ଚାମ୍ପିୟନଶିପ୍‌ର ସଫଳ ଆୟୋଜନ ପାଇଁ ଭାରତୀୟ ବ୍ୟାଡମିଣ୍ଟନ ସଂଘ, ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ଜିଲା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ ସରକାର ଏବଂ ଓଡିଶା ଖଣି ନିଗମକୁ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗୀର ସହରରେ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବା ଦ୍ୱାରା ଭବିଷ୍ୟତରେ ଛୋଟ ସହର ଏବଂ ଗାଁରୁ ଆନ୍ତର୍ଜାତିକ ଖେଳାଳି ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରଲୀଧରନ୍, ଏସ୍‌ପି ଖିଲାରୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ତଥା ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍ ସଂଯୋଜକ ସୁରୁଲାଲ ମଟାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଯୋଜକ ମଟାରୀ ଏବଂ ରାଜ୍ୟ ସଂଘ ସମ୍ପାଦକ ନିଲିନ୍ କୁମାର ବ୍ୟାଡମିଣ୍ଟନ ଖେଳ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆୟୋଜକ କମିଟି ଅଧକ୍ଷ ବିଧାୟକ ନରସିଂହ ମିଶ୍ର ଏବଂ ଜିଲାପାଳ ଚଞ୍ଚଳ ରାଣାଙ୍କୁ ସ୍ମାରକୀ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଘାଟନୀ ପ୍ରଥମ ପର୍ଯ୍ୟାୟ ବାଳକବିଭାଗ ମ୍ୟାଚ୍‌ରେ କେରଳର ଶ୍ରୀଯୋଶ୍ରୀ ଈଶ୍ୱର, ଝାଡଖଣ୍ଡର ଶ୍ରୀରାମ ରତନ, ପଞ୍ଜାବର ସାତ୍ତ୍ୱିକ ଭାଟିଆ, ହରିଆଣାର ଜତିନ୍ କୁମାର, ବାଳିକା ବିଭାଗରେ ମହାରାଷ୍ଟ୍ରର ସ୍ୱୟାରା ସେଲର, ହରିଆଣାର ଜିବିକା ସହଲଟ୍, ଉତ୍ତର ପ୍ରଦେଶର ଆଗ୍ରିମା ସିଂ, ଗୋଆର ଆର୍ଯ୍ୟା ମୈତ୍ରୀ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ମଞ୍ଚାସୀନ ଅତିଥି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ